

ଅଭିନେତ୍ରୀରୁ ଫିଲ୍ମ ନିର୍ମାତା
▸ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-57 ◆THURSDAY ◆21 AUGUST 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୫୭ ◆ଗୁରୁବାର ◆୨୧ ଅଗଷ୍ଟ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


# ଆଫଗାନିସ୍ତାନରେ ଜଳିଗଲା ବସ୍; ୭୯ ଦଗ୍ଧ

■ **କାବୁଲ, ୨୦।୮ (ଏଜେନ୍ସି):** ଆଫଗାନିସ୍ତାନର ପଶ୍ଚିମରେ ଥିବା ହେରାତ ଅଞ୍ଚଳରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଅତିକମ୍‌ରେ ୭୯ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି । ଇରାନରୁ ବିତାଡ଼ିତ ପ୍ରବାସୀଙ୍କୁ ନେଇ ଆସୁଥିବା ଏହି ବସ କାବୁଲ ଯାଉଥିଲା ବେଳେ ଟ୍ରକ୍ ଓ ମୋଟର ସାଇକଲକୁ ଧକ୍କା ଦେଇଥିଲା । ଏହାପରେ ବସ୍ ଓଲଟି ପଡ଼ିବାରୁ ଏଥିରେ ନିଆଁ ଲାଗିଯାଇଥିଲା । ନିଆଁ ଏତେ ଭୟଙ୍କର ଥିଲା ଯେ ଯାତ୍ରୀମାନଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇନଥିଲା । ୭୯ ଜଣ ଯାତ୍ରୀଙ୍କ ମଧ୍ୟରେ ୧୭ଜଣ ଛୋଟ ପିଲା ଅଛନ୍ତି । ବସ ଦ୍ରୁତଗତିରେ ଆସୁଥିଲା ଓ ଡ୍ରାଇଭର ବେପରୁଆ ଢଙ୍ଗରେ ଗାଡ଼ି ଚଳାଉଥିବାରୁ ଦୁର୍ଘଟଣା ଘଟିଥିଲା ବୋଲି ସ୍ଥାନୀୟ ଲୋକ ତଥା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି । ତେବେ ଯାଞ୍ଚ ଶେଷ ହେବା ପରେ ଦୁର୍ଘଟଣାର କାରଣ ସ୍ପଷ୍ଟ ହେବ ବୋଲି ସରକାରୀ ମୁଖପାତ୍ର ଅହମ୍ମତୁଲ୍ଲା ମୁତାକି ସାମାଜିକ ଗଣମାଧ୍ୟମରେ ଏକ୍ସରେ ପୋଷ୍ଟ କରି



ସୂଚନା ଦେଇଛନ୍ତି । ଇରାନ୍ ଏହି ପ୍ରବାସୀମାନଙ୍କୁ ବିଦା କରିବା ପରେ ବସ୍ ସେମାନଙ୍କୁ ଆଫଗାନିସ୍ତାନ ଫେରାଇ ଆଣୁଥିଲା ।

# ଏକତରଫା ପ୍ରେମ: ଶିକ୍ଷୟିତ୍ରୀଙ୍କୁ ଜାଳିଦେଲା ଛାତ୍ର

■ **ଭୋପାଳ, ୨୦।୮ (ଏଜେନ୍ସି):** ମଧ୍ୟପ୍ରଦେଶର ନରସିଂହପୁର ଜିଲ୍ଲାର କୋଟୱାଲି ଥାନା ଅଞ୍ଚଳରେ ଚକିତ କଲାଭଳି ଏକ ଘଟଣା ସାମ୍ନାକୁ ଆସିଛି । ଜଣେ ୧୮ ବର୍ଷୀୟ ଛାତ୍ର ଗତ ସୋମବାର ୨୬ ବର୍ଷୀୟା ଜଣେ ଶିକ୍ଷୟିତ୍ରୀଙ୍କ ଉପରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛି । ଅଭିଯୁକ୍ତ ଛାତ୍ର ହେଉଛି ସୂର୍ଯ୍ୟାଂଶ କୋଚର । ସେ ଏକ୍ସିଲେନ୍ସ ସ୍କୁଲ (ଉତ୍କୃଷ୍ଟ ବିଦ୍ୟାଳୟ)ର ପୂର୍ବତନ ଛାତ୍ର । ନିଆଁରେ ଶିକ୍ଷୟିତ୍ରୀଙ୍କ ଶରୀରର ୨୫ ପ୍ରତିଶତ



ଅଂଶ ଜଳିଯାଇଛି । ଦୁଇବର୍ଷ ହେବ ଦୁହେଁ ପରସ୍ପରକୁ ଜାଣିଥିଲେ ବୋଲି ଅଭିଯୁକ୍ତର ପିତା ବିରେନ୍ଦ୍ର କୋଚର କହିଛନ୍ତି । ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଉତ୍ସବ ପାଳନ ବେଳେ ଶିକ୍ଷୟିତ୍ରୀ ଜଣକ ଏକ ସାଢ଼ି ପିନ୍ଧିଥିଲେ ।

ଏହାଉପରେ ଅଭିଯୁକ୍ତ ଜଣକ ଆପତ୍ତିଜନକ ଟିପ୍ପଣୀ ଦେଇଥିଲା । ଏଥିପାଇଁ ଶିକ୍ଷୟିତ୍ରୀ ଥାନାରେ ଅଭିଯୋଗ କରିଥିଲେ । ଏଥିରେ ସୂର୍ଯ୍ୟାଂଶ ରାଗିଯାଇ ଏହି କାଣ୍ଡ ଘଟାଇଛି ବୋଲି କୁହାଯାଉଛି । ଘଟଣା ଦିନ ଅପରାହ୍ନ ୩ଟା ୩୦ରେ ଅଭିଯୁକ୍ତ ଏକ ବୋତଲରେ ପେଟ୍ରୋଲ ନେଇ ଶିକ୍ଷୟିତ୍ରୀଙ୍କ ଘରକୁ ଯାଇଥିଲା । ସେଠାରେ ତାଙ୍କ ଉପରେ ଢାଳି ନିଆଁ ଲଗାଇବା ପରେ ଫେରାର ହୋଇଯାଇଥିଲା ।

ପୀଡ଼ିତାଙ୍କୁ ତୁରନ୍ତ ଜିଲ୍ଲା ହସ୍ପିଟାଲକୁ ନିଆଯାଇଥିଲା ଓ ତାଙ୍କର ଚିକିତ୍ସା କରାଯାଇଥିଲା । ଶିକ୍ଷୟିତ୍ରୀଙ୍କ ଅବସ୍ଥା ଗୁରୁତର ଅଛି । କିନ୍ତୁ ତାଙ୍କ ଜୀବନ ପ୍ରତି କୌଣସି ବିପଦ ନାହିଁ ବୋଲି ଡାକ୍ତର କହିଛନ୍ତି । ଶିକ୍ଷୟିତ୍ରୀଙ୍କୁ ଅଭିଯୁକ୍ତ ଛାତ୍ର ଏକତରଫା ପ୍ରେମ କରୁଥିଲା ବୋଲି ଏସ୍‌ଡିପିଓ ମନୋଜ ଗୁପ୍ତା କହିଛନ୍ତି । ଏକାଧିକ ଅଭିଯୋଗ ଆସିବାରୁ ତାକୁ ସ୍କୁଲରୁ ବାହାର କରି ଦିଆଯାଇଥିଲା । ଅଭିଯୁକ୍ତ ଛାତ୍ରକୁ ପୁଲିସ ଗିରଫ କରିଛି ।

## ଜେଲ୍‌ରେ ୩୦ ଦିନ ରହିଲେ ପଦ ହରାଇବେ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ

# ସଂସଦରେ ହଙ୍ଗାମା: ବିଲ୍ ଚିରି ଫିଙ୍ଗିଲେ ବିରୋଧୀ

■ **ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି):** ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ମନ୍ତ୍ରୀ କୌଣସି ଦୁର୍ନୀତି ବା ଗୁରୁତର ଅପରାଧିକ ମାମଲାରେ ଗିରଫ ହୋଇ ୩୦ ଦିନ ପର୍ଯ୍ୟନ୍ତ ଜେଲରେ ରହିଲେ ସେମାନେ ମନ୍ତ୍ରୀପଦ ହରାଇବେ । ଏଭଳି ବ୍ୟବସ୍ଥା କରିବା ଲାଗି ସମ୍ବିଧାନରେ ସଂଶୋଧନ କରିବାକୁ ଯାଇ ସରକାର ଏକ ବିଲ୍ ଆଜି ଲୋକସଭାରେ ଆଗତ କରିଛନ୍ତି । ଏହାକୁ ନେଇ ଲୋକସଭାରେ ପ୍ରବଳ ହଟ୍ଟଗୋଳ ହୋଇଛି । ଏହାକୁ ଗଣତନ୍ତ୍ରର ହତ୍ୟା ବର୍ଣ୍ଣନା କରି ବିରୋଧୀ ଦଳ ଆଜି ଲୋକସଭାରେ ଜବରଦସ୍ତ ହଙ୍ଗାମା କରିଛନ୍ତି । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏହି ବିଲ୍ ଆଗତ କରୁଥିବା ବେଳେ ଏହାର ବିରୋଧ କରି ବିରୋଧୀ ସାଂସଦ ବିଲ୍ ଚିରିବା ସହିତ ଏହାର ଟୁକୁଡ଼ାଗୁଡ଼ିକୁ ଶାହଙ୍କ ଆଡ଼କୁ ଫୋପାଡ଼ିଥିଲେ । ପରିସ୍ଥିତି ଏମିତି ହୋଇଥିଲା ଯେ ଗୃହ ମଧ୍ୟଭାଗରେ ତୃଣମୂଳ କଂଗ୍ରେସ ଓ ବିଜେପି ସାଂସଦ ମୁହାଁମୁହିଁ ହୋଇଥିଲେ । ଟିଏମ୍‌ସି ପକ୍ଷରୁ ଅଭିଯୋଗ କରାଯାଇଛି ଯେ ବିଜେପିର କେତେକ ସାଂସଦ



ଲୋକସଭାରେ ଟିଏମ୍‌ସି-ବିଜେପି ସାଂସଦ ମୁହାଁମୁହିଁ

ଏହାର ଦୁଇ ମହିଳା ସାଂସଦଙ୍କୁ ଠେଲାପେଲା କରିଛନ୍ତି । ପ୍ରବଳ ହଟ୍ଟଗୋଳ ଯୋଗୁଁ ବିଲକୁ ଅନୁଧ୍ୟାନ ପାଇଁ ସଂସଦର ଯୁଗ୍ମ କମିଟିକୁ ପଠାଇ ଦିଆଯିବା ସହିତ ଗୃହକୁ ଆସନ୍ତାକାଲି ପର୍ଯ୍ୟନ୍ତ ମୁଲତବୀ କରାଯାଇଛି ।

ସରକାର ଆଜି ଏଭଳି ବିଲ୍ ଆଗତ କରିବାକୁ ଯାଉଛନ୍ତି ବୋଲି ସୂଚନା ମିଳିବା ପରେ ବିରୋଧୀ ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ । ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ବିଲ୍ ଆଗତ କରିବାକୁ ଠିଆ ହେବା ମାତ୍ରେ ହଙ୍ଗାମା ଆରମ୍ଭ ହୋଇଯାଇଥିଲା । ବିରୋଧୀ ଦଳ ଅଭିଯୋଗ କରିଥିଲେ ଯେ ଅଣ-ବିଜେପି ସରକାରର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ଟାର୍ଗେଟ କରି ସରକାର ଏଭଳି ବିଲ୍ ଆଗତ କରିଛନ୍ତି । ସରକାର ଚାହିଁଲେ ଯେକୌଣସି ଅଣବିଜେପି ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କୁ ମିଥ୍ୟା କେସରେ ଫସାଇ ଜେଲରେ ପୂରାଇଦେବେ । ୩୦ ଦିନ ଜେଲରେ ରହିବା ପରେ ସେମାନେ ତାଙ୍କୁ ମନ୍ତ୍ରୀ ପଦରୁ ହଟାଇଦେବେ । ଦିଲ୍ଲୀର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ କେନ୍ଦ୍ର ସରକାର କିପରି ମିଥ୍ୟା ମାମଲାରେ ଫସାଇ ଜେଲରେ ରଖିଥିଲେ, ତାହାର ସେମାନେ ଉଦାହରଣ ଦେଇଥିଲେ । ରାଜନୀତି ଓ ପ୍ରଶାସନରେ ସ୍ୱଚ୍ଛତା ଓ ସଚ୍ଚୋଟତା ଆଣିବା ଲାଗି ଏଭଳି ପଦକ୍ଷେପ ଜରୁରି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଯୁକ୍ତିକୁ ବିରୋଧୀ ସାଂସଦ ପ୍ରତ୍ୟାଖ୍ୟାନ କରିଦେଇଥିଲେ । ସେମାନେ କହିଥିଲେ ଯେ କେବଳ ଅଣବିଜେପି ସରକାରରେ ଅସ୍ଥିରତା ସୃଷ୍ଟି କରିବା ଲାଗି ସରକାର ଏଭଳି ବଡ଼ ଧରଣର ଷଡ଼ଯନ୍ତ୍ର ଚଳାଇଛନ୍ତି । ଏହାକୁ ସମସ୍ତ ଶକ୍ତି ଖଟାଇ ବିରୋଧ କରାଯିବ ବୋଲି ସେମାନେ କହିଥିଲେ । ସମ୍ବିଧାନର ମୌଳିକ ଢାଞ୍ଚା ଓ ଦେଶର ସଂଘୀୟ ବ୍ୟବସ୍ଥାକୁ ଧ୍ୱଂସ ▸ପୃଷ୍ଠା-୭

# ସୁସ୍ଥ ହୋଇ ଫେରିଲେ ନବୀନ

## ଫୋନ୍ କରି ସୁସ୍ୱାସ୍ଥ୍ୟ କାମନା ସହ ଦିଲ୍ଲୀ ଡାକିଲେ ମୋଦୀ

■ **ଭୁବନେଶ୍ୱର, ୨୦।୮ (ସମିସ):** ଡିହାଇଡ୍ରେସନ ଜନିତ ଅସୁସ୍ଥତା ପାଇଁ ଚିକିତ୍ସାଧୀନ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ନବୀନ ନିବାସ ଫେରିଛନ୍ତି । ଆଜି ସନ୍ଧ୍ୟାରେ ହସ୍ପିଟାଲ୍‌ରୁ ଡିସ୍‌ଚାର୍ଜ ହେବା ସମୟରେ ହସ୍ପିଟାଲ୍ କର୍ତ୍ତୃପକ୍ଷ ଓ ନର୍ସମାନେ ନବୀନଙ୍କୁ ଫୁଲ ଦେଇ ସୁସ୍ୱାସ୍ଥ୍ୟ କାମନା କରିଥିଲେ । କିଛି ନର୍ସ ନବୀନଙ୍କ ପାଦ ଛୁଇଁ ଆଶୀର୍ବାଦ ମଧ୍ୟ ନେଇଥିଲେ । ଏହି ଅବସରରେ ତାଙ୍କ ଚିକିତ୍ସାରେ ନିୟୋଜିତ ଡାକ୍ତରୀ ଟିମ୍‌କୁ ନବୀନ ଧନ୍ୟବାଦ ଜଣାଇଥିଲେ ।

ଅନ୍ୟପକ୍ଷରେ ନବୀନ ହସ୍ପିଟାଲ୍‌ରେ ଥିବାବେଳେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫୋନ୍ ଯୋଗେ ତାଙ୍କ ସହ କଥାହୋଇ ସୁସ୍ୱାସ୍ଥ୍ୟ ଓ ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ । ନବୀନଙ୍କ ସହ ପ୍ରଧାନମନ୍ତ୍ରୀ ଦୀର୍ଘ ସମୟ ବାର୍ତ୍ତାଳାପ କରିବା ସହ ତାଙ୍କର ଚିକିତ୍ସା ଓ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ । କିଛିଦିନ ବିଶ୍ରାମ



ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଲେ ଖଡ଼୍‌ଗେ

**ମୋଦୀ, ଖଡ଼୍‌ଗେଙ୍କୁ ନବୀନଙ୍କ ଧନ୍ୟବାଦ**

ନେବା ପରେ ଦିଲ୍ଲୀ ଯିବା ନିମନ୍ତେ ପ୍ରଧାନମନ୍ତ୍ରୀ ଏହି ଅବସରରେ ନବୀନଙ୍କୁ ନିମନ୍ତ୍ରଣ କରିଥିଲେ ।

ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡ଼୍‌ଗେ ମଧ୍ୟ ନବୀନଙ୍କ ସହ ଫୋନ ଯୋଗେ କଥା ହୋଇ ତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ତାଙ୍କ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଦ୍ରୁତ ଆରୋଗ୍ୟ କାମନା କରିଥିଲେ । ▸ପୃଷ୍ଠା-୭

### ମୁଁ ସମ୍ପୂର୍ଣ୍ଣ ସୁସ୍ଥ; ରାଜ୍ୟବାସୀଙ୍କୁ କୃତଜ୍ଞତା

■ **ଭୁବନେଶ୍ୱର:** ହସ୍ପିଟାଲରୁ ଡିସ୍‌ଚାର୍ଜ ପରେ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ନବୀନ ପଟ୍ଟନାୟକ । ସେ କହିଛନ୍ତି, 'ମୋ ଅସୁସ୍ଥତା ସମୟରେ ଓଡ଼ିଶାର ମୋର ପ୍ରିୟ ଭାଇ ଓ ଭଉଣୀମାନେ ପ୍ରାର୍ଥନା କରିଛନ୍ତି ଓ ମୋତେ ଆଶୀର୍ବାଦ ଦେଇଛନ୍ତି । ସେଥିପାଇଁ ସମସ୍ତଙ୍କୁ ଧନ୍ୟବାଦ । ଏହାସହ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଉତ୍ତମ ଚିକିତ୍ସା ଓ ତାଙ୍କ ଯତ୍ନ ନେବା ପାଇଁ ଧନ୍ୟବାଦ ଜଣାଇବା ସହ 'ବିଲ୍‌କୁଲ ଭଲ ଅଛି' ବୋଲି ନବୀନ କହିଛନ୍ତି ।

# ୨୪ରେ ଆଉ ଏକ ଲଘୁଚାପ

■ **ଭୁବନେଶ୍ୱର, ୨୦।୮ (ସମିସ):** ରାଜ୍ୟର ବିଭିନ୍ନ ସ୍ଥାନରେ ମୌସୁମୀ ଜନିତ ବର୍ଷା ଜାରି ରହିଛି । ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ରାଜ୍ୟରେ ପ୍ରବଳ ବର୍ଷା କରାଇବା ପରେ ଏବେ ଓଡ଼ିଶାଠାରୁ ଦୂରକୁ ଯାଇଛି । ମାତ୍ର ମୌସୁମୀ ସକ୍ରିୟ ଥିବାରୁ ଏହା ପ୍ରଭାବରେ କିଛି କିଛି ସ୍ଥାନରେ ବର୍ଷା ଜାରି ରହିଛି । ଆଗକୁ ଅର୍ଥାତ ୨୪ ବେଳକୁ ଆଉ ଏକ ଲଘୁଚାପ ସମ୍ଭାବନା ଥିଲେ ମଧ୍ୟ ପ୍ରାୟ ସେ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଲାଗି ରହିବାର ସମ୍ଭାବନା ରହିଛି । ଏହି ସମୟରେ ବିଶେଷ କରି ଉତ୍ତର ଓଡ଼ିଶାରେ ବର୍ଷା ନେଇ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । କେନ୍ଦ୍ର ପକ୍ଷରୁ କୁହାଯାଇଛି ଯେ ରାଜ୍ୟରେ ମୌସୁମୀ ଜନିତ ବର୍ଷା ଜାରି ରହିଛି । ଆଗାମୀ ୭ ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ହାଲୁକାରୁ ମଧ୍ୟମ ଧରଣ ବର୍ଷା ଜାରି ରହିବ । ଗୁରୁବାର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ବାଲେଶ୍ୱର ଓ ବରଗଡ଼ ଜିଲ୍ଲାକୁ ସତର୍କତା ଜାରି ହୋଇଛି ।

# ସିବିଆଇ ଜାଲରେ ଲାଞ୍ଚୁଆ ଅଫିସର

■ **ଭୁବନେଶ୍ୱର, ୨୦।୮ (ସମିସ):** ସିବିଆଇ ଜାଲରେ ପଡ଼ିଛନ୍ତି ଲାଞ୍ଚୁଆ ଅଫିସର । ଲାଞ୍ଚ ନେବା ବେଳେ ମାଡ଼ି ବସିଛି ସିବିଆଇ । ଲାଞ୍ଚୁଆ ଅଫିସର ହେଉଛନ୍ତି ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥିତ ଏମସିଏଲ୍ କୋଇଲା ଖଣିର ରାମପୁର ସବ୍-ଏରିଆ ମ୍ୟାନେଜର ଅସିତ୍ କୁମାର । ଆଜି ସନ୍ଧ୍ୟାରେ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ସିବିଆଇ ହାବୁଡ଼ରେ ପଡ଼ିଛନ୍ତି । ମିଳିଥିବା ସୂଚନା ଅନୁସାରେ, ବ୍ରଜରାଜନଗର କୋଇଲା ଖଣିର ରାମପୁର ଅଞ୍ଚଳର ଜଣେ ବିସ୍ଥାପିତ ବକେୟା ଟଙ୍କା ପାଇଁ ବାରମ୍ବାର ଦୌଡ଼ି ନିରାଶ ହୋଇଥିଲେ । ବକେୟା ଟଙ୍କା ପାଇବା ଲାଗି ଅସିତ୍ ତାଙ୍କୁ ଲାଞ୍ଚ ମାଗିଥିଲେ । ଶେଷରେ ୨୦ ହଜାର ଟଙ୍କାରେ କଥା ଛିଡ଼ି ଥିଲା । ଆଜି ସନ୍ଧ୍ୟାରେ ବିସ୍ଥାପିତଙ୍କ ଠାରୁ ଲାଞ୍ଚ ନେଉଥିବା ସମୟରେ ଭୁବନେଶ୍ୱର ସିବିଆଇର ଏକ ଟିମ୍ ତାଙ୍କୁ କାବୁ କରିଥିଲା । ସିବିଆଇ ତାଙ୍କୁ ଅଟକ ରଖି ପଚରାଉଚୁରା ଚଳାଇଛି ।

# କୋଦଳା ଜେଲ୍‌ରେ କଏଦୀଙ୍କ ମୃତ୍ୟୁ

■ **ଖଲ୍ଲିକୋଟ/କୋଦଳା, ୨୦।୮ (ସମିସ):** ଖଲ୍ଲିକୋଟ ଅବକାରୀ ବିଭାଗ ଦ୍ୱାରା ଗିରଫ ହୋଇ ଜେଲ୍ ଯାଇଥିବା ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବେଗୁନିଆପଡ଼ା ସାନସାହିର ବି.ଲିଙ୍ଗରାଜ ପାତ୍ର (୬୦) । ଅଫିମ ଚାଲାଣ ମାମଲାରେ ଅବକାରୀ ବିଭାଗ ମଙ୍ଗଳବାର ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ବୁଧବାର ପୂର୍ବାହ୍ନ ସାଢେ ଗୋଟାଏ ବେଳେ ଜେଲ୍ ଭିତରେ ହଠାତ୍ ଲିଙ୍ଗରାଜଙ୍କ ଛାତିରେ ଯନ୍ତ୍ରଣା ହୋଇଥିଲା । ତାଙ୍କୁ ତୁରନ୍ତ କୋଦଳା ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମଙ୍ଗଳବାର ଖଲ୍ଲିକୋଟ ଅବକାରୀ ଆଦର୍ଶ ଥାନା ଅଧିକାରୀ ତେଜସ୍ୱିନୀ ପ୍ରଧାନଙ୍କ ନେତୃତ୍ୱରେ ଥାନା ▸ପୃଷ୍ଠା-୭

# 'ଅଗ୍ନି-୫'ର ସଫଳ ପରୀକ୍ଷଣ



■ **ବାଲେଶ୍ୱର, ୨୦।୮ (ସମିସ):** ପ୍ରତିରକ୍ଷା ଗବେଷଣା ଉନ୍ନୟନ ସଂସ୍ଥାନ (ଡିଆରଡିଓ) ସହଯୋଗରେ ଭାରତୀୟ ସେନା ବାହିନୀର ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ ପକ୍ଷରୁ ମଧ୍ୟମ ଦୂରଗାମୀ ବାଲିଷ୍ଟିକ ମିସାଇଲ ଅଗ୍ନି-୫ ସଫଳ ପରୀକ୍ଷଣ ହୋଇଯାଇଛି । ଧାମରାସ୍ଥିତ ଅବଦୁଲ କଲାମ ଦୀପର ଏକୀକୃତ ପରୀକ୍ଷଣ କେନ୍ଦ୍ର ଲଞ୍ଚ କମ୍ପ୍ଲେକ୍ସରୁ ଏହି ପରୀକ୍ଷଣ ହୋଇଥିଲା । ତେବେ ଅଗ୍ନି-୫ ବାଲାଷ୍ଟିକ ମିସାଇଲର ଏହା ଥିଲା ୨୬ତମ ପରୀକ୍ଷଣ । ଅଗ୍ନୀ-୫ରେ ୧୫୦୦ କିଲୋଗ୍ରାମ ପର୍ଯ୍ୟନ୍ତ ଉଭୟ ପାରମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବ୍ୟବହାର କରାଯାଇ ପାରିବ । ଉତ୍‌କ୍ଷେପଣ ସ୍ଥାନ ଠାରୁ ଏହା ୫ ହଜାର କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟ୍‌କୁ ହିଟ୍ କରିପାରିବ । ଏହାର ଓଜନ ୫୬୦୦ କିଲୋଗ୍ରାମ ଥିବାବେଳେ ଲମ୍ବ ୧୭.୫ ମିଟର, ମୋଟେଇ ୨ ମିଟର ରହିଛି । ଅଗ୍ନୀ-୫ କ୍ଷେପଣାସ୍ତ୍ର ଘଣ୍ଟା ପ୍ରତି ୩୦,୬୦୦ କିଲୋମିଟର ବେଗରେ ଗତି କରି ଶତ୍ରୁପକ୍ଷର ଟାର୍ଗେଟ୍‌କୁ ଧ୍ୱଂସ କରିପାରିବାର ଦକ୍ଷତା ରହିଛି । ଅଗ୍ନୀ-୫ କ୍ଷେପଣାସ୍ତ୍ର ଉତ୍‌କ୍ଷେପଣ ପରେ ବାୟୁ ମଣ୍ଡଳର ଉପରକୁ ଯାଇ ▸ପୃଷ୍ଠା-୭

# ନିଷିଦ୍ଧ ହେବ ଅନ୍‌ଲାଇନ୍ ଗେମ୍

## କଟକଣା ଲଂଘିଲେ ୩ ବର୍ଷ ଜେଲ, ୧ କୋଟି ଟଙ୍କା ଜରିମାନା

■ **ନୂଆଦିଲ୍ଲୀ, ୨୦।୮ (ଏଜେନ୍ସି):** ଦେଶରେ ଆର୍ଥିକ ଓ ମାନସିକ ଅସ୍ଥିରତା ସୃଷ୍ଟି କରୁଥିବା ଅନଲାଇନ୍ ମନି ଗେମ୍‌କୁ ନିଷିଦ୍ଧ କରାଯିବ । ଆଜି ଲୋକସଭାରେ ଏସଂକ୍ରାନ୍ତ ବିଲ୍ ଗୃହୀତ ହୋଇଛି । ଏଭଳି ଅନଲାଇନ ଗେମ୍ ଯୋଗୁଁ ପ୍ରତିବର୍ଷ ୪୫ କୋଟି ଲୋକ ଠକାମିର ଶିକାର ହେବା ସହିତ ୨୦ ହଜାର କୋଟି ଟଙ୍କା ହରାଉଛନ୍ତି । ଅନଲାଇନ ଗେମ୍ ଯୋଗୁଁ ଟଙ୍କା ହେରଫେର ସହିତ ଆର୍ଥିକ ଜାଲିଆତି ବି ହେଉଛି ଏବଂ ଲୋକ ଏତେ ନିଶାସକ୍ତ ହୋଇଯାଉଛନ୍ତି ଯେ ସେମାନେ ମାନସିକ ସନ୍ତୁଳନ ହରାଇ ଆତ୍ମହତ୍ୟା କରିବାକୁ ପଛାଉ ନାହାନ୍ତି । ଏହି ଗେମରୁ ସରକାରଙ୍କୁ ବିପୁଳ ପରିମାଣର ରାଜସ୍ୱ ମିଳୁଥିଲେ ମଧ୍ୟ ଲୋକମାନଙ୍କ କଲ୍ୟାଣ ଦୃଷ୍ଟିରୁ ଏଭଳି କଟକଣା ଜରୁରି ବୋଲି ସରକାର କହିଛନ୍ତି ।



**ପ୍ରତିବର୍ଷ ୪୫ କୋଟି ଲୋକ ହରାଉଛନ୍ତି ୨୦ ହଜାର କୋଟି**

ଅନ୍‌ଲାଇନ୍ ମନି ଗେମ୍ ହେଉଛି ଏପରି ଖେଳ ଯେଉଁଥିରେ କି ଲୋକମାନେ ବିପୁଳ ଅର୍ଥ ଓ ଅନ୍ୟ ସବୁିଧା ପାଇବା ଆଶାରେ ବିପୁଳ ଅର୍ଥ ଖଟାଉଛନ୍ତି । ଅନେକ ସଂସ୍ଥା ଏଭଳି ଏକାଧିକ ଗେମ୍ ଆପ୍ ବାହାର କରିଛନ୍ତି ଏବଂ ଏହାକୁ ଖେଳିବା ଲାଗି ଲୋକମାନଙ୍କୁ ଉତ୍ସାହିତ କରୁଛନ୍ତି । ସେମାନେ ଏଭଳି ବିଜ୍ଞାପନ ଦେଉଛନ୍ତି, ଯେଉଁଥିରେ କି ଫିଲ୍ମ ତାରକା ଓ କ୍ରୀଡ଼ାବିତମାନେ ଲୋକମାନଙ୍କୁ ପ୍ରୋତ୍ସାହିତ କରୁଛନ୍ତି । ଏଥିରେ ପ୍ରଭାବିତ ହୋଇ ଲୋକେ କୋଟି କୋଟି ଟଙ୍କା ଖଟାଉଛନ୍ତି । ତେବେ ଏହା ଏବେ ବିପଜ୍ଜନକ ସ୍ଥିତି ସୃଷ୍ଟି କରୁଥିବାରୁ ଏହାକୁ ନିଷିଦ୍ଧ କରିବା ଲାଗି ସରକାର ଆଇନ ପ୍ରଣୟନ କରିବାକୁ ବାଧ୍ୟ ହୋଇଛନ୍ତି ।

ଲୋକସଭାରେ ଗୃହୀତ ବିଲ୍ ରାଜ୍ୟସଭାରେ ପାସ୍ ହୋଇଗଲେ ଏହା ଆଇନରେ ପରିଣତ ହେବ । ଏହାସହିତ ସବୁ ପ୍ରକାର ସଟ୍ଟା ଓ ଜୁଆ ଖେଳ ନିଷିଦ୍ଧ ହୋଇଯିବ । ଫାନଟାସି ସ୍ପୋର୍ଟ୍ସ ଠାରୁ ଆରମ୍ଭ ▸ପୃଷ୍ଠା-୭

# ବିପର୍ଯ୍ୟୟ ମୁକାବିଲା: ନବୀନଙ୍କ ଦାବି ଦୋହରାଇଲେ ସୁରେଶ

## ୧୦୫୦୦ କୋଟିର ଆର୍ଥିକ ସହାୟତା ଦାବିକଲା ଓଡ଼ିଶା

### ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ମିଳୁ ସହାୟତା



■ **ଭୁବନେଶ୍ୱର, ୨୦।୮ (ସମିସ):** ବିପର୍ଯ୍ୟୟ ମୁକାବିଲା ଓ ରାଜ୍ୟବାସୀଙ୍କ ଧନଜୀବନ ସୁରକ୍ଷା ପାଇଁ କେନ୍ଦ୍ର ସରକାରଙ୍କୁ ୧୦ ହଜାର ୫୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ମାଗିଛନ୍ତି ରାଜ୍ୟ ସରକାର । ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶାର ଉପକୂଳର ସୁରକ୍ଷା, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମିର ବିକାଶ ଓ ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ ନିମନ୍ତେ ସହାୟତା ଦେବାକୁ ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଇତିମଧ୍ୟରେ କେନ୍ଦ୍ର ଗୃହମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି ।

ରାଜସ୍ୱ ମନ୍ତ୍ରୀ ନିଜ ଚିଠିରେ ପ୍ରମୁଖ ୫ଟି ଦିଗ ଉପରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ରାଜ୍ୟର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ ଲୋକଙ୍କ ସୁରକ୍ଷା ପାଇଁ ୨ ବର୍ଷ ମଧ୍ୟରେ ୫୦୦ ଟି ବହୁମୁଖୀ ବାତ୍ୟା/ବନ୍ୟା ଆଶ୍ରୟସ୍ଥଳୀ ନିର୍ମାଣର ଆବଶ୍ୟକତା ରହିଛି । ଏଥିପାଇଁ ସେ ୨୦୦୦ କୋଟି ଟଙ୍କା ଆବଶ୍ୟକ । ସେହିପରି ବର୍ତ୍ତମାନ ରହିଥିବା ପୂର୍ବ ସତର୍କ ସୂଚନା ଜାରି ବ୍ୟବସ୍ଥାର ଉନ୍ନତୀକରଣ କରି ସାରା ରାଜ୍ୟରେ ଏହାର ବିସ୍ତାର ପାଇଁ ୨୦୦ କୋଟି ଟଙ୍କା ଦାବି କରିଛନ୍ତି । ସେହିପରି ଦୀର୍ଘଦିନ ହେଲା ରାଜ୍ୟ ଦାବି କରିଆସୁଥିବା ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ବ୍ୟବସ୍ଥା ନିମନ୍ତେ ରାଜ୍ୟର ଆବଶ୍ୟକତାକୁ ରାଜସ୍ୱମନ୍ତ୍ରୀ ପୁନର୍ବାର ଦୋହରାଇଛନ୍ତି । ସେ କହିଛନ୍ତି ଯେ ରାଜ୍ୟରେ ବିପର୍ଯ୍ୟୟ ପ୍ରତିରୋଧୀ ଶକ୍ତି ପରିବହନ ଏବଂ ବଣ୍ଟନ ଭିତ୍ତିଭୂମି ବିକଶିତ କରିବାର ଆବଶ୍ୟକତା ରହିଛି । ଏଥିପାଇଁ ୮୩୬୩ କୋଟି ଟଙ୍କା ଆବଶ୍ୟକ । ସେହିପରି ରାଜ୍ୟର ଉପକୂଳବର୍ତ୍ତୀ ଅଞ୍ଚଳରେ ଉପକୂଳ କ୍ଷୟ ଘଟୁଥିବାରୁ ଏହାର ନିରାକରଣ ପାଇଁ ଉପକୂଳ ଜୀବିକା, ଇକୋସିଷ୍ଟମର ସୁରକ୍ଷା ଏବଂ ସମୁଦ୍ର କୂଳ ଖାଉଥିବା ଅଞ୍ଚଳର ସୁରକ୍ଷା ପାଇଁ କେନ୍ଦ୍ରୀୟ ଯୋଜନାରେ ଅନୁଦାନ ପ୍ରଦାନ ସହ ଏହାର ବୈଜ୍ଞାନିକ ସର୍ଭେ ପାଇଁ କେନ୍ଦ୍ରୀୟ ସଂସ୍ଥାକୁ ଦାୟିତ୍ୱ ଦେଇ ସମ୍ବେଦନଶୀଳ ଅଞ୍ଚଳ ଚିହ୍ନଟ କରିବାକୁ ଅନୁରୋଧ କରିଛନ୍ତି । ଏହାବ୍ୟତୀତ ବିପର୍ଯ୍ୟୟ ପରିଚାଳନା ପାଇଁ ଉତ୍ତମ ସମନ୍ୱୟ ସହ ଜାତୀୟ, ଆନ୍ତର୍ଜାତୀୟ ସଂସ୍ଥାର ସେ ସହଯୋଗ ଲୋଡ଼ିଛନ୍ତି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବହୁ ପୂର୍ବରୁ ତତ୍କାଳୀନ ବିଜେଡି ସରକାର ମଧ୍ୟ ଅନୁରୂପ ଦାବି କେନ୍ଦ୍ର ନିକଟରେ ଦୋହରାଇ ଆସୁଥିଲା । ଏମତିକି ବାତ୍ୟା ▸ପୃଷ୍ଠା-୭

# ଦୁଇ ବାଇକ୍ ମୁହାଁମୁହିଁ; ୨ ମୃତ

■ **କୋଟଗଡ଼/ବାଲିଗୁଡା, ୨୦।୮ (ସମିସ):** କନ୍ଧମାଳ ଜିଲ୍ଲା କୋଟଗଡ଼ ଥାନା ଲାସେରି ଗାଁ ନିକଟରେ ବୁଧବାର ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଘଟଣା ସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ବ୍ୟବସାୟୀ ସନ୍ତୋଷ ସାହୁ ଓ କଲେଜ ଛାତ୍ର ଅନନ୍ଦ ପ୍ରଧାନୀ ।

ସୂଚନା ଅନୁଯାୟୀ ତୁମୁଡିବନ୍ଧ ସ୍ଥିତ ନେତାଜୀ ସୁଭାଷ ବୋଷ ଡିଗ୍ରୀ କଲେଜରେ ପଢୁଥିବା କୋଟଗଡ଼ ଥାନା ଗେଟାବାଲି ଗ୍ରାମର ୨ ଜଣ ଛାତ୍ର ଓ ସନ୍ଥ ଶ୍ରୀ ଆଶାରାମ ବାପୁ କଲେଜର ଜଣେ ଛାତ୍ର ଗୋଟିଏ ବାଇକ୍‌ରେ କଲେଜ ସାରି ଘରକୁ ଫେରୁଥିଲେ । ବିପରୀତ ଦିଗରୁ ବଣ୍ଡାପିପିଲି ଗ୍ରାମର ବ୍ୟବସାୟୀ ସନ୍ତୋଷ ସାହୁ କୋଟଗଡ଼ ବଜାର ଆସୁଥିଲେ । ଏହି ସମୟରେ ଲାସେରି ଗାଁ ନିକଟରେ ଦୁଇ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା । ଘଟଣା ସ୍ଥଳରେ ବ୍ୟବସାୟୀ ସନ୍ତୋଷ ସାହୁ ଓ ▸ପୃଷ୍ଠା-୭

# ନୀରବିଗଲା ସମ୍ବଲପୁରୀ ଗୀତିକାର ବିନୋଦଙ୍କ ସ୍ୱର

ସମ୍ବଲପୁର, ୨୦।୮ (ସମିସ)



ନୀରବି ଯାଇଛି ସମ୍ବଲପୁରୀ ଗୀତିକାର ବିନୋଦଙ୍କ ସ୍ୱର। ବିଶିଷ୍ଟ ସମ୍ବଲପୁରୀ ଗୀତିକାର ପଦ୍ମଶ୍ରୀ ବିନୋଦ ପଶାୟତ ଆଉ ନାହାନ୍ତି। ତାଙ୍କ କାଳଜୟୀ ଗୀତ ଗୁଡ଼ିକ ଶ୍ରୋତାଙ୍କଠାରେ ଛାଡ଼ି ସେ ଚାଲିଯାଇଛନ୍ତି ଆରପାରିକୁ। ଆଜି ଅପରାହ୍ଣରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସମ୍ବଲପୁର ତଥା ସମଗ୍ର ପଶ୍ଚିମାଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

୧୯୩୫ ମସିହା ଡିସେମ୍ବର ୩ ତାରିଖରେ ବଲାଙ୍ଗିରରେ ଜନ୍ମିତ ଶ୍ରୀ ପଶାୟତ ଅର୍ଥାଭାବରୁ ସପ୍ତମ ଶ୍ରେଣୀ ପରେ ପାଠ ଛାଡ଼ିଥିଲେ। ବାପା ଚୈତନ୍ୟ ପଶାୟତ ତାଙ୍କୁ ପାରିବାରିକ ପେଶା ବାରିକ କାମରେ ନିୟୋଜିତ କରିଥିଲେ। ସମ୍ବଲପୁର ବୈଦ୍ୟନାଥ ଛକରେ ଏକ ସେଲୁନ କରି ଜୀବିକା ନିର୍ବାହ କରୁଥିବା ଶ୍ରୀ ପଶାୟତଙ୍କ ଜୀବନ ବେଶ୍ ସଂଘର୍ଷମୟ ଥିଲା। ସାହିତ୍ୟରେ ରୁଚି ଯୋଗୁଁ ଶ୍ରୀ ପଶାୟତ ୧୯ ବର୍ଷ ବୟସରେ ସମ୍ବଲପୁରକୁ ଚାଲି ଆସିଥିଲେ। ସମ୍ବଲପୁର ସହର ତାଙ୍କ କର୍ମଭୂମି ସହିତ ସାହିତ୍ୟ ସାଧନାର ପୀଠ ସାଜିଥିଲା। ନାଟ୍ୟ କଳାକାର ମୁରାରି ପ୍ରସାଦ ମିଶ୍ର ଓ ଶିବ ପ୍ରସାଦ ମିଶ୍ରଙ୍କ ସଂସ୍ପର୍ଶରେ ଆସିବା ପରେ ତାଙ୍କ ସାହିତ୍ୟ ସାଧନା ଆରମ୍ଭ ହୋଇଥିଲା। ଜୀବିକା ନିର୍ବାହ ପାଇଁ ଲୋକଙ୍କ ଚୁଟି କାଟିବା ସହ ସମୟ ମିଳିଲେ ସେ ସାହିତ୍ୟ ସାଧନା ଜାରି ରଖିଥିଲେ। ପରବର୍ତ୍ତୀ ସମୟରେ ସଙ୍ଗୀତଜ୍ଞ ଅରୁଣ ପ୍ରସନ୍ନ ସେଠଙ୍କ ସମ୍ପର୍କରେ ଆସି ସେ ସମ୍ବଲପୁରୀ ଗୀତ ଲେଖିବା ଆରମ୍ଭ କରିଥିଲେ। ୧୯୫୯ ମସିହାରୁ ସେ ଆକାଶବାଣୀର ମାନ୍ୟତାପ୍ରାପ୍ତ ଗୀତିକାର ରହିଛନ୍ତି। ଆରମ୍ଭରେ ସେ ଆକାଶବାଣୀ, କଟକ ପାଇଁ ଗୀତ ଲେଖୁଥିବା ବେଳେ ଆକାଶବାଣୀ, ସମ୍ବଲପୁର ସ୍ଥାପନ ହେବାପରେ ସେ ପ୍ରଥମ ବ୍ୟାଚ୍‌ର ଗୀତିକାର।

ଗୀତିକାର ଶ୍ରୀ ପଶାୟତ 'ଲିଟି ଉଡ଼େ ପୁରୁପୁରୁ', 'ହାଏ କୃଷ୍ଣ ହାଏ କୃଷ୍ଣ ବଲି ଯାଉ ମୋର ଜୀବନ', 'ମାଆ ଠାନୁ ବଲି ବଡ଼ କିଏ ଅଛେ ଭାଇ କହତ', 'ଏ ନନି ସୁଲୋଚନା', 'ଗଲା ରାତି ଝୁମ୍‌ରାର୍ ସୁରେ' ଏବଂ ସମର୍ପଣ ଚଳଚ୍ଚିତ୍ରର 'ବାଜୁଛେ ମାନ୍ଦଲ ଆସ ଏ ବଉଲ କୁରେ ଫୁଲ' ସମେତ ଶତାଧିକ ସମ୍ବଲପୁରୀ ଗୀତ ଶ୍ରୋତାଙ୍କୁ ଆହ୍ଲାଦିତ କରିଥିଲା। 'ଛିନା ଛିନା ଲାଗୁଛେ କୁଲ ଯମୁନା' ଥିଲା ତାଙ୍କ ପ୍ରଥମ ରଚିତ ଓ ବେତାର ପ୍ରସାରିତ ସମ୍ବଲପୁରୀ ଗୀତ। ପ୍ରଥମେ ପ୍ରଥମେ ସେ 'ଠହ୍‌ରବା', 'ଚୁଟ୍‌କୁଚୁଟା' ଭଳି ସମ୍ବଲପୁରୀ କେରିକେଚର ଲେଖି ୧୯୮୧ ମସିହାରେ 'ଉଖି' ଭଳି ଯୁଗାନ୍ତକାରୀ ପୂର୍ଣ୍ଣାଙ୍ଗ ସମ୍ବଲପୁରୀ ନାଟକର ସ୍ରଷ୍ଟା ହେବାର ଗୌରବ ଅର୍ଜନ କଲେ। ୧୯୮୧ ମସିହାରେ ତାଙ୍କ ରଚିତ ସମ୍ବଲପୁରୀ ନାଟକ 'ଉଖୀ' ରାଉରକେଲାରେ ମଞ୍ଚସ୍ଥ ହୋଇ ବହୁ ଲୋକପ୍ରିୟ ହୋଇଥିଲା। 'ଉଖୀ' ସହ ନାଟ୍ୟକାର ମଙ୍ଗଲୁ ଚରଣ ବିଶ୍ୱାଳଙ୍କ ସମ୍ବଲପୁରୀ ନାଟକ 'ଭୁଖା' ସେସମୟରେ ସମ୍ବଲପୁରୀ ନାଟକର ଏକ ନୂତନଯୁଗ ଆରମ୍ଭ କରିଥିଲା। ତାଙ୍କ ରଚିତ ଅନ୍ୟ ନାଟକ ମଧ୍ୟରେ 'ଅଲାର୍', 'ଆଦି ଅନ୍ତ', 'ମହାଭାରତର୍ ଛେଦ୍‌ଲି ପରବ୍', 'ଲିତା', 'ଚିହ୍ନା' ଓ ଗୀତିନାଟ୍ୟ 'ପାର୍ବତୀ ବିହା' ଆଦି ରହିଛି। 'ସମର୍ପଣ', 'ଆଦିବାସୀ', 'ପରସ୍ତ୍ରୀ' ଭଳି ଚଳଚ୍ଚିତ୍ରଗୁଡ଼ିକ ପାଇଁ ଗୀତ ଲେଖିଥିବା ବିନୋଦ ପଶାୟତଙ୍କ ଅନେକ ଗୀତ ଆକାଶବାଣୀର କଟକ, ସମ୍ବଲପୁର ବ୍ୟତୀତ ବିଳାସପୁର, ରାୟପୁର, ବିବିଧ ଭାରତୀ, ନୂଆଦିଲ୍ଲୀ ତଥା ବିବିସି ଲଣ୍ଡନ, ରେଡିଓ ମସ୍କୋରୁ ମଧ୍ୟ ପ୍ରସାରିତ। ତାଙ୍କ ଦ୍ୱାରା ରଚିତ 'ଚୁଟ୍‌କୁଚୁଟା', 'ଘରୁଆ ପାଠ୍' ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଭୁବନେଶ୍ୱର, ସମ୍ବଲପୁରୀ ସଙ୍ଗୀତ ନାଟକ ସାହିତ୍ୟ ଏକାଡେମୀ ପକ୍ଷରୁ ପ୍ରକାଶିତ। ସମ୍ମାନଜନକ ଶାରଳା ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ସମେତ ଶ୍ରୀ ପଶାୟତ ବହୁ ଅନୁଷ୍ଠାନ ଦ୍ୱାରା ପୁରସ୍କୃତ ଓ ସମ୍ବର୍ଦ୍ଧିତ ହୋଇଛନ୍ତି।

ରାଜଘାଟରେ ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବିଜେଡି ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀ, ବରିଷ୍ଠ ବିଜେପି ନେତା ଡଃ ପ୍ରମୋଦ ରଥ, ଜିଲ୍ଲା ପ୍ରଶାସନ ପକ୍ଷରୁ ସଂସ୍କୃତି ଅଧିକାରୀ, ଡିଆଇପିଆରଓ ସଂଯୁକ୍ତା କୁଲୁ, ଓଡ଼ିଶା ସାଂସ୍କୃତିକ ସମାଜ ସଭାପତି ଡଃ ପରେଶ ଚନ୍ଦ୍ର ଦାନୀ, ସମ୍ବଲପୁରୀ ଭାଷା ସଂସ୍କୃତି ପରିଷଦ ସଭାପତି ପ୍ରଫୁଲ୍ଲ ହୋତା, ହୀରାଖଣ୍ଡ ସାମୁଖ୍ୟର ରାମାନୁଜ ପଣ୍ଡା, ଉତ୍ସର୍ଗର ସୂର୍ଯ୍ୟ ପାଣିଗ୍ରାହୀ, ଜୁହାର ପରିବାରର ପ୍ରଫୁଲ୍ଲ ଦାଶ, କଲମର ତଫିଜୁଲ ହୁସେନ, ଆକାଶବାଣୀର କ୍ଷେତ୍ରମଣି ବିଭାର, ସଣ୍ଡେ ଗ୍ରୁପ୍‌ର ସଭାପତି ଡଃ ସତ୍ୟନାରାୟଣ ଠାକୁର, ପଶ୍ଚିମାଞ୍ଚଳ ଏକତା ମଞ୍ଚର ଭବାନୀ ଶଙ୍କର ଭୋଇ, ସମ୍ବଲପୁର ଜିଲ୍ଲା ବାରିକ ସମାଜର ସଭାପତି ସନ୍ତୋଷ ବାରିକ ଓ ସମ୍ପାଦକ ଚିତ୍ତରଞ୍ଜନ ପଶାୟତ, ସମ୍ବଲପୁର ବିଚାର ମଞ୍ଚର ବେଣୁଧର ଦାସ, ବିଜେଡିର ହୀରାଲାଲ ବେହେରା, ସଙ୍ଗୀତଜ୍ଞ ମୋତିଲାଲ ଦୋରା, ସଙ୍ଗୀତଜ୍ଞ ଶଙ୍କର ପ୍ରଧାନ, ସୃଷ୍ଟି ନାଟ୍ୟ ଅନୁଷ୍ଠାନର ଡଃ ଦ୍ୱାରିକାନାଥ ନାୟକ, ଚେତନା ନାଟ୍ୟ ଅନୁଷ୍ଠାନର ପ୍ରଶାନ୍ତ ମାଝି, ଧନୁଯାତ୍ରା କମିଟିର ବବଲୁ ବାଗ, ଏବିସିଡି ଚାରିଟେବୁଲ ଟ୍ରଷ୍ଟର ରାଜେନ୍ଦ୍ର ସତନାମୀ ତଥା ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଏବଂ ସାହିତ୍ୟିକ ଓ ସମ୍ବଲପୁରୀପ୍ରେମୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସମ୍ବଲପୁରର ବିଭିନ୍ନ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଓଡ଼ିଶା ସାଂସ୍କୃତିକ ସମାଜ, ସମ୍ବଲପୁରୀ ଲେଖକ ପରିଷଦ, ସେତୁ, ଯୁବ ଉଦୟନ, ଉତ୍ସର୍ଗ, ନାଟ୍‌ନାଟୁଆ, ପଶ୍ଚିମାଞ୍ଚଳ ଏକତା ମଞ୍ଚ, ସଣ୍ଡେ ଗ୍ରୁପ୍, ଜିଲ୍ଲା ବାରିକ ସମାଜ, ଜୁହାର ପରିବାର, କଲମ, ହୀରାଖଣ୍ଡ ନାଗରିକ ପରିଷଦ, ପଶ୍ଚିମାଞ୍ଚଳ ଏକତା ମଞ୍ଚ, ହୀରାଖଣ୍ଡ ସାମୁଖ୍ୟ, ଚେତନା, ସୃଷ୍ଟି, କଳା ଓ କଳାକାର, ଅଦୃଶ୍ୟ ନାଟ୍ୟ ଆଶ୍ରମ, ସମ୍ବଲପୁର ନାଟ୍ୟକଳା ପରିଷଦ, ସମ୍ବଲପୁରୀ ଧନୁଯାତ୍ରା କମିଟି, ସମ୍ବଲପୁର କଳା ପରିଷଦ ଆଦି ତଥା ସମସ୍ତ ରାଜନୈତିକ ଦଳ ପକ୍ଷରୁ ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗରେ ଶୋକପ୍ରକାଶ କରାଯାଇଛି।



## ରାଜ୍ୟପାଳଙ୍କ ଶୋକ

ରାଜ୍ୟପାଳ ରାଜ୍ୟପାଳ ହରିବାବୁ କମ୍ଭମପଟି ବିଶିଷ୍ଟ ଗୀତିକାର ଓ ନାଟ୍ୟକାର ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି। ଶୋକବାର୍ତ୍ତାରେ ସେ କହିଛନ୍ତି ଯେ, ସମ୍ବଲପୁରର ପ୍ରସିଦ୍ଧ ନାଟ୍ୟକାର, କବି ଓ ଲେଖକ, ପଦ୍ମଶ୍ରୀ ବିନୋଦ କୁମାର ପଶାୟତଙ୍କ ବିୟୋଗ ଶୁଣି ମୁଁ ମର୍ମାହତ। ସମ୍ବଲପୁରୀ / କୋଶଳି ସାହିତ୍ୟର ପରିଚୟକୁ ସମ୍ପୂର୍ଣ୍ଣ ଭାରତଭୂମିରେ ପ୍ରଚାର କରିବାରେ ତାଙ୍କ ଅବଦାନ ଅତୁଳନୀୟ। ତାଙ୍କ ବିୟୋଗ ସାହିତ୍ୟ, ସଂସ୍କୃତି ପାଇଁ ଏକ ବିରାଟ ଶୂନ୍ୟସ୍ଥାନ। ମହାପ୍ରଭୁ ଅମର ଆତ୍ମାକୁ ସଦଗତି ଦିଅନ୍ତୁ।

## କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶୋକ

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ବିଶିଷ୍ଟ ନାଟ୍ୟକାର, କବି ଓ ଲେଖକ ପଦ୍ମଶ୍ରୀ ବିନୋଦ କୁମାର ପଶାୟତଙ୍କ ବିୟୋଗରେ ଗଭୀର ଶୋକପ୍ରକାଶ କରିଛନ୍ତି। ଶ୍ରୀ ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ଯେ ଶ୍ରୀ ବିନୋଦ କୁମାର ପଶାୟତଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଦଶନ୍ଧି ଦଶନ୍ଧି ଧରି ସମ୍ବଲପୁରୀ ସାହିତ୍ୟ ତଥା ସଙ୍ଗୀତ କ୍ଷେତ୍ରରେ ଅମୂଲ୍ୟ ଯୋଗଦାନ ରଖି ସେ ଆମ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ସମ୍ବଲପୁରୀ ସାହିତ୍ୟକୁ ନୂଆ ଉଚ୍ଚତାରେ ପହଞ୍ଚାଇବାରେ ତାଙ୍କର ଯୋଗଦାନ ଅତୁଳନୀୟ। ସମ୍ବଲପୁରୀ ସାହିତ୍ୟ ଜଗତ ପ୍ରତି ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇରହିବ। ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ବିଧାୟକ ପ୍ରସନ୍ନ ଆଚାର୍ଯ୍ୟଙ୍କ ଶୋକ

ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ବିୟୋଗ ଖବର ଶୁଣି ମୁଁ ଗଭୀର ଭାବେ ମର୍ମାହତ ଏବଂ ଦୁଃଖିତ ବୋଲି ପୂର୍ବତନ ମନ୍ତ୍ରୀ ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ସେ ଶୋକବାର୍ତ୍ତାରେ କହିଛନ୍ତି ଯେ, ବିନୋଦ ବାବୁ ସମ୍ବଲପୁରୀ ଭାଷା ସାହିତ୍ୟର ଜଣେ ସାଧକ ଭାବେ ସାରା ରାଜ୍ୟରେ ସୁଖ୍ୟାତି ଅର୍ଜନ କରିଥିଲେ। ସଂସ୍କୃତି ଏବଂ ପରମ୍ପରାର ବାର୍ତ୍ତାବହ ବିନୋଦ ବାବୁଙ୍କ ଜୀବନବ୍ୟାପୀ ସାଧନା ଚିରସ୍ମରଣୀୟ ହୋଇରହିବ। ତାଙ୍କ ବିୟୋଗରେ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ହୋଇଛି ବୋଲି ଶ୍ରୀ ଆଚାର୍ଯ୍ୟ ଶୋକବାର୍ତ୍ତାରେ ପ୍ରକାଶ କରିଛନ୍ତି।

## ରୋହିତ ପୂଜାରୀଙ୍କ ଶୋକ

ପ୍ରଖ୍ୟାତ ସାହିତ୍ୟିକ, ଲେଖକ ତଥା ନାଟ୍ୟକାର ପଦ୍ମଶ୍ରୀ ବିନୋଦ କୁମାର ପଶାୟତଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଗଭୀର ଶୋକପ୍ରକାଶ କରିଛନ୍ତି। ତାଙ୍କ ବିୟୋଗ ସମ୍ବଲପୁରୀ ସାହିତ୍ୟ ଜଗତ ପାଇଁ ଅପୂରଣୀୟ କ୍ଷତି ବୋଲି ଶୋକବାର୍ତ୍ତାରେ କହିବାସହ ସ୍ୱର୍ଗତ ପଶାୟତଙ୍କ ସମ୍ବଲପୁରୀ ଗୀତ, ନାଟକ ତଥା ସାରସ୍ୱତ ସାଧନାକୁ ମନେ ପକାଇଛନ୍ତି। ଏହି ଦୁଃଖଦ ଘଟଣାରେ ଇଂ ପୂଜାରୀ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବାସହ ଆତ୍ମାର ସଦ୍‌ଗତି କାମନା ଏବଂ ପରିବାର ବର୍ଗଙ୍କ ଅସୀମ ଧୈର୍ଯ୍ୟ ଓ ସାହସ ନିମନ୍ତେ ମାଁ ସମଲେଶ୍ୱରୀ ଓ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

● ଦୁର୍ଦ୍ଦାନ୍ତ ସମଦକୁ ଏନ୍‌କାଉଣ୍ଟର ଘଟଣା

# ଉତ୍ତେଜିତ ହୋଇ ଦୁଇ ଭାଇ ଛୁରିରେ ମାରିଥିଲେ

ସମ୍ବଲପୁର, ୨୦।୮ (ସମିସ): ମଙ୍ଗଳବାର ଭୋରୁ ଧନୁପାଲି ପୁଲିସ ଦୁର୍ଦ୍ଦାନ୍ତ ଅପରାଧୀ ମହମ୍ମଦ ସମଦକୁ ଏନ୍‌କାଉଣ୍ଟର କରି କାବୁ କରିଥିଲା। ମଙ୍ଗଳବାର ରାତି ୧୦ଟା ବେଳେ ଦୁଇ ଭାଇ ଉତ୍ତେଜିତ ହୋଇ ଜଣଙ୍କୁ ଛୁରି ମାରି ହତ୍ୟା କରିଥିଲେ। ଏଥିରେ ମୋତିଝରଣର ଆସଫ ଖାନଙ୍କ ମୃତ୍ୟୁ ହୋଇଥିଲା। ସୂଚନା ଅନୁସାରେ ଦଳେଇପଡ଼ାର ଆସଫ ମୋତିଝରଣରେ ଭଡ଼ା ରହି ଆସୁଥିଲେ। ମଙ୍ଗଳବାର ରାତିରେ ସମଦ ଓ ତା ଭାଇ ଏମଡି ୱାସିମ କୌଣସି କଥାକୁ ନେଇ ଆସଫ ସହ ଝଗଡ଼ା ଲାଗିଥିଲେ। ଏଥିରେ ଉତ୍ତେଜିତ ହୋଇ ଛୁରିରେ ଦୁଇ ଭାଇ ଆକ୍ରମଣ କରିଥିଲେ। ଫଳରେ ଘଟଣା ସ୍ଥଳରେ ଆସଫଙ୍କ ମୃତ୍ୟୁ ହୋଇଥିଲା। ଥାନାରେ ଅଭିଯୋଗ ପରେ ପୁଲିସ କେସ ନମ୍ବର ୨୮୦/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ସକାଳୁ ସମଦ ଫେରାର ବେଳେ ଧରିବା ବେଳେ ଏନ୍‌କାଉଣ୍ଟର କରିଥିଲା। ବର୍ତ୍ତମାନ ସମଦ ମେଡିକାଲରେ ଚିକିତ୍ସା ହେଉଛି। ରିମାଣ୍ଡରେ ଆସିବା ପରେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

● ଖିଣ୍ଡା ଅଞ୍ଚଳରେ ବାରମ୍ବାର ଚୋରି

# ପୁଲିସର ଅବହେଳାକୁ ନେଇ ଏସ୍‌ପିଙ୍କ ଦ୍ୱାରସ୍ଥ

ସମ୍ବଲପୁର, ୨୦।୮ (ସମିସ): ରେଙ୍ଗାଲି ବ୍ଲକ ଅନ୍ତର୍ଗତ ଖିଣ୍ଡା ପଞ୍ଚାୟତର ଖିଣ୍ଡା ମଙ୍ଗଳବାର ସାପ୍ତାହିକ ବଜାରରେ ବାରମ୍ବାର ଚୋରି ହେଉଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ଠେଲକୋଲି ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏଥିପାଇଁ ଖିଣ୍ଡାର ଦୋକାନୀ ମାନେ ସମ୍ବଲପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଅନୁସାରେ ସାପ୍ତାହିକ ବଜାରରେ ପ୍ରତିଦିନ ୩୦ଟି ଦୋକାନ ଖୋଲାଯାଏ, କିଛି ଦୋକାନକୁ ବାରମ୍ବାର ଟାର୍ଗେଟ କରି ଚୋରି ହେଉଛି। ଗତ ଶନିବାର ରାତ୍ରିରେ ଠେଲକୁଲି ପୁଲିସ ପାଟ୍ରୋଲିଂ ସାରି ଫେରିବା ପରେ ତିନୋଟି ଦୋକାନରୁ ଚୋରି ହୋଇଥିଲା। ଆଖପାଖ ଅଞ୍ଚଳରେ ଲାଗିଥିବା ଅନେକ ସୋଲାର ଲାଇଟ ମଧ୍ୟ ଚୋରି ହୋଇଛି। ଚୋର ମାନଙ୍କ ପାଖରେ ସବୁ ଦୋକାନର ନକଲ ଚାବି ରହିଥିବା ଦୋକାନୀ ମାନେ କହିଛନ୍ତି, ଖାଲି ସେତିକି ନୁହେଁ ଚୋର ମାନେ ପୁଲିସକୁ ନଜର କରି ଚୋରି କରୁଥିବା ଅଭିଯୋଗ କରିଛନ୍ତି। ନିଶାଗ୍ରସ୍ତ ହୋଇ ଯୁବପିଢି ଏପରି କରୁଥିବା ଦୋକାନୀ ମାନେ କହିଛନ୍ତି।



# ଓଡ଼ିଶା ମେଡିକାଲ କଲେଜରେ ଫାଇଲେରିଆ ନିରାକରଣ ସଚେତନତା

ସମ୍ବଲପୁର, ୨୦।୮ (ସମିସ): ଓଡ଼ିଶା ମେଡିକାଲ କଲେଜ ଅଫ ହୋମିଓପାଥି ଏବଂ ରିସର୍ଚ୍ଚ ତରଫରୁ ଫାଇଲେରିଆ ନିରାକରଣ ସଚେତନତା ଏବଂ ଔଷଧ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ କଲେଜର ଅଧକ୍ଷ ଡ. ଦିପ୍ତିକାନ୍ତ ସିଂ, ଏନ୍‌ଏସ୍‌ଏସ୍ ଉପଦେଷ୍ଟା ଡ. ମହେନ୍ଦ୍ର ନୀଳକଣ୍ଠ ଧରୁଆ, ଦେବେଇପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କର୍ମୀମାନେ ଉପସ୍ଥିତ ଥିଲେ। କଲେଜର ଶିକ୍ଷକ ଶିକ୍ଷୟିତ୍ରୀ ସହିତ ଡାକ୍ତରୀ ଛାତ୍ରଛାତ୍ରୀ ତଥା ଏନ ଏସ୍‌ଏସ ସ୍ୱେଚ୍ଛାସେବୀ ଏବଂ ସାଧାରଣଲୋକ ଔଷଧ ସେବନ କରିଥିଲେ।



# କ୍ରୀଡ଼ା ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ସମ୍ବଲପୁର, ୨୦।୮ (ସମିସ): କବରାପାଲିସ୍ଥିତ ବୀର ସୁରେନ୍ଦ୍ର ସାଏ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର କ୍ରୀଡ଼ା ଶିକ୍ଷୟିତ୍ରୀ କ୍ଷେତ୍ରମଣୀ ପଣ୍ଡାଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଜାତା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ ବିଦ୍ୟାଳୟକୁ ଶୃଙ୍ଖଳିତ କରିବାରେ କ୍ରୀଡ଼ା ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଅନେକ ବିଦ୍ୟାଳୟ କ୍ରୀଡ଼ା କ୍ଷେତ୍ରରେ ନିଜର ପରିଚୟ ହାସଲ କରିଛନ୍ତି। ପୂର୍ବତନ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଜଗବନ୍ଧୁ ବେହେରା, ପୂର୍ବତନ ରାଜ୍ୟ ଓଷ୍ଟା ସଭାପତି ରାଜେନ୍ଦ୍ର ପଣ୍ଡା, କାଇଁଶୀର ହାଇସ୍କୁଲ କ୍ରୀଡ଼ା ଶିକ୍ଷକ ଚିତ୍ତରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ଶ୍ରୀମତୀ ପଣ୍ଡାଙ୍କୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୌଶଲ୍ୟା ବେହେରା ଉପଢ଼ୌକନ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପୂର୍ବତନ ପ୍ରଧାନଶିକ୍ଷକ, ସହକାରୀ ଶିକ୍ଷକ, ପୁରାତନ ଛାତ୍ରଛାତ୍ରୀ, ବିଦ୍ୟାଳୟ କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।



# ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ମାନିତ କଲା ଓଏସ୍‌ଓୟୁ




ସମ୍ବଲପୁର, ୨୦।୮ (ସମିସ): ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍‌ଓୟୁ) ପକ୍ଷରୁ ଚଳିତଥର ନିଆରା ଢଙ୍ଗରେ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ଏହି ଅବସରରେ ଅଞ୍ଚଳର ପାଞ୍ଚଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସେମାନେ ହେଲେ ଦିବଂଗତ ସ୍ୱାଧୀନତା ସଂଗ୍ରାମୀ ଘନଶ୍ୟାମ ପାଣିଗ୍ରାହୀ, ପଣ୍ଡିତ ଲକ୍ଷ୍ମୀନାରାୟଣ ମିଶ୍ର, ଦୟାନନ୍ଦ ଶତପଥୀ, ଚମରୁ ପରିଡ଼ା ଓ ହୃଷୀକେଶ ନାଏକ। ବିଶ୍ୱବିଦ୍ୟାଳୟ ପରିସରରେ ସ୍ୱାଧୀନତା ଦିବସ ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ସଂଗ୍ରାମୀଙ୍କ ଦାୟାଦଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ। ଦାୟାଦମାନଙ୍କ ସହ ସ୍ୱାଧୀନତା ସଂଗ୍ରାମୀଙ୍କ ଦେଶମାତୃକା ସକାଶେ ସମର୍ପଣ ଓ ବଳିଦାନର ଗାଥା ଉପସ୍ଥିତ ସମସ୍ତେ ଶୁଣିଥିଲେ। କୁଳପତି ପ୍ରଫେସର ପଟ୍ଟନାୟକ ତାଙ୍କ ବକ୍ତବ୍ୟରେ ସ୍ୱାଧୀନତା ସଂଗ୍ରାମୀଙ୍କ ତ୍ୟାଗ ଓ ବଳିଦାନ ଯୋଗୁଁ ଯେଉଁ ସ୍ୱାଧୀନତା ମିଳିଛି ତାହାକୁ କେବଳ ସ୍ମରଣ କରିବା ନୁହେଁ ବରଂ ଦେଶଗଠନରେ ନିଜକୁ ଉତ୍ସର୍ଗୀକୃତ କରିବାକୁ ଆହ୍ୱାନ ଦେଇଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ଚିତ୍ତରଞ୍ଜନ ସାହୁ, ବିତ୍ତ ନିୟନ୍ତ୍ରକ ନଳିନୀ ରଞ୍ଜନ ଷଡ଼ଙ୍ଗୀଙ୍କ ସମେତ ବିଶ୍ୱବିଦ୍ୟାଳୟର ଫାକଲଟି ଓ ଅଣଶିକ୍ଷକ କର୍ମଚାରୀ ତଥା ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

# ଶବ ବ୍ୟବଚ୍ଛେଦ ପାଇଁ ଭିମସାରରେ ଉତ୍ତେଜନା

ସମ୍ବଲପୁର, ୨୦।୮ (ସମିସ): ବୁର୍ଲା ଭିମସାରରେ ଶବ ବ୍ୟବଚ୍ଛେଦ ନ କରିବା ପାଇଁ ଉତ୍ତେଜନା। ପରିବାର ପକ୍ଷରୁ ଶବ ବ୍ୟବଚ୍ଛେଦ କରିବେ ନାହିଁ ବୋଲି ଦାବି କରିଥିଲେ। ହେଲେ ନିୟମ ଦୃଷ୍ଟିରୁ ବ୍ୟବଚ୍ଛେଦ ଆବଶ୍ୟକ ବୋଲି ବୁର୍ଲା ପୁଲିସ ବୁଝାଇଥିଲା। ଏଥିପାଇଁ ବହୁ ସମୟ ଧରି ମେଡିକାଲ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ସୂଚନା ଅନୁସାରେ କଳାହାଣ୍ଡି ଜିଲ୍ଲା ନର୍ଲା ଥାନା ସେରଗଡ଼ ଅଞ୍ଚଳର ବଲ୍ଲଭ ସାହୁ(୭୭) ଖଟରୁ ପଡ଼ି ଗୁରୁତର ହୋଇଥିଲେ। ତାଙ୍କୁ ଭିମସାରରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ରକ୍ତଚାପ, ଡାଇବେଟିସ ଭଳି ରୋଗ ଥିବା ସହ ଅନ୍ୟାନ କାରଣ ରହିଥିଲା। ତେଣୁ ଡାକ୍ତର ଶବ ବ୍ୟବଚ୍ଛେଦ ପାଇଁ ଲେଖିଥିଲେ। ହେଲେ ଶବକୁ ନେଇ ପରିବାର ଲୋକ ପଳାଇ ଯାଉଥିଲେ। ଗେଟ ସମ୍ମୁଖରେ ପୁଲିସ ସେମାନଙ୍କୁ ବୁଝାଇଥିଲା। ବାର୍ଦ୍ଧକ୍ୟ ରୋଗରେପଡ଼ି ତାଙ୍କର ମୃତ୍ୟୁ ହୋଇଛି। ତେଣୁ ଅଯଥାରେ ଶବବ୍ୟବଚ୍ଛେଦ କରିବେ ନାହିଁ ବୋଲି ପରିବାର ପକ୍ଷରୁ ଦାବି କରିଥିଲେ। ଅନେକ ସମୟ ଧରି ବୁଝାସୁଝା ପରେ ମଧ୍ୟ ପରିବାର ଲୋକ ରାଜି ହୋଇ ନଥିଲେ। ଶେଷରେ ଭିଡ଼ିଓ ରେକର୍ଡିଂ, ଅଡିଓ ରେକର୍ଡିଂ, ରାଜିନାମା ଲେଖି ଶବ ବ୍ୟବଚ୍ଛେଦ ନ କରି ପରିବାର ଲୋକ ମୃତଦେହ ଘରକୁ ନେଇଥିଲେ। ପୁଲିସ ନର୍ଲା ଥାନାକୁ ଏ ସମ୍ପର୍କରେ ଜଣାଇବା ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ବୁର୍ଲା ଥାନା ଆଇଆଇସି କହିଛନ୍ତି।



# ବିଦ୍ୟା ବିକାଶରେ ଗଙ୍ଗାଧର ମେହେର ଜୟନ୍ତୀ

ସମ୍ବଲପୁର, ୨୦।୮ (ସମିସ): ନମ୍ରତା ହେଉଛି ଗଙ୍ଗାଧର ସାହିତ୍ୟର ଭୂଷଣ, ବିଜ୍ଞାନ ହେଉ ବା ଜ୍ୟୋତିଷ, ସାହିତ୍ୟ ହେଉ ବା ସମାଜ ସଂସ୍କାର ସବୁ ଦିଗରେ ମେହେର ସାହିତ୍ୟର ପରାକାଷ୍ଠା ପ୍ରତିଫଳିତ ହୁଏ। ବିଦ୍ୟାବିକାଶ ଅନୁଷ୍ଠାନ ସମୂହର ଶାସନ କ୍ୟାମ୍ପସରେ ସ୍ୱଭାବ କବି ଗଙ୍ଗାଧର ମେହେର ଜୟନ୍ତୀ ପାଳିତ ହେଇଯାଇଛି। ପ୍ରକୃତି ଓ ପୁରୁଷର ଅପୂର୍ବ ସମନ୍ୱୟ ତଥା ନବ ରସରେ କାବ୍ୟର ମାଧୁର୍ଯ୍ୟତା ଗଙ୍ଗାଧର ସାହିତ୍ୟର ଏକ ଚଳନ୍ତି ସୃଷ୍ଟି। ଗଙ୍ଗାଧର ସାହିତ୍ୟକୁ ଜନ୍ମ ଜନ୍ମାନ୍ତର ପାଠକଲେ ମଧ୍ୟ କବିଙ୍କ ମୂଳ ଉଦ୍ଦେଶ୍ୟ ହୃଦୟଙ୍ଗମ କରିବା ସମ୍ଭବ ନୁହେଁ ବୋଲି ମତବ୍ୟକ୍ତ କରିଛନ୍ତି ମୁଖ୍ୟବକ୍ତା ପ୍ରଫେସର ଅଖିଳମୋହନ ବିଶ୍ୱାଳ। କବିଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପୂର୍ବକ ମେହେର ସାହିତ୍ୟର କିଛି ପଦ୍ୟାଂଶ ସଙ୍ଗୀତ ଗୁରୁ ଲବ ଭୁୟାଁଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ସମବେତ କଣ୍ଠରେ ଆବୃତ୍ତି କରିଥିଲେ। ଉକ୍ତ ଜୟନ୍ତୀ ସମାବେଶରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡଃ ଦିବ୍ୟସିଂହ ମହନ୍ତ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମକୁ ମନୋରଞ୍ଜନ ମିଶ୍ର ସଂଯୋଜନା କରିଥିବାବେଳେ ଓଡିଆ ଅଧ୍ୟାପିକା ଚିନ୍ମୟୀ ବାରିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାବିକାଶ ଅନୁଷ୍ଠାନ ସମୂହର ଚେୟାରମେନ ତଥା ପରିଚାଳନା ନିର୍ଦ୍ଦେଶକ ଜି ଭାସ୍କର ରାଓ ଓ ନିର୍ଦ୍ଦେଶକ ଜି ରାମକୃଷ୍ଣ, ମୁଖ୍ୟ ପ୍ରଶାସନିକ ଅଧିକାରୀ ସଞ୍ଜିବ କୁମାର ବାବୁ, ବିକାଶ ଦ' କନସେପ୍ଟ ସ୍କୁଲ ଅଧକ୍ଷ ମନୋରଞ୍ଜନ ପତି, ବିକାଶ ସିନିୟର ସେକେଣ୍ଡାରୀ ସ୍କୁଲ ଅଧକ୍ଷା ଡଃ ପୁଷ୍ପିତା ପଣ୍ଡା, ବିକାଶ ନର୍ସି ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଈଶ୍ୱର ନାଗ, ବିକାଶ ଦ କନସେପ୍ଟ ସ୍କୁଲ ଉପାଧ୍ୟକ୍ଷ ଯସୱନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ସଂସ୍କୃତ ଅଧ୍ୟାପିକା ନନ୍ଦିନୀ କର୍ଣ୍ଣ ଧନ୍ୟବାଦ ଅର୍ପଣ କରିଥିଲେ।



# ୬୧୫ ଫୁଟ୍ ଡେଇଁଲା ହୀରାକୁଦ ଜଳସ୍ତର

ସମ୍ବଲପୁର, ୨୦।୮ (ସମିସ): ଆଜି ହୀରାକୁଦ ଜଳସ୍ତର ୬୧୫ ଫୁଟ୍ ଡେଇଁଛି। ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ ଫୁଟ୍ ଥିବାବେଳେ ଆଗାମୀ ଦିନରେ ଉପରମୁଣ୍ଡରେ ବର୍ଷା ଅନୁଯାୟୀ ଜଳ ସଂରକ୍ଷଣ ବ୍ୟବସ୍ଥା ରହିବ। ଆଜି ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୫.୬୨ ଫୁଟ୍ ରହିଛି। ନଦୀବନ୍ଧର ସମସ୍ତ ଗେଟ୍ ବନ୍ଦ ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧, ୧୬, ୮୫୦ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩୫, ୮୧୨ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ କୌଣସି ଜଳ ନିଷ୍କାସନ ହେଉନାହିଁ। ପାୱାର ଚେନାଲ ଦେଇ ୩୧, ୩୭୩ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪, ୨୨୫ ଘନଫୁଟ ଜଳ ନିଷ୍କାସିତ ହେଉଛି। ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ୩୧.୮୮ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୨.୧୩ ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୮.୭୧ ଫୁଟ୍ ରହିଥିଲା।

# ଚାଲିଛି ସାର କଳାବଜାର, ସ୍ଥାଣୁ କୃଷି ବିଭାଗ

## ବିତରକଙ୍କ ଲାଇସେନ୍ସ ରଦ୍ଦ କଲେ ଉପଜିଲ୍ଲାପାଳ

ସମ୍ବଲପୁର, ୨୦।୮ (ସମିସ)



ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ୧୬ ତାରିଖରେ ଚାଷୀମାନେ ସଦର ଉପଖଣ୍ଡ କୃଷି କାର୍ଯ୍ୟାଳୟଠାରୁ ମାତ୍ର କେଇଶହ ମିଟର ଦୂରରେ ଥିବା ବରେଇପାଲିସ୍ଥିତ ଇଣ୍ଡିଆନ ଏଣ୍ଟରପ୍ରାଇଜେସ୍‌ରେ ୟୁରିଆ ସାର କଳାବଜାର ହେବାକଥା ଜିଲ୍ଲା କୃଷି ଅଧିକାରୀଙ୍କୁ ଅବଗତ କରିଥିଲେ। ଏହି ପ୍ରାଇଭେଟ୍ ଡିଲର୍ ୟୁରିଆ ସାର ପ୍ୟାକେଟ୍‌ପିଛା ୨୬୭ ଟଙ୍କା ବଦଳରେ ୫୨୦ ଟଙ୍କାରେ ବିକ୍ରୟ କରୁଥିବା ଧରାପଡ଼ିଥିଲା। ତେବେ, କୃଷି କାର୍ଯ୍ୟାଳୟର ଅଧିକାରୀମାନେ ନାମକୁ ମାତ୍ର ସିଲ୍ କରିଥିଲେ। ଡିଲର୍ ଅଂଶ ସିଲ୍ ହୋଇଥିବାବେଳେ ସେହିଦିନ ଉପରେବେଳା ଉକ୍ତ ଦୋକାନୀ ହୋଲସେଲ୍‌ଫ ଅଂଶରେ ୟୁରିଆ ସାର ବିକ୍ରୟ କରିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଚାଷୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏନେଇ ଜିଲ୍ଲାପାଳ ଏବଂ ସଦର ଉପଜିଲ୍ଲାପାଳଙ୍କୁ ଚାଷୀ ସଙ୍ଗଠନ ପକ୍ଷରୁ ଅବଗତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। ଆଜି ସଦର ଉପଜିଲ୍ଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ତଦନ୍ତ କରି ଧନକଉଡ଼ା ବ୍ଲକରେ ସାର ଯୋଗାଉଥିବା ଇଣ୍ଡିଆନ ଏଣ୍ଟରପ୍ରାଇଜେସ୍‌ର ଲାଇସେନ୍ସ ରଦ୍ଦ କରିଛନ୍ତି। ଉକ୍ତ ବିକ୍ରେତା ସଂସ୍ଥାର ଷ୍ଟକ୍ ଯାଞ୍ଚ କରାଯାଉଥିବା ଉପଜିଲ୍ଲାପାଳ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଆଉ ଦୁଇଟି ସଂସ୍ଥାର ସାର ଲାଇସେନ୍ସ ସସ୍‌ପେଣ୍ଡ (ସାମୟିକ ବାତିଲ) କରାଯାଇଥିବା ଜଣାପଡ଼ିଛି। ସେଗୁଡ଼ିକ ହେଲା ଜମନକିରା ବ୍ଲକରେ ସାର ବିତରକ ସଂସ୍ଥା ରତନ ଫର୍ଟିଲାଇଜର୍ ଓ ବଳରାମ ନାୟକ ଉଭୟଙ୍କ ଲାଇସେନ୍ସ ସସ୍‌ପେଣ୍ଡ କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ, ପାକ୍ସ / ଲ୍ୟାମ୍ପସ୍‌ମାନଙ୍କୁ ସାର ନଦେଇ ଜିଲ୍ଲା କୃଷି କାର୍ଯ୍ୟାଳୟ ପକ୍ଷରୁ ପ୍ରାଇଭେଟ୍ ଡିଲର୍ ମାନଙ୍କୁ ସାର ବହୁଳ ପରିମାଣରେ ଦେବା ଚାଷୀମାନେ ଅଭିଯୋଗ କରିଥିଲେ। ଚାଷ କାର୍ଯ୍ୟ ଜୋରସୋରରେ ଚାଲିଥିବାବେଳେ ସମୟାନୁଯାୟୀ ସାର ଓ କୀଟନାଶକ ଆବଶ୍ୟକ ଥିବାରୁ ଚାଷୀମାନେ ଦୁଇଗୁଣା ଦରରେ କିଣିବା ପାଇଁ ବର୍ଷ ବର୍ଷ ଧରି ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷରେ ବିତରକ ପ୍ରାଇଭେଟ୍ ସଂସ୍ଥାମାନେ ଚାଷୀର ଆବଶ୍ୟକତାକୁ ଦେଖି ବିହନ, ସାର ଓ କୀଟନାଶକର ଦର ଦୁଇରୁ ତିନିଗୁଣ ମନଇଚ୍ଛା ବଢ଼ାଇ ଚାଲିଛନ୍ତି। କୃଷି ବିଭାଗ ପକ୍ଷରୁ ଯେତେ ଅଭିଯୋଗ କଲେ ସୁଦ୍ଧା କୌଣସି ଅଙ୍କୁଶ ଲଗାଯାଇ ପାରୁନାହିଁ। ଏନେଇ ଗତକାଲି ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନ ପକ୍ଷରୁ ଜିଲ୍ଲାପାଳ ଓ ସଦର ଉପଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିବାସହ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀଙ୍କୁ ଚାଷୀମାନେ ଘେରାଉ କରିଥିଲେ। ଚାଷୀମାନେ ସାର କଳାବଜାରୀ ରୋକିବା ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୃଷି ବିଭାଗକୁ ୪୮ ଘଣ୍ଟାର ମୁହଲତ ଦେଇଛନ୍ତି। ଉପରୋକ୍ତ ସମୟ ମଧ୍ୟରେ କୌଣସି ପଦକ୍ଷେପ ଗ୍ରହଣ କରାନଗଲେ କୃଷି କାର୍ଯ୍ୟାଳୟରେ ତାଲା ପକାଇବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

# ନକଲି ସୁନାଶଙ୍ଖ ଦେଇ ୧୦ଲକ୍ଷ ଠକି ନେଲେ



ଜୟପୁର,୨୦।୮(ସମିସ): ନବରଙ୍ଗପୁର ଜିଲ୍ଲାର ଦୁଇଜଣ ଠକ ଜୟପୁର ସହରକୁ ଆସି ସ୍ଥାନୀୟ ଏକ ହୋଟେଲରେ ଜନୈକ ବ୍ୟକ୍ତିଙ୍କୁ ସୁନା ଶଙ୍ଖ ବିକ୍ରି କରିବାକୁ କହି ତମ୍ବା ଶଙ୍ଖ ଦେଇ ୧୦ ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏ ନେଇ ଟାଉନଥାନାରେ ଏକ ମାମଲା ରୁଜୁ କରାଯାଇଛି ଏବଂ ତଦନ୍ତ ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ନବରଙ୍ଗପୁର ଜିଲ୍ଲାର ଦୁଇଜଣ ଠକ ଯୁବକ ଜୟପୁର ସହରର ଏକ ହୋଟେଲରେ ସହର ବାହାରର ବ୍ୟବସାୟୀ ନିତ୍ୟାନନ୍ଦ ମହାପାତ୍ରଙ୍କୁ ସୁନାଶଙ୍ଖ ବୋଲି କହିବା ସହ ୧୦ ଲକ୍ଷ ଟଙ୍କାରେ ଏହାକୁ ବିକ୍ରି କରିଥିଲେ। ବ୍ୟବସାୟୀ ଶ୍ରୀ ମହାପାତ୍ର ଉକ୍ତ ଶଙ୍ଖକୁ ନେଇ ଯାଞ୍ଚ କରିବା ବେଳେ ଏହା ନକଲି ସୁନା ତମ୍ବା ଶଙ୍ଖ ବୋଲି ଜଣାପଡିଥିଲା। ଏହିପରି ଉକ୍ତ ନକଲି ସୁନା ଶଙ୍ଖର ଓଜନ ୭ କିଲୋ ଓଜନର ରହିଛି। ଜୟପୁର ଟାଉନ୍ ଥାନାର ଏକ ପୁଲିସ ଦଳ ନବରଙ୍ଗପୁର ଜିଲ୍ଲାକୁ ଯାଇ ସେଠିକାର ପୁଲିସ ସହାୟତାରେ ଅଭିଯୁକ୍ତ ମାନଙ୍କୁ ଗିରଫ କରିବା ପାଇଁ ଚଢ଼ଉ ଜାରି ରଖିଛନ୍ତି।

■ ରାଜସ୍ୱ ଅମଲା ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି

# ୧୦ ଦିନ ପରେ ଧାରଣା ସ୍ଥଳରେ ବିଧାୟକ



ଗୁଣପୁର, ୨୦।୮(ସମିସ): ରାୟଗଡ଼ା ଜିଲ୍ଲା ରାଜସ୍ୱ ଅମଲା ସଂଘ ତରଫରୁ ୧୦ ଦଫା ଦାବି ପୂରଣ ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ୧୦ ଦିନରେ ପହଞ୍ଚିଛି ।ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ଅମଲାଙ୍କ ଧାରଣ ସ୍ଥଳରେ ପହଞ୍ଚି ସେମାନଙ୍କ ସହ ଆଲୋଚନା କରିଥିଲେ। ଏବଂ ଅମଲାମାନଙ୍କ ଦାବି ଯୁକ୍ତିଯୁକ୍ତ ଅଟେ ବୋଲି କହିଛନ୍ତି। ତେଣୁ ରାଜ୍ୟ ସରକାର ଦାବୀ ପୂରଣ କରିବା ଆବଶ୍ୟକ ବୋଲି କହିଥିଲେ। ଆଗାମୀ ଦିନରେ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରି ଦାବି ପୂରଣ ଦିଗରେ ଚେଷ୍ଟା କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଅମଲା ସଂଘ ପକ୍ଷରୁ ଏକ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରିଥିଲେ। ସୂଚନା ଯୋଗ୍ୟ ଯେ ରାଜ୍ୟ ରାଜସ୍ୱ ଅମଲା ସଂଘଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ସଂଘ କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ପଣ୍ଡା, ସମ୍ପାଦକ ଅଜୟ ନାହାକ ଏବଂ ବିଶ୍ୱନାଥ ମଣ୍ଡଳ, ରାଜ୍ୟ ପରିଷଦ ସଭ୍ୟ ନେତୃତ୍ୱରେ ଗୁଣପୁର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି। ଗୁଣପୁରରେ ସେକ୍ସନ ଅଫିସର ମନରଞ୍ଜନ କାର୍ଜି, ଭି ଅରୁଣା, ମୁରାରୀ ପଟ୍ଟନାୟକ, ଏ ଭି ରାମନା, ଗୁପ୍ତ ପାଣିଗ୍ରାହୀ, ପ୍ରବୀର ପାତ୍ର, ବସନ୍ତ ବେହେରା, ମନୋଜ ପାତ୍ର, ରାଧା ସେଠି, ଘନସି ମାଳି, ନନ୍ଦିତା ଶବର, ସୁମତି ଗମାଙ୍ଗ ପ୍ରମୁଖ ଧାରଣାରେ। ବସିଛନ୍ତି।

# ବାଳିକା ଆଶ୍ରମ ବିଦ୍ୟାଳୟ ପରିସରରେ ଖୋଲିଛି ଦୋକାନ



ଟିକିରି,୨୦।୮(ସମିସ): ରାୟଗଡା ଜିଲ୍ଲା କାଶିପୁର ବ୍ଲକ ଡଙ୍ଗାସିଲ ସରକାରୀ ଉଚ୍ଚ ମାଧ୍ୟମିକ ବାଳିକା ବିଦ୍ୟାଳୟ ପରିସରରେ ଖୋଲିଛି ଭଳିକି ଭଳି ଦୋକାନ। ଏଠାରେ ୯୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ରହୁଥିବା ବେଳେ ପିଲାମାନେ ଦରକାରୀ ଜିନିଷ ପାଇଁ ବାହାର ଦୋକାନକୁ ଚାଲି ଯାଉଥିଲେ। ଛୋଟବଡ଼ ଦୁର୍ଘଟଣା ଘଟୁଥିଲା। ସେଥିପାଇଁ ବହି, ଖାତା,ପେନସିଲ,ବିସ୍କୁଟ,ଚକଲେଟ ଆଦି ବିକ୍ରି କରୁଛନ୍ତି ମହିଳା ମାନେ ବୋଲି ବିଦ୍ୟାଳୟର ପ୍ରଧାନଶିକ୍ଷକ କହିଛନ୍ତି। କିଛି ବର୍ଷ ପୂର୍ବରୁ ଛଟିଆ ନାବାଳିକାକୁ ବିଦ୍ୟାଳୟ ପରିସର ମଧ୍ୟରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଅଶାଳୀନ ବ୍ୟବହାର ଦେଖାଇ ଗିରଫ ଓ ନିଲମ୍ବିତ ହୋଇଥିଲେ। ଏହି ଦୋକାନରେ କିଛି ପୁରୁଷ ମଧ୍ୟ ରହିଥିବାରୁ କିଛି ବି ଅଘଟଣକୁ ଏଡାଇ ହେବନାହିଁ। ସକାଳ ୭ ଟା ରୁ ୯ ଟା ଓ ସନ୍ଧ୍ୟା ୪ଟାରୁ ୭ଟା ପର୍ଯ୍ୟନ୍ତ ଖୋଲା ହେଉଥିବା ଜଣାପଡିଛି। ଗୋଟିଏ ଆବାସିକ ବିଦ୍ୟାଳୟରେ ଛାତ୍ରୀ ମାନଙ୍କ ପାଁଇ ସରକାରଙ୍କ ଦ୍ୱାରା ନିତ୍ୟ ବ୍ୟବହାର ସବୁ ପ୍ରକାର ସାମଗ୍ରୀ ଏବଂ ଠିକ ସମୟରେ ଖାଇବାକୁ ଯୋଗାଇ ଦିଆ ଯାଉଥିବା ବେଳେ ପୁଣି ବିଦ୍ୟାଳୟ ପରିସରରେ ଦୋକାନ ଖୋଲିବା ପାଇଁ ପ୍ରଧାନ ଶିକ୍ଷକଙ୍କୁ କଣ ଆବଶ୍ୟକ ହେଉଛି ବୋଲି ଜନସାଧାରଣରେ ଚର୍ଚ୍ଚା ହେଉଛି।

## ସ୍କୁଲ୍‌ରେ ତାଲା ମାରିଲେ ଗ୍ରାମବାସୀ

# ଶିକ୍ଷୟିତ୍ରୀଙ୍କ ହେଲା ବଦଳି



କୋଷାଗୁମୁଡା,୨୦।୮(ସମିସ): ଶିକ୍ଷୟିତ୍ରୀଙ୍କୁ ବିରୋଧ କରି ବିଦ୍ୟାଳୟରେ ତାଲା ଠୁକିଲେ ଗ୍ରାମବାସୀ। ଗ୍ରାମବାସୀଙ୍କ ଚାପରେ ଆସି ଶିକ୍ଷୟତ୍ରୀଙ୍କ ଅନ୍ୟତ୍ର ବଦଳି ହେଇଥିବା ସୂଚନା ମିଳିଥିବା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଷାଗୁମୁଡା ସଦର ପଂଚାୟତ ଅନ୍ତର୍ଗତ ଡ଼ଙ୍ଗରୀଗୁଡା ଗ୍ରାମ ଠାରେ। ଗ୍ରାମବାସୀଙ୍କ କହିବା ପ୍ରକାରେ ଗ୍ରାମରେ ରହିଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଗୌରୀ ବେହେରା ପିଲାଙ୍କୁ ଠିକ ଭାବେ ପାଠ ପଢାଉ ନଥିବା, ଠିକ୍ ସମୟରେ ବିଦ୍ୟାଳୟରେ ଉପସ୍ଥିତ ରହୁନଥିବାରୁ ତାଙ୍କୁଅନ୍ୟତ୍ର ବଦଳି କରିବାକୁ ଗ୍ରାମବାସୀ ତଥା ରବି ରନ୍ଧାରୀ ,ସଂସାଇ ରନ୍ଧାରୀ ,ସୁନା ଧର ଭାତ୍ରା ,ମଙ୍ଗଳ ସିଂ ସମର୍ ଥ ,ଚନ୍ଦ୍ର ସମରଥ ,ପଦୁ ରନ୍ଧାରୀ ,ଯୋଗେନ୍ଦ୍ର ସମରଥ ,ଲାଇବାନ ସମରଥ ,ଚମ୍ପା ସମରଥ ,କମଳା ସମରଥ ,ଗିରିଜା ଭୋତ୍ରା ,ଗଙ୍ଗାଇ ସମରଥ ,ସମ୍ବାରି ସମରଥ ,ପଦ୍ମା ସମରଥ ,ସୁକଦେଇ ସମ ରଥ ,ପାର୍ବତୀ ସମରଥ ସମୂହ ଅଭିଯୋଗ ଆଣିଥିଲେ। ଆଜି ଡଙ୍ଗରୀଗୁଡା ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ବିଦ୍ୟାଳୟରେ ତାଲା ଠୁକି ଥିବା ଦେଖିବାକୁ ମିଳିଛି। ଆଜି ସକାଳ ୧୦ ଘଣ୍ଟା ସମୟରେ ଗ୍ରାମବାସୀ ବିଦ୍ୟାଳୟ ରେ ପହଞ୍ଚି ବିଦ୍ୟାଳୟର ମୁଖ୍ୟ ଦ୍ୱାରାକୁ ଚାବି ପକାଇ ପିଲାଙ୍କୁ ସାଙ୍ଗରେ ଧରି ବିଦ୍ୟାଳୟ ସାମ୍ନାରେ ପ୍ରଶାସନର ଅପେକ୍ଷାରେ ରହିଥିଲେ । ଖବର ପାଇଁ କୋଷାଗୁମୁଡା ବ୍ଲକର ବିଜେଡି ନେତା ତଥା ପୂର୍ବତନ ସରପଞ୍ଚ ତଥା ସମାଜସେବି ହରିବନ୍ଧୁ ମାଝୀ ଡଙ୍ଗରୀଗୁଡା ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ସଙ୍ଗେ ସଂଗେ ଗ୍ରାମବାସୀଙ୍କ ଦାବିକୁ ସହମତ ହୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରି ଶିକ୍ଷୟତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ଦାବି କରିଥିଲେ। ଆଜି ଜିଲ୍ଲା ଶିକ୍ଷା ଅଧିକାରୀ ଉକ୍ତ ଶିକ୍ଷୟିତ୍ରୀଙ୍କୁ ଚିଠି ସଂଖ୍ୟା ୧୩୬୩/୨୫ନମ୍ବରରେ ବିଇଓ କାର୍ଯ୍ୟାଳୟ ଠାରୁ ଏମ କେରା ଗାଁ ପଞ୍ଚାୟତର ସମରଥ ଗୁଡା ବିଦ୍ୟାଳୟକୁ ବଦଳି କରିଥିବା କୋଷାଗୁମୁଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୈମେନ୍ଦ୍ର ଭୌମିକ ସୂଚନା ଦେଇଛନ୍ତି।

# ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ଗୁରୁତର

ରାୟଗଡ଼ା/କୋଲନରା,୨୦।୮(ସମିସ): ରାୟଗଡ଼ା ଜିଲ୍ଲା ସଦର ବ୍ଲକ ପେଣ୍ଠା ପଞ୍ଚାୟତ ମହକୁମା ସ୍ଥିତ ଶିବ ମନ୍ଦିର ନିକଟରେ ବୋଲେରୋ ଧକ୍କାରେ ମୋଟରସାଇକେଲ ଚାଳକ ଓ ଆରୋହୀ ଆହତ ହୋଇଛନ୍ତି। ବାଇକ ଚାଳକ ସାମାନ୍ୟ ଆହତ ହୋଇଥିଲେ ହେଁ ଆରୋହୀଙ୍କ ଗୋଡ଼ ଉପରେ ବୋଲେରୋ ମାଡ଼ିଯିବାରୁ ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି । ସେ ଗୁରୁତର ଅଛନ୍ତି। ଉଭୟଙ୍କ ଘର ମୁନିଗୁଡା ବ୍ଲକରେ ବୋଲି ଜଣାପଡିଛି। ଗୁରୁତର ଆହତ ଜଣକ ହେଲେ ବି ସନ୍ତୋଷ କୁମାର(୫୦) ଏବଂ ସୁରେଶ କୁଲେଶିକା(୨୨)। ଲୋକେ ବୋଲେରୋକୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବୋଲେରୋ ଫେରାର ହୋଇଯାଇଥିଲା। ଖବରପାଇ ସନ୍ତୋଷଙ୍କ ସମ୍ପର୍କୀୟ ପହଞ୍ଚି ଦୁଇ ଆହତଙ୍କୁ ଆମ୍ବୁଲାନ୍ସ ସାହାଯ୍ୟରେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଆଣି ଭର୍ତ୍ତି କରିଥିଲେ। ଏଠାରେ ପ୍ରାଥମିକ ଚିକିତ୍ସା ପରେ ସନ୍ତୋଷଙ୍କ ପରିବାର ତାଙ୍କୁ ଉଚ୍ଚ ଚିକିତ୍ସା ପାଇଁ ପଡୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟକୁ ନେବେ ବୋଲି ଜଣାପଡିଛି।

# ଜଳବିଭାଜିକା ନିର୍ଦ୍ଦେଶକଙ୍କୁ ସ୍ମାରକପତ୍ର ପ୍ରଦାନ

ଜୟପୁର,୨୦।୮(ସମିସ): କୋରାପୁଟ ଜିଲ୍ଲାର ଜଳବିଭାଜିରା ନିର୍ଦ୍ଦେଶକଙ୍କ କୋରାପୁଟ ଜିଲ୍ଲା ଗସ୍ତ ବେଳେ ଗତକାଲି ରାତିରେ କୋରାପୁଟ ଠାରେ ଜିଲ୍ଲାରେ କାର୍ଯ୍ୟରତ ୱାଟେରସେଡ୍ ଡେଭୋଲପର୍ସ ଟିମ ଏବଂ ଅଫିସ ସହାୟକ (ଡାଟାଏଣ୍ଟ୍ରୀ ଅପରେଟର) ମାନେ ସାକ୍ଷତ କରିବା ସହ ୪୦ ଜଣଙ୍କୁ ଚାକିରିରୁ ନିବୃତ୍ତ କରିବା ନେଇ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ଦିଆଯାଇଥିବା ନୋଟିସକୁ ନେଇ ଲିଖିତ ଅଭିଯୋଗ କରିଥିଲେ। ଏହିପରି କୋରାପୁଟ ଜିଲ୍ଲାରେ ୧୦ଟି ନୂତନ ପ୍ରକଳ୍ପ ପାଇଁ କାଗଜପତ୍ର ସହ ସମସ୍ତ ପ୍ରସ୍ତାବ ରିପୋର୍ଟ ପ୍ରସ୍ତୁତ କରାଯାଇଥିଲେ ସୁଦ୍ଧା ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ମାତ୍ର ୩ଟି ପ୍ରସ୍ତାବ ନେଇ ସରକାରଙ୍କୁ ପ୍ରେରଣ କରିଥିବା ନେଇ ମଧ୍ୟ ଅଭିଯୋଗ କରିଥିଲେ। ସମସ୍ତ ଅଭିଯୋଗ ଶୁଣିବା ପରେ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଏଥିନେଇ ସେ ରାଜ୍ୟ ସରକାରଙ୍କ ଯୋଜନା ଏବଂ ନିୟମ ଅନୁଯାୟୀ ତଦାରଖ କରିବେ ସେହିପରି ଚାକିରିରୁ ୩ ମାସ ପୂର୍ବରୁ ନିବୃତ ନେଇ ନୋଟିସର ସମୀକ୍ଷା କରିବା ପରେ ଆଇନ ଓ ସରକାରୀ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ। ସୂଚନାଯୋଗ୍ୟ, କୋରାପୁଟ ଜିଲ୍ଲାରେ ଜଳବିଭାଜିକା କାର୍ଯ୍ୟରେ ପ୍ରକଳ୍ପ କାର୍ଯ୍ୟକାରୀ ପାଇଁ ସରକାରଙ୍କ ନିକଟକୁ ମାତ୍ର ୩ ପ୍ରକଳ୍ପ ପାଇଁ ଜିଲ୍ଲା ଜଳବିଭାଜିକା ତଥା ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟରେ ସମୁଦାୟ ୩୦ଟି ଜିଲ୍ଲାରୁ ୨୫ଟି ଜିଲ୍ଲାରେ ଜଳବିଭାଜିକା ଯୋଜନାରେ ପ୍ରକଳ୍ପ ଗୁଡିକ କାର୍ଯ୍ୟକାରୀ ହେଉଛି। ଏହିପରି ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ବର୍ତ୍ତମାନେ ଜିଲ୍ଲାରେ ଆଗାମୀ ଦିନରେ ବିଭିନ୍ନ ଯୋଜନାରେ କାର୍ଯ୍ୟକାରୀ ହେବାକୁ ଥିବା ଉନ୍ନତୀମୂଳକ ଏବଂ ଲୋକଙ୍କ ଉପଯୋଗୀଙ୍କ ପାଇଁ କାର୍ଯ୍ୟ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଡବ୍ଲୁଡିଟିଏସ ଏବଂ ଅଫିସ ସହାୟକ ଡାଟାଏଣ୍ଟ୍ରୀ ଅପରେଟର ଭାବେ କାର୍ଯ୍ୟରତ ସମୁଦାୟ ୪୦ ଜଣଙ୍କୁ ଆସନ୍ତା ଡିସେମ୍ବର ମାସ ଠାରୁ କାର୍ଯ୍ୟରୁ ନିବୃତ ନେଇ ଗତ ୬ ତାରିଖରରେ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପକ୍ଷରୁ ପତ୍ର ମାଧ୍ୟମରେ ଆଗୁଆ ସୂଚନା ଦିଆଯାଇଛି। ଏହିପରି ଗତ ୨୦୦୦ ମସିହା ଠାରୁ ଦୀର୍ଘ ୧୫ରୁ ୨୫ ବର୍ଷ ଧରି କାର୍ଯ୍ୟରତ ଥିବା କର୍ମଚାରୀ ମାନଙ୍କୁ ଜିଲ୍ଲାରେ ଆଗାମୀ ପ୍ରକଳ୍ପ ନ ଥିବା ନେଇ ଚାକିରିରୁ ନିବୃତ କରିବା ଦ୍ୱାରା ସେମାନଙ୍କ ପରିବାର ଭରଣପୋଷଣ ଏବଂ ଜୀବନ ଜୀବିକା ଉପରେ ବାଧା ସୃଷ୍ଟି କରାଯାଇଛି ବୋଲି ଭୟଭୀତ କର୍ମଚାରୀ ମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଏହିପରି ଜିଲ୍ଲାରେ ଏନଆରଇଜିଏସ ସହାୟକ ଭାବେ କାର୍ଯ୍ୟରତ ୨୩ଜଣ କର୍ମଚାରୀଙ୍କୁ ଗତ ୮ ମାସ ପୂର୍ବେ ଚାକିରୁ ନିବୃତ କରାଯାଇଥିଲା। କିନ୍ତୁ ପୁଣି ଅଧିକାରୀଙ୍କ ନିକଟତମ ଲୋକ ଭାବେ ୬ଜଣଙ୍କୁ ଚାକିରି ପ୍ରଦାନ କରାଯାଇଛି ବୋଲି କର୍ମଚାରୀ ମାନେ ଅଭିଯୋଗ କରିଥିଲେ।

# ଚୋରି ମାମଲାରେ ୪ ଗିରଫ

କୋରାପୁଟ,୨୦।୮(ସମିସ): କୋରାପୁଟ ସଦର ଥାନା ଅନ୍ତର୍ଗତ କଫି ବୋର୍ଡ ସାମ୍ନାରେ ଥିବା ଏକ ଘରୁ ଗ୍ରୀଲ୍ ଏବଂ ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ଚୋରି ହୋଇଥିବା ଘଟଣାରେ ସଦର ପୁଲିସ ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସଦର ପୁଲିସ କେସ ନମ୍ବର ୧୧୩, ଧାରା ୩୩୧(୪)/୩୦୫ ବି.ଏନ. ଏସ. ରେ ମାମଲା ରୁଜୁ କରି ଘଟଣାର ଉତ୍ପଳ ଆଫିର ଉଜେ(୨୭),ଅର୍ଜୁନ କିର୍ସାନି (୨୭), ମୁକେଶ ବିଶ୍ୱାସ (୨୫) ଓ ଗୋବିନ୍ଦ ଜାନି(୩୯)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସଦର ଥାନା ଆଇଆଇସି ରୁନୁ ମାଝୀ କହିଛନ୍ତି। ସୂଚନାଯୋଗ୍ୟ, ସଦର ଥାନା ଅନ୍ତର୍ଗତ କଫି ବୋର୍ଡ ସାମ୍ନାରେ ରହୁଥିବା ଗଣେଶ ଚନ୍ଦ୍ର ବେହେରା ଗତ ଜୁନ ମାସ ୧ ତାରିଖ ଦିନ ସପରିବାର ଗାଁ କୁ ଯାଇଥିଲେ। ଘର ବନ୍ଦ ଥିବାର ସୁଯୋଗ ନେଇ ଜୁନ୍ ମାସ ୫ ତାରିଖ ଦିନ ଗ୍ରୀଲ୍ ଏବଂ ମୁଖ୍ୟ ଦ୍ୱାରର ତାଲା ଭାଙ୍ଗି ଘରେ ପଶି ୨୦ ହଜାର ଟଙ୍କା ନଗଦ, ପ୍ରାୟ ୧୫ ଗ୍ରାମ ଓଜନର ଦୁଇଟି ସୁନା ଚେନ୍, ପ୍ରାୟ ୮ ଗ୍ରାମ ଓଜନର ଚାରୋଟି ମୁଦି ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଏବଂ ଅପରାଧୀମାନେ ୪ଟି ଆଲମିରାର ତାଲା ମଧ୍ୟ ଭାଙ୍ଗି ଦେଇଥିବା ୬ ତାରିଖ



ଦିନ ଶ୍ରୀ ବେହେରାଙ୍କ ପଡୋଶୀ ପ୍ରମିଳା କୁମାରୀ ବେହେରା ସଦର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ କରି ଏସଆଇ ଫକିର ମୋହନ ଖରା ୪ ଜଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ସେମାନଙ୍କୁ ଠାରୁ ଗୋଟିଏ ସୁନା ଚେନ୍, ଗୋଟିଏ ସୁନା ମୁଦି, ୩,୫୦୦ ଟଙ୍କା ଏବଂ ଗୋଟିଏ ମୋଟରସାଇକେଲ ଜବତ କରାଯାଇଥିବା ଆଇଆଇସି ଶ୍ରୀମତୀ ମାଝୀ କହିଛନ୍ତି। ପୂର୍ବରୁ ପୋଡାଗଡା ବଜାର ଅଞ୍ଚଳର ଦୁଇଟି ଚୋରି ମାମଲାରେ ଉତ୍ପଳ ଆଫିର ଉଜେ ଏବଂ ଅର୍ଜୁନ କିର୍ସାନି ସମ୍ପୃକ୍ତ ଥିବା ସେ କହିଛନ୍ତି।

# ପତ୍ନୀ ସହ କଳହ, ଯୁବକଙ୍କ ଆତ୍ମହତ୍ୟା

ବନ୍ଧୁଗାଁ,୨୦।୮(ସମିସ): କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କୁଟ୍ରାବେଡା ପଞ୍ଚାୟତ ଗୁଲୁମିଗୁଡା ଗ୍ରାମର ଜଣେ ଯୁବକ ନିଜ ଘରେ ପ୍ଲାଷ୍ଟିକ ଦୌଡ଼ି ଦେଇ ଆତ୍ମହତ୍ୟା କରିଛନ୍ତି। ମୃତକ ଜଣକ ହେଲେ ଦାନୁ ମେଲେକା (୨୦)। ପୁଲିସ ଗାଁ ରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ସହିତ ଅଧିକ ତଦନ୍ତ ଆରମ୍ଭ କରିଛି। ସୁଚନା ଅନୁଯାୟୀ ମୃତ ଯୁବକ ଜଣକ ବାହର ରାଜ୍ୟକୁ ଦାଦନ ଖଟିବାକୁ ଯାଇ କିଛି ଟଙ୍କା ରୋଜଗାର କରି ଘରକୁ ଫେରି ଆସିଥିଲେ। ସେହି ଦିନରୁ ମଦ ପିଇ ସ୍ୱାମୀ ସ୍ତ୍ରୀ ପରସ୍ପର ପାଟିତୁଣ୍ଡ ହୋଇ ଗଣ୍ଡଗୋଳ ହେଉଥିଲେ। ସବୁ ବେଳେ ସ୍ତ୍ରୀ ସହିତ ଝଗଡ଼ା ହେଉଥିବା ବେଳେ ଆତ୍ମହତ୍ୟା କରି ଦେବି ବୋଲି ସେ କହି ଆସୁଥିଲେ। ଗତ କାଲି ସ୍ୱାମୀ ମଦ ପିଇ ସ୍ତ୍ରୀ ସହିତ ଝଗଡ଼ା ହେବାରୁ ସ୍ତ୍ରୀ ରାମୀ ମେଲେକା ପଡିଶା ଘରେ ଯାଇ ରାତ୍ରରେ ଶୋଇ ଥିଲେ। ସ୍ୱାମୀ ନିଜ ଘରେ ଶୋଇ ଥିଲେ। ସକାଳେ ସ୍ତ୍ରୀ ନିଜ ଘରକୁ ଫେରି କବାଟ ଖୋଲିବା ପରେ ସ୍ୱାମୀ ଆତ୍ମହତ୍ୟା କରିଥିବା ଦେଖି ଗାଁ ଲୋକେଙ୍କୁ ଜଣାଇ ଥିଲେ। ସ୍ତ୍ରୀର ଲିଖିତ ଅଭିଯୋଗ ପାଇବା ପରେ ଏସଆଇ ବିଜୟ ମୁର୍ମୁ, ନୀତିଶ ନାଇକ ଓ ଏଏସ ଆଇ ଅନିଲ ନାୟକ ଘଟଣା ସ୍ଥଳରେ ପହଞ୍ଚି ଶବ ବ୍ୟବଚ୍ଛେଦ ପାଇଁ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଛନ୍ତି। ଆସନ୍ତା କାଲି ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ।

# ଭୀମଭୋଇ ସାମର୍ଥ୍ୟ ଶିବିର

ଗୁଣପୁର, ୨୦।୮(ସମିସ): ଗୁଣପୁର ବ୍ଲକ ପରିସରରେ ସ୍ୱତନ୍ତ୍ର ଭୀମଭୋଇ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଗୁଣପୁର ବ୍ଲକର ୧୯ଟି ପଞ୍ଚାୟତରୁ ଆସିଥିବା ୩୦୦ରୁ ଅଧିକ ଦିବ୍ୟାଙ୍ଗଙ୍କୁ ଡାକ୍ତରମାନେ ପରୀକ୍ଷା କରିଥିଲେ। ୧୬୮ଜଣ ଅସ୍ଥିଶଲ୍ୟ ବା ହାତ, ଗୋଡ଼ ବାଧିତ, ୪୧ଜଣ ମାନସିକ ଅନଗ୍ରସର, ୪୬ଜଣ ଦୃଷ୍ଟି ବାଧିତଙ୍କୁ ପରୀକ୍ଷା କରିବା ସହ ସେମାନଙ୍କୁ ପ୍ରମାଣପତ୍ର ପଦାନ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସେମାନଙ୍କ ନାମ ସୁପାରିଶ କରାଯାଇଥିବା ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସ୍ମୃତିପ୍ରଭା ପାତ୍ର ସୂଚନା ଦେଇଛନ୍ତି। ୪ଜଣଙ୍କୁ କାନ, ଆଶାବାଡି ଆଦି ସହାୟତା ଉପକରଣ ପ୍ରଦାନ କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର ଉଦ୍‌ଘାଟନ କରିଥିବା ବେଳେ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ସହାୟକ ଆଶୁତୋଷ ହୋତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ମାଦକ ଦ୍ରବ୍ୟ ଚୋରା ଚାଲାଣ ରୋକିବା ଉପରେ ଜିଲ୍ଲାସ୍ତରୀୟ ବୈଠକ

ରାୟଗଡ଼ା,୨୦।୮(ସମିସ): ରାୟଗଡ଼ା ଜିଲ୍ଲାରେ ବ୍ୟାପକ ମାଦକ ଦ୍ରବ୍ୟ ଧରପଗଡ଼ ଓ ଚୋରା ଚାଲାଣ ହେଉଥିବାରୁ ଏହାକୁ ରୋକିବା ନିମନ୍ତେ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଆଜି ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଏହା ସଂଯୁକ୍ତ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସୁଶ୍ରୀ ସ୍ୱାତୀ ଏସ କୁମାର ଓ ବନଖଣ୍ଡ ଅଧିକାରୀ ଆନ୍ନାସାହେବ ଓହଲେ, ଉପଜିଲ୍ଲାପାଳ ଗୁଣୁପୁର ଦୁଧାଲ ଅଭିଶେଖ ଦିଲ୍ଲୀପ ଉପସ୍ଥିତରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା କ୍ଷ ବିଶେଷ କରି ଜିଲ୍ଲାରେ ମାଦକ ନିଶା ଦ୍ରବ୍ୟ ଗଞ୍ଜେଇ ଅବାଧ ଚାଷକୁ ରୋକିବା, ନିଶା ଦ୍ରବ୍ୟ ଅବାଧ କାରବାର ଓ ଚୋରା ଚାଲାଣ ସମ୍ପର୍କରେ ଗୁପ୍ତ ତଥ୍ୟ ପ୍ରଦାନ,ବିଦ୍ୟାଳୟ, ମହାବିଦ୍ୟାଳୟ ମାନଙ୍କ ଠାରେ ନିବାରଣ ଉପରେ ସଚେତନତାକୁ ପ୍ରୋତ୍ସାହନ କରିବା, ମାଦକ ଦ୍ରବ୍ୟ କାରବାର ବହୁଳ ଅଂଚଳ ମାନଙ୍କରେ ନିଶା ଦ୍ରବ୍ୟ କ୍ଷତିକାରକ ବିଷୟରେ ଜନ ସଚେତନତା ସୃଷ୍ଟି କରିବା ଭଳି ଉନ୍ନୟନ କାର୍ଯ୍ୟକ୍ରମ ଗୁଡିକ କାର୍ଯ୍ୟକାରୀ କରିବା ବିଷୟରେ ଆଲୋଚନା ହୋଇଥିଲା। ବିଶେଷ କରି ଓଡିଶା ଜୀବିକା ସରକାରଙ୍କ ତରଫରୁ କାର୍ଯ୍ୟକ୍ରମ ଜରିଆରେ ଏହି ଅଂଚଳର ଲୋକମାନଙ୍କୁ କର୍ମସଂସ୍ଥାନ ଯୋଗାଇବା ଉପରେ ଆଲୋଚନା କରାଯାଇଥିଲା କ୍ଷ ଗଞ୍ଜେଇ ଚାଷ ବଦଳରେ ସେହି ଅଂଚଳର ଲୋକଙ୍କୁ ଫଳ, ମକା ଓ ଅନ୍ୟ ଅର୍ଥକାରୀ ଫସଲ ଚାଷ ପାଇଁ କୃଷି ବିଭାଗ, ଉଦ୍ୟାନ ବିଭାଗ ତରଫରୁ ମଞ୍ଜି ଯୋଗାଇବା ଉପରେ ଜିଲ୍ଲାପାଳ ଶ୍ରୀ କୁଲକର୍ଣ୍ଣି ଗୁରୁତ୍ୱ ଦେଇଥିଲେ କ୍ଷ"ଅବକାରୀ ବିଭାଗକୁ ସକ୍ରିୟ ରହି ନିଶାଦ୍ରବ୍ୟ କାରବାର ରୋକିବା ନିମନ୍ତେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ କ୍ଷ ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମମତା ସାହୁ, ଜିଲ୍ଲା କୃଷି ଅଧିକାରୀଙ୍କ ପ୍ରତିନିଧି, ଉପ ନିର୍ଦ୍ଦେଶକ ଉଦ୍ୟାନ ବିଭାଗ ଦୟାନିଧି ରାଉତ, ଜିଲ୍ଲା ଦକ୍ଷତା ଓ କର୍ମ ନିଯୋଜନ ଅଧିକାରୀ ସୁଶ୍ରୀ ସ୍ୱର୍ଣ୍ଣଲତା ରାଉତ, ଓ ଅନ୍ୟାନ୍ୟ ଅଧିକାରୀ ମାନେ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ନିଟ୍‌ରେ ସଫଳ ଧବଳେଶ୍ୱରଙ୍କୁ ଜିଲ୍ଲାପାଳଙ୍କ ସମ୍ବର୍ଦ୍ଧନା

# 'ଡାକ୍ତରୀ ପାଠପଢା ପାଇଁ ଦାଦନ ଖଟିବାକୁ ଯାଇଥିଲେ'



ତେନ୍ତୁଲିଖୁଣ୍ଟି,୨୦।୮(ସମିସ): ନିଟ୍ ପରୀକ୍ଷାରେ ସଫଳତା ହାସଲ କରିଥିବା ତେନ୍ତୁଲିଖୁଣ୍ଟି ଗ୍ରାମର ଧବଳେଶ୍ୱର ପୂଜାରୀ(ସିପୁନ)ଙ୍କୁ ନବରଙ୍ଗପୁର ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁ ନବରଙ୍ଗପୁର ସ୍ଥିତ ନିଜ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧନା ଜ୍ଞାପନ କରିଛନ୍ତି। ଡାକ୍ତରୀ ପାଠପଢା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସରକାରୀ ସହାୟତା ପ୍ରଦାନ କରିଛନ୍ତି। ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଧବଳେଶ୍ୱରଙ୍କ ଡାକ୍ତରୀ ପାଠପଢା ଆଡ଼ମିସନ ପାଇଁ ୪୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରି ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଏହି ସମୟରେ ତେନ୍ତୁଲିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ, ପିଏ ଆଇଟିଡିଏ ରାଜୀବ ଲୋଚନ ସାହୁ, ଡିଡବ୍ଲୁଓ ପଲକା ରବୀନ୍ଦ୍ର ନାଥ ଉପସ୍ଥିତ ଥିଲେ। ଅନ୍ୟପଟେ ଧବଳେଶ୍ୱରଙ୍କ ଡାକ୍ତରୀ ପାଠପଢା ଖର୍ଚ୍ଚ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସରକାର ବହନ କରିବେ ବୋଲି ତେନ୍ତୁଲିଖୁଣ୍ଟି ବିଡିଓ ମନୋଜ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସେହିପରି ତେନ୍ତୁଲିଖୁଣ୍ଟି ବିଡିଓ ଶ୍ରୀ ପାଣିଗ୍ରାହୀ,ପିଏ ଆଇଟିଡିଏ ଶ୍ରୀ ସାହୁ ଓ ଡିଡବ୍ଲୁଓ ଶ୍ରୀ ପାଲକା ଧବଳେଶ୍ୱରଙ୍କୁ ୧୦ ହଜାର ଟଙ୍କା ର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଧବଳେଶ୍ୱର ନିହାତି ଗରିବ ପରିବାରରେ ଜନ୍ମ ନେଇଥିଲେ ହେଁ ପିଲାଟି ଦିନରୁ ପାଠପଢା ପ୍ରତି ଭାରି ରୁଚି ରହିଥିଲା। ଯେତେବେଳେ ଧବଳେଶ୍ୱରଙ୍କୁ ୩ ବର୍ଷ ହୋଇଥିଲା, ମା' ପୁଅକୁ ଛାଡି ବାପା କେଉଁଆଡେ ଚାଲିଗଲେ। ମା କାଞ୍ଚନ କୁଲି ମଜୁରୀ କରି ପୁଅକୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼େଇଥିଲେ। ଧବଳେଶ୍ୱର ମାଟ୍ରିକରେ ୮୦ ପ୍ରତିଶତ ଏବଂ ଯୁକ୍ତ ୨ ବିଜ୍ଞାନ ରେ ୮୮ ପ୍ରତିଶତ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିଲେ। ଏହାପରେ ଧବଳେଶ୍ୱର ଦାଦନ ଖଟିବାକୁ ଯାଇଥିଲେ। ସେହି ରୋଜଗାର ଟଙ୍କାରେ ବୁକ୍ସ ଓ ସ୍ମାର୍ଟ ଫୋନ କିଣି ୟୁଟ୍ୟୁବରୁ ପାଠ ପଢି ତୃତୀୟ ପ୍ରୟାସ୍‌ରେ ନିଟ୍ ପରୀକ୍ଷାରେ ଉତୀର୍ଣ୍ଣ ହୋଇଛନ୍ତି। ଦୃଢ ଇଚ୍ଛାଶକ୍ତି ଆଗରେ ଧବଳେଶ୍ୱରଙ୍କ ଗରିବୀ ଫେଲ୍ ମାରିଛି। ତାଙ୍କର ଏହି ସଫଳତା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛା ସୁଅ ଛୁଟୁଛି। ପ୍ରଥମେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝି ଧବଳେଶ୍ୱରଙ୍କ ଏକାଉଣ୍ଟକୁ ୪୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏହାପରେ ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ, ସହୃଦୟ ବ୍ୟକ୍ତି, ସମାଜସେବୀ ଧବଳେଶ୍ୱରଙ୍କୁ ଶୁଭେଚ୍ଛା ଜଣାଇ ଡାକ୍ତରୀ ପାଠପଢା ପାଇଁ ସାହାଯ୍ୟ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି।

# ଦକ୍ଷତା ବିକାଶ ନିର୍ଦ୍ଦେଶକଙ୍କ ନବରଙ୍ଗପୁର ଜିଲ୍ଲା ଗସ୍ତ




ନବରଙ୍ଗପୁର,୨୦।୮(ସମିସ): ନବରଙ୍ଗପୁର ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ନିଯୋଜନ ନିର୍ଦ୍ଦେଶକ ତଥା ଓଏସଡି ଏସି ଇଓ, ଜିଲ୍ଲା ପାଇଁ ନିଯୁକ୍ତ ନୋଡାଲ ଅଧିକାରୀ ରଶ୍ମିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ( ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନ , ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲା ନୋଡାଲ ଅଧିକାରୀ ଶ୍ରୀମତୀ ପଣ୍ଡା ବିଭିନ୍ନ ବିଭାଗୀୟ ଯୋଜନାର ସମୀକ୍ଷା କରିଥିଲେ। ସମୀକ୍ଷାରେ ନବରଙ୍ଗପୁର ମହାବିଦ୍ୟାଳୟ ଓ ମଡେଲ ଡିଗ୍ରୀ କଲେଜର କର୍ତ୍ତୃପକ୍ଷଙ୍କୁ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଜୀବିକା ପରାମର୍ଶ ଓ ନିଯୁକ୍ତି ଅବସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟ ବିଭାଗର ଆୟୁଷ୍ମାନ ଭାରତ ଏବଂ ବୟୋ ବନ୍ଦନା କାର୍ଡ ବିତରଣ, ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗର ମେଗା ପାନୀୟ ଜଳ ଯୋଜନାରେ ଗାଁ ଅନ୍ତର୍ଭୁକ୍ତ, ପ୍ରତ୍ୟେକ ଘରକୁ ପିଇବା ପାଣି ଏବଂ ହର ଘର ଜଳ, ଶିକ୍ଷା ବିଭାଗ ଛାତ୍ର ଛାତ୍ରୀଙ୍କ ପାଠ ସହ ଜୀବିକା ପରାମର୍ଶ, ମେଟ୍ରିକ୍ ପାସ୍ ହାର, ପିଏମ୍ ଶ୍ରୀ ବିଦ୍ୟାଳୟ, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ନୂତନ ଭାବେ ଗଣ୍ଡି ଓ ଭତରା ଭାଷାରେ ପ୍ରାରମ୍ଭିକ ସ୍ତରରେ ଶିକ୍ଷା ପ୍ରଣାଳୀ ପ୍ରକଳ୍ପକୁ ଭିଡିଓ ମାଧ୍ୟମରେ ପ୍ରଦର୍ଶନ ଉପରେ ପଚାରି ବୁଝିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ନବରଙ୍ଗପୁର ଜିଲ୍ଲାର ଭାମିନି ଠାରେ ଥିବା ମକା ପ୍ରସେସିଂ ୟୁନିଟ କାର୍ଯ୍ୟକ୍ଷମ ନେଇ ପଚାରି ବୁଝିଥିଲେ। ଉଦ୍ୟାନ କୃଷି ବିଭାଗର ଷ୍ଟବେରି ଚାଷ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗୀଙ୍କ ସଫଳତା ଉପରେ ପଚାରି ବୁଝିଥିଲେ। ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ କିଭଳି ଗୋପାଳନ, ଘାସ ଚାଷ କିଭଳି ବୃଦ୍ଧି କରିବେ ସେ ନେଇ ଓ ଅଧିକ ପରିମାଣ ରେ ଗୋପାଳନ ପୂର୍ବକ ଚାଷୀର ଆର୍ଥିକ ଅଭିବୃଦ୍ଧି ଉପରେ ପରାମର୍ଶ ଦେଇଥିଲେ।

# କୋର୍ ଜଙ୍ଗଲରେ ସୁରକ୍ଷିତ ବିଚରଣ କରୁଛି 'ଜିନତ'



ବାରିପଦା, ୨୦।୮ (ସମିସ): ମହାରାଷ୍ଟ୍ରରୁ ଶିମିଳିପାଳ ଅଭୟାରଣ୍ୟକୁ ଆସିଥିବା ବାଘୁଣୀ 'ଜିନତ' ସୁରକ୍ଷିତ ଭାବେ କୋର ଜଙ୍ଗଲ ଅଞ୍ଚଳରେ ବିଚରଣ କରୁଛି। ଏ ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କର୍ତ୍ତୃପକ୍ଷ ଫଟୋ ସମେତ ତଥ୍ୟ ପ୍ରଦାନ କରିଛନ୍ତି। ଶିମିଳିପାଳ ଅଭୟାରଣ୍ୟରେ ବାଘ ବଂଶବୃଦ୍ଧି କରିବା ଲକ୍ଷ୍ୟ ନେଇ ମହାରାଷ୍ଟ୍ରର ଚନ୍ଦ୍ରଗିରି ଜିଲ୍ଲାର ତଡ଼ବା-ଅନ୍ଧାରୀ ଜାତୀୟ ବ୍ୟାଘ୍ର ଅଭୟାରଣ୍ୟରୁ ଶିମିଳିପାଳକୁ ଦ୍ୱିତୀୟ ମହାବଳ ବାଘୁଣୀ ଜିନତ ଆସିଥିଲା। ଜିନତ (ଟି୧୬୩ ଏସ୧ଏଫ)ର ବୟସ ୩ ବର୍ଷରୁ ଉର୍ଦ୍ଧ୍ୱ ହେବ। ମହାରାଷ୍ଟ୍ରରୁ ଗତ ନଭେମ୍ବର ୧୪ ତାରିଖରେ ଶିମିଳିପାଳକୁ ଆସିଥିବା ବେଳେ ନଭେମ୍ବର ୧୫ ସକାଳେ ଚହଲା ନିକଟ ଏକ ସଫ୍ଟ ଏନକ୍ଲୋଜର ମଧ୍ୟରେ ଜିନତକୁ ଛଡାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ସେ ଝାଡଖଣ୍ଡ ଓ ପଶ୍ଚିମବଙ୍ଗ ଜଙ୍ଗଲକୁ ପଳାଇଥିବା ବେଳେ ବହୁ କଷ୍ଟରେ ଫେରାଇ ଆଣି ଯମୁନାର ସଫ୍ଟ ଏନକ୍ଲୋଜରେ ଛଡାଯାଇଥିଲା। ତାର ପରିସୀମା ପୂର୍ବ ଅପେକ୍ଷା ବୃଦ୍ଧିକରାଯାଇଥିଲା। ସଫ୍ଟ ଏନକ୍ଲୋଜର ମଧ୍ୟରେ ବାଘୁଣୀ ଶିକାର କରି ସ୍ୱାଭାବିକ ହେବା ପରେ ଜଙ୍ଗଲରେ ଛଡାଯାଇଥିଲା। ତେବେ ଟ୍ରାପ ଚିପ ଲଗାଇ ଗତିବିଧି ଅନୁଧ୍ୟାନ କରାଯାଉଥିବା ବେଳେ ବର୍ତ୍ତମାନ ଅଭୟାରଣ୍ୟର କୋର ଜଙ୍ଗଲରେ ବାଘୁଣୀ ଜିନତ ବିଚରଣ କରୁଛି। ବନ ବିଭାଗ ଟିମ୍ ତାର ଗତିବିଧି ନେଇ ୨୪ ଘଣ୍ଟିଆ ଅନୁଧ୍ୟାନ କରୁଛନ୍ତି। ଜିନତ ବର୍ତ୍ତମାନ ଗର୍ଭବତୀ ଥିବା ବେଳେ ତାହାର ପ୍ରତିଟି ଗତିବିଧି ସାଟେଲାଇଟ ଜରିଆରେ ନିୟମିତ ଭାବେ ନିରୀକ୍ଷଣ କରୁଛନ୍ତି ଟିମ୍। ଶିମିଳିପାଳର ସୀମା ମଧ୍ୟରେ ହିଁ ଚଳପ୍ରଚଳ କରିବା ସହ ଜଙ୍ଗଲୀ ଜନ୍ତୁ ସମ୍ବର, ବାରାହା, ହରିଣ ଆଦି ଶିକାର କରୁଛି। ବର୍ତ୍ତମାନ ତାହାର ଶରୀର ସୁସ୍ଥ ରହିଛି। ଗର୍ଭବତୀ ଥିବାରୁ ସ୍ଥିତି ଦେଖି ଆଗାମୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି। ଶିମିଳିପାଳ ସୁରକ୍ଷା ନିମନ୍ତେ କୋର ଅଞ୍ଚଳରେ ଖଞ୍ଜା ଯାଇଥିବା ଟ୍ରାପ କ୍ୟାମେରାରେ ଜିନତ ବିଚରଣ ସମୟର ଫଟୋ କଏଦ ହୋଇଥିଲା। ଯାହାକୁ କର୍ତ୍ତୃପକ୍ଷ ସେୟାର କରିଛନ୍ତି। ଅନ୍ୟପଟେ ମହାରାଷ୍ଟ୍ରରୁ ଆସିଥିବା ପ୍ରଥମ ବାଘୁଣୀ ଯମୁନା ଶିମିଳିପାଳ ଜଙ୍ଗଲରେ ବିଚରଣ କରୁଥିବା ବେଳେ ତାହାର ଗତିବିଧି ଉପରେ ମଧ୍ୟ ବନ ବିଭାଗର ଟିମ ଅନୁଧ୍ୟାନ ଜାରି ରଖିଛନ୍ତି।

# ଭିନ୍ନକ୍ଷମ ସଂଘର ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

କପ୍ତିପଦା, ୨୦।୮ (ସମିସ): କପ୍ତିପଦା ଭିନ୍ନକ୍ଷମ ମଞ୍ଚ ପକ୍ଷରୁ ୮ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କୁ ବିଡ଼ିଓଙ୍କ ଜରିଆରେ ପ୍ରଦାନ କରାଯାଇଛି। କପ୍ତିପଦାର ଭିନ୍ନକ୍ଷମମାନେ ବାରମ୍ବାର ସରକାରୀ ସହାୟତାରେ ବଞ୍ଚିତ ହେଉଥିବା ବେଳେ ପ୍ରଶାସନିକ ଅଧିକାରୀ ସହଯୋଗ କରୁନାହାନ୍ତି। ଦାବି ଗୁଡିକ ହେଲା ଶତପ୍ରତିଶତ ଓ ବାର୍ଦ୍ଧକ୍ୟ ଜନିତ ଭିନ୍ନକ୍ଷମଙ୍କ ଆଧାର କାର୍ଡ ନ ଥିବାରୁ ସରକାରଙ୍କ ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ହେଉଛନ୍ତି। ତେଣୁ ସେମାନଙ୍କୁ ଭୋଟର କାର୍ଡ ଯୋଗେ ଭତ୍ତା ପ୍ରଦାନ, କପ୍ତିପଦା ଅଞ୍ଚଳରେ ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ୩୫୦୦ଟଙ୍କା ଭତ୍ତା ପ୍ରଦାନ, ଭିନ୍ନକ୍ଷମଙ୍କୁ ଚିହ୍ନଟ କରାଯାଇ ବାସଗୃହ ଯୋଗାଇ ଦେବା ସହିତ ବସପାସକୁ କଡାକଡି କାର୍ଯ୍ୟକାରୀ କରିବା ଏବଂ ଜମିପଟ୍ଟା ପ୍ରଦାନ କରାଯିବା ଭଳି ୮ଟି ଦାବି ରହିଛି।

# ଦମ୍ପତିଙ୍କଠାରୁ ମୋବାଇଲ ଲୁଟ୍

ବାରିପଦା, ୨୦।୮ (ସମିସ): ବାରିପଦା ସହରରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ଗତକାଲି ରାତିରେ ଏକ ଦମ୍ପତିଙ୍କଠାରୁ ଦୁର୍ବୃତ୍ତମାନେ ଛିନତାଇ କରିଛନ୍ତି। ବାଉରା ଗ୍ରାମର ମଇନା ଟୁଡୁ ଓ ତାଙ୍କ ସ୍ୱାମୀ ନବଘନ ଟୁଡୁ ବାରିପଦା ସହରକୁ ଆସୁଥିବା ବେଳେ ରଘୁନାଥପୁର ଅଞ୍ଚଳର ମଇଳା ଖାଦାନ ନିକଟରେ ଦୁର୍ବୃତ୍ତମାନେ ଛିନତାଇ କରିଥିଲେ। ରାତି ପ୍ରାୟ ସାଢେ ୧୦ଟାବେଳେ ୩ଜଣ ଯୁବକ ଏକ ବାଇକରେ ଆସି ଦମ୍ପତିଙ୍କୁ ଅଟକାଇଥିଲେ। ଦୁର୍ବୃତ୍ତମାନେ ମୋବାଇଲ ଛଡାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଏନେଇ ସେ ଭଞ୍ଜପୁର ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ତଦନ୍ତ ଚଳାଇଛି।

## ହାଇକୋର୍ଟଙ୍କ ଆଦେଶକୁ ପୁଲିସ ଓ ଗ୍ରାମବାସୀଙ୍କ ଅବମାନନା

# ନ୍ୟାୟ ଓ ସୁରକ୍ଷାରୁ ବାସନ୍ଦ ପରିବାର ବଞ୍ଚିତ

ବାରିପଦା, ୨୦।୮ (ସମିସ)

ଆଦିବାସୀ ସ୍ୱଶାସନ ବ୍ୟବସ୍ଥାର ପ୍ରମୁଖ ମାଝୀ-ପାର୍ଗାନାଙ୍କ ନେତୃତ୍ୱରେ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଦରକଣ୍ଟିଆ ଗ୍ରାମରେ ସାମାଜିକ ବାସନ୍ଦ କରାଯାଇଥିବା ପରିବାର ସହ ଆଦିବାସୀ ସେଙ୍ଗେଲ ଅଭିଯାନ ଏବଂ ଅଲ୍ ଇଣ୍ଡିଆ ମାଝୀ-ପାର୍ଗାନା ମାଡୱା ଓଡ଼ିଶା ପ୍ରଦେଶ କମିଟି ପକ୍ଷରୁ ନ୍ୟାୟ ପାଇଁ ମୟୂରଭଞ୍ଜ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ବାସନ୍ଦ ପରିବାର ସୁନ୍ଦର ମୋହନ ମାଝୀ ଏ ନେଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟଙ୍କ ଆଦେଶ ଅନୁଯାଇ ଗତ ମାର୍ଚ୍ଚ ୧୮ ତାରିଖରେ କେବଳ ତାଙ୍କ ସ୍ତ୍ରୀଙ୍କ ଶୁଦ୍ଧିକ୍ରିୟା କାର୍ଯ୍ୟ କରିପାରିଛନ୍ତି; କିନ୍ତୁ ଏବେ ସୁଦ୍ଧା ତାଙ୍କ ପରିବାର ଉପରେ ସାମାଜିକ ବାସନ୍ଦ, ଅନ୍ୟାୟ, ଅତ୍ୟାଚାର, ଗୁଣ୍ଡାରାଜ ଚାଲିଛି। ଫଳରେ ପୁଲିସ ପ୍ରଶାସନ ଏବଂ ଗ୍ରାମବାସୀ ହାଇକୋର୍ଟଙ୍କ ଆଦେଶକୁ ଅବମାନନା କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସାମାଜିକ ବାସନ୍ଦ, ଅନ୍ୟାୟ, ଅତ୍ୟାଚାର, ଶୋଷଣ ସମାପ୍ତ କରାଯିବା ପାଇଁ ହାଇକୋର୍ଟ ଆଦେଶ ଜାରି କରିଥିଲେ; କିନ୍ତୁ ଏଥିରେ ପ୍ରଶାସନ କୌଣସି ସକାରାତ୍ମକ ପଦକ୍ଷେପ ଗ୍ରହଣ କରୁନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏବେ ବି ସମ୍ପୃକ୍ତ ଗ୍ରାମର ଆଦିବାସୀ ସ୍ୱଶାସନ ବ୍ୟବସ୍ଥାର ପ୍ରମୁଖ ମାଝୀ-ପାର୍ଗାନାମାନେ ଗୁଣ୍ଡାରାଜ ଚଳାଇଛନ୍ତି। ସୂଚନାଯୋଗ୍ୟ ଯେ, ଗତବର୍ଷ ଧାନ କାଟିବାକୁ ଦିଆଯାଇ ନ ଥିବା ବେଳେ ଚଳିତ ବର୍ଷ ହଳ କରିବା ପାଇଁ ଟ୍ରାକ୍ଟର, ପାୱାରଟିଲରର ମାଲିକ ସହ ମୂଲିଆ ଆଦିଙ୍କୁ ଧମକ ଦେଇ ବାସନ୍ଦ ପରିବାରର ଚାଷକାମରେ ସହଯୋଗ କରିବାକୁ ଦିଆଯାଉନଥିଲା। ଆଦିବାସୀ ସେଙ୍ଗେଲ ଅଭିଯାନ ତରଫରୁ ତାଙ୍କ ଜମିରେ ହଳ କରାଇ ଧାନ ରୋଇବା ନିମନ୍ତେ ସହଯୋଗ କରିଥିଲେ। କିନ୍ତୁ ବର୍ତ୍ତମାନ ତାଙ୍କ ପରିବାରକୁ ଗ୍ରାମରୁ ତଡିଦେବା ପାଇଁ ଅଗଷ୍ଟ ୧୪ ତାରିଖରେ ଗ୍ରାମବାସୀ ତାଙ୍କ ଘରକୁ ବାଡଘେରି ବନ୍ଦୀ କରିଛନ୍ତି। ଗୋରୁ-ଗାଈ, ଛେଳି, କୁକୁଡ଼ା ବାହାରିଲେ ଏବଂ ପରିବାର ଲୋକେ କୌଣସି ରାସ୍ତାରେ ଯିବା ଆସିବା କଲେ ମାରପିଟ୍, ହତ୍ୟା ଧମକ ଦେଉଛନ୍ତି। ତେଣୁ ଯଥାଶୀଘ୍ର ଦୋଷୀମାନଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ୭ ଦିନ ଭିତରେ ସାମାଜିକ ବାସନ୍ଦ ପରିବାରକୁ ନ୍ୟାୟ, ସୁରକ୍ଷା ପ୍ରଦାନ କରାଯିବାକୁ ଦାବି କରାଯାଇଛି। ସେଙ୍ଗେଲ ସଭାପତି ସହ ଓଡ଼ିଶା ସେଙ୍ଗେଲ ପାର୍ଗାନା ନାରାନ ମୁର୍ମୁଙ୍କ ନେତୃତ୍ୱରେ ଦାବିପତ୍ର ସମୟରେ ସେଙ୍ଗେଲ କାର୍ଯ୍ୟକର୍ତ୍ତା ବିକାଶ ଚନ୍ଦ୍ର ହେମ୍ବ୍ରମ, ଉଦୟନାଥ ହେମ୍ବ୍ରମ, ବାହାଦୁର ମୁର୍ମୁ, ଚରଣ ହେମ୍ବ୍ରମ ସମେତ ସୁନ୍ଦର ମୋହନ ମାଝୀ, ବିଜୟ ମାଝୀ ଓ କାହ୍ନୁ ଚରଣ ମାଝୀ ଉପସ୍ଥିତ ଥିଲେ।

**ଆଦିବାସୀ ସ୍ୱଶାସନ ପ୍ରମୁଖ ଚଳାଇଛନ୍ତି ଗୁଣ୍ଡାରାଜ; ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଫେରାଦ**



## ତିରୋଧାନ ଦିବସରେ ଭଞ୍ଜଦୂତ ବିତନୁଙ୍କୁ ଶ୍ରଦ୍ଧାଞ୍ଜଳି

# 'ମୟୂରଭଞ୍ଜ ଯୁବ ପୁରସ୍କାର' ପ୍ରଦାନ



ବାରିପଦା, ୨୦।୮ (ସମିସ): ଭଞ୍ଜମାଟିର ସୁଯୋଗ୍ୟ ଦାୟାଦ ଭଞ୍ଜଦୂତ ସ୍ୱର୍ଗତ ବିତନୁ ନାୟକଙ୍କ ୧୯ତମ ତିରୋଧାନ ଦିବସରେ ଏକ ଶ୍ରଦ୍ଧାଞ୍ଜଳି ସଭା କବୟିତ୍ରୀ କାବେରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଲେଖକ ଓ ପ୍ରକାଶକ ଡ. କାଳୀପଦ ପଣ୍ଡା ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱର୍ଗତ ବିତନୁ ନାୟକ ସବୁଦିନ ଯୁବ ସମାଜ ପାଇଁ ପ୍ରେରଣା ସାଜିଥିବେ ବୋଲି ମତ ରଖିଥିଲେ। ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ସ୍ୱାଗତ ଭାଷଣ ଓ ମୟୂରଭଞ୍ଜ ମିରରର ପ୍ରତିଷ୍ଠାତା କୁମାରେଶ ନାୟକ ଏବଂ ବିଶିଷ୍ଟ ଯୁବ ସମାଜସେବୀ ସାଇପ୍ରକାଶ ମହାନ୍ତି ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ଅବସରରରେ ସାଇପ୍ରକାଶ ମହାନ୍ତିଙ୍କୁ ମୟୂରଭଞ୍ଜ ଯୁବ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ସ୍ମରଣିକା ପ୍ରକାଶିତ ହୋଇଥିଲା। ଅଧ୍ୟାପକ ସମରେନ୍ଦ୍ର ବଶାଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବାସନ୍ତୀଲତା ମହାପାତ୍ର, ବୀଣାପାଣି ପଣ୍ଡା, ନରସିଂହ ବାରିକ, ଗୋପାଳ ସାଓ, ହାରାମଣି ଦଳେଇ, ସୁତନୁ ନାୟକ, ଅତନୁ ନାୟକ, ମିନତୀ ଦାଶ, ଡ. ଶଶିଧର ବିଶ୍ୱାଳ, ମୀତାରାଣୀ ସାହୁ, ଅଜିତ ପାଣିଗ୍ରାହୀ, ରାଜଲକ୍ଷ୍ମୀ ତ୍ରିପାଠୀ, ଶଙ୍କର ଜେନା, ଅଶୋକ କୁମାର ପଲେଇ ଓ ଭାସ୍ୱତୀ ପଣ୍ଡା ପ୍ରମୁଖ ଯୋଗଦେଇ ସ୍ୱରଚିତ କବିତା ପାଠ କରିଥିଲେ। ଡା. ସୁମନପ୍ରଭା ନାୟକ ପରିଚାଳନାରେ ସହଯୋଗ ପ୍ରଦାନ କରିଥିଲେ। ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ଇଂ.ମନୋଜ ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ସ୍ମୃତି ଉଦ୍ଦେଶ୍ୟରେ ସ୍ମରଣିକା ଉନ୍ମୋଚିତ**

# ସମସ୍ୟାରେ ଜାମଦା ବାଳିକା ଉଚ୍ଚ ବିଦ୍ୟାଳୟ

ରାଇରଙ୍ଗପୁର, ୨୦।୮ (ସମିସ): ବାମନଘାଟୀ ଉପଖଣ୍ଡ ଜାମଦା ବ୍ଲକ ଜାମଦା ବାଳିକା ଉଚ୍ଚ ବିଦ୍ୟାଳୟ ଏବେ ବିଭିନ୍ନ ସମସ୍ୟା ଦେଇ ଗତିକରୁଛି। ଏଠାରେ ୩ ଜଣ ଶିକ୍ଷକଙ୍କୁ ନେଇ ଚାଲିଛି ଶିକ୍ଷାଦାନ। ଫଳରେ ପାଠପଢ଼ା ବ୍ୟାଘାତ ହେଉଛି। ଏଠାରେ ୨ ଜଣ ସିବିଜେଡ୍ ଓ ପିସିଏମ ସହିତ ଜଣେ କଳାଶିକ୍ଷକଙ୍କ ପଦ ଖାଲି ରହିଛି। ଏଠାରେ ୨୦୦ ଜଣ ଆଦିବାସୀ ହରିଜନ ଛାତ୍ରୀ ଅନ୍ତେବାସିନୀ ଛାତ୍ରୀନିବାସରେ ରହି ପଢୁଛନ୍ତି। ଏହି ବିଦ୍ୟାଳୟଟି ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ ଶିକ୍ଷକ ପଦ ଖାଲି ରହିଛି। ଏଠାକାର ଛାତ୍ରୀମାନେ ଶତପ୍ରତିଶତ ଫଳାଫଳ ରଖୁଛନ୍ତି। ଆଜିଯାଏ ସ୍କୁଲରେ ସାଇକଲ ଷ୍ଟାଣ୍ଡ ନ ଥିବାରୁ ପିଲା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ନାୟକଙ୍କୁ ପଚାରିବାରୁ ସ୍କୁଲରେ ଶିକ୍ଷକ ଅଭାବ ସହିତ ଛାତ୍ରୀନିବାସ ଓ ପରିସର ଆହୁରି ଉନ୍ନତିକରଣ ହେଲେ ବିଦ୍ୟାଳୟଟି ଆହୁରି ଅଧିକ ଉନ୍ନତିର ଶିଖରରେ ପହଞ୍ଚି ପାରନ୍ତା ବୋଲି ମତପ୍ରକାଶ କରିଥିଲେ।

# ୬ ଲକ୍ଷ ଠକି ନେଲେ ସାଇବର ଠକ

ବାରିପଦା, ୨୦।୮ (ସମିସ): ଯୁବକ ଅନଲାଇନ ଟ୍ରେଡିଂ ଜରିଆରେ ସାଇବର ଠକେଇର ଶିକାର ହୋଇ ୬ ଲକ୍ଷ ଟଙ୍କା ହରାଇଛନ୍ତି। ଏନେଇ ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଅସନା ଗ୍ରାମର ମହେନ୍ଦ୍ର ନାଥ ସିଂ ସାଇବର ଓ ଅର୍ଥନୈତିକ ଅପରାଧୀ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କୁ ଏକ ଅଜଣା ନମ୍ବରରୁ ଟେଲିଗ୍ରାମରେ ମେସେଜ ଆସିଥିଲା। ଏ ଗ୍ରୁପରେ ଯୋଡି ତାଙ୍କୁ ଅନଲାଇନ ଜରିଆରେ ଟ୍ରେଡିଂ ଟାସ୍କ କରିଲେ ତାଙ୍କୁ ଟଙ୍କା ପ୍ରଦାନ କରାଯିବ ବୋଲି କହିଥିଲେ। ଅଧିକ ଅର୍ଥ ଉପାର୍ଜନ କରିବା ଆଶାରେ ସେ ରାଜି ହୋଇ ଟାସ୍କ କରିବା ପରେ ପର୍ଯ୍ୟାୟକ୍ରମେ ଟଙ୍କା ଦେଇଥିଲେ। ଏହାପରେ ତାଙ୍କ ଅଧିକ ରୋଜଗାର ଟଙ୍କାକୁ ଅନଲାଇନ ଟ୍ରେଡିଂରେ ବିନିଯୋଗ କରିବାକୁ କହିଥିଲେ। ପ୍ରଥମେ ୫୦ ହଜାର ଟଙ୍କା ବିନିଯୋଗ କରିଥିବା ବେଳେ ଅଧିକ ଟଙ୍କା ଦେଇ ବିଶ୍ୱାସ ଭାଜନ ହୋଇଥିଲେ। ଏହାପରେ ସେ ୬ ଲକ୍ଷ ଟଙ୍କା ଡିପୋଜିଟ କରିଥିଲେ। କିନ୍ତୁ ଟଙ୍କା ଫେରସ୍ତ ପାଇନଥିଲେ। ସମୁଦାୟ ଟଙ୍କା ଠକେଇ କରି ନେଇଥିଲେ। ବାରମ୍ବାର ଯୋଗାଯୋଗ କରିବାକୁ ପ୍ରଚେଷ୍ଟା କରିଥିବା ବେଳେ ସମ୍ଭବ ହୋଇନଥିଲା। ଯାହାକୁ ନେଇ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

# ମଦ୍ୟପ ଚାଳକକୁ କାବୁକରି ପୁଲିସ ଜିମାଦେଲେ ଗ୍ରାମବାସୀ

ମୋରଡ଼ା, ୨୦।୮ (ସମିସ): ମୋରଡ଼ା ଥାନା ଅନ୍ତର୍ଗତ ଘୋଳମୁହାଁ ପଞ୍ଚାୟତ ଗଣ୍ଡଗୁହାଳି ଗ୍ରାମ ନିକଟରେ ବୁଧବାର ଜଣେ ମଦ୍ୟପ ଗାଡି ଚାଳକକୁ ଧରି ପୁଲିସ ଜିମା ଦେଇଛନ୍ତି ଗ୍ରାମବାସୀ। ଗ୍ରାମର ମାନସ ଦାସଙ୍କ ସୂଚନା ମୁତାବକ ବୁଧବାର ସକାଳେ ଚିତ୍ରଡା ପଟୁ ଏକ ବୋଲେରୋ ଦ୍ରୁତଗତିରେ ଆସି ଗ୍ରାମର ଗୀତା ଦାସଙ୍କୁ ଧକ୍କା ଦେଇଥିଲା। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ଲୋକେ ଉତ୍ତ୍ୟକ୍ତ ହୋଇ ଗାଡିକୁ ଅଟକାଇବା ସହ ଡ୍ରାଇଭରକୁ କାବୁ କରି ପୁଲିସ ଜିମା ଦେଇଛନ୍ତି।






## ଗୁହାଲଡିହାକୁ ହସ୍ତଶିଳ୍ପ ଗ୍ରାମ ଘୋଷଣା କଲେ ଉପମୁଖ୍ୟମନ୍ତ୍ରୀ

# ଗାଁର ବିକାଶ ଓ ହସ୍ତଶିଳ୍ପର ପ୍ରଚାର ପ୍ରସାରରେ ହେବ ସହାୟକ

ବାରିପଦା, ୨୦।୮ (ସମିସ)



ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା ଏକ ସମୃଦ୍ଧ ହସ୍ତଶିଳ୍ପର ପରିଚୟ ବହନ କରିଛି; ଯାହାର କଳା କାରୁକାର୍ଯ୍ୟର ନିଖୁଣତା ଖୁବ ପ୍ରଶଂସନୀୟ। ଗାଁ ଗଣ୍ଡାରେ କଳାକାରଙ୍କ ସୃଜନଶୀଳତାର ଏବେ ବିଶ୍ୱସ୍ତରରେ ମଧ୍ୟ ପରିସ୍ଫୁଟିତ ହେବାରେ ଲାଗିଛି। କଳାକୁ ନେଇ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ମୟୂରଭଞ୍ଜ ଜିଲ୍ଲାର ସବାଇ ଶିଳ୍ପ ଅନ୍ୟତମ କାରୁକାର୍ଯ୍ୟ। ସବାଇ ହସ୍ତଶିଳ୍ପ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବାରିପଦା ବ୍ଲକ ଗୁହାଲଡିହା ଗ୍ରାମକୁ ସମନ୍ୱିତ କଳା ଏବଂ ହସ୍ତଶିଳ୍ପ ଗ୍ରାମର ପରିଚୟ ମିଳିଛି। ହସ୍ତଶିଳ୍ପ ଗ୍ରାମ ଭାବେ ବିକଶିତ କରିବାକୁ ରାଜ୍ୟ ସରକାର ମଞ୍ଜୁରୀ ଦେଇଛନ୍ତି। ଏ ନେଇ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏକ୍ସ ଯୋଗେ ଘୋଷଣା କରିଛନ୍ତି। ସବାଇ ଘାସ ହିଁ ଗ୍ରାମର ଅଧିକାଂଶ ଲୋକଙ୍କ ରୋଜଗାରର ମାଧ୍ୟମ ପାଲଟିଛି। ଗ୍ରାମୀଣ ଯୁବତୀ ଓ ମହିଳାଙ୍କ ଦ୍ୱାରା ପରିବେଶ ଅନୁକୂଳ ସବାଇଘାସରୁ ନାନାଦି ଘର କରଣା ସାମଗ୍ରୀ ନିର୍ମିତ ହେଉଛି। ଏହାକୁ ନେଇ ଜୀବନ ଜୀବିକା ନିର୍ବାହ କରୁଛନ୍ତି। ଦେଶ ବିଦେଶରେ ଚାହିଦା ଥିବା ଉକ୍ତ ସବାଇ କାରୁକାର୍ଯ୍ୟକୁ ଆହୁରି ଆକର୍ଷଣୀୟ କରିବା ନିମନ୍ତେ ପ୍ରୟାସ କରାଯାଇଛି। ସ୍ଥାନୀୟ ହସ୍ତଶିଳ୍ପର ସମୃଦ୍ଧ ଐତିହ୍ୟର ସଂରକ୍ଷଣ ଏବଂ ପ୍ରଚାର ପାଇଁ ପର୍ଯ୍ୟଟନ ବିଭାଗ ଗୁହାଲଡିହା ଗ୍ରାମକୁ 'ସମନ୍ୱିତ କଳା ଏବଂ ହସ୍ତଶିଳ୍ପ ଗ୍ରାମ' ଭାବରେ ବିକଶିତ କରିବାକୁ ମଞ୍ଜୁରୀ ଦେଇଛି। ଏହି ବିକାଶ ଯୋଜନା ମାଧ୍ୟମରେ ଉକ୍ତ ଅଞ୍ଚଳର ବିକାଶ କରି ପାରମ୍ପରିକ କାରିଗରୀ ଏବଂ ଆଦିବାସୀ ସଂସ୍କୃତିକୁ ପ୍ରଦର୍ଶନ କରିବା ପାଇଁ ଏକ ସ୍ପନ୍ଦନଶୀଳ ପ୍ଲାଟଫର୍ମ ସୃଷ୍ଟି କରିବା। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି ଯେ, ଏହି ପ୍ରକଳ୍ପ ମୟୂରଭଞ୍ଜ ଜିଲ୍ଲାକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକ ଏବଂ ବିଶେଷକରି ଶିମିଳିପାଳ ଜାତୀୟ ଉଦ୍ୟାନକୁ ଯାଉଥିବା ପର୍ଯ୍ୟଟକଙ୍କୁ ସ୍ଥାନୀୟ କାରିଗରଙ୍କ ଦ୍ୱାରା ଉତ୍ପାଦିତ ହସ୍ତଶିଳ୍ପକୁ ପ୍ରତ୍ୟକ୍ଷ ଭାବରେ ଦେଖିବାର ସୁଯୋଗ ପ୍ରଦାନ କରିବ। ଏହା କେନ୍ଦ୍ର ସରକାରଙ୍କ 'ଭୋକାଲ୍ ଫର୍ ଲୋକାଲ ଅଭିଯାନ'ର ଆହ୍ୱାନକୁ ଜୀବନ୍ତ କରିବ। ଏଥିସହିତ ଜିଲ୍ଲାର କଳା ଏବଂ ହସ୍ତଶିଳ୍ପକୁ ପ୍ରୋତ୍ସାହିତ କରିବାରେ ସହାୟକ ହେବ। ଏହି ପଦକ୍ଷେପ ଫଳରେ ସ୍ଥାନୀୟ କାରିଗର ମାନଙ୍କର ଆର୍ଥିକ ଏବଂ ସାମାଜିକ ବିକାଶ ତ୍ୱରାନ୍ୱିତ ହୋଇପାରିବ ବୋଲି ଲକ୍ଷ୍ୟ ରହିଛି। ସମନ୍ୱିତ କଳା ଏବଂ ହସ୍ତଶିଳ୍ପ ଗ୍ରାମକୁ କେବଳ ଏକ ପର୍ଯ୍ୟଟନ ଆକର୍ଷଣ ଭାବରେ ନୁହେଁ ବରଂ ସାଂସ୍କୃତିକ ଆଦାନ ପ୍ରଦାନ ଏବଂ ସଂରକ୍ଷଣର ଏକ କେନ୍ଦ୍ର ଭାବରେ ମଧ୍ୟ କଳ୍ପନା କରାଯାଇଛି; ଯାହା ଆଦିବାସୀ କାରିଗରଙ୍କ ଜୀବିକା ନିର୍ବାହ କରିବାରେ ସାହାଯ୍ୟ କରିବ। ସବାଇ ଘାସରୁ ନାନାଦି ଜିନିଷ ପ୍ରସ୍ତୁତ କରି ପରିବାର ମଧ୍ୟ ପ୍ରତିପୋଷଣରେ ସହାୟକ ହେଉଛନ୍ତି। ଭୁବନେଶ୍ୱର ସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ ଫ୍ୟାସନ ଟେକ୍ନୋଲୋଜି (ନିଫ୍ଟ) ଓ ଅହମ୍ମଦାବାଦ ସ୍ଥିତ ଏନ୍‌ଆଇଟି ପକ୍ଷରୁ ଆଧୁନିକ ଡିଜାଇନର ସବାଇ ଘାସର ବିଭିନ୍ନ ସରଞ୍ଜାମ ପ୍ରସ୍ତୁତ କରିବାକୁ ମଧ୍ୟ ପୂର୍ବରୁ ତାଲିମ ପ୍ରଦାନ କରାଯାଇଛି। ଏଥି ସହିତ ବଜାରରେ ବିକ୍ରି କରିବା ପାଇଁ ବ୍ୟବସ୍ଥା ମଧ୍ୟ ଓରମାସ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଯାହାକୁ ନେଇ ସବାଇ ହସ୍ତ ଶିଳ୍ପର ରାଜ୍ୟ ସମେତ ଦେଶ ବିଦେଶରେ ମଧ୍ୟ ବହୁଳ ଭାବେ ଚାହିଦା ବୃଦ୍ଧି ପାଉଛି। ଶିଳ୍ପ ବିହୀନ ମୟୂରଭଞ୍ଜ ଜିଲ୍ଲାରେ ଏହି ସବାଇ ଘାସରୁ ପ୍ରସ୍ତୁତ ଅତ୍ୟାଧୁନିକ ସାମଗ୍ରୀ ମହିଳା ଓ ଯୁବତୀଙ୍କ ରୋଜଗାରରେ ପନ୍ଥା ସାଜିଛି। ନୂତନ ଯୋଜନା ଦ୍ୱାରା ଅଧିକ ରୋଜଗାରକ୍ଷମ ହୋଇପାରିବେ ବୋଲି ସବାଇ ଶିଳ୍ପୀ ସବିତା ଦାସ କହିଛନ୍ତି। ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ମୟୂରଭଞ୍ଜ ଜିଲ୍ଲାର କଳା, ସଂସ୍କୃତି, ହସ୍ତଶିଳ୍ପ ଓ ପର୍ଯ୍ୟଟନ ବେଶ ଆଦୃତ ଥିବା ବେଳେ ସବାଇ କାରୁକାର୍ଯ୍ୟର ଆହୁରି ପ୍ରଶଂସା ବୃଦ୍ଧି ପାଇବାର ସମ୍ଭାବନା ରହିଛି। ଫଳରେ କଳା କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲାର ପ୍ରତିଟି ଗାଁ ଆଗକୁ ସ୍ୱତନ୍ତ୍ର ପରିଚୟ ପାଇପାରିବ।

■ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଶାନ୍ତ

## ଛାତ୍ର-ଅଣଛାତ୍ର ମୁହାଁମୁହିଁ; ଜଣେ ଆହତ



ବ୍ରହ୍ମପୁର,୨୦।୮ (ସମିସ): ଅଶାନ୍ତ ହୋଇଛି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ। ଛାତ୍ର-ଅଣଛାତ୍ର ହୋଇଛନ୍ତି ମୁହାଁମୁହିଁ। ନୂଆଁ ଖାଇ ଉପଲକ୍ଷେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ତେବେ କିଛି ଅଣଛାତ୍ର କ୍ୟାମ୍ପସରେ ପ୍ରବେଶ କରିଥିବା ନେଇ ଗୋଟିଏ ଗୋଷ୍ଠୀ ଅଭିଯୋଗ ଆଣିବା ପରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଏକାଧିକ ଆହତ ହୋଇଥିବା ଜଣାପଡିଛି। ଆହତଙ୍କ ମଧ୍ୟରୁ ଜଣେ ବ୍ରହ୍ମପୁର ସିଟି ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣାପଡିଛି। ଆହତ ଜଣକ ସାମ୍ବାଦିକ ଗଣ ଯୋଗାଯୋଗ ବିଭାଗର ୨ୟ ବର୍ଷ ଛାତ୍ର ଅଭିଲାଷ ମିଶ୍ର। ପୁଲିସ କ୍ୟାମ୍ପସରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଛି। ଏହି ଘଟଣାର ମୁଖ୍ୟ ଜଣେ ବିଜେପି ଯୁବନେତା ବୋଲି ଜଣାପଡ଼ିଛି। ଆଗକୁ ନିର୍ବାଚନ ରହିଥିବାରୁ ଏବେ ଠାରୁ ଅଣଛାତ୍ରମାନେ ବିଶ୍ୱବିଦ୍ୟାଳୟରେ ପ୍ରବେଶ କରି ଅଶାନ୍ତି ସୃଷ୍ଟି କରୁଥିବା ଅଭିଯୋଗ ହୋଇଛି।

## ଗ୍ରୀଲ ତାଡ଼ି ଟଙ୍କା ଓ ମୋବାଇଲ ଲୁଟ୍

ବ୍ରହ୍ମପୁର,୨୦।୮ (ସମିସ): ସ୍ଥାନୀୟ ବିଜିପୁର ଟ୍ୟାଙ୍କ ରୋଡ୍‌ରେ ଜଣେ ମହିଳାଙ୍କ ଘରର ଝରକା ଗ୍ରୀଲ ତାଡ଼ି ଟଙ୍କା ଓ ମୋବାଇଲ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଟାଉନ୍ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ପ୍ରକାରେ, ବିଜିପୁର ଟ୍ୟାଙ୍କ ରୋଡ୍ ନିବାସୀ ସଙ୍ଗୀତା ପାତ୍ରଙ୍କ ଘରୁ ମଙ୍ଗଳବାର ସକାଳ ପ୍ରାୟ ସାଢେ ୧୦ଟା ବେଳେ ୨ଟି ଦାମୀ ମୋବାଇଲ ଓ କିଛି ଟଙ୍କା ଚୋରି ହୋଇଥିଲା। ଯାଞ୍ଚ ପରେ କୌଣସି ଦୁର୍ବୃତ୍ତ ବାଲକୋନୀର ଗ୍ରୀଲ ଭାଙ୍ଗି ମୋବାଇଲ ଓ ଟଙ୍କା ଚୋରି କରି ନେଇଯାଇଥିବା ସେ ଜାଣିବାକୁ ପାଇଥିଲେ। ଏହାପରେ ଥାନାକୁ ଯାଇ ଅଭିଯୋଗ କରିଥିଲେ।

## ସୋ’ରୁମ୍‌ର ପୂର୍ବ କର୍ମଚାରୀଙ୍କୁ ମାଡ଼ ଓ ଟଙ୍କା ଲୁଟ୍ ଅଭିଯୋଗ

ବ୍ରହ୍ମପୁର,୨୦।୮ (ସମିସ): ସୋ’ରୁମର ଜଣେ ପୂର୍ବ କର୍ମଚାରୀଙ୍କୁ ମାଡ଼ ମରାଯାଇ ତାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୋ’ରୁମର ମ୍ୟାନେଜର ଓ ଆକାଉଣ୍ଟସ ମ୍ୟାନେଜରଙ୍କ ନା’ରେ ଏଭଳି ଅଭିଯୋଗ ହୋଇଛି। ଆକ୍ରମଣର ଶୀକାର ପୂର୍ବ କର୍ମଚାରୀ ଜଣକ ବଡ଼ବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ପ୍ରକାରେ, ସୋମନାଥନଗର ଦ୍ୱିତୀୟ ଲାଇନ ନିବାସୀ ପି. ସୁଶୀଲ କୁମାର ପାତ୍ର ସ୍ଥାନୀୟ ଏକ ଗାଡି ସୋ’ରୁମରେ ସେଲସ ଏକ୍‌ଜିକ୍ୟୁଟିଭ ଭାବେ କାର୍ଯ୍ୟ କରୁଥିଲେ। ସେ ଅନ୍ୟ କମ୍ପାନୀରେ ଚାକିରି ପାଇବା ପରେ କିଛିଦିନ ପୂର୍ବେ ସୋ’ରୁମ ଚାକିରିରୁ ଇସ୍ତଫା ଦେଇଥିଲେ। ଇସ୍ତଫା ପତ୍ର ଦେବା ବେଳେ ସୋ’ରୁମର ମ୍ୟାନେଜର ଓ ଆକାଉଣ୍ଟସ ମ୍ୟାନେଜର ନିଜ ଚାମ୍ବରକୁ ଡାକି ଗାଳିଗୁଲଜ କରିବା ସହ ଚାକିରି ନଛାଡିବାକୁ ଧମକ ଦେଇଥିଲେ। ଏପରିକି ସେ ସୋ’ରୁମରୁ ଠକେଇ କରିଛନ୍ତି ତେଣୁ ଚାକିରି ଛାଡି ପାରିବେନି କହିବା ସହ ଜୋରଜବରଦସ୍ତ ସୁଶୀଲଙ୍କ ଫୋନ-ପେ’ରୁ ୧ଲକ୍ଷ ୫୦ହଜାର ଟଙ୍କା ନେଇ ଯାଇଥିଲେ। ପରେ ସେମାନେ ସୁଶୀଲଙ୍କୁ କାର୍ ଭିତରେ ବସାଇ ମାଡ଼ ମାରି ସୋମନାଥନଗର ସ୍ଥିତ ଘରକୁ ନେଇଥିଲେ। ସେଠାରେ ୫ଟି ଚେକରେ ଦସ୍ତଖତ କରାଇ ନେଇଥିବା ସୁଶୀଲ ନିଜ ଅଭିଯୋଗରେ ଦର୍ଶାଇଛନ୍ତି।

## ନିଷ୍ଟ ବିଶ୍ୱବିଦ୍ୟାଳୟରେ ଆଣ୍ଟି ର୍ୟାଗିଂ ସପ୍ତାହ




ବ୍ରହ୍ମପୁର,୨୦।୮ (ସମିସ): ନିଷ୍ଟ ବିଶ୍ୱବିଦ୍ୟାଳୟରେ ଆଣ୍ଟି ରାଗିଂ ସପ୍ତାହ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଯୋଗଦେଇ ରାଗିଂ ସମ୍ପର୍କିତ ନିୟମାବଳୀ ଛାତ୍ରଛାତ୍ରୀଙ୍କୁ ଅବଗତ କରିଥିଲେ। କାର୍ଯ୍ୟକ୍ରମରେ ନିଷ୍ଟ କୁଳପତି ଡ଼. ପ୍ରିୟଦର୍ଶନ ପାତ୍ର, ଏକାଡେମିକ୍ ଡିନ୍ ଡ଼. ପି. ରାଜେଶ କୁମାର, ଭାରପ୍ରାପ୍ତ କୁଳସଚିବ ଡ. ବିଷ୍ଣୁକର ନାୟକ ରାଗିଂମୁକ୍ତ କ୍ୟାମ୍ପସ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆସୋସିଏଟ୍ ଡିନ୍ ଛାତ୍ର ବ୍ୟାପାର ଡ. ପ୍ରୀତିରଞ୍ଜନ ସାହୁ, ପ୍ରଫେସର ଆଶିଷ କୁମାର ଦାସ, ପ୍ରଫେସର ସରୋଜ କୁମାର ପାଢ଼ୀ ଏବଂ ଆଣ୍ଟି-ରାଗିଂ କମିଟି ମୁଖ୍ୟ ପ୍ରଫେସର ପୂର୍ଣ୍ଣେନ୍ଦୁ ମିଶ୍ର, ଡ. ସସ୍ମିତା ପାଢ଼ୀ, ଡ଼. ରତିକାନ୍ତ ନାୟକ, ଡ଼. ପ୍ରଶାନ୍ତ କୁମାର ବେହେରା, ସୁରେଶ ମହାପାତ୍ର ଓ ପିତାମ୍ବର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ମହିଳାଙ୍କୁ ହତ୍ୟା ଓ ଝିଅକୁ ଆକ୍ରମଣ ଘଟଣା

# କ୍ରାଇମ୍ ସିନ୍ ରିକ୍ରିଏସନ୍ କଲା ହତ୍ୟାକାରୀ



ବ୍ରହ୍ମପୁର,୨୦।୮ (ସମିସ): ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀମା ନଗର ଦ୍ୱିତୀୟ ଲାଇନରେ ଗାୟତ୍ରୀ ସ୍ୱାଇଁଙ୍କୁ ହତ୍ୟା ଓ ତାଙ୍କ ଝିଅକୁ ମରଣାନ୍ତକ ଆକ୍ରମଣ ଘଟଣାରେ ନିମଖଣ୍ଡି ଥାନା ପୁଲିସ ବାଲେଶ୍ୱର ଖଣ୍ଡପଡା ଗ୍ରାମର ଶାନ୍ତନୁ ପାତ୍ରକୁ କର୍ଣ୍ଣାଟକକୁ ଗିରଫ କରିଥିଲା। ପରେ ୩ଦିନିଆ ରିମାଣ୍ଡରେ ନେଇ ହତ୍ୟାକାଣ୍ଡ ସମ୍ପର୍କିତ ଅଧିକ ତଥ୍ୟ ସଂଗ୍ରହ କରିଥିଲା। ରିମାଣ୍ଡର ପ୍ରଥମ ଦିନରେ ପୁଲିସ ଅଭିଯୁକ୍ତ ଶାନ୍ତନୁ ପାତ୍ରକୁ ନେଇ ଘଟଣାସ୍ଥଳରେ କ୍ରାଇମସିନ ରିକ୍ରିଏଟ କରିଥିଲା। ଗାୟତ୍ରୀଙ୍କୁ କିଭଳି ହତ୍ୟା ଓ ତାଙ୍କ ନାବାଳିକା ଝିଅକୁ ଆକ୍ରମଣ କରିଥିଲା ସେ ନେଇ ଅଭିଯୁକ୍ତ ଶାନ୍ତନୁ ପୁଲିସ ଉପସ୍ଥିତିରେ ଦର୍ଶାଇଥିଲା। ଅଭିଯୁକ୍ତ ଶାନ୍ତନୁ ରହୁଥିବା ଭଡ଼ା ଘରୁ ଓ ଘଟଣା ସ୍ଥଳରୁ ଗୋଟିଏ କାତି, ଦୁଇଟି ଛୁରୀ, ଚାବି ଓ ଘଟଣା ଦିନ ଅଭିଯୁକ୍ତ ପିନ୍ଧିଥିବା ରକ୍ତଭିଜା ପୋଷାକ, ମୃତ ଗାୟତ୍ରୀ ଓ ଅଭିଯୁକ୍ତର ମୋବାଇଲକୁ ପୁଲିସ ଜବତ କରିଛି। କ୍ରାଇମ ସିନ ରିକ୍ରିଏସନ ସମୟରେ ବ୍ରହ୍ମପୁର ଏସପି ଡ଼ା ସର୍ବଣା ବିବେକ ଏମ, ସଦର ଏସଡିପିଓ ଏସ.ଏସ.ପରିଡା, ନିମଖଣ୍ଡି ଥାନା ଅଧିକାରୀ କୃଷ୍ଣ ଶାହାଙ୍କ ସମେତ ଏସଆଇ ଜ୍ଞାନ ବେହେରା, ଅଭିଷେକ ପାଣ୍ଡବ ଓ ଅନ୍ୟ ପୁଲିସ କର୍ମଚାରୀମାନେ ଉପସ୍ଥିତ ଥିଲେ। ଅଭିଯୁକ୍ତକୁ ୩ଦିନିଆ ରିମାଣ୍ଡରେ ନେଇ ପୁଲିସ ତଦନ୍ତ ଜାରି ରଖିଛି। ବୁଧବାର ସନ୍ଧ୍ୟାରେ ଅଭିଯୁକ୍ତର ଡାକ୍ତରୀ ପରୀକ୍ଷା କରିବା ପରେ ଥାନାକୁ ନେଇ ପୁଣି ଜେରା କରିବ ପୁଲିସ। ତଥ୍ୟ ହାସଲ ପରେ ଅର୍ଥାତ ରିମାଣ୍ଡ ଅବଧି ଶେଷ ପୂର୍ବରୁ ପୁଲିସ ଅଭିଯୁକ୍ତକୁ କୋର୍ଟରେ ହାଜର କରିବ ବୋଲି ଜଣାପଡିଛି। ଅଭିଯୁକ୍ତ ଗାୟତ୍ରୀଙ୍କ ଠାରୁ ବିଭିନ୍ନ ଆଳରେ ଲକ୍ଷାଧିକ ଟଙ୍କା ନେଇଥିବା ପୁଲିସ ଅନୁମାନ କରୁଛି।

**ହତ୍ୟାକାଣ୍ଡରେ ବ୍ୟବହୃତ କାତି, ଛୁରୀ ସହ ମୋବାଇଲ ଜବତ**

**ଏକାଧିକ ମହିଳାଙ୍କ ସହ ଶାନ୍ତନୁର ଥିଲା ସଂପର୍କ**

ପ୍ରେମିକା ଗାୟତ୍ରୀକୁ ହତ୍ୟା କରିବା ପରେ ନାବାଳିକା ଝିଅକୁ ମଧ ହତ୍ୟା କରିବାକୁ ଉଦ୍ୟମ କରିଥିଲା ଅଭିଯୁକ୍ତ ଶାନ୍ତନୁ। ଝିଅର ପିଠିରେ ୧୨ରୁ ଊର୍ଦ୍ଧ୍ୱ ସ୍ଥାନରେ ଛୁରୀମାଡ଼ ହୋଇଥିବାରୁ ଆକ୍ରମଣର ଶୀକାର ନାବାଳିକାଙ୍କ ମେରୁଦଣ୍ଡର ଶିର କଟି ଯାଇଥିବା ଜଣାପଡିଛି। ଆହତ ନାବାଳିକା ବର୍ତ୍ତମାନ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ପ୍ରକାଶ ଥାଉକି, ଗତ ୧୦ତାରିଖ ରାତିରେ ଗାୟତ୍ରୀ ସ୍ୱାଇଁଙ୍କୁ ହତ୍ୟା କରିବା ପରେ ତାଙ୍କ ନାବାଳିକା ଝିଅକୁ ମରଣାନ୍ତକ ଆକ୍ରମଣ କରିଥିଲା ଅଭିଯୁକ୍ତ ଶାନ୍ତନୁ। ହତ୍ୟାକାଣ୍ଡ ଭିଆଇ ମୃତ ଗାୟତ୍ରୀଙ୍କ ମୋବାଇଲ ନେଇ କର୍ଣ୍ଣାଟକ ଫେରାର ହୋଇଯାଇଥିଲା ଶାନ୍ତନୁ। ବ୍ରହ୍ମପୁର ଏସପିଙ୍କ ନିର୍ଦ୍ଦେଶ କ୍ରମେ ନିମଖଣ୍ଡି ଥାନା ଅଧିକାରୀଙ୍କ ନେତୃତ୍ୱରେ ଏସଆଇ ଜ୍ଞାନ ବେହେରା ଓ ତାଙ୍କ ଟିମ ଗତ ଦୁଇଦିନ ପୂର୍ବେ କର୍ଣ୍ଣାଟକରୁ ଶାନ୍ତନୁକୁ ଗିରଫ କରି ଟ୍ରାଞ୍ଜିଟ ରିମାଣ୍ଡରେ ବ୍ରହ୍ମପୁର ଆଣିଥିଲେ। ଅଭିଯୁକ୍ତ ଶାନ୍ତନୁ ୨୦୧୯ମସିହାରେ ବାଲେଶ୍ୱରର ଦୁଇଜଣ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ନେଇ ସେଠାକାର ଏକ ଥାନାରେ ଅଭିଯୋଗ ହୋଇଥିବା ଜଣାପଡିଛି। ଅଭିଯୁକ୍ତ ନିଜ ପତ୍ନୀଙ୍କ ଠାରୁ ଦୂରେଇ ରହିବା ପରେ ବ୍ରହ୍ମପୁର ଓ ମୁମ୍ବାଇ ସମେତ ବିଭିନ୍ନ ସ୍ଥାନରେ ଏକାଧିକ ମହିଳାଙ୍କ ସମ୍ପର୍କରେ ଥିବା ପୁଲିସ ତଦନ୍ତ ବେଳେ ଜାଣିପାରିଛି।

## ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୁକ୍ତୀକରଣ ଶିବିର



ବ୍ରହ୍ମପୁର,୨୦।୮ (ସମିସ): ବ୍ରହ୍ମପୁର ଉପ-ଜିଲ୍ଲାପାଳ ଅବିନାଶ କୁମାରଙ୍କ ନିର୍ଦ୍ଦେଶ କ୍ରମେ ସଞ୍ଚୟ ଏବଂ ଆର୍ଥିକ ସେବା ବିଭାଗ ପକ୍ଷରୁ ଦୁଇଗୋଟି ଆର୍ଥିକ ସାକ୍ଷରତା ଏବଂ ଅନ୍ତର୍ଭୁକ୍ତିକରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମପୁର ଉପଖଣ୍ଡର ଚିକିଟି ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଏବଂ କେ. ନୂଆଗାଁ ପଞ୍ଚାୟତର ସମ୍ମିଳନୀ କକ୍ଷରେ ଏହି ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ଡ଼ାକବିଭାଗ ବ୍ରହ୍ମପୁର ଡିଭିଜନର ସହକାରୀ ଅଧିକ୍ଷକ ଲଲାଟେନ୍ଦୁ କେଶରୀ, ବ୍ରହ୍ମପୁର ଇଣ୍ଡିଆନ୍ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ ବରିଷ୍ଠ ଶାଖା ପରିଚାଳକ ସମ୍ପତ ଭେଙ୍କଟ ରମଣ, ଡାକ ଜୀବନବୀମା ଉନ୍ନୟନ ଅଧିକାରୀ ରୁଦ୍ର ଶଙ୍କର ସାହୁ, ସ୍ଥାନୀୟ ପଞ୍ଚାୟତ ନିର୍ବାହୀ ଅଧିକାରୀ ବି. ବନମାଳୀ ରାଓ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ବିଭିନ୍ନ ସ୍ୱଳ୍ପ ସଞ୍ଚୟ ଯୋଜନା, ସୁରକ୍ଷିତ ସଞ୍ଚୟ, ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଭିନ୍ନ ବୀମା, ପୋଷ୍ଟ ପେମେଣ୍ଟ ବ୍ୟାଙ୍କର ଉପକାରିତା, ସାଇବର୍ ଠକେଇ ସମେତ ବିଭିନ୍ନ ସମସ୍ୟା ସମ୍ପର୍କରେ ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ସ୍ୱାଭିମାନ ସାହୁ ପରିଚାଳନା କରିଥିଲେ। ଶିବିରରେ ବହୁ ସ୍ଥାନୀୟ ବାସିନ୍ଦା ଏବଂ ପୋଷ୍ଟାଲ ଏଜେଣ୍ଟ ଯୋଗ ଦେଇଥିଲେ।

ମାଟ୍ରିକ ଛାତ୍ରଛାତ୍ରୀଙ୍କ ବେସଲାଇନ୍ ପରୀକ୍ଷା ଆରମ୍ଭ

## ପ୍ରଥମ ଦିନରେ ୧୫ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅନୁପସ୍ଥିତ



ବ୍ରହ୍ମପୁର,୨୦।୮ (ସମିସ): ଚଳିତ ବର୍ଷ ଦଶମ ବୋର୍ଡ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଏବଂ ପରିମାଣାତ୍ମକ ଫଳାଫଳ ଲକ୍ଷ୍ୟରେ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ନିମନ୍ତେ ବୁଧବାର ସ୍ୱତନ୍ତ୍ର ‘ବେସଲାଇନ୍ ପରୀକ୍ଷା’ ଆରମ୍ଭ ହୋଇଛି। ୩ଦିନ ଧରି ହେବାକୁ ଥିବା ଏହି ପରୀକ୍ଷାର ପ୍ରଥମ ଦିନରେ ଛାତ୍ରଛାତ୍ରୀମାନେ ମାତୃଭାଷା (ଓଡ଼ିଆ) ଓ ଗଣିତ ବିଷୟରେ ପରୀକ୍ଷା ଦେଇଛନ୍ତି। ପ୍ରତ୍ୟେକ ବିଷୟରେ ୫୦ଟି ସଂକ୍ଷିପ୍ତ ପ୍ରଶ୍ନକୁ ନେଇ ମୋଟ ୫୦ମାର୍କର ପରୀକ୍ଷା ହୋଇଥିଲା। ଏଥିପାଇଁ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟପକ୍ଷରୁ ଏକ ଘଣ୍ଟା ୧୫ମିନଟ ସମୟ ପ୍ରଦାନ କରାଯାଇଥିଲା। କେବଳ ଗଣିତ ବିଷୟ ପରୀକ୍ଷା ବେଳେ ଛାତ୍ରଛାତ୍ରୀଙ୍କୁ ଅତିରିକ୍ତ ୧୫ମିଟନ ସମୟ ପ୍ରଦାନ କରାଯାଇଥିଲା। ‘ବେସଲାଇନ୍ ପରୀକ୍ଷା’ ସମୟରେ ବିଭିନ୍ନ ବିଦ୍ୟାଳୟରେ ଶ୍ରେଣୀଗୃହର ଅଭାବ କାରଣରୁ ବହୁ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଚଟାଣରେ ବସି ପରୀକ୍ଷା ଦେଉଥିବା ଦେଖିବାକୁ ମିଳିଥିଲା। ସେହିଭଳି ନିର୍ଦ୍ଦେଶନାମା ଜାରି ସତ୍ତ୍ୱେ କିଛି ବିଦ୍ୟାଳୟରେ ସ୍ମାର୍ଟ ଇଣ୍ଟରାକ୍ଟିଭ୍ ପ୍ୟାନେଲ୍ ବୋର୍ଡକୁ ବ୍ୟବହାର କରାନଯାଇ ଛାତ୍ରଛାତ୍ରୀଙ୍କୁ ଜେରକ୍ସ ପ୍ରଶ୍ନପତ୍ର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ମୋଟ ୪୧ହଜାର ୭୩୫ଜଣ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରଥମ ଦିନର ପରୀକ୍ଷାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ମୋଟ ୧୫ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିଲେ। ସେହିଭଳି ବହୁ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ମଧ ବିଭିନ୍ନ କାରଣରୁ ଛୁଟିରେ ଥିବା ଦେଖିବାକୁ ମିଳିଥିଲା। ୨୦ତାରିଖରୁ ଆରମ୍ଭ ଏହି ପରୀକ୍ଷା ୨୨ତାରିଖରେ ଶେଷ ହେବ। ଏହି ସମୟରେ ଜିଲ୍ଲାର ସମସ୍ତ ବିଦ୍ୟାଳୟରେ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କ ସମେତ ଦଶମ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହିବାକୁ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶ ସତ୍ତ୍ୱେ କିଛି ବିଦ୍ୟାଳୟରେ ଏହାକୁ ପାଳନ କରାଯାଇନଥିବା ଦେଖିବାକୁ ମିଳିଛି। ଫଳରେ ଘୋଷିତ “ପୂର୍ଣ୍ଣ ଉପସ୍ଥାନ ଦିବସ’ ସଫଳ ହୋଇ ପାରିନଥିବା ଜଣାପଡିଛି।

## ସ୍ୱାୟତ୍ତଶାସନ ଦିବସରେ ବିଇଏମ୍‌ସି ପକ୍ଷରୁ ରକ୍ତଦାନ ଶିବିର



ବ୍ରହ୍ମପୁର,୨୦।୮ (ସମିସ): ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ବୁଧବାର ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ସ୍ୱାୟତ୍ତଶାସନ ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମେୟର ସଂଘମିତ୍ରା ଦଳେଇ ଓ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ବ୍ରହ୍ମପୁର ବିଧାୟକ କେ.ଅନୀଲ କୁମାର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସେହିପରି ଅନ୍ୟତମ ଅତିଥି ଭାବେ ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ଯୋଗଦେଇ ନିଜେ ରକ୍ତଦାନ କରିବା ସହ ଅନ୍ୟମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରିଥିଲେ। ଶିବିରରେ ବିଇଏମସି କମିଶନର ଓ ଡେପୁଟି ମେୟର ଇ. ବିବେକ ରେଡ୍ଡୀ, କର୍ପୋରେଟର ଜେ. ଶ୍ରୀନିବାସ ଓ ସୂର୍ଯ୍ୟକାନ୍ତ ସୁବୁଦ୍ଧି ପ୍ରମୁଖ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୧୯୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ରକ୍ତଦାନ ଶିବିରକୁ ଏମକେସିଜି ମେଡ଼ିକାଲ ରକ୍ତ ଭଣ୍ଡାରର ଡା. ପ୍ରସନ୍ନ ରଥଙ୍କ ସମେତ ବହୁ ଡ଼ାକ୍ତର ଓ କର୍ମଚାରୀ ଯୋଗଦେଇ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଅନ୍ୟପକ୍ଷରେ ଅଗଷ୍ଟ ୩୧ରେ ବିଇଏମସି ପକ୍ଷରୁ ସ୍ୱାୟତ୍ତ ଶାସନ ଦିବସ ପାଳନ କରାଯିବ। ଏହି ଅବସରରେ ବୁଧବାର ଠାରୁ ବିଭିନ୍ନ ପ୍ରତିଯୋଗିତା ଓ ସାମାଜିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଶିବିରରେ ବିଇଏମସିର ବହୁ ଅଧିକାରୀ, କର୍ମଚାରୀଙ୍କ ସମେତ କର୍ପୋରେଟରମାନେ ନିଜ ଅଞ୍ଚଳରୁ ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ସାମିଲ୍ କରିଥିଲେ।

## ବ୍ରହ୍ମାକୁମାରୀସ ଶାନ୍ତିକୁଣ୍ଡ ପକ୍ଷରୁ ଆଧ୍ୟାତ୍ମିକ ସ୍ନେହ ମିଳନ

ବ୍ରହ୍ମପୁର,୨୦।୮ (ସମିସ): ରାମଚନ୍ଦ୍ରପୁର ସ୍ଥିତ ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟର ଓ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାନ୍ତିକୁଣ୍ଡ ପକ୍ଷରୁ ଆମ୍ବଗଡ଼, ଗୋପାଳପୁର ଓ ରାମଚନ୍ଦ୍ରପୁର ସ୍ଥିତ ବୃଦ୍ଧାଶ୍ରମରେ ବୁଧବାର ଆଧ୍ୟାତ୍ମିକ ସ୍ନେହ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନ୍ତେବାସୀଙ୍କ ମାନସମ୍ମାନ ବଜାୟ ରଖିବା ସହ ସମୃଦ୍ଧ ଜୀବନର ଅନୁଭବ ତଥା ସକାରାତ୍ମକ କାର୍ଯ୍ୟରେ ମନୋନିବେଶ ନିମନ୍ତେ ବ୍ରହ୍ମପୁର ଉପଜୋନ ସଞ୍ଚାଳିକା ତଥା ପ୍ରଭୁ ଉପହାର ରିଟ୍ରିଟ ସେଣ୍ଟରର ନିର୍ଦ୍ଦେଶିକା ରାଜଯୋଗିନୀ ବ୍ରହ୍ମାକୁମାରୀ ମାଳା ପ୍ରେରଣା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ସେମାନଙ୍କୁ ଏକ ସକ୍ରିୟ ଜୀବନଶୈଳୀ ସହ ନିଜ ଅବଶିଷ୍ଟ ଜୀବନର ପ୍ରତିଟି ମୁହୂର୍ତ୍ତରେ ଆନନ୍ଦ ପ୍ରାପ୍ତି ସହ ଏକ ମୂଲ୍ୟ ସମ୍ପନ୍ନ ଜୀବନଯାପନର ଶିକ୍ଷା ପ୍ରଦାନ କରାଯାଇ ପାରିବ ବୋଲି କୁହାଯାଇଥିଲା।

ଗୋପାଳପୁରରେ ପର୍ଯ୍ୟଟକଙ୍କ ପାଇଁ ‘ସି-ୱେ’ ନିର୍ମାଣ ପାଇଁ ପ୍ରସ୍ତାବ

# ୭୦ ଲକ୍ଷ ଟଙ୍କା ବ୍ୟୟରେ ହେବ ‘ସମୁଦ୍ର ପଥ’



ବ୍ରହ୍ମପୁର,୨୦।୮ (ସମିସ): ଦେଶର ଅନ୍ୟତମ ଶାନ୍ତ ବେଳାଭୂମି ମଧ୍ୟରେ ଗୋପାଳପୁର ବେଳଭୂମି ଅନ୍ୟତମ। ଯେଉଁଥିପାଇଁ ଅଧିକ ସଂଖ୍ୟାରେ ଏଠାକୁ ଆକର୍ଷିତ ହୋଇଥାନ୍ତି। ଆଗକୁ ସ୍ୱାୟତ୍ତ ଶାସନ ଦିବସ ପାଳନ ହେବାକୁ ଥିବା ବେଳେ ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ କେତେକ ନୂତନ ପ୍ରକଳ୍ପ ହାତକୁ ନେବାକୁ ଯୋଜନା ରହିଛି। ସେଥିମଧ୍ୟରୁ ଅନ୍ୟତମ ହେଉଛି ସମୁଦ୍ର ଭିତରେ ଭାସମାନ ‘ସି-ୱେ’ ନିର୍ମାଣ ନେଇ ପ୍ରସ୍ତାବ। ବେଳାଭୂମିରୁ ସମୁଦ୍ର ଭିତରକୁ ଅନ୍ୟୁନ ଏକ କିଲୋମିଟର ପର୍ଯ୍ୟନ୍ତ ସମୁଦ୍ର ପଥ ନିର୍ମାଣ କରିବାକୁ ଯୋଜନା ରହିଥିବା ଜଣାପଡିଛି।

**ଜିଲ୍ଲାପାଳ ଓ ବିଇଡିଏ ଉପାଧ୍ୟକ୍ଷଙ୍କୁ ପ୍ରସ୍ତାବ ଦେଇଛି ଗୋପାଳପୁର ଏନ୍ଏସି**

**ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାରେ ସହାୟକ ହେବ ପ୍ରସ୍ତାବିତ ପ୍ରକଳ୍ପ**

ଏନେଇ ସୂଚନା ଦେଇଛନ୍ତି କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ବେଣିଆ। ପୂର୍ବରୁ ତାମିଲନାଡୁରେ ଏଭଳି ଏକ ସି-ୱେ ରହିଥିବା ବେଳେ ପ୍ରଶାସନିକ ଅନୁମୋଦନ ମିଳିଲେ ଏହି ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢିବ ବୋଲି ସେ କହିଛନ୍ତି। ଏହା ହେଲେ ଗୋପାଳପୁର ବେଳାଭୂମି ପ୍ରତି ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆକର୍ଷିତ ହେବେ ବୋଲି ସେ କହିଛନ୍ତି। ତେବେ ଏହି ସି-ୱେ ବା ଭାସମାନ ସମୁଦ୍ର ପଥକୁ ଉପଭୋଗ କରିବାକୁ ହେଲେ ପର୍ଯ୍ୟଟକଙ୍କୁ ନିର୍ଦ୍ଧାରିତ ଫି ବା ଦେୟ ଦେବାକୁ ପଡିବ ବୋଲି ମଧ ସେ କହିଛନ୍ତି। ଫଳରେ ଗୋପାଳପୁର ଏନଏସିର ରାଜସ୍ୱ ମଧ ବୃଦ୍ଧି ପାଇପାରିବ। ସମୁଦ୍ର ଭିତରରେ ଏକ କିଲୋମିଟର ପର୍ଯ୍ୟନ୍ତ ପ୍ରସ୍ତାବିତ ‘ସି-ୱେ’ କାର୍ଯ୍ୟକ୍ଷମ ହେଲେ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଦୃଷ୍ଟି ଦେଇ ସୁରକ୍ଷାକର୍ମୀଙ୍କୁ ମଧ ନିୟୋଜିତ କରାଯିବ ବୋଲି ଜଣାପଡିଛି।

■ ମୌଳିକ ସୁବିଧାରୁ ବଞ୍ଚିତ ମାର୍କଣ୍ଡେଶ୍ୱର ନଗର ବାସିନ୍ଦା

# ରାସ୍ତା ଓ ଡ୍ରେନ୍ ସମସ୍ୟାର ସମାଧାନ ପାଇଁ ମେୟର ଓ କମିଶନରଙ୍କ ଦ୍ୱାରସ୍ଥ

ବ୍ରହ୍ମପୁର,୨୦।୮ (ସମିସ): ରେଶମ ସହର ବ୍ରହ୍ମପୁର। ପୌରପାଳିକାରୁ ମହାନଗର ନିଗମର ମାନ୍ୟତା ହାସଲ କରିଛି। ତେବେ ଦିର୍ଘ ବର୍ଷ ଧରି ନିଗମର ୩୮ନମ୍ବର ୱାର୍ଡ ଅନ୍ତର୍ଗତ ଲାଞ୍ଜିପଲ୍ଲୀ ମାର୍କଣ୍ଡେଶ୍ୱର ନଗର ପ୍ରଥମ ଲାଇନ ବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି। ଉକ୍ତ ଅଞ୍ଚଳ ଚର୍ତୁପାଶ୍ୱର୍ରେ ଲୋକେ ରାସ୍ତାଘାଟ ଓ ଡ୍ରେନର ସୁବିଧା ପାଉଥିବା ବେଳେ ଏହି ଅଞ୍ଚଳର ଲୋକେ ଏଥିରୁ ବଞ୍ଚିତ ହୋଇଛନ୍ତି। ନିଗମ କର୍ତ୍ତୃପକ୍ଷ ତାଙ୍କ ପ୍ରତି ଅବହେଳା କରୁଥିବା ଅଭିଯୋଗ କରିଛନ୍ତି। ପକ୍କା ରାସ୍ତା ନଥିବା ବେଳେ ଡ୍ରେନର ବ୍ୟବସ୍ଥା ମଧ ନାହିଁ। ଫଳରେ ସାମାନ୍ୟ ବର୍ଷା ହେଲେ ସମଗ୍ର ଅଞ୍ଚଳରୁ ଜଳ ନିଷ୍କାସନ ହୋଇନପାରି ଲୋକେ ଜଳବନ୍ଦୀ ହୋଇ ରହୁଛନ୍ତି। ଏନେଇ ବାରମ୍ବାର ଅଭିଯୋଗ ଓ ଦାବି କଲେ ସୁଦ୍ଧା କେହି କର୍ଣ୍ଣପାତ କରୁନଥିବା ସେମାନେ ଅଭିଯୋଗ କରିଛନ୍ତି। ଫଳରେ ବାଧ ହୋଇ ଅଞ୍ଚଳବାସୀ ଉଭୟ ପୁରୁଷ ଓ ମହିଳା ଏକାଠି ହୋଇ ବ୍ରହ୍ମପୁର ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ଓ କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କୁ ନିଗମ କାର୍ଯ୍ୟାଳୟରେ ସାକ୍ଷାତ କରି ଅଭିଯୋଗ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ ରାସ୍ତା ଓ ନାଳ ନିର୍ମାଣ ପାଇଁ ଟେଣ୍ଡର ହୋଇ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲେ ହେଁ କାମ ଆରମ୍ଭ ହେଉନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଲୋକଙ୍କ ସମସ୍ୟା ସମ୍ପର୍କରେ ଅବଗତ ହେବାପରେ ମେୟର ସଂଘମିତ୍ରା ଦଳେଇ ବିଇଏମସିସ ସିଟି ଇଂଜିନିୟରଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ତେବେ ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ମେୟର ଓ କମିଶନରଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, ବ୍ରହ୍ମପୁର ବିଧାୟକ, ସାଂସଦ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କୁ ଚିଠି ଲେଖି ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି।

# କଟକ ସିଟି



## ଏସ୍‌ସିବି ମେଡିକାଲ

# ଯକୃତ ପ୍ରତିରୋପଣ ପ୍ରସ୍ତୁତି ଆଗେଇଲା

### ମେସିନ କିଣାଯିବା ପାଇଁ ସ୍ୱାସ୍ଥ୍ୟ ବିଭାଗର ତତ୍ପରତା

### ପ୍ରତିରୋପଣ ନିମନ୍ତେ ଏଆଇଜିର ସବୁଜ ସଙ୍କେତ

### ପ୍ରଶିକ୍ଷଣପ୍ରାପ୍ତ ଡାକ୍ତରୀ ଦଳ ଗଠନ ପାଇଁ ଆଲୋଚନା




କଟକ,୨୦।୮ (ସମିସ): ଜଟିଳ ଯକୃତ ରୋଗରେ ପୀଡ଼ିତ ହୋଇ ଜୀବନ ସହ ସଂଘର୍ଷ କରୁଥିବା ଗୁରୁତର ରୋଗୀଙ୍କୁ ଆରୋଗ୍ୟ କରିବା ପାଇଁ ପଥ ପ୍ରସ୍ତୁତ କରାଯାଉଛି। ପୁଣି ଥରେ କଟକ ବଡ ମେଡିକାଲରେ ଯକୃତ ପ୍ରତିରୋପଣ ଆରମ୍ଭ ହେବ। ସ୍ୱାସ୍ଥ୍ୟ ବିଭାଗ ଏଥି ପାଇଁ ତତ୍ପରତା ଦେଖାଇଛି। ପ୍ରତିରୋପଣ ୟୁନିଟରେ ଲୋଡାଥିବା କିଛି ମେସିନ ଖୁବଶୀଘ୍ର କିଣାଯିବ। ଡିଏମଇଟି ଏବଂ ଓଏସ୍‌ଏମସିଏଲ ସହ ଆଲୋଚନା ଆରମ୍ଭ ହୋଇଛି। ଏହାଛଡ଼ା ପ୍ରତିରୋପଣରେ ସମସ୍ତ ପ୍ରକାର ସହଯୋଗ କରିବା ନିମନ୍ତେ ହାଇଦ୍ରାବାଦର ଏସିଆନ ଇନଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ସବୁଜ ସଙ୍କେତ ଦେଇସାରିଛି। ପୂର୍ବରୁ ବଡ ମେଡିକାଲର ଯେଉଁ ଡାକ୍ତରୀଦଳ ପ୍ରତିରୋପଣ ପ୍ରକ୍ରିୟାରେ ସହଯୋଗ କରିଥିଲେ। ଉକ୍ତ ଡାକ୍ତରୀ ଦଳକୁ ପୁଣି ଥରେ ପ୍ରସ୍ତୁତ କରିବା ଦିଗରେ ଆଲୋଚନା ହେଉଥିବା ଜଣାପଡ଼ିଛି।

ମଙ୍ଗଳବାର ଦିନ ଭୁବନେଶ୍ୱରସ୍ଥିତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ବଡ ମେଡିକାଲରେ ଯକୃତ ପ୍ରତିରୋପଣ ନେଇ ଏକ ଜରୁରିକାଳୀନ ବୈଠକ ଡକାଯାଇଥିଲା। ଡିଏମଇଟି କାର୍ଯ୍ୟାଳୟର ଜଣେ ବରିଷ୍ଠ ପଦାଧିକାରୀଙ୍କ କହିବା ମୁତାବକ, ବୈଠକରେ ଏଆଇଜି ଉପସଭାପତି ସନ୍ତୋଷ ସାହୁ ଉପସ୍ଥିତ ରହି ପ୍ରତିରୋପଣ କ୍ଷେତ୍ରରେ ସମସ୍ତ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପୂର୍ବରୁ ଏଆଇଜି ସହଯୋଗରେ ହିଁ ବଡ ମେଡିକାଲରେ ଦୁଇଟି ପ୍ରତିରୋପଣ ସଫଳ ହୋଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଏଆଇଜି ସହ ହୋଇଥିବା ଏମଓୟୁ ଅବଧି ଶେଷ ହୋଇସାରିଛି। ହେଲେ ଗତବର୍ଷ ସେପ୍ଟେମ୍ବର ୯ ତାରିଖରେ ବଡ ମେଡିକାଲରେ ମାନସ କୁମାର ମୁଦୁଲିଙ୍କ ଯକୃତ ପ୍ରତିରୋପଣ ସମୟରେ ମଧ୍ୟ ଏଆଇଜି ସହ ଏମଓୟୁ ଶେଷ ହୋଇସାରିଥିଲା। ତଥାପି ଏମଓୟୁ ନବୀକରଣ କରାଯାଇ ପ୍ରତିରୋପଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଥିଲା। ଏଆଇଜି ସହ ଏମଓୟୁ ସ୍ୱାକ୍ଷର ପାଇଁ ଆଲୋଚନା ଅଗ୍ରଗତି କରୁଥିବା ସେ ଜଣାଇଛନ୍ତି।

ବଡ ମେଡିକାଲରେ ଯକୃତ ପ୍ରତିରୋପଣ ୟୁନିଟ ପ୍ରତିଷ୍ଠା କ୍ଷେତ୍ରରେ କୋଟିକୋଟି ଟଙ୍କା ବିନିଯୋଗ ହୋଇଛି। ତଥାପି କିଛି ମେସିନ କିଣାଯାଇ ପାରିନାହିଁ। ଅବଶିଷ୍ଟ ମେସିନ କିଣିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପ୍ରକ୍ରିୟା ଅଗ୍ରଗତି କରିଥିବା କୁହାଯାଉଛି। ସେହିପରି ସଫଳପୂର୍ବକ ଯକୃତ ପ୍ରତିରୋପଣ କରାଇବା ନିମନ୍ତେ ୪ଜଣିଆ ସ୍ୱତନ୍ତ୍ର ଡାକ୍ତରୀ କମିଟି ପୂର୍ବରୁ ଗଠନ ହୋଇଥିଲା। ଯେଉଁଥିରେ ପ୍ରଫେସର ଡାକ୍ତର ରାଜେଶ ଦୋରା ନୋଡାଲ ଅଫିସର ଥିବା ବେଳେ ପ୍ରଫେସର ଡାକ୍ତର ପ୍ରମୋଦ ପଲାଇ, ପ୍ରଫେସର ଡାକ୍ତର କୌମୁଦି ପଟ୍ଟନାୟକ, ଆସୋସିଏଟ ପ୍ରଫେସର ଡାକ୍ତର ଲକ୍ଷ୍ମୀନାରାୟଣ ମହାନ୍ତି ରହିଥିଲେ। ଏହି କମିଟିର ତତ୍ତ୍ୱାବଧାନରେ ବଡ ମେଡିକାଲରେ ଦୁଇଟି ପ୍ରତିରୋପଣ ସଫଳ ହୋଇଥିଲା। ହେଲେ କିଛି ମାସ ପୂର୍ବେ ଜେନେରାଲ ସର୍ଜନ ପ୍ରଫେସର ଦୋରାଙ୍କୁ ହଠାତ୍ ଫୁଲବାଣୀ ବଦଳି କରି ଦିଆଯାଇଥିଲା। ପ୍ରଫେସର ପଲାଇଙ୍କୁ ଆନେସ୍ଥେସିଆ ବିଭାଗକୁ, ପ୍ରଫେସର ପଟ୍ଟନାୟକଙ୍କୁ ପାଥୋଲୋଜି ବିଭାଗକୁ ଏବଂ ଡାକ୍ତର ମହାନ୍ତିଙ୍କୁ ଜିଆଇ ସର୍ଜରୀ ବିଭାଗକୁ ପଠାଇ ଦିଆଯାଇଥିଲା। ଏହି କମିଟିକୁ ପୁନଃସଙ୍ଗଠିତ କରିବା ଦିଗରେ ସ୍ୱାସ୍ଥ୍ୟ ବିଭାଗ ଯୋଜନା କରୁଥିବା ଜଣାପଡ଼ିଛି।

## ପୁରୁଣା ମାମଲାର ଶୁଣାଣି ପ୍ରସଙ୍ଗରେ ନୋଟିସ ପ୍ରଦାନ ପ୍ରସଙ୍ଗ

# ରାଜ୍ୟ ସୂଚନା ଆୟୁକ୍ତଙ୍କ ନିଷ୍ପତ୍ତିରେ ହସ୍ତକ୍ଷେପ ପାଇଁ ମନାକଲେ ହାଇକୋର୍ଟ

କଟକ,୨୦।୮ (ସମିସ): ରାଜ୍ୟ ସୂଚନା ଆୟୁକ୍ତଙ୍କ ନିଷ୍ପତ୍ତିରେ ହସ୍ତକ୍ଷେପ କରିବା ପାଇଁ ହାଇକୋର୍ଟ ମନା କରିବା ସହ ଆବେଦନରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି। ଏକ ପୁରୁଣା ମାମଲାରେ ସୂଚନା ଆୟୁକ୍ତଙ୍କ ଗତ ଗତ ଜୁନ୧୩ର ନିଷ୍ପତ୍ତିରେ କୌଣସି ଅସଂଗତି ନଥିବା ଦର୍ଶାଇ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଅଦାଲତ ଅଗ୍ରାହ୍ୟ କରିଦେଇଛନ୍ତି। ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ଗତ ୨୦୨୧-୨୨ବର୍ଷର ପୁରୁଣା ମାମଲାରେ ଯଦି ଆବେଦନକାରୀ ଶୁଣାଣି କରିବାକୁ ଚାହାନ୍ତି ତା ହେଲେ ଅଗଷ୍ଟ୧୫ସୁଦ୍ଧା ନିଜର ସହମତି ଡାକ କିମ୍ବା ଇମେଲ ଜରିଆରେ ଜଣାଇବାକୁ ରାଜ୍ୟ ସୂଚନା ଆୟୁକ୍ତଙ୍କ ପୂର୍ଣ୍ଣପୀଠ ଗତ ୨୦୨୫ଜୁନ୧୩ରେ ନିର୍ଦ୍ଦେଶ ଦେଇ ନୋଟିସ ଜାରି କରିଥିଲେ। ଏହି ନୋଟିସକୁ ଅବୈଧ ଦର୍ଶାଇ ଆବେଦନକାରୀ ସୂଚନା କମିସନଙ୍କ ନିର୍ଦ୍ଦେଶକୁ ଚାଲେଞ୍ଜ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ଶୁଣାଣି ବେଳେ ପ୍ରତିପକ୍ଷ ସୂଚନା କମିସନଙ୍କ ତରଫରୁ କୁହାଯାଇଥିଲା କି ବହୁ ମାମଲାରେ ଆବେଦନକାରୀ ଜବାବ ରଖୁନଥିବାରୁ ମାମଲା ସଂଖ୍ୟା ବୃଦ୍ଧି ପାଉଛି। ଏଣୁ ୨୦୨୧-୨୨ର ପୁରୁଣା ମାମଲାରେ ଆବେଦନକାରୀଙ୍କ ସହମତି ଲୋଡାଯାଇ ନୋଟିସ ଜାରି କରାଯିବାରେ କୌଣସି ତ୍ରୁଟି ନଥିବା କମିସନଙ୍କ ପକ୍ଷରୁ ଯୁକ୍ତି ଦର୍ଶାଯାଇଥିଲା। କମିସନଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଜୟ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

# ଆନ୍ତଃସ୍କୁଲ ଓ ୱାଇଜିଟିଟିଏ ରାଜ୍ୟ ର୍ୟାଙ୍କିଂ ଟିଟି ଚାମ୍ପିଅନସିପ୍ ଉଦ୍‌ଘାଟିତ



କଟକ,୨୦।୮ (ସମିସ): ସିଡିଏ ସେକ୍ଟର-୭ସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇନଡୋର ଷ୍ଟାଡିୟମରେ ଆଜିଠାରୁ ୬ଷ୍ଠ ଆନ୍ତଃସ୍କୁଲ ଏବଂ ୩୦ତମ ୱାଇଜିଟିଟିଏ ରାଜ୍ୟ ର୍‌ୟାଙ୍କିଂ ଟେବଲ ଟେନିସ୍ ଚାମ୍ପିଅନସିପ ଆରମ୍ଭ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଆନ୍ତଃସ୍କୁଲ ଚାମ୍ପିଅନସିପ୍ ଖେଳାଯାଉଛି, ଯେଉଁଥିରେ ବିଭିନ୍ନ ବିଦ୍ୟାଳୟରୁ ୩୦୦ ପ୍ରତିଯୋଗୀ ଭାଗ ନେଇଛନ୍ତି। ଆସନ୍ତା ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ଏଠାରେ ୱାଇଜିଟିଟିଏ ରାଜ୍ୟ ର୍‌ୟାଙ୍କିଂ ଚାମ୍ପିଅନସିପ ଖେଳାଯିବ।

ଆନ୍ତଃସ୍କୁଲ ଚାମ୍ପିଅନସିପର ସିନିୟର ବାଳିକା ଇଭେଣ୍ଟରେ କଟକର ଗୁରୁ ନାନକ ପବ୍ଲିକ ସ୍କୁଲ ଏବଂ ଷ୍ଟିୱାର୍ଟ ସ୍କୁଲ ଫାଇନାଲରେ ପ୍ରବେଶ କରିଛନ୍ତି। ପ୍ରଥମ ସେମିଫାଇନାଲରେ ଗୁରୁ ନାନକ ୩-୦ ଗେମ୍‌ରେ ଭୁବନେଶ୍ୱରର କିସ୍‌କୁ ହରାଇଥିଲା। ସେହିପରି ଦ୍ୱିତୀୟ ସେମି ମୁକାବିଲାରେ ଷ୍ଟିୱାର୍ଟ ୩-୦ ଗେମ୍‌ରେ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ହରାଇ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛି। ବାଳକ ବର୍ଗର ଉଭୟ ସିନିୟର ଏବଂ ଜୁନିୟର ରାଉଣ୍ଡରେ ଗୋଟିଏ ଲେଖାଏ ସେମିଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଜୁନିୟର ବାଳକ ଇଭେଣ୍ଟରେ କଟକର ଦିଲ୍ଲୀ ପବ୍ଲିକ ସ୍କୁଲ ୩-୨ ଗେମରେ ପୁରୀର ପିଏମ ଶ୍ରୀ କେଭିକୁ ଏବଂ ସିନିୟର ବାଳକ ଇଭେଣ୍ଟରେ ପୁରୀର ପିଏମ ଶ୍ରୀ କେଭି ୩-୨ ଗେମରେ କଟକର ନ୍ୟୁ ଷ୍ଟିୱାର୍ଟ ସ୍କୁଲକୁ ପରାସ୍ତ କରିଥିଲା। ଜୁନିୟର ବାଳିକା ଇଭେଣ୍ଟର ପ୍ରଥମ ସେମିଫାଇନାଲରେ ପୁରୀ ଜିଲ୍ଲା ସ୍କୁଲ ୩-୧ ଗେମ୍‌ରେ ଭୁବନେଶ୍ୱରର ପିଏମ ଶ୍ରୀ କେଭି ନଂ-୧ ସ୍କୁଲକୁ ହରାଇଥିଲା। ଦ୍ୱିତୀୟ ସେମିଫାଇନାଲରେ ସିଡିଏ ଡିଏଭି ପବ୍ଲିକ ସ୍କୁଲ ୩-୧ ଗେମରେ ପୁରୀର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରକୁ ପରାସ୍ତ କରିଛି। ସିନିୟର ଓ ଜୁନିୟର ବାଳକ ଇଭେଣ୍ଟର ଅବଶିଷ୍ଟ ଦୁଇଟି ଯାକ ସେମିଫାଇନାଲ ମ୍ୟାଚ୍ ଏବଂ ସମସ୍ତ ଫାଇନାଲ ମୁକାବିଲା ଗୁରୁବାର ଆୟୋଜିତ ହେବ। ପୂର୍ବତନ ଜାତୀୟ ଟେବଲ ଟେନିସ ଖେଳାଳି ତଥା ଶିଳ୍ପପତି ଆନନ୍ଦ ପୋଦ୍ଦାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ରାଜ୍ୟ ଟେବଲ ଟେନିସ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡା, ଉପସଭାପତି ଚିତ୍ତରଞ୍ଜନ ମହାନ୍ତି, କୋଷାଧ୍ୟକ୍ଷ ନିହାର ରଞ୍ଜନ ମିଶ୍ର ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଅମ୍ପାୟାର ଜୀବନ ବଲ୍ଲଭ ସାମଲ, ତପନ ଖାଁ, ବିଜୟ ଦାସ ମହାପାତ୍ର, ସୁଜିତ ରାୟ, ସନ୍ଦୀପ ଚକ୍ରବର୍ତ୍ତୀ, କେଏସ୍‌ଏନ ମୂର୍ତ୍ତି, କେଭିପି ରାମାରାଓ ମ୍ୟାଚ୍ ପରିଚାଳନା କରିଥିଲେ।

# ମୋକିମ ଫାଉଣ୍ଡେସନ ପକ୍ଷରୁ ଅମୃତଧାରା କାର୍ଯ୍ୟକ୍ରମ



କଟକ,୨୦।୮ (ସମିସ): ସ୍ୱେଚ୍ଛାସେବୀ ସଙ୍ଗଠନ ମୋକିମ ଫାଉଣ୍ଡେସନ ପକ୍ଷରୁ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ଆଗାମୀ ଅଗଷ୍ଟ ୨୩ ତାରିଖ ଶନିବାର "ଅମୃତଧାରା' ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଫାଉଣ୍ଡେସନ ପକ୍ଷରୁ ୩ଟି ସ୍ଥାନରେ ତଥା କଟକ ସେଲ୍ଟର ଛକ ସ୍ଥିତ ବାରବାଟୀ-କଟକ ବିଧାୟିକାଙ୍କ ଆବାସିକ କାର୍ଯ୍ୟାଳୟ, ମାଣିକଘୋଷ ବଜାରସ୍ଥିତ ମାରୱାଡି କ୍ଲବ ଓ ସିଡିଏ ସେକ୍ଟର-୯ର ଡକ୍ଟର ଟମ୍ପେ ରୋଡରେ ଥିବା ଏସଏନ ଟାଏକୋଣ୍ଡ ଏକାଡେମୀରେ ରକ୍ତଦାନ ଶିବିର ଆୟୋଜନ ହେବ। ଶିବିରରୁ ମୋଟ ୭୦୦ରୁ ୭୫୦ ୟୁନିଟ ପର୍ଯ୍ୟନ୍ତ ରକ୍ତ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି। ଏଥିରେ ମାରୱାଡ଼ି ଯୁବ ସଂଘ, ଏସଏନ ଟାଏକୋଣ୍ଡ ଏକାଡେମୀ ସହଯୋଗର ହାତ ବଢାଇଛନ୍ତି। ସେହିପରି ଆସନ୍ତା ନଭେମ୍ବର ମାସରେ ମୋକିମ ଫାଉଣ୍ଡେସନ ପକ୍ଷରୁ ଗଣ ବିବାହ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ସେହିପରି ଡାକ୍ତର ନଇମା ତଜିନଙ୍କ ନେତୃତ୍ୱରେ ଏବଂ ଆପୋଲୋ ଓ କେୟାର ହସ୍ପିଟାଲ ସହଯୋଗରେ ଲୋକଙ୍କୁ ନିଶୁଳ୍କ ଔଷଧ ପ୍ରଦାନ କରାଯାଉଛି। ସର୍ବର ହାସିବ, ମିସ ସୁଦିପ୍ତା, ଡାକ୍ତର ନୀଳାଶିଷ ପାଣି, ରାକେଶ ଜେନା ଉପସ୍ଥିତ ଥିଲେ।

# ଅସହାୟ 'ଚିନି'କୁ ସାହା ହେଲେ ସ୍ୱେଚ୍ଛାସେବୀ

କଟକ,୨୦।୮ (ସମିସ): ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ପ୍ରତିଷ୍ଠାନ ଭିତରେ ଏକ କରୁଣ ଦୃଶ୍ୟ ଦେଖିବାକୁ ମିଳିଥିଲା। ୧୩ ବର୍ଷର ଜଣେ ଝିଅ ଅସହାୟ ହୋଇ ପଡ଼ିବା ଭଳି କାନ୍ଦୁଥାଏ। ପାଖରେ ପଡ଼ିଥାଏ ମା'ର ମୃତଦେହ। ଏପରିକି ନିକଟରେ ପିଲାଟିର ବାପା ଥିଲେ ସୁଦ୍ଧା କାହାକୁ କିଛି ନକହି ଅବାକ ହେବା ଭଳି ଛିଡ଼ା ହୋଇଥାନ୍ତି। କିଛି ରୋଗୀ ସମ୍ପର୍କୀୟ ଏଭଳି ଦୃଶ୍ୟ ଦେଖି ସାମାଜିକ କର୍ମୀ ଅଭିମନ୍ୟୁ ଦାସଙ୍କୁ ଖବର ଦେବା ପରେ ଘଟଣା ବିଷୟରେ ଜଣାପଡ଼ିଥିଲା। ଉମରକୋଟ ଅଞ୍ଚଳର ଝିଅ ଚିନି କଲ୍ଲାର ନିଜ ମା' ସୋମାରୀଙ୍କୁ ଧରି କ୍ୟାନ୍ସର ହସ୍ପିଟାଲ ଆସିଥିଲେ। ୧୫ଦିନ ଧରି ଏଠାରେ ଚିକିତ୍ସିତ ହେବା ପରେ ସୋମାରୀ ମୃତ୍ୟୁବରଣ କରିଥିଲେ। ତେବେ ଚିନିର ବାପା ମନତୋଷ ମାନସିକ ଭାବେ ଦୁର୍ବଳ ଅଟନ୍ତି। ଆର୍ଥିକ ଦୁରବସ୍ଥା ଭିତରେ ଗତି କରୁଥିବା ଏହି ପରିବାର ପାଇଁ ସୋମାରୀଙ୍କ ମୃତଦେହ ଧରି ଉମରକୋଟ ଫେରିବା କଷ୍ଟସାଧ୍ୟ ଥିଲା। ସାମାଜିକ କର୍ମୀ ଅଭିମନ୍ୟୁ ସେଠାରେ ପହଞ୍ଚିବା ସହ ଏ ବାବଦରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କୁ ଖବର ଦେଇଥିଲେ। ମନ୍ତ୍ରୀ ଶ୍ରୀ ଗଣ୍ଡ ଆର୍ଥିକ ସହାୟତା ଦେବା ପରେ ସମାଜସେବୀ ଶିଶିର କୁମାର ସାହୁ, ଫାଣ୍ଡି ଅଧିକାରୀ ମାନେଶ୍ୱର ପ୍ରଧାନଙ୍କ ସହଯୋଗରେ ମୃତଦେହ ଉମରକୋଟ ନିଆଯାଇଥିଲା।

# ଥାଳି ଧରି ପ୍ରତିବାଦ କଲେ ରେଭେନ୍ସା ଛାତ୍ରାବାସ ଅନ୍ତେବାସୀ

କଟକ,୨୦।୮ (ସମିସ): ଏକାଧିକ ସମସ୍ୟା ପ୍ରତିବାଦରେ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟର ଜଗନ୍ନାଥ ଛାତ୍ରାବାସ ଅନ୍ତେବାସୀମାନେ କୁଳପତିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ବିଶେଷକରି ଛାତ୍ରାବାସରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ ଉଠାଇ ଅନ୍ତେବାସୀମାନେ ଖାଦ୍ୟ ଥାଳି ଧରି ବସିଥିଲେ। ଛାତ୍ରାବାସରେ ବିଭିନ୍ନ ସମସ୍ୟା ରହିଛି। ମାତ୍ର ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଥିଲା। ଛାତ୍ରାବସର କାନ୍ଥ ଫାଟି ଛାତ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିଶ୍ୱବିଦ୍ୟାଳୟର ପରିସର ବାହାରେ ଏହି ଛାତ୍ରାବାସ ଥିବାରୁ ସମସ୍ୟା ପ୍ରତି କର୍ତ୍ତୃପକ୍ଷ ଧ୍ୟାନ ଦେଉନାହାନ୍ତି ବୋଲି ଧାରଣା ଦେଇଥିବା ଅନ୍ତେବାସୀମାନେ କହିଥିଲେ। ଏହି ପରିପ୍ରେକ୍ଷୀରେ କୁଳପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ପ୍ରଫେସର ରାଧାନାଥ ରଥଙ୍କ ତୈଳଚିତ୍ର ଉନ୍ମୋଚିତ

କଟକ,୨୦।୮ (ସମିସ): ଓଡ଼ିଶାର ପ୍ରାଚୀନ ସାରସ୍ୱତ ଅନୁଷ୍ଠାନ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ବିଶିଷ୍ଟ ସାରସ୍ୱତ ସାଧକ ତଥା ମନସ୍ତତ୍ତ୍ୱବିତ୍ ଓ ଶିକ୍ଷାବିତ ପ୍ରଫେସର ରାଧାନାଥ ରଥଙ୍କ ତୈଳଚିତ୍ର ଶ୍ରୀରାମଚନ୍ଦ୍ର ଭବନଠାରେ ଉନ୍ମୋଚିତ ହୋଇଯାଇଛି। ତୈଳଚିତ୍ର ଉନ୍ମୋଚନ ଉତ୍ସବରେ ସୌମ୍ୟରଞ୍ଜନ ପଟ୍ଟନାୟକ ଉଦଘାଟକ ଭାବେ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ପ୍ରଫେସର ଅଜିତ ମହାନ୍ତି, ସମ୍ମାନିତ ଅତିଥି ପ୍ରଫେସର ସଙ୍ଗୀତା ରଥ, ମୁଖ୍ୟବକ୍ତା ଭାବେ ପ୍ରଫେସର ବିଜୟାନନ୍ଦ ସିଂହ ଯୋଗଦାନ କରିଥିଲେ। ଅନୁଷ୍ଠାନର ଉପସଭାପତି ମନୋଜ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ କୋଷାଧ୍ୟକ୍ଷ ଶିବାଶିଷ କର ଅତିଥିଙ୍କୁ ମଞ୍ଚକୁ ନିମନ୍ତ୍ରଣ ଓ ସ୍ୱାଗତ କରିଥିବାବେଳେ କାର୍ଯ୍ୟନିର୍ବାହିକା ସମିତିର ସଦସ୍ୟ ସରୋଜ ସାମଲ ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ସୁଶୀଳ ବାଗ ଧନ୍ୟବାଦ ଦେଇଥିଲେ। ବିଶିଷ୍ଟ ଶିକ୍ଷାବିତ୍ ତଥା ଭାଷାବିତ୍ ଡକ୍ଟର ଦେବୀ ପ୍ରସନ୍ନ ପଟ୍ଟନାୟକ, ଡକ୍ଟର ପ୍ରଭାତ କୁମାର ମିଶ୍ର, ଡକ୍ଟର ବସନ୍ତ କୁମାର ଦାସ, ଡକ୍ଟର ସତ୍ୟକାମ ମିଶ୍ର, ମନୋରଞ୍ଜନ ପାଣିଗ୍ରାହୀ, ପ୍ରଫେସର ନିରଞ୍ଜନ ତ୍ରିପାଠୀ, ଡକ୍ଟର



ଶାନ୍ତନୁ କୁମାର ରଥ, ଡକ୍ଟର ନିତ୍ୟାନନ୍ଦ ସ୍ୱାଇଁ, ଶ୍ରୀହର୍ଷ ରାଉତରାୟ, ଡକ୍ଟର ସୁବାସିନୀ ଲେଙ୍କା, ବିନୋଦ ଦାଶ, ଇଂ ଧୀରେନ୍ଦ୍ର ବିଶ୍ୱାଳ ସାରସ୍ୱତ ସାଧକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ ଶତବାର୍ଷିକୀ

# ସ୍ୱରାଜ ଆଶ୍ରମରେ ସର୍ବଧର୍ମ ପ୍ରାର୍ଥନା ସଭା




କଟକ,୨୦।୮ (ସମିସ): ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କ ଦ୍ୱିତୀୟ ଓଡ଼ିଶା ଆଗମନର ଶତବାର୍ଷିକୀ ଉପଲକ୍ଷେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଉତ୍କଳ ସର୍ବୋଦୟ ମଣ୍ଡଳ ଓ ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ ଆଜି କଟକର ଐତିହାସିକ ସ୍ୱରାଜ ଆଶ୍ରମରେ ଚରଖା ପ୍ରଦର୍ଶନୀ କରାଯିବା ସହ ବିଶାଳ ସର୍ବଧର୍ମ ପ୍ରାର୍ଥନା ସଭା ଓ ରାମଧୂନ ଗାନ କରାଯାଇଥିଲା। କୈଳାଶ ଚନ୍ଦ୍ର ସାହୁ, ଶଙ୍କର ବେହେରା, ସୁଚିତ୍ରା ପ୍ରଧାନ, ଲଳିତା ନାୟକ, ଗାୟତ୍ରୀ ଗଡ଼ନାୟକ ପ୍ରମୁଖ ଚରଖାରେ ସୂତା କାଟି ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ। ଏହି ଅବସରରେ କଟକ ବାରବାଟିର ବିଧାୟିକା ସୋଫିଆ ଫିର୍ଦ୍ଦୋଷ ସ୍ୱରାଜ ଆଶ୍ରମରେ ପତାକା ଦେଖାଇ ଶାନ୍ତି ସଂହତି ସଦଭାବନା ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପିସିସି ସଭାପତି ଭକ୍ତଚରଣ ଦାସ ସ୍ୱରାଜ ଆଶ୍ରମରେ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ପଦଯାତ୍ରାରେ ସାମିଲ ହୋଇଥିଲେ। ଏହି ଯାତ୍ରା ଶହୀଦ ଭବନ ପରିସରରେ ପହଞ୍ଚି ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପର୍ଣ କରିଥିଲେ। ମେୟର ସୁବାଷ ସିଂହ ଓ କମିଶନର କିରଣଦୀପ କୌର ସହୋଟା ପଦଯାତ୍ରୀଙ୍କୁ ସ୍ୱାଗତ କରିଥିଲେ ଓ ମ୍ୟୁନିସପାଲିଟି ହାଇସ୍କୁଲ ପିଲାମାନେ ଉପସ୍ଥିତ ଥିଲେ। ପରେ ଯାତ୍ରା ଦରଘା ବଜାରଠାରେ ଗୋପବନ୍ଧୁ ଚୌଧୁରୀଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାପର୍ଣ କରିବା ସହ

### ପଦଯାତ୍ରାକୁ ସ୍ୱାଗତ କଲେ ମେୟର ଓ କମିଶନର

ଓଡ଼ିଆ ବଜାର ସ୍ଥିତ ଜାନକୀନାଥ ଭବନରେ ପହଞ୍ଚି ନେତାଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରଫେସର ସ୍ୱପ୍ନା ମହାପାତ୍ର, ମାମାଲି ଗଡ଼ନାୟକ, ଜାତୀୟ ଯୁବ ପ୍ରକଳ୍ପର ମଧୁଭାଇ ପ୍ରମୁଖ ସର୍ବ ଧର୍ମ ପ୍ରାର୍ଥନା ସଭା ସଞ୍ଚାଳନ କରିଥିବା ବେଳେ ପଦଯାତ୍ରାର ନେତୃତ୍ୱ ମନୋରଞ୍ଜନ ମହାନ୍ତି, ମିହିର ପ୍ରତାପ ଦାସ, ହରିହର ସେନ, ମାନସ ପଟ୍ଟନାୟକ, ଶୋଭନୀୟ ଶିକ୍ଷାଶ୍ରମର ଅରୁନ୍ଧତୀ ଦେବୀ, ବନଲତା ଦେବୀ, ଲୋହିଆ ଏକାଡେମୀର ସମ୍ପାଦକ ଦେବପ୍ରସାଦ ରାୟ ପ୍ରମୁଖ ନେଇଥିଲେ। କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟି ଡ଼ା ବିଶ୍ୱଜିତ୍ ଗାନ୍ଧୀଜୀଙ୍କ ଦ୍ୱିତୀୟ ଓଡ଼ିଶା ଆଗମନର ଶତବାର୍ଷିକୀର ଇତିହାସ ଓ ପାଳନର ମହତ୍ତ୍ୱ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

## ମହାତ୍ମା ଗାନ୍ଧୀଙ୍କ କୁଷ୍ଠାଶ୍ରମ ଆଗମନର ଶତବାର୍ଷିକୀ ପାଳନ ଉତ୍ସବ

# କୁଷ୍ଠରୋଗୀଙ୍କୁ ସମାଜ ଗଠନରେ ଏକୀକୃତ କରିବା ଉଚିତ



କଟକ,୨୦।୮ (ସମିସ): ମହାତ୍ମା ଗାନ୍ଧୀଙ୍କ କୁଷ୍ଠାଶ୍ରମ ଆଗମନର ଶତବାର୍ଷିକୀ ପାଳନ ଉପଲକ୍ଷେ କଟକ ନୂଆବଜାର ସ୍ଥିତ ଏସିଆର ସର୍ବବୃହତ କୁଷ୍ଠାଶ୍ରମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି ଯୋଗଦେଇ କହିଲେ ଯେ, ଶହେ ବର୍ଷ ପୂର୍ବେ ୧୯୨୫ ମସିହାରେ, ଗାନ୍ଧୀଜୀ ଓଡ଼ିଶା ରାଜ୍ୟକୁ ତାଙ୍କର ଦ୍ୱିତୀୟ ଗସ୍ତ ସମୟରେ ଏହି ସ୍ଥାନକୁ ଆସିଥିଲେ। କୁଷ୍ଠରୋଗରେ ପୀଡିତ ଲୋକଙ୍କୁ ବାଦ ଦିଆଯିବା ଉଚିତ୍ ନୁହେଁ, ବରଂ ସମାଜ ଗଠନରେ ଏକୀକୃତ କରିବା ଉଚିତ୍। ଗାନ୍ଧୀଜୀଙ୍କ ଦୃଷ୍ଟିକୋଣ ଆଜି ଆମ ପାଇଁ ଗଭୀର ଭାବରେ ପ୍ରାସଙ୍ଗିକ। କୁଷ୍ଠାଶ୍ରମ କେବଳ ଚିକିତ୍ସାର ଏକ କେନ୍ଦ୍ର ନୁହେଁ; ଏହା ଆରୋଗ୍ୟ, ଆଶା ଏବଂ ମାନବିକ ମର୍ଯ୍ୟାଦାର ଏକ ପବିତ୍ର ସ୍ଥାନ।

କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଲେ ଯେ, କୁଷ୍ଠ ରୋଗୀଙ୍କର ଆଧୁନିକ ଚିକତ୍ସା କରିବା ଓ ଅଙ୍ଗ ହରାଇଥିବା ବ୍ୟକ୍ତିମାନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯିବା ସହ ସେମାଙ୍କର ପୁନଃ ଥଇଥାନର ସମସ୍ତ ବ୍ୟବସ୍ଥା ପ୍ରତି ସରକାର ଯତ୍ନବାନ ଅଛନ୍ତି।

### ମହାତ୍ମା କୁଷ୍ଠ ସେବା ସ୍ମୃତି ବନ ଉଦ୍‌ଘାଟିତ

### କୁଷ୍ଠାଶ୍ରମ ଆରୋଗ୍ୟ, ଆଶା ଏବଂ ମାନବିକ ମର୍ଯ୍ୟାଦାର ଏକ ପବିତ୍ର ସ୍ଥାନ: ରାଜ୍ୟପାଳ

କଟକ ସାଂସଦ ଭର୍ତ୍ତୃହରି ମହତାବ ସ୍ୱାଧୀନତା ସମସ୍ତଙ୍କ ପାଇଁ। ଦଳିତ, ପ୍ରପୀଡ଼ିତ, ନିଷ୍ପେସିତଙ୍କ ପାଇଁ ମଧ ସମାନ ସ୍ୱାଧୀନତା ଯୋଗାଇ ଦେବା ଥିଲା ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ ବୋଲି ତାଙ୍କ ଅଭିଭାଷଣରେ କହିଥିଲେ। କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମସି କମିଶନର କିରନଦୀପ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ। ନୟନ କିଶୋର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ରାଜ୍ୟପାଳ କୁଷ୍ଠାଶ୍ରମ ପରିସରରେ ମହାତ୍ମା କୁଷ୍ଠ ସେବା ସ୍ମୃତି ବନର ଉଦଘାଟନ କରିଥିଲେ।

# ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ

କଟକ,୨୦।୮ (ସମିସ): କଟକ ସାରସ୍ୱତ ପୀଠ ସାରଳା ଭବନଠାରେ ଜ୍ଞାନପୀଠ ପୁରସ୍କାରପ୍ରାପ୍ତ ପ୍ରଖ୍ୟାତ ଔପନ୍ୟାସିକ ପଦ୍ମଭୂଷଣ ଡକ୍ଟର ଗୋପୀନାଥ ମହାନ୍ତିଙ୍କ ୩୪ତମ ଶ୍ରାଦ୍ଧୋତ୍ସବ ଉପଲକ୍ଷେ ଏକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋପୀନାଥ ମହାନ୍ତିଙ୍କ ଆତ୍ମଜୀବନୀ 'ସ୍ରୋତ ସ୍ୱତୀ'ର ପରିବର୍ଦ୍ଧିତ ସଂସ୍କରଣ ଉନ୍ମୋଚିତ କରାଯାଇଛି। ସଂସଦର ମୁଖ୍ୟ ଉପଦେଷ୍ଟା



ପ୍ରଜ୍ଞାରତ୍ନ ସହଦେବ ସାହୁଙ୍କ ଅଧ୍ୟକ୍ଷତାରେ ପଦ୍ମଭୂଷଣ ଡକ୍ଟର ପ୍ରତିଭା ରାୟ ଉତ୍ସବକୁ ଉଦଘାଟନ କରିଥିଲେ। ସଂସଦର ପ୍ରତିଷ୍ଠାତା ଓ ସଭାପତି ଡକ୍ଟର (ଇଂ) ପ୍ରଭାକର ସ୍ୱାଇଁ ମୁମ୍ବାଇରୁ ଆଭାସୀ ମାଧ୍ୟମରେ ଗୋପୀନାଥଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ, ବିଶିଷ୍ଟ ଶିକ୍ଷାବିତ ପ୍ରଫେସର ଡକ୍ଟର ଓଁକାରନାଥ ମହାନ୍ତି, ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଗୋପୀନାଥଙ୍କ ସୁପୁତ୍ର ବିଶିଷ୍ଟ ଶିକ୍ଷାବିତ ଡ. ଓଁକାରନାଥ ମହାନ୍ତି ଗୋପୀନାଥଙ୍କ ଆତ୍ମଜୀବନୀ 'ସ୍ରୋତ ସ୍ୱତୀ' ସମ୍ପର୍କରେ ଆଲୋକପାତ କରିଥିଲେ। ନାଟ୍ୟକାର ସଂଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାପୁରୀର ପ୍ରକାଶକ ଜୀବାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ଗୋପୀନାଥ ମହାନ୍ତିଙ୍କ ପୁତ୍ରବଧୂ ଲେଖିକା ନିବେଦିତା ମହାନ୍ତି, ସୁପୁତ୍ର ଅମୃତନାଥ ମହାନ୍ତି ଏବଂ ପୁତ୍ରବଧୂ ଅନୁଜା ମହାନ୍ତିଙ୍କ ସମେତ ବହୁ ବିଶିଷ୍ଟ ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗଦେଇ ପ୍ରତିକୃତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ।

## ସିକେରକୁପା-କଦମ୍ବଗୁଡ଼ା ମୁଖ୍ୟ ରାସ୍ତା ମରଣଯନ୍ତା

# ଦୁଇ ଠିକାଦାରଙ୍କ ଝଗଡ଼ାରୁ ପଡ଼ିରହିଛି ରାସ୍ତା କାମ

ଲାଞ୍ଜିଗଡ଼, ୨୦।୮ (ସମିସ)



କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ଼ ବ୍ଲକରେ ବର୍ଷ ବର୍ଷ ଧରି ବିଭିନ୍ନ ସମସ୍ୟା ଲାଗି ରହିଛି । ଏଥି ମଧ୍ୟରୁ ମୁଖ୍ୟ ସମସ୍ୟା ହେଉଛି ରାସ୍ତା । ବ୍ଲକରେ ୨୬ଟି ପଞ୍ଚାୟତରେ ୪୭୦ରୁ ଉର୍ଦ୍ଧ୍ୱ ଗାଁ ରହିଥିବା ବେଳେ ବର୍ତ୍ତମାନ ମଧ୍ୟ ୫୦ରୁ ଉର୍ଦ୍ଧ୍ୱ ଗାଁକୁ ରାସ୍ତା ନାହିଁ । ଯେଉଁ ରାସ୍ତା ଅଛି ତାହା ବର୍ଷ ବର୍ଷ ଧରି ମରାମତି କିମ୍ବା ନିର୍ମାଣ ହେଉନାହିଁ । ଯାହା ଫଳରେ ଅନେକ ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ରହିଥିବା ବେଳେ ଅଞ୍ଚଳବାସୀଙ୍କ ପାଇଁ ମରଣଯନ୍ତା ସାଜିଛି । ଏଭଳି ଏକ ଅଭିଯୋଗ ଆସିଛି ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ସ୍ଥିତ ସିକେରକୁପା ଠାରୁ କଦମ୍ବଗୁଡ଼ାକୁ ସଂଯୋଗ କରୁଥିବା ରାସ୍ତା । ଭବାନୀପାଟଣା ଠାରୁ ରାୟଗଡ଼ାକୁ ସଂଯୋଗ କରୁଥିବା ୬ନଂ ରାଜ୍ୟରାଜପଥ ସିକେରକୁପା ଛକଠାରୁ ଜାମପଦର ସଂଯୋଗ କରୁଥିବା ଏହି ପୂର୍ତ୍ତ ବିଭାଗର ରାସ୍ତା ଏବେ ମରଣଯନା ପାଲଟିଥିବା ବେଳେ ଲାଞ୍ଜିଗଡ଼ରୋଡ଼, କଦମଗୁଡା, ଗୋବର୍ଦ୍ଧନପୁର, ଭୁର୍ଟିଗଡ଼ ଓ କମର୍ଦ୍ଧା ପଞ୍ଚାୟତର ଶତାଧିକ ଗାଁ ଲୋକେ ବ୍ଲକ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟାଳୟକୁ ଯିବା ଆସିବାକୁ ହେଲେ ଏହି ରାସ୍ତା ଉପରେ ନିର୍ଭର କରିଥାନ୍ତି । ଏହା ବ୍ୟତୀତ ବ୍ଲକର ୨୧ଟି ପଞ୍ଚାୟତର ଲୋକେ ନର୍ଲା ରେଳ ଷ୍ଟେସନ ଓ ମଦନପୁର ରାମପୁର ତହସିଲ କାର୍ଯ୍ୟାଳୟକୁ ଯିବାକୁ ପଡୁଛି । ଏବେ ଏହି ରାସ୍ତା ଖାଲଖମାରେ ଭର୍ତ୍ତି ହୋଇ ରାସ୍ତାଟି ଲୋକଙ୍କ ପାଇଁ ମରଣଯନ୍ତା ସାଜିଛି । ଏହା ବ୍ୟତୀତ ବର୍ଷା ଦିନରେ ଖାଲଖମାରେ ଭର୍ତ୍ତି ଆବର୍ଜନା ପାଣି ଛିଟୁକୁ ଥିବା ବେଳେ ଲାଞ୍ଜିଗଡ଼ରୋଡ଼ ପଞ୍ଚାୟତ ସ୍ଥିତ ଦୁର୍ଭଟା ଗ୍ରାମବାସୀ ଓ କଲେଜ ଆସିବା ପାଇଁ ଛାତ୍ରଛାତ୍ରୀଙ୍କୁ ହଇରାଣ ହେବାକୁ ପଡୁଛି । ରାସ୍ତାଟି ସଙ୍କୁଚିତ ହୋଇ ରହିଥିବା ବେଳେ ରାସ୍ତା ମଝିରେ ବଡ଼ ବଡ଼ ଗର୍ତ୍ତ ଯୋଗୁଁ ଯାତାୟାତରେ ସମସ୍ୟା ଦେଖା ଦେଇଛି । ତେବେ ଏନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଦୃଷ୍ଟି ନଦେବାରୁ ବର୍ଷ ବର୍ଷ ଧରି ରାସ୍ତାର ରକ୍ଷଣାବେକ୍ଷଣ ହୋଇ ପାରୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଅପରପକ୍ଷରେ ଏହି ରାସ୍ତା ଗତ ବର୍ଷ ଟେଣ୍ଡର ସରିଥିବା ବେଳେ ଦୁଇଜଣ ଠିକାଦାରଙ୍କର ଝଗଡ଼ା ଯୋଗୁଁ ରାସ୍ତା କାମ ହୋଇପାରୁନାହିଁ ବୋଲି ଚର୍ଚ୍ଚା ହେଉଛି । ଅପରପକ୍ଷରେ ନିର୍ମାଣ ଓ ମରାମତି ଅଭାବରୁ ସିକେରକୁପା ଓ କଦମ୍ବଗୁଡ଼ା ରାସ୍ତା ଏବେ ବିପଦକୁ ହାତଠାରି ଡାକୁଛି । ଏଣୁ କଳାହାଣ୍ଡି ଜିଲ୍ଲା ପୂର୍ତ୍ତ ବିଭାଗ ଏହି ରାସ୍ତାର ନିର୍ମାଣ ଓ ମରାମତି ପାଇଁ ପଦକ୍ଷେପ ନ ନେଲେ ପରିସ୍ଥିତି ଭୟାବହ ହେବ ଏବଂ ଲୋକେ ଯେକୌଣସି ମୁହୂର୍ତ୍ତରେ ଆନ୍ଦୋଳନ ମୁହାଁ ହୋଇପାରନ୍ତି ବୋଲି ଆଲୋଚନା ହେଉଛି ।

## ଜୟନ୍ତୀରେ ରାଜୀବ ଗାନ୍ଧୀଙ୍କୁ ଶ୍ରଦ୍ଧାଞ୍ଜଳି



କେସିଙ୍ଗା, ୨୦।୮ (ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବଗାନ୍ଧୀଙ୍କ ଜନ୍ମବାର୍ଷିକୀ କଳାହାଣ୍ଡି ଜିଲ୍ଲା କେସିଙ୍ଗା କଂଗ୍ରେସ ଭବନରେ ପାଳନ ହୋଇଯାଇଛି । କେସିଙ୍ଗା କଂଗ୍ରେସର ବରିଷ୍ଠ ନେତାମାନେ ସ୍ୱର୍ଗତ ରାଜୀବଗାନ୍ଧୀଙ୍କ ଫୋଟୋ ଚିତ୍ରରେ ଫୁଲମାଲ୍ୟ ଅର୍ପଣ କରି ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ସମୟରେ ହୋଇଥିବା ଦୃଷ୍ଟାନ୍ତମୂଳକ କାର୍ଯ୍ୟ ବିଷୟରେ ମତ ବ୍ୟକ୍ତ କରିଥିଲେ । ଜିଲ୍ଲା ଯୁବ କଂଗ୍ରେସ ଇନଚାର୍ଜ ବିଜୟ ଦୀପ, ରାମଲାଲ ସୁନାନୀ, ରାମଜୀ ମାତଖଣ୍ଡିଆ, ଜୋସ୍ନା ବଗର୍ତ୍ତି, ରାଜ କୁମାରୀ ସରାଫ, ଯୁବନେତା ରୋହିତ ଜୈନ, ବସନ୍ତ ନାୟକ, ଧରଣୀଧର ନାଏକଙ୍କ ସମେତ ଅନେକ କଂଗ୍ରେସ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ ।

## ଖବର ପ୍ରକାଶ ପରେ ବିଦ୍ୟୁତ୍ ବିଭାଗର ନିଦ ଭାଙ୍ଗିଲା

ଗୋଲାମୁଣ୍ଡା, ୨୦।୮ (ସମିସ): ଗୋଲାମୁଣ୍ଡା ବ୍ଲକ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପଛପଟରେ ନାଏକପଡ଼ା ଦେଇ ଫୋର୍ ୱେକୁ ସଂଯୋଗ କରୁଥିବା ରାସ୍ତାର ଡାହାଣ ପାର୍ଶ୍ୱରେ ଦୀର୍ଘ ଦିନରୁ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଥିଲା । ଏନେଇ ନାଏକପଡ଼ା ପକ୍ଷରୁ ଆଲୋକ ବିଭାଗକୁ ବହୁ ବାର ଅବଗତ କରାଯାଇଥିଲେ ମଧ୍ୟ କର୍ଣ୍ଣପାତ କରିନଥିବା ପଡ଼ାବାସୀ ଅଭିଯୋଗ କରିଥିଲେ । ଏନେଇ 'ସକାଳ'ରେ ଖବର ବାହାରିବା ପରେ ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀଙ୍କ ନିଦ ଭାଙ୍ଗି ତତ୍ପରତା ଦେଖାଇଛି । ଖବର ପ୍ରସାରଣ ହେବା ମାତ୍ରେ ବିପଦପୂର୍ଣ୍ଣ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଉପାଡ଼ି ପାଖରେ ଥିବା ଖୁଣ୍ଟରେ ବିଦ୍ୟୁତ ତାର ସଂଯୋଗ କରାଯାଇଥିବା ଦେଖିବାକୁ ମିଳିଛି । ଏନେଇ ନାଏକପଡ଼ା ତରଫରୁ ଦୈନିକ 'ସକାଳ'କୁ ବେଶ୍ ପ୍ରଶଂସା କରିଛନ୍ତି ।



## ପିଏଲଭି ତାଲିମ ଶିବିର ଉଦ୍‌ଯାପିତ



ଟିଟିଲାଗଡ଼, ୨୦।୮ (ସମିସ): ଟିଟିଲାଗଡ଼ ତାଲୁକ ଆଇନ ସେବା ସମିତି ପକ୍ଷରୁ ଏକ ଦିବସୀୟ ପାରା ଲିଗାଲ ଭଲ୍ୟୁଣ୍ଟିୟର (ପିଏଲଭି) ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ତାଲୁକ ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରା ବିଚାରପତି ସନ୍ଦୀପ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ ଶିବିରରେ ଟିଟିଲାଗଡ଼ ଏବଂ ବଙ୍ଗୋମୁଣ୍ଡା ବ୍ଲକର ୩୪ ଜଣ ପିଏଲଭିଙ୍କୁ ସମ୍ବିଧାନର ଅନୁଚ୍ଛେଦ, ଅପରାଧ, ଶ୍ରମ, ଶିଶୁ, ଏସସିଏସଟି ଆଇନ, ନାଗରିକଙ୍କ ଅଧିକାର, କର୍ତ୍ତବ୍ୟ, ସରକାରଙ୍କ ସମାଜ କଲ୍ୟାଣ ଯୋଜନା ଆଦି ଅନେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ତାଲିମ ପ୍ରଦାନ କରାଯାଇଥିଲା । ଶିବିରରେ ୪ଟି ସେସନରେ ତାଲୁକ ସମିତି ଅଧ୍ୟକ୍ଷ, ଏସଡ଼ିଜେଏମ ସୁମିତ ପାଣିଗ୍ରାହୀ, ପେନାଲ ଲୟର ସନ୍ଧ୍ୟା ଥାପା, ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟାପିକା ପୁଣ୍ୟତୋୟା ପାଣିଗ୍ରାହୀ, ବ୍ଲକ କଲ୍ୟାଣ ଅଧିକାରୀ ଦେବାଶିଷ ମିଶ୍ର, ଫ୍ରଣ୍ଟ ଅଫିସ ରିଟେନର ସାରଙ୍ଗଧର ବାଗ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ । ସମିତି କିରାଣି ଜିବର୍ଦ୍ଧନ ଛତ୍ରିଆ, କିଶୋର ଚନ୍ଦ୍ର ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ପିଏଲଭି ଉଷା ସୁନା, ଲୋଚନୀ ଖରସେଲ, ସେହନାଜ ବେଗମ, ପ୍ରମୋଦ ପାଳ, ସନ୍ଧ୍ୟାରାଣୀ ଦାସ, ସରିତା ଶର୍ମା, ଶୋଭାଗିନୀ ରଣା, ସୁରେନ୍ଦ୍ର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ ।

## ମଦ ଜବତ; ଜଣେ ଗିରଫ



ଶଗଡ଼ା, ୨୦।୮ (ସମିସ): କନ୍ଧମାଳ ଅବକାରୀ ବିଭାଗ ପକ୍ଷରୁ କନ୍ଧମାଳ ଥାନା କୁମେଲ ବନ୍ଧ ଗ୍ରାମ ନିକଟରେ ଚଢ଼ଉ କରି ଏକ ବାଇକରୁ ୨୫ ଲିଟର ଦେଶୀ ମଦ ଓ ବାଇକ ଜବତ କରିବା ସହ ଜଣେ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଜଣକ ହେଲେ ଅଜୟ ଦିଗାଲ (୪୨) । ଏ ସଂକ୍ରାନ୍ତରେ ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ସତ୍ୟନାରାୟଣ ପ୍ରଧାନ ସୂଚନା ଦେଇଛନ୍ତି । ସେହିପରି କନ୍ଧମାଳ ଥାନା ବାଞ୍ଜିମୁଣ୍ଡା ଗ୍ରାମର ନାଳ ନିକଟରେ ବେଆଇନ ଭାବରେ ଚାଲିଥିବା ଦେଶୀ ମଦ ପ୍ରସ୍ତୁତି କାରଖାନାରେ ଅବକାରୀ ବିଭାଗର ଏକ ଟିମ ଚଢ଼ଉ କରିଥିଲା । ଅବକାରୀ ଟିମକୁ ଦେଖି ମାଫିଆମାନେ ଫେରାର ହୋଇଯାଇଥିବାବେଳେ ଘଟଣା ସ୍ଥଳରୁ ୫ଶହ କେଜି ମହୁଲ ପୋଚକୁ ନଷ୍ଟ କରାଯାଇଥିବା ସୂଚନା ମିଳିଛି ।

## କେନ୍ଦ୍ରୀୟ ବିଦ୍ୟାଳୟରେ ଶିକ୍ଷାଦାନ ଆରମ୍ଭ

ଟିଟିଲାଗଡ଼, ୨୦।୮ (ସମିସ): ଟିଟିଲାଗଡ଼ରେ ବହୁ ପ୍ରତୀକ୍ଷିତ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟନ ପରେ ପାଠପଢ଼ା ଆରମ୍ଭ ହୋଇଛି । ଛାତ୍ରଛାତ୍ରୀଙ୍କ ନେଇ ଅସ୍ଥାୟୀ ଭାବେ ସ୍ଥାନୀୟ ଧବଳେଶ୍ୱର ବିଦ୍ୟାପୀଠ କୋଠାରେ ବିଦ୍ୟାଳୟ ପ୍ରବେଶ ଉତ୍ସବ ସହ ଶିକ୍ଷାଦାନର ଶୁଭାରମ୍ଭ ହୋଇଛି । ବିଦ୍ୟାଳୟ ପ୍ରବନ୍ଧନ ସମିତିର ମନୋନୀତ ଅଧ୍ୟକ୍ଷ ଅଶୋକ ସାହୁ, ସହକାରୀ ଜିଲ୍ଲାପାଳ ସନ୍ଦୀପ ଚନ୍ଦ୍ରାକର, ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ପ୍ରଶାନ୍ତ ଷଡ଼ଙ୍ଗୀ, କାଉନସିଲର ସୁନିଲ ଆଚାର୍ଯ୍ୟ ଏବଂ ଧବଳେଶ୍ୱର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜାହାଙ୍ଗୀର ରାଜହଂସ ଉପସ୍ଥିତ ଥିଲେ । କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ପର୍ଶୁରାମ ପଧାନ ସ୍ୱାଗତ ଜଣାଇଥିଲେ । ଶିକ୍ଷକ ହେମନ୍ତ କନହେର, ସୁନିଲ ଭୋଇଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ ।



## ଧର୍ମଗଡ଼ ଜଗନ୍ନାଥ ସେବା ସମିତି ପକ୍ଷରୁ ଗରିବ ମହିଳାଙ୍କୁ ଶାଢୀ ବଣ୍ଟନ

ଧର୍ମଗଡ଼, ୨୦।୮ (ସମିସ): ଧର୍ମଗଡ଼ର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗନ୍ନାଥ ସେବା ସମିତି ପକ୍ଷରୁ ଅସହାୟ ମହିଳାଙ୍କୁ ମାଗଣାରେ ଶାଢୀ ବଣ୍ଟନ କରାଯାଉଛି । ଆସନ୍ତା ନୂଆଖାଇରେ ଗରିବ ମହିଳାମାନେ ନୂଆ ଶାଢ଼ୀ ପିନ୍ଧି ଯେପରି ନୂଆଁଖାଇ ପାରିବେ ତାହାକୁ ଦୃଷ୍ଟିରେ ରଖି ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ଏଭଳି ଜନକଲ୍ୟାଣ ପଦକ୍ଷେପ ଗ୍ରହଣ କରିଛନ୍ତି । ଏହି ପରିପ୍ରେକ୍ଷୀରେ ସୋମବାର ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ଛିଲିପା ଗ୍ରାମଠାରେ ପ୍ରାୟ ୫୦ଜଣ ମହିଳାଙ୍କୁ ଶାଢୀ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ଧର୍ମଗଡ଼ ବିଡ଼ିଓ ସଦାଶିବ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ସମାଜସେବୀ ଆଚାର୍ଯ୍ୟ ହୃଷୀକେଶ ମିଶ୍ର, ଛିଲିପା ପଞ୍ଚାୟତର ସରପଞ୍ଚ ବିଭୁଦତ୍ତ ପ୍ରଧାନୀ, ଡାକ୍ତର ସଂଗ୍ରାମ ପାଣିଗ୍ରାହି, ଏପିଓ ଭର୍ନୀତା ବିଶ୍ୱାସ, ଜିପିଡିଓ ଦେବୀ ଚରଣ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅଞ୍ଚଳର ତିନି ହଜାରରୁ ଉର୍ଦ୍ଧ୍ୱ ଗରୀବ ମହିଳାଙ୍କୁ ମାଗଣାରେ ଶାଢୀ ବଣ୍ଟନ କରାଯିବା ପାଇଁ ଲକ୍ଷ ରଖାଯାଇଛି ବୋଲି ଜଗନ୍ନାଥ ସେବା ସମିତିର ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ଅଗ୍ରୱାଲ ପ୍ରକାଶ କରିଛନ୍ତି ।

● ପାଣି ଟାଙ୍କିରେ ନାଗ ସାପ, ଆତଙ୍କିତ ଗ୍ରାମବାସୀ

## ୩ ଦିନ ହେଲା ଗାଁରେ ଜଳ ଯୋଗାଣ ବନ୍ଦ

**ବନ ବିଭାଗ କର୍ମଚାରୀ ଉଦ୍ଧାର କରିବାରେ ବିଫଳ**



ନୂଆପଡ଼ା/ଖଡ଼ିଆଳ, ୨୦।୮ (ସମିସ): ଖଡ଼ିଆଳ ବ୍ଲକ ରିଷି ଗାଁ ଗ୍ରାମର ପାଣି ଟାଙ୍କିରେ ନାଗ ସାପ ରହିଥିବାରୁ ପାନୀୟ ଜଳ ଯୋଗାଣ ବାଧାପ୍ରାପ୍ତ ରହିଛି । ଦୀର୍ଘ ଦିନ ଧରି ନାଗ ସାପ ଲୁଚି ରହିଥିଲେ ମଧ୍ୟ ତାକୁ ବାହାର କରିବାକୁ ପ୍ରଶାସନ ପଦକ୍ଷେପ ନେଇ ନଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ବାରମ୍ବାର ଅଭିଯୋଗ ପରେ ବନ ବିଭାଗ କର୍ମଚାରୀ ଗାଁକୁ ଆସି ଉଦ୍ୟମ କରି ବିଫଳ ହୋଇଛନ୍ତି । ଫଳରେ ଗାଁରେ ଜଳ ଯୋଗାଣ ବନ୍ଦ ରହିଥିବା ବେଳେ ଲୋକେ ଆତଙ୍କିତ ଅଛନ୍ତି । ପ୍ରକାଶ ଯେ ରିଷିଗାଁ ଗ୍ରାମର ସୁନ୍ଦରନଦୀ କୂଳରେ ଚାରିବର୍ଷ ତଳେ ପାଣି ଟାଙ୍କି ନିର୍ମାଣ ହୋଇ ଗ୍ରାମକୁ ପାନୀୟ ଜଳଯୋଗାଣ ହୋଇଥିଲା । କିନ୍ତୁ ଗ୍ରାମବାସୀଙ୍କ କହିବାନୁଯାୟୀ ଠିକାଦାର ଟାଙ୍କି ଉପରେ କିଛି ସ୍ଥାନ ଖୋଲା ରଖି ଦେଇଥିଲେ ବୋଲି ଅନେକ ସମୟରେ ମଇଳା ସବୁ ପଡୁଥିବା ଗ୍ରାମବାସୀ ଅଭିଯୋଗ କରୁଥିଲେ । ତିନିଦିନ ତଳେ କିଛି ଯୁବକ ଟାଙ୍କି ଉପରକୁ ଚଢ଼ି ନଦୀ ବଢ଼ି ଦେଖୁଥିବା ସମୟରେ ଏକ ନାଗ ସାପ ଦେଖିବାକୁ ପାଇଥିଲେ । ଯାହାଦ୍ୱାରା ଗ୍ରାମବାସୀଙ୍କ ମଧ୍ୟରେ ଆତଙ୍କ ଦେଖା ଦେଇଥିଲା । କିଛି ଦିନ ହେଲା ସେମାନେ ପାଣି ପିଇ ଆସୁଥିଲେ । ଏନେଇ ପ୍ରଶାସନକୁ ଜଣାଇବା ପରେ ଜଙ୍ଗଲ ବିଭାଗ କର୍ମଚାରୀ ଯାଇ ସାପକୁ ବାହାର କରିବା ପାଇଁ ଉଦ୍ୟମ କରି ବିଫଳ ହୋଇଛନ୍ତି । ଗ୍ରାମବାସୀ ଆଗରୁ ମଧ୍ୟ କିଛି ଦିନ ଏଠିକାର ପାଣି ବ୍ୟବହାର କରୁଛନ୍ତି ବୋଲି ଆତଙ୍କିତ ଅଛନ୍ତି । ଶୀଘ୍ର ସାପକୁ ବାହାର କରିବା ସହ ଢାଙ୍କୁଣି ବ୍ୟବସ୍ଥା କରିବାକୁ ଲୋକେ ଦାବି କରିଛନ୍ତି ।

## ଯୁବ ରେଡ୍‌କ୍ରସ ଜିଲ୍ଲାସ୍ତରୀୟ କାର୍ଯ୍ୟକାରୀ ସମିତି ବୈଠକ

ନୂଆପଡ଼ା, ୨୦।୮ (ସମିସ): ନୂଆପଡ଼ା ଜିଲ୍ଲା ନ୍ୟାସନାଲ ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ବାର୍ଷିକ ଯୁବ ରେଡ୍‌କ୍ରସ କାର୍ଯ୍ୟକାରୀ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସମସ୍ତ ସ୍ନାତକ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଓ ଯୁବ ରେଡ଼କ୍ରସ ପରାମର୍ଶଦାତାମାନେ ଯୋଗ ଦେଇଥିଲେ । ଜିଲ୍ଲା ଯୁବ ରେଡ଼କ୍ରସ ସଭାପତି ତଥା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ହିତେଶ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଏସ୍. କେ. ନସିମ, ଖଡ଼ିଆଳ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅକ୍ଷୟ ସାହୁ, ପ୍ରଫେସର ବିଧାନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ-ସମ୍ପାଦକ ଶିବ ପ୍ରସାଦ ସା ସ୍ୱାଗତ ଭାଷଣ ଦେଇଥିଲେ । ଜିଲ୍ଲା ସଂଯୋଜକ ଅଶ୍ୱିନୀ ଓତା ଉଭୟ ମହାବିଦ୍ୟାଳୟ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କଠାରୁ ଆଦାୟ ହେଉଥିବା ରେଡ଼କ୍ରସ ପାଉଣାର ସଦୁପଯୋଗ ସହ ରେଡକ୍ରସର ବିଭିନ୍ନ ସରକାରୀ ନିୟମ ଓ ସେବା ସମ୍ପର୍କରେ ଆଲୋକପାତ କରିଥିଲେ । ଅଧ୍ୟାପକ ବୈକୁଣ୍ଠ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପକ ବୈଦ୍ୟନାଥ ଗଡ଼ତିଆ, ଅଧ୍ୟାପକ ଗୋପୀ ଗୋପାଳ ସୁନା, କ୍ରୀଡା ଶିକ୍ଷକ ପ୍ରକାଶ ସାହୁ, ଲାବଣ୍ୟ ଖର୍ସେଲ, ବିକାଶ ରାଉତ, କ୍ରିଷ୍ଣା ଜାଲ, ଗୌତମ ସାହୁ ପ୍ରମୁଖ ସହଯୋଗ କରିଥିଲେ ।



## ବେଲପଡ଼ା ବାଳିକା ବିଦ୍ୟାଳୟରେ ବିଶ୍ୱ ସଂସ୍କୃତ ସପ୍ତାହ



ବେଲପଡ଼ା, ୨୦।୮ (ସମିସ): ବେଲପଡ଼ା ବାଳିକା ବିଦ୍ୟାଳରେରେ ବିଶ୍ୱ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଶ୍ୱମ୍ଭର ବୁଡେକଙ୍କ ନେତୃତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବେଲପଡ଼ା ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଭିନବ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କୃତୀ ଛାତ୍ରୀମାନଙ୍କୁ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ । ସଂସ୍କୃତ ଶିକ୍ଷୟତ୍ରୀ ଅନ୍ନପୂର୍ଣ୍ଣା ଆଚାର୍ଯ୍ୟ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ୧୦ମ ଶ୍ରେଣୀର ଛାତ୍ରୀ ଭାରତୀ ମେହେର ସଭା ସଞ୍ଚାଳନ କରିଥିଲେ । ପରିଶେଷରେ ଶିକ୍ଷକ ରାକେଶ ରାଉତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## କୃଷକ ମହାସଂଘର ବିକ୍ଷୋଭ




ବଲାଙ୍ଗିର, ୨୦।୮ (ସମିସ): ବଲାଙ୍ଗିର ଜିଲ୍ଲାରେ ଚାଷୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ଜିଲ୍ଲା କୃଷକ ମହାସଂଘ ଆନ୍ଦୋଳନକୁ ଓହ୍ଲାଇଛି । ଜିଲ୍ଲାର ଚାଷୀଙ୍କୁ ସରକାର ଅଣଦେଖା କରୁଥିବା ଅଭିଯୋଗରେ ଏହି ଆନ୍ଦୋଳନ ହୋଇଛି । ବୁଧବାର ଚାଷୀମାନେ ଜିଲ୍ଲାପାଳ ଅଫିସ ଆଗରେ ଧାରଣା ଦେବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ବଲାଙ୍ଗିର ଜିଲ୍ଲାରେ ଚାଷୀମାନଙ୍କ ପ୍ରତି ସରକାର ବୈମାତୃକ ମନୋଭାବ ପ୍ରଦର୍ଶନ କରୁଥିବା ଜିଲ୍ଲା କୃଷକ ମହାସଂଘ ଅଭିଯୋଗ କରିଛି । ଦଶ ଦଫା ଦାବି ନେଇ କୃଷକ ମହାସଂଘ ବୁଧବାର ଜିଲ୍ଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିବା ସହ ବିକ୍ଷୋଭ ପ୍ରଦର୍ଶ କରିଛି । ମହାସଂଘ ଅଭିଯୋଗ କ୍ରମରେ ଜିଲ୍ଲାରେ ସାର କଳାବଜାର ଚାଲିଥିବା ପ୍ରଶାସନ ନୀରବ ରହିଛି । ଧାନ ପଞ୍ଜିକରଣ ସମୟ ସରିବାକୁ ବସିଥିବା ବେଳେ ଅନେକ ଚାଷୀ ଏବେ ବି ପଞ୍ଜିକରଣ କରିନାହାନ୍ତି । ସେହିପରି ବୀମା କମ୍ପାନୀଗୁଡ଼ିକ ବୀମା ପ୍ରଦାନରେ ଅନିୟମିତତା କରୁଥିବା ବେଳେ ଜଳସେଚନର ସୁବ୍ୟବସ୍ଥା ହୋଇନାହିଁ । ତେବେ ସାର କଳାବଜାର ବନ୍ଦ, ଧାନ ପଞ୍ଜିକରଣ ସମୟ ବୃଦ୍ଧି, ଧାନ ବିକ୍ରି ଏକର ପ୍ରତି ୧୩ରୁ ୨୦ କୁଇଣ୍ଟାଲକୁ ବୃଦ୍ଧି, ବଲାଙ୍ଗିରରେ ଟେକ୍ସଟାଇଲ ପାର୍କ କିମ୍ବା ସ୍ପିନିଂ ମିଲ୍ ସ୍ଥାପନ, କୃଷି ବିଶ୍ୱବିଦ୍ୟାଳୟ ସ୍ଥାପନ, ଦେଓଗାଁ ଚିନିକଳ ପୁନରୁଦ୍ଧାର, ସୁକତେଲ ଡ୍ୟାମ ନିକଟସ୍ଥ ପଞ୍ଚାୟତକୁ ଜଳସେଚନ ବ୍ୟବସ୍ଥା, ବୀମା ଠକେଇର ତଦନ୍ତ ଲାଗି ସଂଘ ଦାବି କରିଛି । ଏନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ତେବେ ଆଗକୁ ଏହି ସମସ୍ୟାର ସମାଧାନ କରା ନ ଗଲେ କୃଷକ ମହାସଂଘ ଆନ୍ଦୋଳନ କରିବାକୁ ବାଧ ହେବ ବୋଲି ସଭାପତି ଯତୀ ପଧାନ, ସମ୍ପାଦକ ସୌମେନ୍ଦ୍ର ପରିଚ୍ଛା ପ୍ରତିକ୍ରିୟାରେ କହିଛନ୍ତି ।

## ଟ୍ରାକ୍ଟର ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

କଣ୍ଟାବାଞ୍ଜି, ୨୦।୮ (ସମିସ): ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ଥାନା ପଖନମୁଣ୍ଡା ଛକରେ ଏକ ଟ୍ରାକ୍ଟର ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ମୁରିବାହାଲ ଥାନା ସର୍ଦାପୁର ଗାଁର ବୀର କୁଅର (୪୦) । ସେ ରାଜମିସ୍ତ୍ରି ଭାବେ କଣ୍ଟାବାଞ୍ଜି ସହରରେ କାମ କରି ଚଳୁଥିଲେ । କାମ ସାରି ବାଇକ୍ ଯୋଗେ ସେ ଘରକୁ ଫେରୁଥଲେ । ପଖନମୁଣ୍ଡା ଛକରେ ଏକ ଟ୍ରାକ୍ଟର ଦ୍ରୁତଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା । ରକ୍ତାକ୍ତ ଅବସ୍ଥାରେ ରାସ୍ତା କଡରେ ପଡ଼ିଥିବା ବେଳେ ଶୋଭାରାଜ ସିଂ ମାଝୀ ନାମକ ଜଣେ ବ୍ୟକ୍ତି ତାଙ୍କୁ ଉଦ୍ଧାର କରି କଣ୍ଟାବାଞ୍ଜି ଡାକ୍ତରଖାନା ନେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । ଏନେଇ ମୃତ ବୀରଙ୍କ ପରିବାର ଲୋକେ କଣ୍ଟାବାଞ୍ଜି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ଅଧିକ ତଦନ୍ତ କରୁଛି । ତେବେ ଦୁର୍ଘଟଣା ଘଟାଇ ଟ୍ରାକ୍ଟର ଫେରାର ହୋଇଯାଇଛି ।

# ଦଶମ ଦିନରେ ଅମଲା ଆନ୍ଦୋଳନ

ବଲାଙ୍ଗିର, ୨୦।୮ (ସମିସ)



ଆନ୍ଦୋଳନରେ ରାଜସ୍ୱ ଅମଲା ସଂଘ । ନିର୍ବିକାର ସରକାର । ଏହି ଆନ୍ଦୋଳନର ପ୍ରଭାବ ସିଧାସଳଖ ବଲାଙ୍ଗିର ଜିଲ୍ଲାର କାର୍ଯ୍ୟାଳୟରେ ପଡୁଛି । ଏହାର ସମାଧାନ ପାଇଁ ଚେଷ୍ଟା ହେଉ ନ ଥିବା ଅଭିଯୋଗ ହୋଇଛି । ଆଗକୁ ପଶ୍ଚିମଓଡ଼ିଶାର ମହାନ ଗଣପର୍ବ ନୂଆଖାଇ । ଏହି ଆନ୍ଦୋଳନ ଏହି ପର୍ବକୁ ମଧ୍ୟ ପ୍ରଭାବିତ କରିବାର ସମ୍ଭାବନା ରହିଛି । ଅମଲାମାନଙ୍କ ଆନ୍ଦୋଳନ ଯୋଗୁଁ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଠପ ହୋଇପଡ଼ିଥିବା ଦେଖିବାକୁ ମିଳିଛି । ଏମିତିରେ ରାଜସ୍ୱ ମନ୍ତ୍ରୀଙ୍କ ଚେତାବନୀ ସତ୍ତ୍ୱେ ସଂଘ ଆନ୍ଦୋଳନରୁ ଓହରି ନାହିଁ ।

**● ନୂଆଖାଇ ପୂର୍ବରୁ ସରକାରୀ କାର୍ଯ୍ୟାଳୟରେ ଅଚଳାବସ୍ଥା**
**● ଜିଦରେ ଅଟଳ ସଂଘ**

ଗତ ୧୧ ତାରିଖରେ ୧୦ ଦଫା ଦାବି ନେଇ ରାଜସ୍ୱ ଅମଲା ସଂଘ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଥିଲା । ଏହିକ୍ରମରେ ୧୧ ତାରିଖରୁ ଜିଲ୍ଲାପାଳ ଅଫିସ ଆଗରେ ଅମଲା ସଂଘ ବସି ଆନ୍ଦୋଳନ ଚଳାଇଛି । ଜିଲ୍ଲାପାଳ ଅଫିସରୁ ଆରମ୍ଭ କରି ବ୍ଲକ ଅଫିସ ପର୍ଯ୍ୟନ୍ତ ଗତ ୧୦ ଦିନ ହେଲା ସମସ୍ତ କାର୍ଯ୍ୟ ଠପ ହୋଇପଡ଼ିଛି । ନା କୌଣସି ଫାଇଲ ଆଗକୁ ଯାଉଛି ନା କୌଣସି ବିଲ୍ ହେଉଛି । ଅମଲା ସଂଘରେ ବିଶେଷ କରି ତହସିଲ, ବ୍ଲକ, ଆଇସିଡିଏସ ସହ ଅନ୍ୟ ବିଭାଗର କିରାଣିମାନେ ରହିଛନ୍ତି । ସେମାନଙ୍କ ଅନୁପସ୍ଥିତି ଯୋଗୁଁ ଉକ୍ତ କାର୍ଯ୍ୟାଳୟ ସମ୍ପୂର୍ଣ୍ଣ ଭାବେ ଠପ ହୋଇପଡ଼ିଛି । ତହସିଲ କାର୍ଯ୍ୟାଳୟରେ ଜମିଜମା କାମ ହେଉନି । ବ୍ଲକ ସାମ୍ନାରେ ହିତାଧିକାରୀ ଓ ଠିକାଦାରମାନଙ୍କ ଭିଡ ଦେଖିବାକୁ ମିଳିଛି । ସେହିପରି ଅନ୍ୟ କାର୍ଯ୍ୟାଳୟରେ ମଧ୍ୟ ସମାନ ଅବସ୍ଥା ବଲାଙ୍ଗିର ଜିଲ୍ଲାରେ ଦେଖିବାକୁ ମିଳିଛି । ଆଗକୁ ପଶ୍ଚିମଓଡ଼ିଶାର ମହାନ ଗଣପର୍ବ ନୂଆଖାଇ ଥିବାରୁ ସରକାରୀ କାର୍ଯ୍ୟ ବନ୍ଦ ହେବା ଯୋଗୁଁ ଅନେକ ଲୋକ ପ୍ରଭାବିତ ହେଉଥିବା ଦେଖିବାକୁ ମିଳିଛି । ଏମିତି ସ୍ଥିତିରେ ସଂଘ ସହ ଆଲୋଚନା କରି ସରକାର ନିଷ୍କର୍ଷ ବାହାର କରିବା ବଦଳରେ ଓଲଟି ସଂଘକୁ ଚେତବାନୀ ଦେବା ଘଟଣାକୁ ନେଇ ସଂଘ ଅସନ୍ତୋଷ ଜାହିର କରିଛି । ତେବେ ଏନେଇ ବଲାଙ୍ଗିର ଜିଲ୍ଲା ସମ୍ପାଦକ ରତିକାନ୍ତ ପୁରୋହିତଙ୍କ କହିବା ଅନୁସାରେ ଲୋକଙ୍କ ସମସ୍ୟା ବିଷୟରେ ଆମେ ଅବଗତ ଅଛୁ; କିନ୍ତୁ ସରକାର ବାରମ୍ବାର ଆମକୁ ଅଣଦେଖା କରୁଥିବାରୁ ଆମେ ମଧ୍ୟ ଆନ୍ଦୋଳନ କରିବାକୁ ବାଧ ହେଉଛୁ । ଆମ ସମସ୍ୟା ବୁଝିବା ବଦଳରେ ରାଜସ୍ୱ ମନ୍ତ୍ରୀ ସଂଘକୁ ଧମକାଉଛନ୍ତି ଯାହାକି ଏହି ଆନ୍ଦୋଳନକୁ ଆଗକୁ ନେବା ପାଇଁ ଘିଅ ଭଳି କାମ କରିଛି । ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସମ୍ପାଦକ ଶ୍ରୀ ପୁରୋହିତ ପ୍ରତିକ୍ରିୟାରେ କହିଛନ୍ତି । ତେବେ ଆନ୍ଦୋଳନ ଯୋଗୁଁ ଉପୁଜିଥିବା ପ୍ରଶାସନିକ ଅସ୍ଥିରତାର ମଧ୍ୟ ବିକଳ୍ପ ବ୍ୟବସ୍ଥା କରାଯାଉ ନ ଥିବାରୁ ଲୋକେ ଅଯଥା ହଇରାଣ ହେଉଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି । ତେବେ ନୂଆଖାଇ ଓ ଲୋକଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସଂଘ ଦାବି କରିଛି ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀ ଜୟନ୍ତୀ



ଜଗତସିଂହପୁର,୨୦।୮ (ସମିସ): ମହାନ ଜନନାୟକ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ୮୧ତମ ଜୟନ୍ତୀ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ରାଜୀବ ଗାନ୍ଧୀଙ୍କ ତୈଳଚିତ୍ର ଓ ସ୍ଥାନୀୟ ଚର୍ଚ୍ଚିକା ବଜାର ନିକଟସ୍ଥ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ପରେ ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଲିଆ ସଂଘ ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, ଜିଲ୍ଲା କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଡାକ୍ତର ଜଗଦାନନ୍ଦ ବେହେରା, ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ବିଭାଗ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ, ଯୁବ ନେତା ପ୍ରବୀର ପରିଜା, ଦାଶରଥି ସ୍ୱାଇଁ, ସେଖ୍ ଅମିନୁସ ସାଜେଦିନ, ତ୍ରିପୁରେଶ୍ୱର ମଲ୍ଲିକ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ସାଫି ଆଜମ୍, ଈଶ୍ୱର ସ୍ୱାଇଁ, ରାଜେନ୍ଦ୍ର ସ୍ୱାଇଁ, ପଞ୍ଚାନନ ପ୍ରଧାନ, ଉମେଶ ସ୍ୱାଇଁ, ଉଦ୍ଧବ ବାରିକ, ଶୁଶାନ୍ତ ରାୟ, ରାଜେନ୍ଦ୍ର ବାରିକ, ଧର୍ମାନନ୍ଦ ବିଶ୍ୱାଳ, ବିଜୟ ପଲାଉରୀ, ଧର୍ମାନନ୍ଦ ବିଶ୍ୱାଳ, ଅଜୟ କୁମାର ମହାପାତ୍ର, ସୁକାନ୍ତ କୁମାର ମହାପାତ୍ର, ରବୀନ୍ଦ୍ର କୁମାର ମଲ୍ଲିକ, ଅତୁଲ୍ୟ କୁମାର ବିଶ୍ୱାଳ, ରମେଶ କୁମାର ବିଶ୍ୱାଳ, ଆର୍ତ୍ତତ୍ରାଣ ଖଟେଇ ପ୍ରମୁଖ ଥିଲେ।

## ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରା ରୋପଣ




ଜଗତସିଂହପୁର,୨୦।୮ (ସମିସ): ଜଗତସିଂହପୁର ସଦର ବ୍ଲକ୍ ମଣ୍ଡାସାହି ପଞ୍ଚାୟତସ୍ଥିତ ସୋମନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ଜାହାନପୁର ପରିସରରେ ଓଡ଼ିଶା ପରିବେଶ ସମିତି, ଭୁବନେଶ୍ୱର ଓ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ପାରାଦ୍ୱୀପ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ବିଭିନ୍ନ ଫଳ ଚାରା ରୋପଣ କରାଯାଇଛି। ସମିତିର ଆଜୀବନ ସଦସ୍ୟ ପରିବେଶବିତ୍ ଉତ୍କଳ ରଞ୍ଜନ ମହାନ୍ତିଙ୍କ ମାର୍ଗଦର୍ଶନରେ ମଣ୍ଡାସାହି ଷ୍ଟେଟ୍ ବ୍ୟାଙ୍କର ପରିଚାଳକ ପ୍ରଶାନ୍ତ କୁମାର ମୁଦୁଲି ଚାରାରୋପଣ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଲ ବିକ୍ରମ ପ୍ରଧାନ, ବିଦ୍ୟାଳୟର ପ୍ରଧାନଶିକ୍ଷକ ନିର୍ମଳ କୁମାର ଜେନା, ଶିକ୍ଷୟିତ୍ରୀ ମୌସୁମୀ ପଟ୍ଟନାୟକ, ଅଞ୍ଜଳି ନାଥ, ମିତାଲି ପ୍ରିୟଦର୍ଶିନୀ ବେହେରା, ସସ୍ମିତା ଦାସ, ପିଙ୍କି ମହାକୁଡ଼, ଶିକ୍ଷକ ସନ୍ତୋଷ କୁମାର ବେହେରା, ପ୍ରମୋଦ କୁମାର ସାହୁ, ବିଶ୍ୱନାଥ ପରିଡ଼ା ଏବଂ ବ୍ୟାଙ୍କ କର୍ମଚାରୀ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। 'ମାଆ ପାଇଁ ଗଛଟିଏ' ଅଭିଯାନ ମାଧ୍ୟମରେ ପ୍ରତ୍ୟେକ ଛାତ୍ରଛାତ୍ରୀ ନିଜସ୍ୱ ବାଡ଼ିବଗିଚାରେ ବୃକ୍ଷଟିଏ ଲଗାଇ ତା'ର ଉପଯୁକ୍ତ ଯତ୍ନ ନେବାକୁ କାର୍ଯ୍ୟକ୍ରମରେ ପରାମର୍ଶ ଦିଆଯାଇଥିଲା।

## ସରୋଜିନୀ ମହାପାତ୍ରଙ୍କ ପରଲୋକ



ଜଗତସିଂହପୁର,୨୦।୮ (ସମିସ): ଜଗତସିଂହପୁର ସହରର ଚାଟରା ଗ୍ରାମର ଜମିଦାର ପରିବାରର ବୋହୂ ତଥା ଧର୍ମପରାୟଣ ମହିଳା ପ୍ରାକ୍ତନ ଜିଲ୍ଲା ବିଜେପି ସଭାପତି ସତ୍ୟବ୍ରତ ମହାପାତ୍ର(ଗୁଣ୍ଡା ବାବୁ)ଙ୍କ ମାତା ସରୋଜିନୀ ମହାପାତ୍ରଙ୍କ ୯୫ ବର୍ଷ ବୟସରେ ନିଜ ବାସଭବନରେ ପରଲୋକ ହୋଇଯାଇଛି। ସେ ଦୀର୍ଘ ଦିନ ହେବ ଅସୁସ୍ଥ ଥିଲେ। ମନ୍ତ୍ରୀ ସମ୍ପଦ ସ୍ୱାଇଁ, ବିଧାୟକ ଅମରେନ୍ଦ୍ର ଦାସ, ସାଂସଦ ଡ. ବିଭୁ ପ୍ରସାଦ ତରାଇ, ସତ୍ୟସାରଥି ମହାନ୍ତି, ରାଜକିଶୋର ବେହେରା, ନଟବର ବାରିକ, ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ, ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଷୋୟୀ, ଜିଲ୍ଲା ବିଜେପି ସଭାପତି ପ୍ରତାପ କୁମାର ମିଶ୍ର, ମିଡିଆ ସେଲ୍ ଅଧ୍ୟକ୍ଷ ଗଣେଶ ପ୍ରସାଦ ମହାନ୍ତି, ପ୍ରମୁଖ ସରୋଜିନୀଙ୍କ ପରଲୋକରେ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପାର୍ଥିବ ଶରୀରକୁ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଶ୍ରୀମା ଶ୍ରୀ ଅରବିନ୍ଦ ଆଶ୍ରମ ନିକଟକୁ ନିଆଯାଇଥିଲା। ଶେଷ ଦର୍ଶନ ପରେ ଏକ ବିରାଟ ପଟୁଆର ସହ ସୋନନାଥ ହାଟ ନିକଟସ୍ଥ କଞ୍ଚ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିଲା।

## ମଙ୍ଗରାଜପୁରରୁ ୨ ସାପ ଉଦ୍ଧାର

ପାରାଦୀପ,୨୦।୮ (ସମିସ) : ପାରାଦୀପ ଉପକଣ୍ଠ କୁଜଙ୍ଗ ବ୍ଲକ୍ ମଙ୍ଗରାଜପୁର ଗ୍ରାମର ସାଇ ଅର୍ପିତା ପଣ୍ଡାଙ୍କ ବାସଭବନରୁ ଏକ ୫ ଫୁଟ ଲମ୍ବର ନାଗ ସାପକୁ ଉଦ୍ଧାର କରାଯାଇଛି। ସେହିପରି ଅନ୍ୟ ଏକ ସ୍ଥାନରୁ ଆଉ ଏକ ବିଷଧର ସାପ ଉଦ୍ଧାର ହୋଇଛି। ସାପଟି ଘର ଭିତରକୁ ପଶି ଯାଇଥିବା ସାଇ ଅର୍ପିତା ଦେଖି ଭୟରେ ସାଇ ପଡ଼ିଶା ଲୋକଙ୍କୁ ଡାକ ପକାଇ ଥିଲେ। ଲୋକେ ଏତେବଡ଼ ସାପକୁ ଦେଖି ତା' ଉପରେ ଜାଲ ପକାଇ ରଖିବା ପରେ କୁଜଙ୍ଗ ଅଞ୍ଚଳର ସାପ ଧରାଳି ପ୍ରଭାତ ବେହେରାଙ୍କୁ ଫୋନ୍ କରିଥିଲେ। ସେ ତୁରନ୍ତ ପହଞ୍ଚି ସାପକୁ ଉଦ୍ଧାର କରି ଜଙ୍ଗଲରେ ଛାଡ଼ି ଦେଇଥିଲେ। ପ୍ରଭାତ ଏବଂ ତାଙ୍କ ସହଯୋଗୀଙ୍କୁ ମଙ୍ଗରାଜପୁର ଗ୍ରାମବାସୀ ଓ ବୁଦ୍ଧିଜୀବୀ ପ୍ରଶଂସା କରିଛନ୍ତି।



# ନାବାଳିକାଙ୍କୁ ଧୋକା; ପୁଲିସ ବାବୁ ଗିରଫ



ଜଗତସିଂହପୁର,୨୦।୮ (ସମିସ): ଜଗତସିଂହପୁର ସଦର ଥାନା ଅଞ୍ଚଳର ଜଣେ ନାବାଳିକାକୁ ସାମାଜିକ ଗଣମାଧ୍ୟମ ଜରିଆରେ ପ୍ରେମ କରିବା ପରେ ବିବାହ କରି ଶାରୀରିକ ସମ୍ପର୍କ ସ୍ଥାପନ କଲେ। ପରେ ଧୋକା ଦେଇ ଖସିଯିବାକୁ ବସିଥିଲେ। ହେଲେ ତାଙ୍କର ଏହି କାରନାମା ମହଙ୍ଗା ପଡ଼ିଛି। ତାଙ୍କୁ ପୁଲିସ ଗିରଫ କରିଛି। ବାଲେଶ୍ୱର ଥାନା ବାଲିଆପାଳ ଥାନା ରତେଇ ଗ୍ରାମର ପୁଲିସ ଏସ୍ଆଇ ଅମିତ ପାଢ଼ୀ ଜଗତସିଂହପୁର ସଦର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କ ସହିତ ୨୦୨୩ ମସିହାରେ ସାମାଜିକ ଗଣମାଧ୍ୟମ ଜରିଆରେ ସମ୍ପର୍କ ସ୍ଥାପନ କରିଥିଲେ। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଅମିତଙ୍କ ଉପରେ ଭରସା କରି ନାବାଳିକା ଜଣକ ଘରଛାଡ଼ି ଅମିତଙ୍କ ପାଖକୁ ପଳାଇଥିଲେ। ପରେ ଉଭୟ ମନ୍ଦିରରେ ବିବାହବନ୍ଧ କରିଥିଲେ। ତେବେ ମାଟ୍ରିକ ପରୀକ୍ଷା ଥିବାରୁ ନାବାଳିକା ଜଣକ ଅମିତଙ୍କ ପରାମର୍ଶକ୍ରମେ ଘରକୁ ଫେରିଥିଲେ। ପରୀକ୍ଷା ସରିବା ପରେ ପୁନର୍ବାର ଘର ଲୋକଙ୍କୁ ନଜଣାଇ ଅମିତଙ୍କ ପାଖକୁ ଯାଇଥିଲେ ନାବାଳିକା। ଅମିତ ଚାକିରି କରିଥିବା ମୟୂରଭଞ୍ଜ ଏବଂ ରାୟଗଡ଼ା ଜିଲ୍ଲା ଗୁଣୁପୁରରେ ଉଭୟ କିଛି ଦିନ ରହିଥିଲେ। ପରେ ଅମିତ ନାବାଳିକାଙ୍କୁ ନିଜ ଘର ବାଲେଶ୍ୱର ନେଇ ପରିବାର ଲୋକଙ୍କ ଉପସ୍ଥିତିରେ ବୈଦିକ ରୀତିରେ ବିବାହ କରିଥିଲେ। ତେବେ କୌଣସି କାରଣରୁ ସମ୍ପର୍କରେ ଫାଟ ସୃଷ୍ଟି ହେବାରୁ ଉକ୍ତ ନାବାଳିକାକୁ ଜଗତସିଂହପୁର ପଠାଇ ଦେଇଥିଲେ ଅମିତ। ଝିଅ ଠାରୁ ସମସ୍ତ ବିଷୟରେ ଅବଗତ ହେବାପରେ ଜଗତସିଂହପୁର ସଦର ଥାନାରେ ଅଭିଯୋଗ କରିଥିଲେ ପରିବାର ଲୋକେ। ଅଭିଯୁକ୍ତ ପୁରୀ ଜିଲ୍ଲାରେ କାର୍ଯ୍ୟରତ ଥିବାରୁ ସେଠାରେ ତାଙ୍କୁ ନିଲମ୍ବିତ କରାଯାଇଥିଲା। ସେ ଜଣେ ପୁଲିସ ଅଧିକାରୀ ହୋଇଥିବାରୁ ପୁଲିସ କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ଉଠାଇଥିଲେ ପୀଡ଼ିତାଙ୍କ ମା'। ତେବେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତାଙ୍କ ନିର୍ଦ୍ଦେଶକ୍ରମେ ଗଠିତ ସ୍ପେଶାଲ ସ୍କ୍ୱାର୍ଡ ଗତକାଲି ବିଶାଖାପାଟଣାରୁ ଅଭିଯୁକ୍ତ ଅମିତ ପାଢ଼ୀଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଅମିତ ବାରମ୍ବାର ସ୍ଥାନ ପରିବର୍ତ୍ତନ କରୁଥିବାରୁ ଗିରଫରେ ବିଳମ୍ବ ହେଲା ବୋଲି ଏସ୍‌ପି କହିଛନ୍ତି। ଆଜି ଡାକ୍ତରୀ ପରୀକ୍ଷା ପରେ ଅମିତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ମୃତ ଦେହ ରଖି ରାସ୍ତା ଅବରୋଧ, ୨୪ଜଣଙ୍କ ନାମରେ ମାମଲା ରୁଜୁ

କୁଜଙ୍ଗ,୨୦।୮ (ସମିସ): ଗତ ୧୮ ତାରିଖ ରେ କୁଜଙ୍ଗ ବଳରାମପୁର ଗ୍ରାମ ଯୁବକ ଗୁଗୁଲ କୁମାର ଦାସ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ତାଙ୍କ ଶବକୁ କଟକ ପାରାଦୀପ ରାଜ୍ୟ ରାଜପଥ ୧୨ ରେ ରଖି ସ୍ଥାନୀୟ ବଳରାମପୁର ଓ ଆଖ ପାଖ ଗ୍ରାମର ଯୁବକ କ୍ଷତି ପୂରଣ ଦାବି କରି ରାସ୍ତା ରୋକ କରିଥିଲେ। ରାସ୍ତା ରୋକ ଖବର ପାଇ କୁଜଙ୍ଗ ଥାନା ସବ୍ ଇନିସପେକ୍ଟର୍ ରଶ୍ମୀ ରଞ୍ଜନ ସାହୁ ଅନ୍ୟ ୧୫ଜଣ ସହଯୋଗୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚି ଥିଲେ। ମାତ୍ର ଲୋକେ ସେମାନଙ୍କ ଜିଦ୍‌ରେ ଅଟଳ ରହିଥିଲେ। ଫଳରେ ୬ଘଣ୍ଟା ଧରି ରାସ୍ତା ବନ୍ଦ ରହିଥିଲା। ଏଥିଯୋଗୁଁ ସାଧାରଣ ଲୋକେ ନାନା ସମସ୍ୟା ଭୋଗିଥିଲେ।

## ଭାଜପାର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ, ଥାନାରେ ପୃଥକ୍ ଏତଲା

ରଘୁନାଥପୁର,୨୦।୮ (ସମିସ): ରଘୁନାଥପୁର ଥାନା ତାରପୁର ବାଇପାସ ଠାରେ ଭାଜପାର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ ହୋଇ ଥାନାରେ ୨ଟି ପୃଥକ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ କି ବୁଧବାର କିଶନନଗର ଥାନା ମଣିଜଙ୍ଗ ପଞ୍ଚାୟତରେ କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଥିଲା। ଏଥିରେ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଉକ୍ତ ପଞ୍ଚାୟତର ଭାଜପା କର୍ମୀ ଧାରିବିଲି ଗ୍ରାମର ପ୍ରିୟବ୍ରତ ମହାନ୍ତି ଓ ମଣିଜଙ୍ଗ ବଙ୍ଗାଳିପାଟଣାର ଶରତ କୁମାର ବେହେରା ବିଧାୟକ ଓ ଅଧିକାରୀଙ୍କ ପାଇଁ ତାରପୁର ବାଇପାସକୁ ଖାଦ୍ୟ ନେବାକୁ ଆସିଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା କିଶନନଗର ଥାନା ସାହାସପୁର ଗ୍ରାମର ଅକ୍ଷୟ କୁମାର ପରିଡ଼ା, ମଣିଜଙ୍ଗର ଭାନୁପ୍ରକାଶ ସାହୁ ଓ ଦଳିତହୁଡ଼ାର ବିନୋଦ କୁମାର ବେହେରା ଉଭୟ ପ୍ରିୟବ୍ରତ ଓ ଶରତଙ୍କୁ ଗାଳି ଗୁଲଜ କରି ମାଡ଼ ମାରି ଆହତ କରିଥିବା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି। ସେହିପରି ବିନୋଦଙ୍କ ପକ୍ଷରୁ ମଧ ଥାନାରେ ପାଲଟା ଅଭିଯୋଗ କରାଯାଇଛି। ପ୍ରିୟବ୍ରତ ଓ ଶରତ ଉଭୟ ତାଙ୍କୁ ତାରପୁର ବାଇପାସ ଠାରେ ଅଟକାଇ ଜାତିଆଣ ମନ୍ତବ୍ୟ ଦେଇ ଗାଳି ଗୁଲଜ କରିବା ସହ ତାଙ୍କୁ ମାଡ଼ ମାରି ଆହତ କରିଥିବାର ବିନୋଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ମାଡ଼ ମାରିବା ସମୟରେ ସେ ଅଚେତ ହୋଇପଡ଼ିଥିବା ଏବଂ ଦୁଇଜଣଙ୍କ ସହାୟତାରେ ସେ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସିତ ହେବାକୁ ଆସିଥିବାର ବିନୋଦ ଅଭିଯୋଗରେ ଦର୍ଶାଇଛନ୍ତି। ତେବେ ଏ ସମ୍ପର୍କରେ ଦୁଇଟି ଏତଲା ହୋଇଥିବା ଏବଂ ଘଟଣାର ତଦନ୍ତ ଜାରି ରହିଥିବାର ଆଇଆଇସି ସୁଶାନ୍ତ କୁମାର ସେଠୀ ପ୍ରକାଶ କରିଛନ୍ତି।

## ଶିକ୍ଷୟିତ୍ରୀଙ୍କୁ ରାଜୀବ ଗାନ୍ଧୀ ସେବାସମ୍ମାନ



ପାରାଦୀପ,୨୦।୮ (ସମିସ) : ଆଜି ଭୁବନେଶ୍ୱରସ୍ଥିତ ଜୟଦେବଭବନ ଠାରେ ୨୦୨୫ ମସିହାର ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବାସମ୍ମାନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରାଜୀବଗାନ୍ଧୀ ଷ୍ଟୁଡେଣ୍ଟସ ଫୋରମର ସଭାପତି ସତ୍ୟବ୍ରତ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଓଡ଼ିଶା କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ କଂଗ୍ରେସ ନେତା ନିରଞ୍ଜନ ପଟ୍ଟନାୟକ୍ ସୁର ରାଉତରାୟ, ରାମଚନ୍ଦ୍ର ଖୁଣ୍ଟିଆ ପର୍ଯ୍ୟବେକ୍ଷକର ମୁଖ୍ୟ ସମ୍ପାଦକ ପବିତ୍ର ମୋହନ ସାମନ୍ତରାୟ ଭାରତୀୟ ବାୟୁ ସେନାର ଅବସର ପ୍ରାପ୍ତ ମାର୍ଶାଲ ମହାରାଜା ମହନ୍ତ ପ୍ରମୁଖ-ଅତିଥି ଭାବରେ ଯୋଗ ଦେଇ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା କୃତିତ୍ୱ ଅର୍ଜନ କରିଥିବା ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ ଏବଂ ଗାଇଡ଼ସର ମୁଖ୍ୟ କମିସନର ଡ.କାଳି ପ୍ରସାଦ ମିଶ୍ର ଏବଂ ମୁଖ୍ୟ ପ୍ରଶାସନିକ ଅଧିକାରୀ ଅନାମିକା ଦାସଙ୍କ ମଞ୍ଜୁରକ୍ରମେ ପିପିଏଲ ପାରାଦ୍ୱୀପ ଡିଏଭି ସ୍କୁଲର ଶିକ୍ଷୟିତ୍ରୀ ତଥା ହିମାଳୟନ ଉଡ୍ ବ୍ୟାଚ ଫ୍ଲକ୍ ଲିଡର ପ୍ରଣତି ଜେନାଙ୍କୁ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ସଂଜୀବ କୁମାର ସାହୁ, ଜଗତସିଂହପୁର ଜିଲ୍ଲା ଶିକ୍ଷାଧିକାରୀଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ନୟାଗଡ଼ ଜିଲ୍ଲା କବ ବୁଲବୁଲ ସଂଯୋଜକ ତଥା ପୂର୍ବତନ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର କୁମାର ନାୟକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

## ପାରାଦୀପ କଲେଜ ଇତିହାସ ବିଭାଗର ସ୍ୱାଗତ ଉତ୍ସବ



ପାରାଦୀପ,୨୦।୮ (ସମିସ): ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ନୂତନ ଛାତ୍ରଛାତ୍ରୀଙ୍କ ପାଇଁ ବୁଧବାର ସ୍ୱାଗତ ପର୍ବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସସ୍ମିତା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଚରିତ୍ର ଗଠନ, ମୂଲ୍ୟବୋଧ ତଥା କର୍ତ୍ତବ୍ୟ ପରାୟଣ ଉପରେ ଗୁରୁତ୍ୱ ଦେବାପାଇଁ କହିଥିଲେ। ବିଭାଗୀୟ ମୁଖ୍ୟ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ସଭା କାର୍ଯ୍ୟକୁ ପରିଚାଳନା କରିଥିଲେ। ବିଭାଗର ଅଧ୍ୟାପକ ସନ୍ତୋଷ କୁମାର ମିଶ୍ର, ପ୍ରତୀକ କୁମାର ପଣ୍ଡା, ଅଧ୍ୟାପିକା ସଂଘମିତ୍ରା ପ୍ରଧାନ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ପ୍ରତିଯୋଗିତା ତଥା ସଙ୍ଗୀତ କାର୍ଯ୍ୟକ୍ରମ କରାଯାଇଥିଲା।

## ଯୁବ ସାମାଜିକ କର୍ମୀ ସମ୍ବର୍ଦ୍ଧିତ




ଜଗତସିଂହପୁର/ଏରସମା,୨୦।୮ (ସମିସ): ଭାରତରତ୍ନ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବଗାନ୍ଧୀଙ୍କ ୮୧ତମ ଜନ୍ମବାର୍ଷିକ ପାଳନ ଉପଲକ୍ଷେ ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ଷ୍ଟଡି ସର୍କଲ ଦ୍ୱାରା ସେବା କ୍ଷେତ୍ରରେ ଅନେକ ବିଭାଗରେ କାର୍ଯ୍ୟରତ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଛି। ତନ୍ମଧ୍ୟରୁ ଜଗତସିଂହପୁର ଜିଲ୍ଲା ଅଧୀନ ଗୋଡ଼ା ଗ୍ରାମପଞ୍ଚାୟତର କୁଅଁରବେଦୀ ଗ୍ରାମର ସଂଜୟ କୁମାର ପ୍ରଧାନଙ୍କୁ ରେଡକ୍ରସ୍ ଓଡ଼ିଶାର ଜଣେ ସଫଳ କାଉନସିଲର ତଥା ସେବା କ୍ଷେତ୍ରରେ ପାରଦର୍ଶିତା ନିମନ୍ତେ ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ ସଭାରେ ସମ୍ବର୍ଦ୍ଧିତ କରାଯାଇଛି। ସେ ଏହି ପୁରସ୍କାର ଓ ମାନପତ୍ର ଓଡ଼ିଶା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଠାରୁ ଗ୍ରହଣ କରିଛନ୍ତି।

## କୋଠିରେ ସଂସ୍କୃତ ସପ୍ତାହ ପାଳିତ

କୁଜଙ୍ଗ,୨୦।୮ (ସମିସ): କୁଜଙ୍ଗ ବ୍ଲକ୍ କୋଠିସ୍ଥିତ ରଘୁନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ ପରିଡ଼ାଙ୍କ ସଭାପତିତ୍ୱରେ ସମ୍ମାନିତ ଅତିଥି ରୂପେ ପରିଚାଳନା କମିଟି ସଭାପତି ଅରକ୍ଷିତ ଦାସ ଯୋଗଦେଇଥିଲେ। ଏହି ଅବସରରେ ଭାରତ ତା'ର ସଂସ୍କୃତି ଓ ସଂସ୍କୃତ ପାଇଁ ବିଶ୍ୱ ବିଦିତ ବୋଲି କହିବା ସହ କଣାଦ, ପାଣିନୀ, ଭର୍ତ୍ତୃହରି, ଆର୍ଯ୍ୟଭଟ୍ଟ, କାଳିଦାସଙ୍କ ପରି ଯୋଗଜନ୍ମାମାନେ ବିଶ୍ୱକୁ ସାହିତ୍ୟ ଧର୍ମ ଦର୍ଶନ ବିଜ୍ଞାନ ଆଦି ଆଦି ଭାଷା ସଂସ୍କୃତରେ ଦେଉଥିଲେ। ଯାହା ଆଜି ସାରା ବିଶ୍ୱ ପାଇଁ ଗବେଷଣା ବିଷୟ ପାଲଟିଛି। ତେଣୁ ସଂସ୍କୃତ ଦିବସରେ ମୃତବତ୍ ଏହି ଭାଷା କେବଳ କିଛି ନମ୍ବର ପାଇଁ ତୃତୀୟ ଭାଷା ରୂପେ ନ ପଢ଼ି ଏହାର ସୁରକ୍ଷା ଓ ସମୃଦ୍ଧି ପାଇଁ ସଭିଙ୍କ ଗୁରୁ ଦାୟିତ୍ୱ ଅଛି ବୋଲି କହିଥିଲେ।

ସଂସ୍କୃତ ଶିକ୍ଷକ ବିକାଶ ଦାସ ସଭା ସଭାପରିଚାଳନା କରିଥିବା ବେଳେ ରମାକାନ୍ତ ନାୟକ, ଅଶୋକ ମଲ୍ଲିକ, ଆଲୋକ କୁମାର, ରାମଚନ୍ଦ୍ର ରାଇତା, ରୋଜିନା ଘଡ଼ାଇ, କଲ୍ୟାଣୀ ବେହେରା, ଶୁଭଶ୍ରୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସର ରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।






## ଆଥ୍‌ଲେଟିକରେ ଦିବ୍ୟାଙ୍ଗ ପାଇଲେ ସ୍ୱର୍ଣ୍ଣ ପଦକ

ପାରାଦୀପ/କୁଜଙ୍ଗ,୨୦।୮ (ସମିସ): ଓଡ଼ିଶା ରାଜ୍ୟ କନିଷ୍ଠ ଓ ଉପ କନିଷ୍ଠ ଆଥ୍‌ଲେଟିକ୍ ପ୍ରତିଯୋଗିତା ୨୦୨୫-୨୬ ରେ ସତ୍ୟଶିବ ପରିଡ଼ାଙ୍କୁ ଗୋଟିଏ ସ୍ୱର୍ଣ୍ଣ ସହ ଗୋଟିଏ କାଂସ୍ୟ ପଦକ ମିଳିଛି। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆୟୋଜିତ ରାଜ୍ୟସ୍ତରୀୟ କନିଷ୍ଠ ଓ ଉପ କନିଷ୍ଠ ପାରା ଆଥଲେଟିକ୍ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ବିଶ୍ୱାଳି ଗ୍ରାମର ଟୁକୁନା ପରିଡ଼ାଙ୍କ ପୁଅ ସତ୍ୟଶିବ ପରିଡ଼ାଙ୍କୁ ଏଫ୍ ୫୫ କେଜି କାଟାଗୋରୀ ଜାଭେଲିନ୍ ଥ୍ରୋରେ ସ୍ୱର୍ଣ୍ଣ ପଦକ ମିଳିଛି। ସେହିପରି ସଟ୍‌ପୁଟ ଥ୍ରୋ ରେ କାଂସ୍ୟ ପଦକ ହାସଲ କରିଛନ୍ତି। ଏହି ଆଥଲେଟିକ୍‌ରେ ୨୯ ଟି ଜିଲ୍ଲାର ଦିବ୍ୟାଙ୍ଗ ଖେଳାଳି ଭାଗ ନେଇଥିଲେ। ସେଥିମଧ୍ୟରୁ ସତ୍ୟଶିବଙ୍କ ଏହି କୃତିତ୍ୱ ଜଗତସିଂହପୁର ଜିଲ୍ଲାର ଗୌରବ ବୃଦ୍ଧି କରିଛି। ନିଜର ପାଠପଢ଼ା ଚାଲୁଥିବା ସମୟରେ ଏକ ଦୁର୍ଘଟଣାରେ ତାଙ୍କ ମେରୁଦଣ୍ଡ ଆଘାତ ପରେ ଦିବ୍ୟାଙ୍ଗ ହୋଇଯାଇଛନ୍ତି। କିନ୍ତୁ ମାନସିକ ସ୍ତରରେ ସମ୍ପୂର୍ଣ୍ଣ ଭଲ ଥିବା ସେ କହିଛନ୍ତି। ଚଳିତ ମାସ ଗ୍ୱାଲିୟର, ମଧ ପ୍ରଦେଶରେ ହେବାକୁ ଥିବା ଜାତୀୟ କନିଷ୍ଠ ଓ ଉପ କନିଷ୍ଠ ପାରା ଆଥଲେଟିକ୍‌ରେ ସାମିଲ ହେବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଜିଲ୍ଲାପାଳଙ୍କ ସହାୟତା ମିଳିଲେ ସେ ଜାତୀୟସ୍ତରରେ ନିଜର ନାଁ ରଖିବା ସହ ଓଡ଼ିଶା ପାଇଁ ଗୌରବ ଆଣିପାରିବେ ବୋଲି ଆଶା ରଖିଛନ୍ତି। ଏହି ସଫଳତା ପାଇଁ ସମାଜସେବୀ ରାଜକିଶୋର ପତି, ସରପଞ୍ଚ ମନରୋମା ମଲ୍ଲ, ସମିତି ସଭ୍ୟା ସତ୍ୟଭାମା ସାମଲ, ସାମ୍ବାଦିକ ସତ୍ୟଶିବ ପରିଡ଼ା ଓ ସମାଜସେବୀ ରମେଶ ସାମଲ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ଶ୍ରାଦ୍ଧୋତ୍ସବ

ଜଗତସିଂହପୁର,୨୦।୮ (ସମିସ): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ କାଳଜୟୀ ଔପନ୍ୟାସିକ ଗୋପୀନାଥ ମହାନ୍ତିଙ୍କ ୩୪ତମ ଶ୍ରାଦ୍ଧବାର୍ଷିକୀ ତିର୍ତ୍ତୋଲ ବ୍ଲକ୍ ମୁଳିସିଂହଠାରେ ଥିବା ସେଣ୍ଟ ଜାଭିୟର୍ସ ପବ୍ଲିକ୍ ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ଏହି ସଭାରେ ପରିଷଦର ସଭାପତି ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରି ସ୍ୱର୍ଗତ ଗୋପୀନାଥ ମହାନ୍ତି ବହୁମୁଖୀ ପ୍ରତିଭାର ଅଧିକାରୀ ଥିଲେ ବୋଲି କହିଥିଲେ। ସଭାରେ ଅଧ୍ୟାପକ ରାକେଶ ସେଠୀ, ଅଭିଭାବକ ଅଭୟ ସ୍ୱାଇଁ, ଅନୁଷ୍ଠାନର ନିର୍ଦ୍ଦେଶକ ବିକ୍ରମ କୁମାର ଜେନା ପ୍ରମୁଖ ଯୋଗଦେଇ ଗୋପୀନାଥ ମହାନ୍ତି ୨୪ଟି ଉପନ୍ୟାସ, ୧୧ଟି କ୍ଷୁଦ୍ରଗଳ୍ପ, ୩ଟି ନାଟକ ଓ ୨ଟି ଆତ୍ମଜୀବନୀ ରଚନା କରି ଓଡ଼ିଶାର ବାଣୀ ଭଣ୍ଡାରକୁ ଋଦ୍ଧିମନ୍ତ କରିଯାଇଛନ୍ତି ବୋଲି କହିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମହାରଣା, ବରିଷ୍ଠ ଶିକ୍ଷକ ପ୍ରଭାତ ଗୁଇଁ, ଶିକ୍ଷୟିତ୍ରୀ ସୁଦେଷ୍ଣା ଦାସ, ମୋନାଲିସା ଭଟ୍ଟ, ପ୍ରିୟଙ୍କା ମଣ୍ଡଳ, ସୋନାଲି ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ। ଶିକ୍ଷୟିତ୍ରୀ ପ୍ରିୟଙ୍କା ସେଠୀ ଧନ୍ୟବାଦ ଦେଇଥିଲେ।



# ପାର୍ବଣ ପୂର୍ବରୁ ସକ୍ରିୟ 'ଲୋକାଲ ଦାଦା'

ଭୁବନେଶ୍ୱର, ୨୦।୮ (ସମିସ): ରାଜଧାନୀରେ ଜମିଲାଣି ପାର୍ବଣର ମାହୋଲ, ଆଉ ସପ୍ତାହେ ପରେ ଅଗ୍ରପୂଜ୍ୟ ଗଜାନନଙ୍କ ପୂଜା। ପଛକୁ ପଛ ହେବ ଦୁର୍ଗା, ଲକ୍ଷ୍ମୀ ଓ କାଳୀଙ୍କ ପୂଜା। ପାର୍ବଣ ପୂର୍ବରୁ ଏବେଠୁ ରାଜଧାନୀରେ ଲୋକାଲ ଦାଦାଙ୍କ ରାଜୁତି ଦେଖିବାକୁ ମିଳିଲାଣି। ସହରରେ ଲୋକାଲ ଦାଦା ପାର୍ବଣ ଋତୁରେ ପୂଜାକୁ ଆଳ କରି ବଟି ଆଦାୟ କରିବାକୁ ଯୋଜନା କରିଛନ୍ତି। ଲୋକାଲ ଦାଦା ନିଜ ଅଞ୍ଚଳ ଅନୁଯାୟୀ ତାଲିକା ପ୍ରସ୍ତୁତ

**■ ଲୋକେ ଅଡୁଆରେ; ଚାନ୍ଦା ନା ଦାଦାବଟି**
**■ ଏଯାଏଁ ଜାରି ହେଲାନି ହେଲ୍ପଲାଇନ ନମ୍ବର**

କରୁଛନ୍ତି। ସେମାନଙ୍କ ଅଞ୍ଚଳରେ କେତେ ଦୋକାନ ରହିଛି ଓ କିଏ କେତେ ଟଙ୍କା ଦେବ, ଏବେ ଠାରୁ ସେସବୁର ତାଲିକା ପ୍ରସ୍ତୁତ ସରିଲାଣି। ପାର୍ବଣ ଆସିଲେ ଦାଦାମାନେ ସହରରେ ସକ୍ରିୟ ହେବା ସହ ନିଜର ଦବଦବା ପ୍ରଦର୍ଶନ କଲେଣି। ଗଳିଗଳିରେ ଖଟି କରି ପୂଜା ଚାନ୍ଦା ପାଇଁ ଖସଡ଼ା ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। କେମିତି କେଉଁଠାରୁ କିଭଳି ଦାଦାବଟି ଆଦାୟ କରାଯିବ ସେ ନେଇ ଚାଲିଛି ପ୍ରସ୍ତୁତି। ନିଜ ଅଞ୍ଚଳରେ ଚାନ୍ଦା ଆଳରେ ଜୁଲମ କରିବା ସହ ପାଣ୍ଠି ଯୋଗାଡ଼ରେ ଲାଗି ପଡ଼ିଲେଣି। ଖାଲି ପୂଜା ବଜାର ନୁହେଁ ବରଂ ଛୋଟ ବଡ଼ଦୋକାନୀଙ୍କ ଠାରୁ ବଟି ଆଦାୟ କରୁଛନ୍ତି। କେଉଁଠି ଦିନିକିଆ ଚାନ୍ଦା ଆଦାୟ କରୁଛନ୍ତି ତ ଆଉ କେଉଁଠି ମାସିକିଆ ବଟି ନେଉଛନ୍ତି। ଖଣ୍ଡଗିରି ଠାରୁ କଳ୍ପନା, ଚନ୍ଦ୍ରଶେଖରପୁର ଠାରୁ ମଞ୍ଚେଶ୍ୱର ସବୁଠି ଲୋକାଲ ଦାଦାମାନେ ଆତଙ୍କ ଖେଳାଉଛନ୍ତି। ଏମିତି କି କେତେକ ସ୍ଥାନରେ ଲୋକାଲ ଦାଦାମାନେ ଗଣ୍ଡଗୋଳ କରିବା ଠାରୁ ଆରମ୍ଭ କରି ନିଜନିଜର ଶକ୍ତି ପ୍ରଦର୍ଶନ ଆରମ୍ଭ କଲେଣି। ପରୋକ୍ଷରେ ଗଳି ଗଳିରେ ବୁଲିବା ଆରମ୍ଭ କଲେଣି।



ଆବଶ୍ୟକ ପଡ଼ିଲେ ଚାନ୍ଦାକୁ ନେଇ ଆକ୍ରମଣ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି ଲୋକାଲ ଦାଦା।

ପୂଜା ପ୍ରସ୍ତୁତିରେ ଖର୍ଚ୍ଚ କରିବା ଆଳରେ ଲୋକାଲ ଦାଦାମାନେ ଭିନ୍ନଭିନ୍ନ ଟିମ୍ କରି ସେମାନଙ୍କୁ ନିର୍ଦ୍ଦିଷ୍ଟ ଅଞ୍ଚଳ ପାଇଁ ଚାନ୍ଦା ଆଦାୟ କରିବା ଦାୟିତ୍ୱ ଦେଲେଣି। ଏଥିପାଇଁ ଏରିଆ ଅନୁଯାୟୀ ଦାଦାବଟି ପାଇଁ ଟାର୍ଗେଟ୍ ମଧ୍ୟ ଦେଲେଣି ଲୋକାଲ ଦାଦା। ବିଗତ ଦିନରେ ପୂଜା ଚାନ୍ଦା ଦେବାକୁ ପଛଘୁଞ୍ଚା ଦେଲେ କିମ୍ବା ବିରୋଧ କଲେ ଦାଦାମାନେ ରକ୍ତପାତ କରୁଥିବାର ନଜିର ରହିଛି। କେହି ଜୋରଜବରଦସ୍ତି ଚାନ୍ଦା ଆଦାୟ କରିପାରିବେନି। ଚାନ୍ଦା ନାମରେ ବଟି ମାଗିଲେ ବନ୍ଧା ହେବେ। ଜବରଦସ୍ତି ଚାନ୍ଦା ଆଦାୟ ପ୍ରତି କମିସନରେଟ ପୁଲିସ କଠୋର ଆଭିମୁଖ୍ୟ ଗ୍ରହଣ କରେ। ଜୋରଜବରଦସ୍ତି ଚାନ୍ଦା ମାଗିଲେ ପୂଜା କମିଟି ସଦସ୍ୟଙ୍କୁ ଗିରଫ କରାଯିବ ବୋଲି କମିସନରେଟ ପୁଲିସ କଡ଼ା ଚେତାବନୀ ଦେଇଥାଏ। ପ୍ରତିବର୍ଷ ଏଥିଲାଗି ହେଲ୍ପଲାଇନ ନମ୍ବର ଜାରି କରାଯାଏ। ହେଲେ ଗଣେଶ ପୂଜାକୁ ଆଉ ୭ ଦିନ ବାକି ଥିବାବେଳେ ପୁଲିସ ପକ୍ଷରୁ ଏଯାଏଁ ହେଲ୍ପଲାଇନ ନମ୍ବର ଜାରି କରାଯାଇ ନାହିଁ।ସେହିପରି 'ଦାଦାବଟି ନା' ଅଭିଯାନକୁ ଆହୁରି ସୁଦୃ? କରାଯିବ।

ବିଗତ ବର୍ଷଗୁଡିକରେ ରାଜଧାନୀରେ ଦାଦାଙ୍କ ରାଜୁତି ବଢ଼ିବାରୁ କମିସନରେଟ୍ ପୁଲିସ ଚିନ୍ତାରେ ପଡ଼ିଥିଲା। ପରେ 'ଦାଦାବଟିକୁ ନାଁ'ରେ ଏକ ସ୍ୱତନ୍ତ୍ର ଅଭିଯାନ କରିଥିଲା। ଦାଦାବଟିକୁ ରୋକିବା ପାଇଁ 'ଆଣ୍ଟି ଏକ୍ସଟର୍ସନ୍ ଫୋର୍ସ' ଗଢ଼ା ଯାଇଥିଲା। କଳ୍ପନା ଅଞ୍ଚଳର ଜଣେ ଗ୍ୟାଙ୍ଗଷ୍ଟର ଏଥିରେ ପ୍ରଥମ ଫସିଥିଲା। କ୍ୟାପିଟାଲ ଥାନା ଅଞ୍ଚଳରେ ଥିବା ଦୋକାନୀଙ୍କ ଠାରୁ ଦାଦାବଟି ଆଦାୟ କରିବା ଅଭିଯୋଗରେ ଗ୍ୟାଙ୍ଗଷ୍ଟର୍‌କୁ ଗିରଫ କରାଯାଇଥିଲା। ପରବର୍ତ୍ତୀ ସମୟରେ ରାଜା ବିରୋଧରେ ଜାତୀୟ ନିରାପତ୍ତା ଆଇନ୍ (ଏନ୍‌ଏସ୍‌ଏ)ରେ ବୁକ୍ କରାଯାଇ ତଡିପାର୍ ମଧ୍ୟ କରାଯାଇଥିଲା। 'ଦାଦାବଟି କୁ ନାଁ' ଅଭିଯାନରେ ଭୁବନେଶ୍ୱରରେ ୭୧ ଓ କଟକରୁ ୫୧ଜଣଙ୍କୁ ଗିରଫ କରାଯାଇଥିଲା ଦ୍ୱୈତ ନଗରୀରୁ ମୋଟ ୧୨୨ ଦାଦାଙ୍କୁ ଗିରଫ କରିଥିଲା କମିସନରେଟ ପୁଲିସ।

# ଅଟୋରେ ଚକା ଲଗାଉଥିଲେ ଚାପିଦେଲା ଟ୍ରକ୍

ଭୁବନେଶ୍ୱର, ୨୦।୮ (ସମିସ): ୧୬ ନମ୍ବର ଜାତୀୟ ରାଜପଥର ତମାଣ୍ଡୋ ପେଟ୍ରୋଲ ପମ୍ପ ନିକଟରେ ଭୟଙ୍କର ଦୁର୍ଘଟଣା ଘଟିଛି। ଅଟୋରେ ଷ୍ଟେପ୍ନେ ଟାୟାର ଲଗାଉଥିବା ବେଳେ ଯୁବକଙ୍କୁ ଧକ୍କା ଦେଇଛି ଟ୍ରକ୍। ଫଳରେ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇଯାଇ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଉଛନ୍ତି ଶିବ ପ୍ରସାଦ। ଗୁରୁତର ସୁକାନ୍ତ ସାହାଣୀ ଏମ୍‌ସରେ ଚିକିତ୍ସିତ ହେଉଛନ୍ତି।

**ଅଲଗା ହୋଇଗଲା ମୁଣ୍ଡ-ଗଣ୍ଡି, ଅନ୍ୟଜଣେ ଆହତ**

ସୂଚନାନୁସାରେ, ଡିଷ୍ଟ୍ରିବ୍ୟୁଟରରେ ବାଲିଅନ୍ତା ଅଞ୍ଚଳର ଶିବ ଓ ସୁକାନ୍ତ ବିଭିନ୍ନ ଦୋକାନକୁ ବିସ୍କୁଟ ଓ କେକ୍ ଆଦି ବିକ୍ରି କରିଥାନ୍ତି। ଆଜି ସନ୍ଧ୍ୟାରେ ଉଭୟ ଅଟୋ ଯୋଗେ ତମାଣ୍ଡୋରୁ ଗୋହିରା ଅଭିମୁଖେ ଯାଉଥିବା ବେଳେ ଟାୟାର ପଙ୍କ୍‌ଚର ହୋଇ ଯାଇଥିଲା। ତମାଣ୍ଡୋ ପେଟ୍ରୋଲ ପମ୍ପ ପୂର୍ବରୁ ଗାଡ଼ିକୁ ସାଇଡ କରି ଷ୍ଟେପିନ୍ ଟାୟାର ଲଗାଉଥିଲେ। ସେହି ସମୟରେ ଖୋର୍ଦ୍ଧା ଆଡ଼କୁ ଯାଉଥିବା ଏକ ମାଲବାହୀ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଫଳରେ ଶିବଙ୍କ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇ ଯାଇଥିଲା। ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ସୁକାନ୍ତଙ୍କ ଶରୀରର ବିଭିନ୍ନ ଅଂଶରେ ଗଭୀର ଆଘାତ ଲାଗିଥିଲା। ତମାଣ୍ଡୋ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସୁକାନ୍ତଙ୍କୁ ଉଦ୍ଧାର କରି ଏମ୍‌ସ ଡାକ୍ତରଖାନାକୁ ପଠାଇଥିଲା। ଦୁର୍ଘଟଣା ଫଳରେ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଲୋକମାନେ ପିଛା କରି ଯାଇ ଗୋହିରା ଛକରେ ଟ୍ରକକୁ ଧରିବାରେ ସକ୍ଷମ ହୋଇଥିଲେ। ମୃତଦେହ ପଡ଼ି ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପାତ୍ରପଡ଼ା ପର୍ଯ୍ୟନ୍ତ ଗାଡ଼ିଗୁଡ଼ିକ ଧାଡ଼ି ଲଗାଇ ଛିଡ଼ା ହୋଇଥିଲେ। ପୁଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଏମ୍?ସ ପଠାଇବା ପରେ ଯାତାୟାତ ସ୍ୱଭାବିକ ହୋଇଥିଲା।

# ମନ୍ଦିର ବର୍ଜ୍ୟରୁ ପ୍ରସ୍ତୁତି ହେବ ଧୂପକାଠି

ଭୁବନେଶ୍ୱର, ୨୦।୮ (ସମିସ): ଫୁଲ ଏବଂ ପୂଜାର୍ଚ୍ଚନ ବର୍ଜ୍ୟର ଅନୁପଯୁକ୍ତ ନିଷ୍କାସନ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରିଥାଏ। ଭକ୍ତମାନଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଥାଏ। ଏହି ସାଂସ୍କୃତିକ ଚେତନାକୁ ସମ୍ମାନ ଦେବା ଏବଂ ପରିବେଶର ସ୍ୱଚ୍ଛତା ବୃଦ୍ଧି ପାଇଁ ବିଏମ୍‌ସି ଫୁଲ ଏବଂ ପୂଜା ବର୍ଜ୍ୟରେ ଉପଯୁକ୍ତ ସଂଗ୍ରହ ଏବଂ ପ୍ରକ୍ରିୟାକରଣ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି। ସଂଗୃହୀତ ପୂଜାଫୁଲ ଭଳି ମନ୍ଦିର ବର୍ଜ୍ୟକୁ ଧୂପକାଠି ପ୍ରସ୍ତୁତ କରାଯିବ। ଗଣେଶ ପୂଜା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି।

କେବଳ ଫୁଲ ଏବଂ ପୂଜା ବର୍ଜ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ପ୍ରତ୍ୟେକ ଜୋନରେ ଏକ ନିର୍ଦ୍ଦିଷ୍ଟ ସ୍ୱେଚ୍ଛାସେବୀ ସଂଗଠନକୁ ଗୋଟିଏ ସ୍ୱତନ୍ତ୍ର ଯାନ ପ୍ରଦାନ କରାଯିବ। ସେଥିରେ ଅନ୍ୟ କୌଣସି ଆବର୍ଜନା ସଂଗ୍ରହ କରାଯିବ ନାହିଁ। ସଂଗୃହୀତ ବର୍ଜ୍ୟବସ୍ତୁ କେବଳ ପୂଜା ମଣ୍ଡପରୁ ସଂଗ୍ରହ କରାଯିବ। ପ୍ରକ୍ରିୟାକରଣ ପାଇଁ ପୋଖରୀପୁଟ ପ୍ଲାଣ୍ଟକୁ ପରିବହନ କରାଯିବ। ଏଥିପାଇଁ ଲୋକମାନଙ୍କୁ ସଚେତନ କରାଯିବାର ଯୋଜନା କରାଯାଇଛି। ସାନିଟାରୀ ଷ୍ଟାଫ୍ ଏବଂ ଏନ୍‌ଜିଓ ପ୍ରତିନିଧିମାନେ ବ୍ୟାପକ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକ୍ରମ ପରିଚାଳନା କରିବେ। ସେମାନଙ୍କର ଉଦ୍ଦେଶ୍ୟ ହେଉଛି ପୂଜା କମିଟିର ସଦସ୍ୟମାନଙ୍କୁ ଏହି ସ୍ୱତନ୍ତ୍ର ସେବାର ଉପଯୋଗ କରିବା ପାଇଁ ସଚେତନ କରିବା ଏବଂ ସେମାନଙ୍କ ଆବର୍ଜନାକୁ ନିର୍ବିଚାରରେ ଫିଙ୍ଗିବା ପରିବର୍ତ୍ତେ ନିର୍ଦ୍ଧାରିତ ସଂଗ୍ରହ ସ୍ଥାନରେ ସଠିକ୍ ଭାବରେ ନଷ୍ଟ କରିବା। କର୍ପୋରେଟର ଏବଂ ଅନ୍ୟ ଗୋଷ୍ଠୀର ସଦସ୍ୟମାନଙ୍କୁ ସ୍ଥାନୀୟ ବାସିନ୍ଦା/ପୂଜା ମଣ୍ଡପଗୁଡ଼ିକୁ ଏହି ସେବା ବିଷୟରେରେ ସୂଚନା ପ୍ରଦାନ କରିବା ଦିଗରେ ସାହାଯ୍ୟ କରିବାକୁ ଅନୁରୋଧ କରାଯାଇଛି। ପୂଜା କମିଟିର ସ୍ୱତନ୍ତ୍ର ହେଲ୍ପଲାଇନ (୧୯୨୯) କୁ କଲ୍ କରି ଏହି ସେବାର ଲାଭ ଉଠାଇପାରିବେ। ଏହି ସ୍ୱତନ୍ତ୍ର ଅଭିଯାନର ଉଦ୍ଦେଶ୍ୟ ହେଉଛି ଗୋଷ୍ଠୀର ପରମ୍ପରା ଏବଂ ଭାବନାକୁ ସମ୍ମାନ ଜଣାଇ ଏକ ସ୍ୱଚ୍ଛ ଏବଂ ପରିବେଶ ଅନୁକୂଳ ଗଣେଶ ପୂଜା ଉତ୍ସବ ପାଳନ କରିବା। ଏଥିପାଇଁ ସମସ୍ତ ପୂଜା କମିଟିର କାର୍ଯ୍ୟକର୍ତ୍ତା ଓ ସଦସ୍ୟ ସଦସ୍ୟା ସହଯୋଗ କରିବା ସହ ଜନ ସଚେତନତା ସୃଷ୍ଟି କରିବା ପାଇଁ ବିଏମ୍‌ସି ପକ୍ଷରୁ ଅନୁରୋଧ କରାଯାଇଛି।

# ଗୋସେବା ଆଳରେ ଜବରଦଖଲ; ବିଡିଏ ଭାଙ୍ଗିଲା ଗୋଶାଳା

ଭୁବନେଶ୍ୱର, ୨୦।୮ (ସମିସ): ନୂଆପଲ୍ଲୀ ଥାନା ଅଞ୍ଚଳରେ ଗୋସେବା ନାମରେ ହୋଇଥିଲା ଜବରଦଖଲ। ଜବରଦଖଲରେ ଥିବା ଏହି ୨ହଜାର ବର୍ଗଫୁଟ୍‌ର ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ କରିଛି ବିଡିଏର ଏନ୍‌ଫୋର୍ସମେଣ୍ଟ ଟିମ୍। ବିଡିଏ ପକ୍ଷରୁ କୁହାଯାଇଛି ଯେ, କେତେକ ଯୁବକ ଏହାକୁ ଗୋଶାଳା ବୋଲି କହୁଥିଲେ। ହେଲେ ଏଠାରେ କୌଣସି ଗାଈ କିମ୍ବା ଷଣ୍ଢ ବିଡିଏ ଟିମ୍‌କୁ ମିଳି ନ ଥିଲା। ଜବରଦଖଲ ଉଚ୍ଛେଦ କରି ଉକ୍ତ ଅଞ୍ଚଳରୁ ୨ହଜାର

**ଜବରଦଖଲକାରୀ ପଣ୍ଡାକୁଦିଆ ବସ୍ତି ବୋମାମାଡ଼ ଘଟଣାର ଅଭିଯୁକ୍ତ**

ବର୍ଗଫୁଟ୍‌ର ସରକାରୀ ଜମିକୁ ଜବରଦଖଲ ମୁକ୍ତ କରାଯାଇଛି। ସେବା ନାମରେ ଏବେ ରାଜଧାନୀରେ ସରକାରୀ ଜମିକୁ ଜବରଦଲଖ ଘଟଣା ବଢ଼ି ଚାଲିଛି। ଲୋକେ ଗୋସେବା, ମାନବ ସେବା, ପଶୁ ସେବା ଆଳରେ ମୁଲ୍ୟବାନ ସରକାରୀ ଜମିକୁ ଜବରଦଖଲ କରି ଚାଲିଛନ୍ତି। ଏହି ଜମିକୁ ଜବରଦଖଲ କରି ଏଠାରେ ବସାଉଠା କରୁଛନ୍ତି। ସରକାରୀ ଜମି ଜବରଦଖଲ କରିବାକୁ ଗୋଶାଳାକୁ ଆଳ କରିବା ଏକ ନିନ୍ଦନୀୟ ଘଟଣା ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ହେଉଛି। ପାଣ୍ଡରା ଜବରଦଖଲ ବେଳେ ମଧ୍ୟ କିଛି ସମାନ ଘଟଣା ସାମ୍ନାକୁ ଆସିଥିଲା। ବୃଦ୍ଧାଶ୍ରମ ନାମରେ ମୂଲ୍ୟବାନ ସରକାରୀ ଜମିକୁ ଜବରଦଖଲ କରାଯାଇଥିଲା।

ନୂଆପଲ୍ଲୀ ଜବରଦଖଲ ଉଚ୍ଛେଦ ବେଳେ ଉଚ୍ଛେଦକାରୀ ଟିମ୍‌କୁ ଏକ ବିସ୍ଫୋରକ ତଥ୍ୟ ମିଳିଥିଲା। ଗତ ୧୦ ତାରିଖରେ ଭରତପୁର ଥାନା ପଣ୍ଡାକୁଦିଆ ବସ୍ତିରେ ଏକ ବୋମାମାଡ଼ ଘଟଣା ଘଟିଥିଲା। ସରକାରୀ ଜମି ଜବରଦଖଲକୁ ନେଇ ବୋମା ମାଡ଼ ଘଟିଥିଲା। ଏହି ଘଟଣାରେ ୪ଟି ବାଇକ୍ ଜଳିଯିବାରୁ ବସ୍ତିରେ ଆଶାନ୍ତିର ମାହୋଲ



ସୃଷ୍ଟି ହୋଇଥିଲା। ଏହି ମାମଲାରେ ପୁଲିସ ପ୍ରାୟ ୮ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏମାନଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତ ନୂଆପଲ୍ଲୀ ଜମିକୁ ଜବରଦଖଲ କରି ସେଠାରେ ଗୋଶାଳା କରିଥିଲେ। ଯାହକୁ ବିଡିଏ ଆଜି ଜବରଦଖଲମୁକ୍ତ କରିଛି। ସେବାକୁ ଆଳ କରି ରାଜଧାନୀରେ ଜବଦଖଲ ବଢ଼ିବାରେ ଲାଗିଲାଣି। ଗୋଶାଳା ସହ ଏଠାରେ ଥିବା ଏକ ପିଣ୍ଡିକୁ ଭାଙ୍ଗି ଦିଆଯାଇଛି। ନୟାପଲ୍ଲୀ ଥାନା ପୁଲିସ ସହାୟତାରେ ହୋଇଥିବା ଏହି ଉଚ୍ଛେଦରେ ବିଡିଏର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବିଶ୍ୱବିଦ୍ୟାଳୟ ଆଇନ ମହାବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା

# ୧୬ ଦଫା ଦାବିରେ ଛାତ୍ରଛାତ୍ରୀଙ୍କ ଅନଶନ




ଭୁବନେଶ୍ୱର, ୨୦।୮ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବିଶ୍ୱବିଦ୍ୟାଳୟ ଆଇନ୍ ମହାବିଦ୍ୟାଳୟରେ ବ୍ୟାପକ ଅବ୍ୟବସ୍ଥା ଲାଗି ରହିଛି। ଛାତ୍ରୀନିବାସରେ ସ୍ୱଳ୍ପ ସିଟ୍ ଥିବାବେଳେ ଏବଂ ଅତ୍ୟଧିକ ଫି' ନିଆଯାଉଛି। ଛାତ୍ରଙ୍କ ପାଇଁ ହଷ୍ଟେଲ୍ ବ୍ୟବସ୍ଥା ନାହିଁ। ସୁରକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଥିବା ବେଳେ ଶୈକ୍ଷିକ ବ୍ୟବସ୍ଥା ଭୁଶୁଡ଼ି ସାରିଛି। ପଢ଼ାଇବାକୁ ଅଧ୍ୟାପକ ନାହାନ୍ତି, ଲାଇବ୍ରେରୀ ଓ ରିଡିଂ ରୁମ୍ ଅବସ୍ଥା ମଧ୍ୟ ଶୋଚନୀୟ। ରାଜ୍ୟର ଅନ୍ୟତମ ପ୍ରମୁଖ ଆଇନ୍ ମହାବିଦ୍ୟାଳୟର ଏପରି ଦୂରାବସ୍ଥା ସମ୍ପର୍କରେ ଛାତ୍ରଛାତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ବୁଧବାର ଠାରୁ ମହାବିଦ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି।

ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ମହାବିଦ୍ୟାଳୟରେ ୨ଶହରୁ ଅଧିକ ଛାତ୍ରୀ ଅଧ୍ୟୟନ କରୁଛନ୍ତି। ହେଲେ ଛାତ୍ରୀ ନିବାସରେ ମାତ୍ର ୫୦ଟି ସିଟ୍ ରହିଛି। ସିଟ୍ ପିଛା ବର୍ଷକୁ ୧୮ ହଜାର ଟଙ୍କା ନିଆଯାଉଛି। ବିଶ୍ୱବିଦ୍ୟାଳୟ ହଷ୍ଟେଲ୍ ତୁଳନାରେ ୩ ଗୁଣା ଫି' ନିଆଯାଉଥିବାରୁ ଛାତ୍ରଛାତ୍ରୀମାନେ ଏହାକୁ ବିରୋଧ କରିଛନ୍ତି। ସମସ୍ତ ଛାତ୍ରୀଙ୍କ ପାଇଁ ଛାତ୍ରୀ ନିବାସ ନିର୍ମାଣ ସହ ୬ହଜାର ଟଙ୍କାକୁ ଫି' ହ୍ରାସ କରିବାକୁ ଦାବି କରିଛନ୍ତି। ସେହିପରି ଛାତ୍ରଙ୍କ ପାଇଁ ମୂଳରୁ ଛାତ୍ରାବାସ ନାହିଁ। ନୂତନ ହଷ୍ଟେଲ୍ ନିର୍ମାଣ କରିବା ସହ ସେହି ସମୟ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ ଛାତ୍ରାବାସରେ ସେମାନଙ୍କୁ ଥଇଥାନ କରିବାକୁ ଦାବି କରିଛନ୍ତି। ବହୁ ଅଣଛାତ୍ର ବିଶ୍ୱବିଦ୍ୟାଳୟରେ ରହୁଥିବାବେଳେ ଆଇନ୍ ମହାବିଦ୍ୟାଳୟ ପିଲାଙ୍କୁ କାହିଁକି ସିଟ୍ ମିଳିବ ନାହିଁ ବୋଲି ମଧ୍ୟ ସେମାନେ ପ୍ରଶ୍ନ କରିଛନ୍ତି। ମହାବିଦ୍ୟାଳୟରେ ସମସ୍ତ ସମ୍ବେଦନଶୀଳ ସ୍ଥାନ ସମେତ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ପର୍ଯ୍ୟାପ୍ତ ସିସିଟିଭି ଲଗାଇବା, ନିୟମିତ ଅଧ୍ୟାପକ ନିଯୁକ୍ତି, ବିସିଆଇ ଆଫିଲେସନ୍ ଅବଧି ବୃଦ୍ଧି, ଲାଇବ୍ରେରୀ ଓ ରିଡିଂ ରୁମ୍‌ର ଆଧୁନିକରଣ, ୩ବର୍ଷିଆ ଏଲ୍‌ଏଲ୍‌ବି ପାଠ୍ୟକ୍ରମ ସିଟ୍ ସଂଖ୍ୟା ୧୮୦କୁ ବୃଦ୍ଧି, କ୍ୟାଣ୍ଟିନ୍, ପ୍ଲେସ୍‌ମେଣ୍ଟ ସେଲ୍‌ଫ ଓ ସ୍ମାର୍ଟ କ୍ଲାସରୁମ୍ ନିର୍ମାଣ ପରି ମୋଟ୍ ୧୬ଟି ଦାବି ଉପସ୍ଥାପନ କରିଛନ୍ତି। ଅନଶନରତ ଛାତ୍ରଛାତ୍ରୀଙ୍କ ମଧ୍ୟରେ କିରଣ କୁମାର ବେହେରା, ଅନିଲ୍ କୁମାର ସାହୁ, ସତ୍ୟମେବ ଜୟତେ, ଆର୍ଯ୍ୟନ୍ ବେଦାନ୍ତ, ମୁସ୍କାନ୍ ଶର୍ମା, ରଶ୍ମୀପ୍ରଭା କର, ତୁସାର ନାୟକ, ଗଙ୍ଗାଧର ତ୍ରୀପାଠୀ, ସ୍ୱରୂପ ମଲ୍ଲିକଙ୍କ ସମେତ ବହୁ ଛାତ୍ରଛାତ୍ରୀ ଅନଶନରେ ସାମିଲ ହୋଇଛନ୍ତି।

### ଗଠନ ହୋଇନି ଆଇସିସି

ସବୁଠାରୁ ସମ୍ବେଦନଶୀଳ ପ୍ରସଙ୍ଗଟି ହେଲା ମହାବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରାଯାଇ ନ ଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା ପରେ ରାଜ୍ୟବ୍ୟାପି ହଇଚଇ ସୃଷ୍ଟି ହୋଇଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନରେ ଆଇସିସି ଗଠନ କରିବା ବାଧ୍ୟତାମୂଳକ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ଏପରିକି ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଆଇସିସି ଗଠନ କରିଥିବା ବିଭାଗ ପକ୍ଷରୁ ଟ୍ୱିଟ୍ କରି ଦର୍ଶାଯାଇଥିଲା। ହେଲେ ଆଇନ୍ ମହାବିଦ୍ୟାଳୟରେ ଏହାକୁ ଉଲଙ୍ଘନ କରିଥିବା ଛାତ୍ରଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଫଳରେ ମହାବିଦ୍ୟାଳୟରେ ଛାତ୍ରୀ ଓ ମହିଳା କର୍ମଚାରୀଙ୍କ ସୁରକ୍ଷା ବିପନ୍ନ ହୋଇପଡ଼ିଛି। ବିଭିନ୍ନ ସମୟରେ ଅସଦାଚରଣର ଶିକାର ହେଉଥିବା ଛାତ୍ରୀମାନେ ଅଭିଯୋଗ କରିବାକୁ ମଧ୍ୟ ସୁଯୋଗ ପାଉନାହାନ୍ତି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ଜ୍ଞାନେନ୍ଦ୍ର କୁମାର ସାହୁ ଛୁଟିରେ ଥିବାବେଳେ ଦାୟିତ୍ୱରେ ଥିବା ଡ. ସତ୍ୟନାରାୟଣ ମଲ୍ଲିକ ମଧ୍ୟ ଆଇସିସି ଗଠନ ହୋଇ ନ ଥିବା ସ୍ୱୀକାର କରିଛନ୍ତି। ବିଭାଗର ନିର୍ଦ୍ଦେଶକୁ ବେଖାତିର କରିଥିବା କଲେଜ କର୍ତ୍ତୃପକ୍ଷଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ହେଉନାହିଁ ବୋଲି ମଧ୍ୟ ଛାତ୍ରଛାତ୍ରୀମାନେ ପ୍ରଶ୍ନ କରିଛନ୍ତି।

# କଲେଜ ଛାତ୍ରଙ୍କୁ କଟୁରି ଚୋଟ

ଭୁବନେଶ୍ୱର, ୨୦।୮ (ସମିସ): ରାଜଧାନୀରେ ଆତଙ୍କ ଖେଳାଇଛନ୍ତି ଦୁର୍ବୃତ୍ତ। ଦିନ ଦ୍ୱିପହରରେ କଲେଜ ଛାତ୍ରଙ୍କୁ ଗୋଡ଼ାଇ ଗୋଡ଼ାଇ କଟୁରି ଚୋଟ ପକାଇଛନ୍ତି। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏଭଳି ଘଟଣା ଘଟିଛି। ଏକାଧିକ ଛାତ୍ର ଆହତ ହୋଇଥିବା ବେଳେ ୩ ଜଣଙ୍କୁ ଅଟକ ରଖିଛି ପୁଲିସ।

**ଆକ୍ରମଣରେ ଅଣଛାତ୍ରଙ୍କ ସମ୍ପୃକ୍ତି**

ଅଭିଯୋଗ ଅନୁଯାୟୀ, ଗତକାଲି ଆଚାର୍ଯ୍ୟ ହରିହର କଲେଜ ପରିସରରେ ଛାତ୍ରମାନେ ଖେଳୁଥିଲେ। ସେହି ସମୟରେ ସିନିଅର ଛାତ୍ର ଓ ଅଣଛାତ୍ର ମିଶି ନିଶାସକ୍ତ ଅବସ୍ଥାରେ ଗାଳିଗୁଲଜ କରିଥିଲେ। ଏହାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ କଥା କଟାକଟି ହୋଇଥିଲେ ମଧ୍ୟ ପରେ ସମାଧାନ ହୋଇ ଯାଇଥିଲା। ଆଜି ଜୁନିଅର ଛାତ୍ରମାନେ କ୍ଲାସ୍ ସାରି ଘରକୁ ଯିବାପାଇଁ ବସ୍ ଷ୍ଟାଣ୍ଡରେ ଛିଡ଼ା ହୋଇଥିଲେ। ସେହି ସମୟରେ ସିନିଅର ଓ ଅଣଛାତ୍ର ମାନେ ଆସି ହଠାତ୍ ତାଙ୍କୁ ଆକ୍ରମଣ କରିଥିଲେ। ଛାତ୍ରମାନେ ନେହୁରା ହେଉଥିବା ବେଳେ ସେମାନେ ନିର୍ଦ୍ଦୟ ଭାବେ ଆକ୍ରମଣ କରିଥିଲେ। ଲୋକମାନେ ଏକାଠି ହୋଇ ଆକ୍ରମଣକାରୀଙ୍କୁ କାବୁ କରି ନେଇଥିଲେ। ଆହତ ଛାତ୍ରମାନଙ୍କୁ ଡାକ୍ତରଖାନା ପଠାଇଥିଲେ। ଖବରପାଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ୩ ଆକ୍ରମଣକାରୀଙ୍କୁ ଥାନାକୁ ନେବା ସହ କଟୁରି ଜବତ କରିଛି।

# ଅବାଧରେ ଚାଲିଛି ଚୋରା କରତକଳ



ବାଲିଅନ୍ତା, ୨୦।୮ (ସମିସ): ବାଲିପାଟଣା ବନ ବିଭାଗ କାର୍ଯ୍ୟାଳୟ ପ୍ରତାପରୁଦ୍ରପୁର ଗ୍ରାମ ପଞ୍ଚାୟତ ଅଧୀନ ଓଲାରବିନ୍ଧା ଗ୍ରାମ ନିକଟରେ ଏକ ଚୋରା କରତ କଳ ଚାଲିଛି? ଏହି କରତ କଳରେ ଶାଗୁଆନ, କସି, ଶିଶୁ, ଆକାସିଆ ଏବଂ ଅନ୍ୟାନ୍ୟ ଚୋରା କାଠଗଣ୍ଡି ପେଡ଼ା ଯାଉଛି। ଖାଲି ସେତିକି ନୁହେଁ ସ୍ଥାନୀୟ ଗ୍ରାମ୍ୟ ଜଙ୍ଗଲରୁ ଏସବୁ ମୂଲ୍ୟବାନ ଗଛ ବେଧଡ଼କ ଭାବେ ଛେଦନ କରାଯାଇ କଟାଯାଉଛି। ଏହି ବେଆଇନ କରତ କଳ ଚାଲୁଥିବା ଆଖପାଖ ଅଞ୍ଚଳରେ ବନ ବିଭାଗ ଏବଂ ପୁଲିସ ଗାଡି ପାଟ୍ରୋଲିଂ କରୁଥିଲେ ହେଁ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି। ଯଦିଓ କେବେ କେମିତି କରତ କଳ ଚଢ଼ଉ କରାଯାଉଛି ଏବଂ ସେଠାରୁ ବିଭିନ୍ନ ଯନ୍ତ୍ରାଂଶ ଏବଂ କାଠଗଣ୍ଡି ଜବତ ହେଉଛି, ବନ ବିଭାଗ କେବଳ ମାମଲା ରୁଜୁ କରି ହାତବାନ୍ଧି ବସୁଛି। କରତ କଳ ମାଲିକଙ୍କୁ ଗିରଫ କରାଯାଉ ନାହିଁ। ଫଳରେ କରତ କଳ ମାଲିକ ବିଭିନ୍ନ ସାମଗ୍ରୀ ଜବତ ହେବା ପରେ ପୁଣି କରତ କଳ ଚଳାଇବାରେ ସମର୍ଥ ହେଉଛନ୍ତି। କରତ କଳ ମାଲିକମାନେ ଏବଂ ଚୋରା କାଠ ବେପାରୀ ପୁଲିସ ଏବଂ ବନ ବିଭାଗକୁ ଚ୍ୟାଲେଞ୍ଜ କରି କରତକଳ ଏବଂ କାଠ ବେପାର ଚଳାଇ ଆସୁଛନ୍ତି। ଭିଙ୍ଗାରପୁର ପଞ୍ଚାୟତ ଅଧୀନ ଇଚ୍ଛାଦେଇପାଟଣାରେ ଆଉ ଏକ ଚୋରା କରତ କଳ ଗ୍ରାମ୍ୟ ଜଙ୍ଗଲ ଭିତରେ ଚାଲିଛି। ଏସମ୍ପର୍କରେ ବିରୋଧ କରୁଥିବା ଲୋକେ କାଠ ମିଲ ଚଳାଇଥିବା ମାଫିଆଙ୍କ ଆକ୍ରୋଶର ଶିକାର ହେଉଥିବା ଜଣାଯାଇଛି।

**କ୍ୟାପିଟାଲ ହସ୍ପିଟାଲ ଆଗରେ ନାହିଁ ଆମ ବସ୍‌ଷ୍ଟପ୍**

# ତଳେ ଚକା ପକେଇ ବସୁଛନ୍ତି ଯାତ୍ରୀ

ଭୁବନେଶ୍ୱର, ୨୦।୮ (ସମିସ): ଦିନ ୧୨ ଟାରୁ ୧୨.୩୦ ଭିତରେ ହବ। କ୍ୟାପିଟାଲ ହସ୍ପିଟାଲ ପରିସରରୁ ବାହାରି କିଛି ମହିଳା, ବୃଦ୍ଧା, ପୁରୁଷ ଲୋକ ରାସ୍ତା ପାର ହୋଇ ଏପଟ ରାସ୍ତା ପଟକୁ ଆସି ଆମ ବସ୍‌କୁ ଅପେକ୍ଷା କରିଲେ। ସେମାଙ୍କ ମଧ୍ୟରେ ଅଧିକାଂଶ ରୋଗ ଦେଖାଇବା ପାଇଁ କ୍ୟାପିଟାଲ ହସ୍‌ପିଟାଲ୍‌କୁ ଆସିଥିଲେ। ରାସ୍ତା ଉପରେ କିଛି ସମୟ ଠିଆ ହେଲେ। କିଛି ସମୟ ଠିଆ ହେବା ପରେ ପ୍ରାୟ ସମସ୍ତେ ବ୍ୟାରିକେଡ଼ ଦେଇ ରାସ୍ତାକଡ଼ରେ ଚକା

**■ ଗୋଟେ ପଟେ ଅଛି, ଆର ପଟେ ନାହିଁ**

ପକାଇ ବସିପଡ଼ିଲେ। ଆଉ ଏହି ସମୟରେ ଟିକେ ଟିକେ ବର୍ଷା ବି ପକାଉଥିଲା। ପଚାରିବାରୁ କିଛି ଜଣ କହିଲେ, କେତେ ସମୟ ଠିଆ ହବୁ ତଳେ ବସିବାଟା ଠିକ୍ ହବ। ଆମ ବସ୍‌ଷ୍ଟପ୍ ଗୋଟେ ପଟେ ଅଛି ଆଉ ଗୋଟେ ପଟେ ନାହିଁ। ଏଥିପାଇଁ ତଳେ ବସିବା ଛଡ଼ା ଆଉ କିଛି ଉପାୟ ନାହିଁ ବୋଲି ସେମାନେ କହୁଥିଲେ। ସବୁଦିନ ଆମ




ବସରେ ଯିବା ଆସିବା କରୁଥିବା କେବଳ ଏହି ଲୋକ ନୁହନ୍ତି ଏହି ମାନଙ୍କ ପରି ଅନେକ ରୋଗୀ କ୍ୟାପିଟାଲ ହସ୍ପିଟାଲକୁ ପ୍ରତିଦିନ ଆସିଥାନ୍ତି। ରୋଗ ଦେଖାଇବା ପରେ ଘରକୁ ଯିବା ପାଇଁ କେତେବେଳେ ବର୍ଷାରେ ଓଦା ହୋଇ ତ ଆଉ କେତେବେଳେ ରାସ୍ତା ଦାଢ଼ରେ ବସି ଆମ ବସ୍‌କୁ ଅପେକ୍ଷା କରିଥାନ୍ତି।

ରାଜଧାନୀରେ ମାଳମାଳ ଆମ ବସ୍ ଚାଲୁଅଛି। ଏହି ବସ୍ ଉପରେ ଅନେକ ଲୋକ ନିର୍ଭର କରୁଛନ୍ତି। ଏଥିସହିତ ଅନେକ ଲୋକମଧ୍ୟ କ୍ୟାପିଟାଲ ହସ୍ପିଟାଲକୁ ଆସୁଛନ୍ତି। ହେଲେ ଆମ ବସ୍‌କୁ ଅପେକ୍ଷା କରୁଛନ୍ତି। ଏୟାରପୋର୍ଟ ଟ୍ରାଫିକ୍ ଦେଇ ହସ୍ପିଟାଲ ଆଡ଼କୁ ଆସିଲେ ଆମ ବସ ଷ୍ଟପ୍ ଅଛି କିନ୍ତୁ ଏଜି ଛକରୁ ହସ୍ପିଟାଲ ଆଡ଼କୁ ଆସିଲେ ହସ୍ପିଟାଲ ଆଗରେ ଆମ ବସ୍‌ଷ୍ଟପ୍ ନାହିଁ। ଯାହାଦ୍ୱାରା ଖରା, ବର୍ଷା ଆଦିରେ ରୋଗୀମାନେ ରାସ୍ତା ଉପରେ ବସ୍‌କୁ ଅପେକ୍ଷା କରୁଛନ୍ତି। ଏହିପରି ମଧ୍ୟ ସହରର ଅନେକ ସ୍ଥାନରେ ଆମ ବସ୍‌ଷ୍ଟପ୍ ନାହିଁ। ଯେଉଁଥିପାଇଁ ଲୋକମାନେ ରାସ୍ତା ଉପରେ ଅପେକ୍ଷା କରୁଛନ୍ତି। ବିଶେଷ କରି ଜାଗମରା, କୋଳଥିଆ, ରାଜମହଲ, କ୍ୟାପିଟାଲ ହସ୍ପିଟାଲ ଆଦି ସ୍ଥାନରେ ବସ୍‌ଷ୍ଟପ୍ ନାହିଁ। ଏଥିସହିତ କିଛି ଛକରେ ପଟେ ଗୋଟେ ଅଛି ତ ଆଉ କେଉଁଠି ମୂଳରୁ ନାହିଁ। ଯାହାଫଳରେ ଲୋକମାନେ ଅନେକ ପ୍ରକାରର ଅସୁବିଧା ସମ୍ମୁଖୀନ ହେଉଛନ୍ତି। ଏନେଇ କ୍ୟାପିଟାଲ ହସ୍ପିଟାଲ ଆଗରେ ଆମ ବସ୍ ପାଇଁ ଅପେକ୍ଷା କରିଥିବା ଡୁମୁଡୁମାର କୁନ୍ତଳା ସ୍ୱାଇଁ କୁହନ୍ତି ଖରା ହଉ କି ବର୍ଷା ହଉ ରାସ୍ତାରେ ବସ୍ ପାଇଁ ଅପେକ୍ଷା କରିବାକୁ ପଡୁଚି। କେତେ ଠିଆ ହବୁ ଏଥିପାଇଁ ତଳେ ବସି ବସ୍‌କୁ ଅପେକ୍ଷା କରିବାକୁ କରୁଛୁ ବୋଲି ସେ କହିଛନ୍ତି।

# ଅଣଅନୁଦାନପ୍ରାପ୍ତ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି




ରାଜକନିକା,୨୦।୮ (ସମିସ): ରାଜ୍ୟ ଅଣଅନୁଦାନପ୍ରାପ୍ତ କର୍ମଚାରୀ ସଙ୍ଘର ଆହ୍ୱାନକ୍ରମେ ରାଜକନିକା ବ୍ଲକ୍ ଏସ୍ଏନ୍ କଲେଜର ଏହି ବର୍ଗର ୨୦ ଜଣ କର୍ମଚାରୀ ଗତ ୧୬ ତାରିଖ ଠାରୁ କାର୍ଯ୍ୟବନ୍ଦ ଜାରି ରଖିଛନ୍ତି। ରାଜକନିକାର ଏହି କଲେଜରେ ୨୦୦୮ ମସିହାରୁ ୨୦୧୮ ମସିହା ଯାଏ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ୨୦ ଜଣ କର୍ମଚାରୀ ସ୍ୱଳ୍ପ ବେତନରେ ବର୍ଷ ବର୍ଷ ଧରି କାର୍ଯ୍ୟ କରୁଥିବା ବେଳେ ସେମାନଙ୍କ ପାଇଁ ସ୍ୱତନ୍ତ୍ର ସରକାରୀ ଆଦେଶ ପ୍ରକାଶ କରି ଏମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ଦେବାକୁ ବାରମ୍ବାର ଦାବି କରାଯାଇ ଆସୁଥିଲେ ବି ସରକାର ଏମାନଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରୁଛନ୍ତି। ତେଣୁ ଏହା ବିରୋଧରେ ଆନ୍ଦୋଳନ ଜାରି ରହିଛି। ଦାବି ପୂରଣ ନ ହେବା ଯାଏ ଧାରଣା ଜାରି ରହିବ ବୋଲି କୁହାଯାଇଛି।

# ଠକେଇ ଅଭିଯୋଗରେ ମହିଳା ଗିରଫ




ରାଜନଗର,୨୦।୮ (ସମିସ): ଠକେଇ ଅଭିଯୋଗରେ ରାଜନଗର ପୁଲିସ ଜଣେ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ରାଜନଗର ଥାନା ଅନ୍ତର୍ଗତ କେରେଡାଗଡ ଗାଁର ରୂପାଲି ମାଝୀ, କବିତା ମାଝୀ, ସବିତା ମାଝୀ, ଫୁଲରାଣୀ ମାଝୀ, ଶାନ୍ତିଲତା ମାଝୀ, ମିନା ମାଝୀ, ସାବିତ୍ରୀ ମାଝୀ ଓ ବାଲିସାହିପାଟଣା ଗାଁର କୁନିଲତା ମାଝୀଙ୍କୁ ଗତ ନଭେମ୍ବର ୧୯ ତାରିଖରେ ଚଞ୍ଚକତା କରି ଓ ମିଥ୍ୟା ପ୍ରଲୋଭନ ଦେଖାଇ କେରେଡ଼ାଗଡ଼ ଗାଁର ମମତା ମାଝୀ ୧୪ ଲକ୍ଷ ୧୫ ହଜାର ଟଙ୍କା ଠକି ନେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ରାଜନଗର ଥାନାରେ କେସ ନମ୍ବର ୪୧୮/୨୦୨୪ ରେ ମାମଲା ରୁଜୁ ହୋଇଥିଲା। ଗତକାଲି ରାଜନଗର ପୁଲିସ ମମତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବୋଲି ଆଇଆଇସି ନରେଶ କୁମାର ସାହୁ ସୂଚନା ଦେଇଛନ୍ତି।

# ଡ୍ରେନ୍ ନିର୍ମାଣ ଯୋଗୁଁ ରାସ୍ତା ସଂକୀର୍ଣ୍ଣ; ଗମନାଗମନରେ ବାଧା

## ■ ଜିଲ୍ଲାପାଳଙ୍କୁ ଦାବିପତ୍ର

ପଟ୍ଟାମୁଣ୍ଡାଇ,୨୦।୮ (ସମିସ): ପଟ୍ଟାମୁଣ୍ଡାଇ ପୌର ପରିଷଦ ୨୦ନଂ ୱାର୍ଡ ବନ୍ଧପଡ଼ା ଗ୍ରାମର ବୁଢ଼ୀ ଜାଗୁଲାଇ ଠାକୁରାଣୀ ପୀଠ, ଏଏନ୍ଏମ୍ ସେଣ୍ଟର ନିକଟରେ ଥିବା ଅଣ ଓସାରିଆ ରାସ୍ତାରେ ଡ୍ରେନ୍ ନିର୍ମାଣ ଯୋଗୁଁ ରାସ୍ତା ଅଧିକ ସଂକୀର୍ଣ୍ଣ ହୋଇଛି। ଫଳରେ ଜନସାଧାରଣ ଯାତାୟାତ କ୍ଷେତ୍ରରେ ଅସୁବିଧା ଭୋଗ କରୁଛନ୍ତି। ଏଥି ନେଇ କିଛି ବାସିନ୍ଦା ପଟ୍ଟାମୁଣ୍ଡାଇ ପୌର ପରିଷଦ କାର୍ଯ୍ୟାଳୟରେ ଅଭିଯୋଗ କରି ଡ୍ରେନ ନିର୍ମାଣ ବନ୍ଦ ପାଇଁ ଦାବି କରିଥିଲେ ଓ ମାତ୍ର ପୌର ପରିଷଦ ଏ ଦିଗରେ କୌଣସି ପଦକ୍ଷେପ ନନେବାରୁ ବାଧ ହୋଇ ବନ୍ଧପଡା ଗ୍ରାମର କିଛି ଅଧିବାସୀ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ। ସରକାର ଓ ପୌର ପରିଷଦ ଜନସାଧାରଣଙ୍କ ଗମନାଗମନ ସମସ୍ୟା ପ୍ରତି ଧ୍ୟାନ ଦେଇ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ବିଜୟ ମହାପାତ୍ରଙ୍କ ବୀର ନୀଳକଣ୍ଠପୁର ଗସ୍ତ

## ■ ସଂଗ୍ରାମଙ୍କ ପରିବାରକୁ ଜଣାଇଲେ ସମବେଦନା



ପଞ୍ଚୁପାଣ୍ଡବ,୨୦।୮ (ସମିସ): ଡେରାବିଶ ବ୍ଲକ୍ ନହଙ୍ଗ ପଞ୍ଚାୟତ ବୀର ନୀଳକଣ୍ଠ ଗ୍ରାମର ପୁରୁଷୋତ୍ତମ ସେଠୀଙ୍କ ଏକ ମାତ୍ର ପୁଅ ସଂଗ୍ରାମ କେଶରୀ ସେଠୀ( ୩୮ )ଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। ଏହି ଖବର ପାଇ ପୂର୍ବତନ ମନ୍ତ୍ରୀ ବିଜୟ ମହାପାତ୍ର ସଂଗ୍ରାମଙ୍କ ଘରେ ପହଞ୍ଚି ପରିବାର ସଦସ୍ୟଙ୍କୁ ସମବେଦନା ଜଣାଇଛନ୍ତି। ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ ପାଇଁ ମଧ୍ୟପ୍ରଦେଶରୁ ପୁରୀକୁ ଏକ କାର୍ ଯୋଗେ ଆସୁଥିବାବେଳେ ଓଡ଼ିଶା ସୀମାନ୍ତରେ ଦୁର୍ଘଟଣା ଘଟି ୬ ଯୁବକଙ୍କ ମୃତ୍ୟୁ ହୋଇଥିଲା। ସଂଗ୍ରାମଙ୍କ ବ୍ୟତୀତ ଅନ୍ୟ ୫ ଜଣଙ୍କ ଘର ମଧ୍ୟପ୍ରଦେଶରେ। ସେ ମଧ୍ୟପ୍ରଦେଶର ଇନ୍ଦୋରଠାରେ ରିଲାଏନ୍ସ ଜେନେରାଲ ଇନ୍ସୁରାନ୍ସ କମ୍ପାନୀରେ ଅପରେସନ ମ୍ୟାନେଜର ଭାବେ ଚାକିରି କରିଥିଲେ। ଘରେ ବିଧବା ପତ୍ନୀଙ୍କ ସମେତ ୩ ବର୍ଷର ପୁଅ ଥିବା ଜଣାଯାଇଛି। ସଂଗ୍ରାମଙ୍କ ବିୟୋଗରେ ଅଞ୍ଚଳରେ ଶୋକ ର ଛାୟା ଖେଳିଯାଇଛି।

# ମାଛ ସଙ୍କଟ; ଆଇଁଷ ଖାଇବା ଲୋକେ ହତାଶ

ରାଜକନିକା,୨୦।୮ (ସମିସ):



ନଦୀ ନାଳ ଘେରା ରାଜକନିକା ବ୍ଲକ୍ ଦିନେ ମାଛ, କଙ୍କଡ଼ାର ମୁଖ୍ୟ ଉତ୍ପାଦନସ୍ଥଳ ଥିଲା। ଏବେ କିନ୍ତୁ ଏହି ଅଞ୍ଚଳରେ ମାଛ ମିଳୁନି। ଆଜି ବୁଧବାର ଆମିଷ ବାରିରେ ଲୋକେ ଆମିଷ ଦୋକାନରେ ଭିଡ଼ ଜମାଉଥିବାବେଳେ କାଁ ଭାଁ ସ୍ଥାନରେ ମାଛ ମିଳୁଥିଲା। ଆଇଁଷ ଚାହିଦା ମେଣ୍ଟାଇବାଲୁ ବଜାରରେ ମାଛ ସଙ୍କଟ ଦେଖି ଲୋକେ ହତାଶ ହୋଇଥିଲେ। ରାଜକନିକା ବ୍ଲକ୍ର ପ୍ରାୟ ପ୍ରତି ଦଶଟି ପରିବାର ମଧ୍ୟରେ ୪ଟି ପୋଖରୀ ଓ ଗାଡ଼ିଆ ଥିବା ବେଳେ ପ୍ରାକୃତିକ ଉପାୟରେ ନଦୀ ନାଳ, ନିଲାମ ଯୋଗ୍ୟ ମତ୍ସ୍ୟଦିଆ ଗୁଡ଼ିକରେ ମାଛ ଉତ୍ପାଦନ ହେଉଥିବା କୁହାଯାଉଥିବାବେଳେ ରାଜକନିକାର ସବୁ ବଜାରରେ କିନ୍ତୁ ଆନ୍ଧ୍ର ମାଛ, କୁକୁଡ଼ା ଓ ଅଣ୍ଡା ଉପରେ ନିର୍ଭର କରିବାକୁ ପଡୁଛି।

ଅନୁସନ୍ଧାନ ମୁତାବକ ରାଜକନିକା ବ୍ଲକର କଣ୍ଟପଡ଼ା, ବରାଡ଼ିଆ, ଜୟନଗର, କାଟଣା, ଭାରିଗଦା, ଓଳାଭର, ନହୁଲିଆ ଛକ, କଣ୍ଡିଆହାଟ ସହ ପ୍ରତି ଆମିଷ ବାରି ଦିନ ଶହ ଶହ ସଂଖ୍ୟାରେ ବୁଲା ମାଛ ବେପାରୀ ଗାଁ ଗଣ୍ଡାରେ ପଶି ମାଛ ବିକି ଗୁଜୁରାଣ ମେଣ୍ଟାଇଥାନ୍ତି। ତେବେ ସପ୍ତାହର ରବିବାର, ବୁଧବାର ଓ ଶୁକ୍ରବାର ରାଜକନିକା ବ୍ଲକ୍ର ବଜାରକୁ ପ୍ରାୟ ୮ ଶହ କ୍ୱିଣ୍ଟାଲ ଆନ୍ଧ୍ର ଓ ଚିଲିକା ଅଞ୍ଚଳର ମାଛ ଆସି ବିକ୍ରି ହେଉଛି। ବ୍ଲକ୍ର ବହୁ ଅଞ୍ଚଳରେ ମତ୍ସ୍ୟ ଉତ୍ପାଦକ ସଙ୍ଘ, ଜାଆଁଳ ଉତ୍ପାଦନ କେନ୍ଦ୍ର, ଟାଙ୍କିରେ ମାଛ ଚାଷ, ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପଞ୍ଚାୟତ ପୋଖରୀ ନିଲାମ କରି ମାଛ

**■ ଚାହିଦା ମେଣ୍ଟାଉଛି ଆନ୍ଧ୍ର ମାଛ, ବାହାବାଃ ନେଉଛି ମତ୍ସ୍ୟ ବିଭାଗ**
**■ ହଡ଼ପ ହେଉଛି ପ୍ରୋତ୍ସାହନ ଅର୍ଥ, ବଢୁନି ଉତ୍ପାଦନ**

ଚାଷ ପାଇଁ ପ୍ରୋତ୍ସାହନ, ନଦୀ, ନାଳ, ଯୋର ଭଳି ସରକାରୀ ମତ୍ସ୍ୟଦିଆ ଥାଇ ତାହା ନିୟମିତ ନିଲାମ ଦେଇ ମାଛ ଉତ୍ପାଦନ ହେଉଥିବା କଥା ରେକର୍ଡ କରିଥିବା ବେଳେ ବାସ୍ତବରେ ରାଜକନିକାର ସବୁ ବଜାର ଓ ଗାଁ ରେ ପ୍ରତିଦିନ ଆନ୍ଧ୍ର ମାଛର ରାଜୁତି ଚାଲିଛି। ଆଇଁଷ ଖାଉଥିବା ଲୋକଙ୍କ ପାଇଁ ପଇସା ଦୃଷ୍ଟିରୁ ମଟନ ଚିକେନ ଠାରୁ ମାଛ କମ ମୂଲ୍ୟର ଥିବାରୁ ଲୋକେ ମାଛ ଉପରେ ବେଶୀ ଭରସା କରିଥାନ୍ତି। ହେଲେ ବ୍ଲକ୍ ମତ୍ସ୍ୟ ସମ୍ପ୍ରସାରଣ ବିଭାଗର ଅପାରଗତାରୁ ସରକାରୀ ରେକର୍ଡରେ ଲକ୍ଷ ଲକ୍ଷ ଟଙ୍କା ମାଛ ଚାଷକୁ ଉତ୍ସାହିତ କରିବା ପାଇଁ ଆର୍ଥିକ ସହାୟତା ଦେଉ ଥିଲେ ବି ଏହାର କାଣିଚାଏ ପ୍ରଭାବ ମାଛ ଉତ୍ପାଦନରେ ପଡୁନାହିଁ। କେବଳ ସରକାରୀ ସବ୍ସିଡି ହଡ଼ପ ପାଇଁ ଏହି ବିଭାଗର ତଥାକଥିତ ଅଧିକାରୀ ଦିନ ରାତି ଲାଗି ଥିବାରୁ କୌଣସି ପୋଖରୀରୁ କିଛି ବି ମାଛ ବଜାରକୁ ଆସୁନାହିଁ। ପୁନଶ୍ଚ ରେକର୍ଡ ଅନୁସାରେ ଏହି ବ୍ଲକ୍ରେ ୩୫ଟି ଫାର୍ମ ପଣ୍ଡ ଥିବା ବେଳେ ନଦୀକୂଳର ହଜାର ହଜାର ଏକର ଜମିରେ ଲୁଣି ପାଣି ଚିଙ୍ଗୁଡ଼ି ଚାଷ କରାଯାଇ ବିଦେଶକୁ ମଧ୍ୟ ରପ୍ତାନି କରାଯାଉଥିବା କୁହାଯାଉଥିବା ବେଳେ ଗାଁ ଗହଳିର ଖାଉଟିଙ୍କ ପାଇଁ ଆଜି ବଜାରର ମାଛ ସଙ୍କଟ ବଡ଼ ଅଜବ ଲାଗିଛି। ଗତ ଶ୍ରାବଣ ମାସରେ ବିଶେଷ କରି ବୋଲବମ ପାଇଁ ଅଧିକାଂଶ ଲୋକେ ଆଇଁଷ ତ୍ୟାଗ କରିଥିବା ବେଳେ ଆଜି ଭାଦ୍ରବ ମାସର ବୁଧବାର ଥିବାରୁ ସମସ୍ତେ ଆଇଁଷ ଖାଇବାକୁ ଇଚ୍ଛା କରି ବଜାରକୁ ଆସିଥିବା ବେଳେ ବଜାରରେ ମାଛ ସଙ୍କଟ ଦେଖି ନିରାଶ ହୋଇଥିଲେ। ବୈତରଣୀ, ଖରସ୍ରୋତା, ବ୍ରାହ୍ମଣୀ, ବେଙ୍ଗା ନଦୀ ସହ ଶତାଧିକ ଜୋର ଓ ନାଳରେ ଭର୍ତ୍ତି ରାଜକନିକା ବ୍ଲକ୍ର ଆଇଁଷ ଚାହିଦା ପୂରଣ କରିବାରେ ମଧ୍ୟ ବାହାର ମାଛର ଅଭାବ ରହିବା ଚିନ୍ତାଜନକ ସାବ୍ୟସ୍ତ ହୋଇଛି। ଧର୍ମକୁ ଆଖିଠାର ମାରି କେବଳ ରେକର୍ଡପତ୍ରରେ ମାଛ ଚାଷକୁ ସରକାରୀ ତଥ୍ୟରେ ଆଗୁଆ ରଖିଥିବା ମତ୍ସ୍ୟ ବିଭାଗର ଅପାରଗତା ଏବଂ ସରକାରୀ ଯୋଜନାକୁ ଚଳୁ କରିବା ପାଇଁ ଉଦ୍ଦିଷ୍ଟ ମିଛିମିଛିକା ମାଛ ଚାଷ ପୋଖରୀ ଯୋଜନା ସବୁ ଫେଲ ମାରି ଥିବା ଆଜି ବୁଦ୍ଧିଜୀବୀ ମହଲରେ ଆଲୋଚନାର ଖୋରାକ ଯୋଗାଇଥିଲା। ପର ରାଜ୍ୟର ମାଛ ଉପରେ ନିର୍ଭର କରୁଥିବା ଆମ ଆଇଁଷଖିଆ ପ୍ରକୃତିରୁ ବେଶ ଫାଇଦା ନେଉଥିବା ଆମ ମତ୍ସ୍ୟ ସମ୍ପ୍ରସାରଣ ଯୋଜନାର ସମୀକ୍ଷା ହୋଇ ଆଞ୍ଚଳିକ ମାର୍କେଟରେ ସ୍ଥାନୀୟ ଉତ୍ପାଦନ ମାଛ ବିକ୍ରି ପାଇଁ ଏକ ଆକ୍ସନପ୍ଲାନ କରାଗଲେ ସମସ୍ତେ ଉପକୃତ ହୁଅନ୍ତେ ବୋଲି ମତ ପ୍ରକାଶ ପାଉଛି।

# ବନମାଳୀ ସାମଲ ମେଧା ସମ୍ମାନ ଉତ୍ସବ



ପଟ୍ଟାମୁଣ୍ଡାଇ,୨୦।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ବାଛରା ପଞ୍ଚାୟତ ମଣ୍ଡପଡ଼ା ଭଜନେଶ୍ୱର ହାଇସ୍କୁଲ ପରିସରରେ ସ୍ୱାଧୀନତା ଦିବସ ଅବସରରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ ସ୍କୁଲର ପ୍ରତିଷ୍ଠାତା ସମ୍ପାଦକ ଶିକ୍ଷାବିତ ବନମାଳୀ ସାମଲଙ୍କ ଅମ୍ଳାନ ସ୍ମୃତିରେ ଗଠିତ ବନମାଳୀ ସାମଲ ସ୍ମୃତି ସଂସଦ ପକ୍ଷରୁ ଚଳିତ ବର୍ଷର ମେଧା ସମ୍ମାନ ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଗୋଲକ ବିହାରୀ ଭୂୟାଁଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସ୍କୁଲର ଅନ୍ୟତମ ପ୍ରତିଷ୍ଠାତା ସମାଜସେବୀ ବରାହ ଚରଣ ସାମଲ, ସିଆର୍ସିସି ନମିତା ସାହୁ, ନୋଡାଲ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମରେନ୍ଦ୍ର ଜେନା, ଗଗନ ବିହାରୀ ସାହୁ ଓ ବ୍ରଜକିଶୋର ସ୍ୱାଇଁ ଅତିଥି ଭାବରେ ଯୋଗ ଦେଇଥିଲେ। ଗତ ମାଟ୍ରିକ୍ ପରୀକ୍ଷାରେ ଭଜନେଶ୍ୱର ହାଇସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ବିଶାଖା ଗେରୁଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ସହିତ ପ୍ରୋତ୍ସାହନ ରାଶି ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସହକାରୀ ଶିକ୍ଷକ ତରୁଣ କୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଶିକ୍ଷକ ହେମନ୍ତ କୁମାର ମଲ୍ଲିକ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ କ୍ରୀଡ଼ା ଶିକ୍ଷକ କୃଷ୍ଣଚନ୍ଦ୍ର ସାହୁ, ରୋହିତ କୁମାର ସ୍ୱାଇଁ, ସଂଗୀତା ମଲ୍ଲିକ, ବିଦ୍ୟୁତପ୍ରଭା ସିଂ, ନିରୋଦନଳିନୀ ମହାନ୍ତି ଓ ଅକ୍ଷୟ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ବେସରକାରୀ ଅଧ୍ୟାପକ ଓ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

ରାଜନଗର,୨୦।୮ (ସମିସ): ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନକ୍ରମେ ଆଜି ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଓ ଅଣଶିକ୍ଷକ ଆନ୍ଦୋଳନରେ ସାମିଲ ହୋଇଛନ୍ତି। ପରିଚାଳନା କମିଟି ପକ୍ଷରୁ ୨୦୦୮ରୁ ୨୦୧୮ ମସିହା ପର୍ଯ୍ୟନ୍ତ ନିଯୁକ୍ତି ସମସ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ପ୍ରଦାନ ନିମନ୍ତେ ସଂଘ ସଭାପତି ବିଶ୍ୱରଞ୍ଜନ ଦାଶଙ୍କ ନିର୍ଦ୍ଦେଶକ୍ରମେ ସମଗ୍ର ରାଜ୍ୟରେ ଆନ୍ଦୋଳନ ଚାଲୁରହିଛି। ମହାବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଆନ୍ଦୋଳନକାରୀମାନେ ନାରାବାଜି କରିଛନ୍ତି। ଆନ୍ଦୋଳନରେ ଅଧ୍ୟାପକ ବଳରାମ ଦାସ, ସରୋଜ କୁମାର ବେହେରା, ଅବିନାଶ ରାଉତ, ଅଭିଜିତ ଖୁଣ୍ଟିଆ, ରାଧାକାନ୍ତ ରାଉତରାୟ, ବିନୋଦ କୁମାର ସେଠୀ, ସୂର୍ଯ୍ୟକାନ୍ତ ସ୍ୱାଇଁ, ଅଧ୍ୟାପିକା ସାଗରିକା କର, ଶୁଭଦର୍ଶନୀ ପ୍ରଧାନ, ମାମିନାରାଣୀ ନାୟକ, କବିତା ସାମନ୍ତରାୟ, କିରଣ ସେଠୀ,




ନିରଞ୍ଜନ ମଳିକ ପ୍ରମୁଖ କାର୍ଯ୍ୟବନ୍ଦ କରି ଧାରଣାରେ ବସିଥିଲେ। ଅନ୍ୟପକ୍ଷେ ୨୦୦୮ ରୁ ୨୦୧୮ ପର୍ଯ୍ୟନ୍ତ ନୂତନ ଜିଆଇ ୬ ବାହାର କରାଯାଉ। ଯଦି ସରକାର ନୂତନ ଜିଆଇ ୬ ବାହାର ନକରନ୍ତି ତେବେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ କରାଯିବ ବୋଲି ଅଧ୍ୟାପକ ବଳରାମ ଦାସ କହିଛନ୍ତି।

# କଖାରୁଖିଆ ହାଇସ୍କୁଲରେ 'ଆସ ସ୍କୁଲ ଯିବା' ଅଭିଯାନ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୦।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅମୃତ ମଣୋହି ପଞ୍ଚାୟତ ସିଦ୍ଧବାଲି ସିଦ୍ଧ କଖାରୁଖିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ଆସ ସ୍କୁଲ ଯିବା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ମଳିକ, ସହକାରୀ ଶିକ୍ଷକ ଅମର ବେହେରା, ଶ୍ରୀକାନ୍ତ କୁମାର ମଳିକ, ହେମଲତା ଆଚାର୍ଯ୍ୟ, ନମିତା ସେନାପତି, ମାମାଲିସା ପରିଡ଼ା, ମିହିର କୁମାର ଜେନା ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଏହି ଅଭିଯାନରେ ସାମିଲ ହୋଇ ସ୍କୁଲ ପରିସରରୁ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଆମ ଭବିଷ୍ୟତ ଆମରି ହାତେ ସ୍କୁଲ ଯିବା ଆସ ଆମେ ସମସ୍ତେ ଆଦି ନାରା ଦେଇଥିଲେ।




# ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟନିର୍ବାହୀ କମିଟି ବୈଠକ

ଗରଦପୁର,୨୦।୮ (ସମିସ): ଗରଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟ ନିର୍ବାହୀ କମିଟି ବୈଠକ ସଭାପତି ତଥା ପ୍ରକୃତିବନ୍ଧୁ ଦ୍ୱାରିକାନାଥ ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ କରିଥିବାବେଳେ ପଣ୍ଡିତ ସାରଦା ପ୍ରସାଦ ଶତପଥୀ ବେଦପାଠ କରିଥିଲେ। ବୈଠକରେ ଗରଦପୁର ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ପରିପ୍ରେକ୍ଷୀରେ ବରିଷ୍ଠ ନାଗରିକମାନଙ୍କର ସମସ୍ତ କାର୍ଯ୍ୟକ୍ରମରେ ସାହାଯ୍ୟ ଓ ସହଯୋଗ କରିବା ସହିତ ମଞ୍ଚର କାର୍ଯ୍ୟାଳୟ ନିମନ୍ତେ ଏକ ଗୃହ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏପରିକି ବରିଷ୍ଠ ନାଗରିକ ମାନଙ୍କର ସମସ୍ୟା ସମ୍ପର୍କରେ ଗରଦପୁର ବିଡିଓ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ସଭାପତିଙ୍କୁ ଦାୟିତ୍ୱ ଅର୍ପଣ କରାଯାଇଥିଲା। ବୈଠକରେ ମଞ୍ଚର ଉପ ସଭାପତି ଶରତ ଚନ୍ଦ୍ର



ରାଉତ, ସହ ସମ୍ପାଦକ ଗଙ୍ଗାଧର ଭୋଳ, ମହେଶ୍ୱର ପାଣି, ଶିକ୍ଷାବିତ୍ ଡ. ଲିଙ୍ଗରାଜ ଶତପଥୀ, ପଣ୍ଡିତ ହରିହର ପଣ୍ଡା, ପବିତ୍ର କୁମାର ସେନାପତି, ରମେଶ ଚନ୍ଦ୍ର ସ୍ୱାଇଁ, ଯୁଗ୍ମ ସମ୍ପାଦକ ଅନାଦି ଚରଣ ସାମଲ, ଚାରୁଚନ୍ଦ୍ର ସେନାପତି, ଶିଶିର ମହାନ୍ତି, ଉପଦେଷ୍ଟା ତ୍ରୈଲୋକ୍ୟନାଥ ଲେଙ୍କା, ଶିଶିର ପରିଡ଼ା, ପ୍ରଭାତ ପରିଡ଼ା, ବିମଳ ପ୍ରସାଦ ଜେନା, ଶୈଳେନ୍ଦ୍ର ପତି, ଅବସରପ୍ରାପ୍ତ ଶିକ୍ଷକ ଅଜିତ କୁମାର ପଣ୍ଡା ପ୍ରମୁଖ ବରିଷ୍ଠ ନାଗରିକମାନଙ୍କର ବିଭିନ୍ନ ସମସ୍ୟା ଓ ମଞ୍ଚର ଉନ୍ନତି ନିମନ୍ତେ ଗଠନମୂଳକ ପ୍ରସ୍ତାବ ଦେଇଥିଲେ। ଏହାପରେ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା। ଅବସରପ୍ରାପ୍ତ ଅଧ୍ୟକ୍ଷ ଗଗନ ବିହାରୀ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଗରଦପୁର ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମଧୁସ୍ମିତା ଦାସ, ଶିଶିର ନାୟକ, ଶିଶିର ମହାନ୍ତି, ଉମେଶ ଚନ୍ଦ୍ର ଓଝା, ପୂର୍ଣ୍ଣଚନ୍ଦ୍ର ନାୟକ, ଗୋଲକ ବିହାରୀ ସ୍ୱାଇଁ, ନବାବ ପଣ୍ଡା, ଉମାକାନ୍ତ ସାହୁ, ପର୍ଶୁରାମ ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେନ୍ଦ୍ରାପଡ଼ା କଲେଜରେ ଆଣ୍ଟିରାଗିଂ ସପ୍ତାହ

କେନ୍ଦ୍ରାପଡ଼ା,୨୦।୮ (ସମିସ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ଆଣ୍ଟିରାଗିଂ ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କ ସଭାପତିତ୍ୱରେ ଏବଂ ବାଣିଜ୍ୟ ବିଭାଗ ଅଧ୍ୟାପକ ବିକାଶ କୁମାର ନାୟକଙ୍କ ସଂଯୋଜନାରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ତିନିଶହରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ରାଗିଂ ସମ୍ପର୍କରେ ସଚେତନ କରାଯାଇଥିଲା। ଯଦି କୌଣସି ଛାତ୍ର ବା ଛାତ୍ରୀ ରାଗିଂର ସମ୍ମୁଖୀନ ହୁଅନ୍ତି ତେବେ ତୁରନ୍ତ ଏ ସମ୍ପର୍କରେ ମହାବିଦ୍ୟାଳୟର ଆଣ୍ଟି ରାଗିଂ ସେଲ୍କୁ ଜଣାଇବାକୁ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଆଇକ୍ୟୁଏସି ସଂଯୋଜକ ଡ. ଦୀପ୍ତି ରାୟ, ବାଣିଜ୍ୟ ବିଭାଗ ମୁଖ୍ୟ ୱାଇ. ପଦ୍ମାବତୀ, ଲେଫ୍ଟନାଣ୍ଟ ରଜନୀକାନ୍ତ ତ୍ରିପାଠୀ, ଡ. ସୁରେଶ ଚନ୍ଦ୍ର ଦାସ, ମନୋଜ ପ୍ରଧାନ, ବାବୁଲା ବେହେରା, ଗିରିଶ କୁମାର ସାହୁ ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହି ସଚେତନ କରାଇଥିଲେ।

# ମୃତ ମଇଁଷି ପୋତିବା ପ୍ରକ୍ରିୟା ଆରମ୍ଭ, ୫୦ କର୍ମଚାରୀ ସାମିଲ

ରାଜନଗର,୨୦।୮ (ସମିସ):

କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ଏକମାଣିଆ ଗାଁ ନିକଟରେ ପ୍ରବାହିତ ନଦୀରେ ୪ ଦିନ ହେଲା ମରି ଭାସୁଥିବା ୭୩ଟି ମଇଁଷିଙ୍କୁ ସ୍ଥାନାନ୍ତର ଓ ପୋତିବା ପ୍ରକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ରାପଡ଼ା ଜିଲପାଳ ଏହାକୁ ଗୁରୁତର ସହ ନେଇଛନ୍ତି। ବୋଟ ମାଧ୍ୟମରେ ନଦୀରୁ ମଇଁଷିଙ୍କୁ ଟାଣି ଟାଣି ନେଇ ପୋତିବାକୁ ସ୍ଥିର ହୋଇଥିବା ସ୍ଥାନକୁ ଅଣାଯାଉଛି। ଜେସିବି ମାଧ୍ୟମରେ ଗାତ ଖୋଳାଯାଇଛି। ଗାତ ମଧ୍ୟରେ ମୃତ ମଇଁଷିଙ୍କୁ ପୋତାଯିବ। ୪ ଦିନ ତଳୁ ମଇଁଷିଗୁଡ଼ିକ ମରି ଭାସୁଥିବାରୁ ଦୁର୍ଗନ୍ଧରେ ସେଠାକୁ ଯାଇ ହେଉନାହିଁ। ବ୍ରାହ୍ମଣୀ ନଦୀର ଶାଖା ଗଳିଆ



ନଦୀରେ ଗଛର ଡାଳ କାଟି ନଦୀ ଭିତରକୁ ଯାଇ ମଇଁଷି ଗୁଡ଼ିକୁ ବୋଟ ମାଧ୍ୟମରେ ଟାଣି ଟାଣି ଅଣାଯାଉଛି। ବନ ବିଭାଗର ୩ଟି ବୋଟ ମଇଁଷି ଟାଣି ଆଣିବା କାର୍ଯ୍ୟରେ ନିୟୋଜିତ ହୋଇଥିବାବେଳେ ବନ ବିଭାଗର ୩୫ ଜଣ ଓ ଅଗ୍ନିଶମ ବାହିନୀର ୧୦ ଜଣ କର୍ମଚାରୀଙ୍କ ସହିତ ଅଧିକାରୀମାନେ ନିୟୋଜିତ ଅଛନ୍ତି। ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ଉପଜିଲ୍ଲାପାଳ, ଏସିଏଫ୍ ଗଗନ କୁମାର ମଲ୍ଲିକ, ରାଜନଗର ରେଞ୍ଜ ଅଫିସର ଚିତ୍ତରଞ୍ଜନ ବେହୁରା, ଆଳି ତହସିଲଦାର, ରାଜସ୍ୱ ନିରୀକ୍ଷକ, ଆଳି ବ୍ଲକ୍ ପ୍ରାଣୀ ଚିକିତ୍ସା ଅଧିକାରୀ ଉପସ୍ଥିତ ରହି ସ୍ଥିତି ଅନୁଧ୍ୟାନ କରୁଛନ୍ତି। ସମୁଦାୟ ୭୩ ମଇଁଷି ମରିଥିବାବେଳେ ୧୮ ତାରିଖରେ ୪୪ ମୃତ ମଇଁଷିଙ୍କୁ ଗଣନା କରାଯାଇଥିଲା। ଅନ୍ୟ ମୃତ ମଇଁଷି ନଦୀ ସ୍ରୋତରେ ଭାସି ଯାଇଥିଲେ। ଆଜି ୨୭ଟି ମୃତ ମଇଁଷି ଉଦ୍ଧାର କରାଯାଇ ପୋତା ଯାଇଛି। ଆସନ୍ତାକାଲି ଏହି ପକ୍ରିୟା ଜାରି ରହିବ ବୋଲି ବନବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଧାନେଶ୍ୱରୀ ପୀଠରେ ବ୍ରହ୍ମ ଏକାକ୍ଷର ମେଳା

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୨୦।୮ (ସମିସ): ପଟ୍ଟାମୁଣ୍ଡାଇ ବ୍ଲକ୍ ଅଳପୁଆ ପଞ୍ଚାୟତ ଧାନେଶ୍ୱରୀ ପୀଠରେ ଅଚ୍ୟୁତାନନ୍ଦ ମହାପୁରୁଷଙ୍କ ଗାଦି ଓ କଳ୍କୀ ଅବତାରଙ୍କ ବ୍ରହ୍ମ ଏକାକ୍ଷର ମେଳା ଅନୁଷ୍ଠିତ ହୋଇଯାଇଛି। ପୀଠର ପିଠାଧୀଶ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡା, ସେବକ ଗଗନ ମହାଳିକଙ୍କ ତତ୍ତ୍ୱାବଧାନରେ ଓ ଉମାକାନ୍ତ ରାଉତଙ୍କ ପୌରୋହିତ୍ୟରେ ଆୟୋଜିତ ମେଳାରେ ଗ୍ରାମର ଶତାଧିକ ଶ୍ରଦ୍ଧାଳୁ ଓ ଜନସାଧାରଣ ଯୋଗଦେଇ ପୂଜା ପାଠ କରିଥିଲେ। ୧୫ନଂ ଜୋନର ପୂର୍ବତନ



ଜିଲ୍ଲା ପରିଷଦ ସଦସ୍ୟ ନାରଦ ଚନ୍ଦ୍ର ବିଶ୍ୱାଳ, ରତିକାନ୍ତ ଧଳ, କିଶୋର ରାଉତ, ସୁକାନ୍ତ ରାଉତ, ଶିକ୍ଷାବିତ ବିଚିତ୍ରାନନ୍ଦ ବେହେରା, ଭିକାରୀ ବାରିକ, ଘନଶ୍ୟାମ ମଳିକ, କୁଳମଣି ଧଳ, ପଦ୍ମନାଭ ନାୟକ ପ୍ରମୁଖ ଯୋଗ ଦେଇ ଭଗବତ କାର୍ଯ୍ୟରେ ଭାଗ ନେଇଥିଲେ। ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ପୂଜାର ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ଶେଷରେ ଗଗନ ମହାଳିକ, ଉମାକାନ୍ତ ରାଉତ ପୂର୍ଣ୍ଣାହୁତି ଦେଇଥିଲେ।

■ ଫେରୋ ମାଙ୍ଗାନିଜ ଚୋରି ଅଭିଯୋଗ

# ଡ୍ରାଇଭର କୋର୍ଟଚାଲାଣ



ଦାନଗଦଏ/ଯଖପୁରା, ୨୦।୮ (ସମିସ): ଜାମସେଦପୁରରୁ କଳିଙ୍ଗନଗର ଟାଟା ଷ୍ଟିଲ କାରଖାନାକୁ ୨୪ ଟନ୍ ଫେରୋ ମାଙ୍ଗାନିଜ ଲୋଡ୍ କରି ଆସିଥିବା ଏକ ଟ୍ରକ୍‌ରୁ ୬ ଟନ୍ ଫେରୋ ମାଙ୍ଗାନିଜ ଅପମିଶ୍ରଣ କରାଯାଇଥିବା ଅଭିଯୋଗରେ ଆଜି କଳିଙ୍ଗନଗର ପୁଲିସ ଜଣେ ଡ୍ରାଇଭରକୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନା ମୁତାବକ ଜାମସେଦପୁରରୁ ଟାଟା ଷ୍ଟିଲ କଳିଙ୍ଗନଗରକୁ ସାରଦା ଲୋଜିଷ୍ଟିକ ଜରିଆରେ ଏକ ଟ୍ରକ୍‌ରେ ୨୪ଟି ବ୍ୟାଗରେ ୨୪ ଟନ୍ ଫେରୋ ମାଙ୍ଗାନିଜ ଲୋଡ୍ ହୋଇ ଆସିଥିଲା। ଟାଟା ୨ ନମ୍ବର ଗେଟରେ ଗାଡ଼ିଟି ଭିତରକୁ ପ୍ରବେଶ କରୁଥିବା ବେଳେ ୨୪ଟି ବ୍ୟାଗରୁ ୬ ଟି ବ୍ୟାଗରେ ଥିବା ଫେରୋ ମାଙ୍ଗାନିଜକୁ ଅପମିଶ୍ରଣ କରାଯାଇଥିବା ଜଣାପଡ଼ିଥିଲା। ଯାହାଫଳରେ ଗାଡ଼ିଟିକୁ କାରଖାନା କର୍ତ୍ତୃପକ୍ଷ ଫେରେଇ ଦେଇଥିଲେ। ସାରଦା ଲୋଜିଷ୍ଟିକର ମ୍ୟାନେଜର ଭାନୁପ୍ରକାଶଙ୍କ ଅନୁରୋଧ କ୍ରମେ ଭଲଥିବା ୧୮ ଟି ବ୍ୟାଗକୁ କମ୍ପାନୀରେ ରଖାଯାଇଥିଲା। ଅନ୍ୟ ୬ଟି ବ୍ୟାଗକୁ ଫେରେଇ ଦିଆଯାଇଥିଲା। ଏ ନେଇ ସାରଦା ଲୋଜିଷ୍ଟିକର ମ୍ୟାନେଜର ଭାନୁ ପ୍ରକାଶ ଟ୍ରକ ନମ୍ବର ଓଡି୦୯ଜି ୧୭୭୪ର ଡ୍ରାଇଭର ଯଶ କେତନ ସାହୁଙ୍କ ନାମରେ କଳିଙ୍ଗନଗର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବାପରେ କଳିଙ୍ଗନଗର ଥାନା ପକ୍ଷରୁ କେସ ନମ୍ବର ୫୬/୨୦୨୫ ରେ ଏକ ମାମଲା ରୁଜୁକରାଯାଇ ଅପମିଶ୍ରଣ କରିଥିବା ଡ୍ରାଇଭର ଯଶକେତନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

# ଯାତ୍ରା କଳାକାରଙ୍କୁ ସମ୍ବର୍ଦ୍ଧନା

କାଳିଆପାଣି, ୨୦।୮ (ସମିସ): ସୁକିନ୍ଦା ବ୍ଲକ ଅନ୍ତର୍ଗତ ନୂଆଡିହ ଗ୍ରାମରେ ଚଳିତ ବର୍ଷ ନୂତନ ଭାବେ ଯାତ୍ରା ଅନୁଷ୍ଠାନ ଆରମ୍ଭ ହୋଇଥିଲା। ଯାତ୍ରା ସମ୍ରାଟ୍ ପୃଥ୍ୱୀରଜ୍ ଚଳିତ ବର୍ଷର ଦ୍ୱିତୀୟ କ୍ୟାମ୍ପ୍ କରିଥିଲା। ରାଧାକୃଷ୍ଣ ଯାତ୍ରା କମିଟି ପକ୍ଷରୁ ଅନ୍ତିମ ରଜନୀରେ ଯାତ୍ରା କଳାକାର ଯାତ୍ରା ପରିଚାଳକ ପ୍ରତାପ ଦାସ, ଅଭିନେତା ଟିକୁ ସାମଲ, ଅଭିନେତ୍ରୀ ମୋନାଲିସା ନାୟକ, ଉପସ୍ଥାପକ/ଅଭିନେତା ମୃତ୍ୟୁଞ୍ଜୟ ସ୍ୱାଇଁ, ଉପସ୍ଥାପିକା/ଅଭିନେତ୍ରୀ ପୂଜାରାଣି ସ୍ୱାଇଁ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ମୁଖ୍ୟ ଅତିଥି ଭାବରେ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବରେ ସଭାପତି ବିଶ୍ୱଜିତ୍ ନାୟକ, ସମ୍ପାଦକ ବିଜୟ କୁମାର ବେହେରା, ପ୍ରତାପ ଚନ୍ଦ୍ର ସାହୁ, ବିଜୟ ନାୟକ, କଳାକାର ମହାନ୍ତ, ଚନ୍ଦ୍ରମଣି ନାୟକ ଉପସ୍ଥିତିରେ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ହୋଇଥିଲା ସଭାପତିତ୍ୱ କରିଥିଲେ ଅନୁଷ୍ଠାନ ପକ୍ଷରୁ ସଞ୍ଜୟ ନାୟକ, କୈଳାସ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ବଡ଼ଚଣା କଂଗ୍ରେସର ରାଜୀବ ଜୟନ୍ତୀ



କୁନ୍ଦଳ, ୨୦।୮ (ସମିସ): ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୮୧ତମ ଜୟନ୍ତୀ ବଡ଼ଚଣା କଂଗ୍ରେସ ଆନୁକୂଲ୍ୟରେ ରୁକୁଟିପାଟ ଠାରେ ସ୍ଥାପିତ ରାଜୀବ ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ପାଳନ ହୋଇଯାଇଛି। ଉକ୍ତ ଉତ୍ସବରେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ ଯୋଗଦେଇଥିବା ବେଳେ ପ୍ରାକ୍ତନ ବ୍ଲକ ସଭାପତି ସୁରେଶ ସାହାଣୀ, ପ୍ରାକ୍ତନ ଯୁବକଂଗ୍ରେସ ଜିଲ୍ଲା ସଭାପତି ବିଶ୍ୱ ପ୍ରକାଶ ସାମଲ, ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ମାନଭଞ୍ଜନ ରାଉତରାୟ, ପୂର୍ବତନ ସରପଞ୍ଚ ବିଳାସ ଚନ୍ଦ୍ର ବାରିକ, ପୂର୍ବତନ ସମିତି ସଭ୍ୟ ବଟକୃଷ୍ଣ ଦାସ, ସଞ୍ଜୟ କୁମାର କର, ଚାନ୍ଦ ଖାଁ, ସରୋଜ କୁମାର ଜେନା, ହେମନ୍ତ କୁମାର ବଳ, ସେକ୍ ଇକବାଲ ହୁସେନ୍, ସାନ୍ତନୁ କୁମାର ଜେନା, ଅଚ୍ୟୁତାନନ୍ଦ ପଣ୍ଡା, ମହେଶ୍ୱର ମହାପାତ୍ର, କାହ୍ନୁ ଚରଣ ଦାସ, ଅଶୋକ କୁମାର ରାଉତ, ଅଶୋକ କୁମାର ବେହେରା, ବଳଦେବ ଦଳେଇ ପ୍ରମୁଖ ବହୁ କର୍ମୀ ଯୋଗଦେଇ ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବାଲିଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର କୁମାର ରାଉତରାୟ ଧନ୍ୟବାଦ ଦେଇଥିଲେ। ସର୍ବଶେଷରେ ସ୍ଥାନୀୟ ବିଦ୍ୟାଳୟର କୁନି କୁନି ଛାତ୍ରଛାତ୍ରୀ ମାନଙ୍କୁ ମ୍ରିଠା ବଣ୍ଟନ କରାଯାଇଥିଲା।

ଯାଜପୁର ଗସ୍ତରେ ପ୍ରମୁଖ ଶାସନ ସଚିବ

# 'ଶିଳ୍ପ, ମହିଳା ସଶକ୍ତିକରଣ ଓ ଚାକିରି ସୃଷ୍ଟିକୁ ଗୁରୁତ୍ୱ'

ଯାଜପୁର, ୨୦।୮ (ସମିସ)

ଓଡ଼ିଶା ସରକାରଙ୍କ ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତି ଏବଂ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ତଥା ଯାଜପୁର ଜିଲ୍ଲାର ନୋଡାଲ ଅଧିକାରୀ ବିଶାଳ କୁମାର ଦେବ ଦୁଇଦିନିଆ ଯାଜପୁର ଜିଲ୍ଲା ଗସ୍ତରେ ଆସି ଦ୍ୱିତୀୟ ଦିବସର ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଥିଲେ। ଏହାପରେ ଶ୍ରୀ ଦେବ କାରିଗର ଗ୍ରାମ ଗୋପାଳପୁର ପରିଦର୍ଶନ କରିଥିଲେ। ରସୁଲପୁର ବ୍ଲକ ଅନ୍ତର୍ଗତ ପ୍ରଥମାଖଣ୍ଡି ପଞ୍ଚାୟତର ଗୋପାଳପୁର ମା' ତାରିଣୀ ବୁଣାକାର ସମବାୟ ସମିତି ପରିଦର୍ଶନ କରି ଟସର କାମ ଦେଖିଥିଲେ। ସେଠାରେ ଏକ ହ୍ୟାଣ୍ଡଲୁମ୍ ପାର୍କ କରିବା ନିମନ୍ତେ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି କହିଥିଲେ। ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଏକ ସମୀକ୍ଷା ବୈଠକରେ ଯୋଗଦେଇ ଶ୍ରୀ ଦେବ କହିଲେ ଯାଜପୁର ଜିଲ୍ଲା ସମଗ୍ର ଓଡ଼ିଶାରେ ଏକ ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା। ରାଜ୍ୟ ସରକାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ମହିଳା ସଶକ୍ତିକରଣ ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରୁଥିବା ଶାସନ ସଚିବ ପ୍ରକାଶ କରିଥିଲେ। ଗତକାଲି ଓ ଆଜି ଯାଜପୁର ଜିଲ୍ଲାର ଦାନଗଦି, ସୁକିନ୍ଦା, ରସୁଲପୁର, କୋରେଇ ଏବଂ ଦଶରଥପୁର ବ୍ଲକ ପରିଦର୍ଶନ କରି ବିଭିନ୍ନ ଜନକଲ୍ୟାଣ ଯୋଜନାର ହିତାଧିକାରୀଙ୍କ ସହିତ ଆଲୋଚନା କରିଥିଲେ। ଯାଜପୁର ଜିଲ୍ଲାର କଳିଙ୍ଗନଗର ଶୀଘ୍ର ଭାରତର ସବୁଠାରୁ ବଡ଼ ଇସ୍ପାତ ଉତ୍ପାଦନ କେନ୍ଦ୍ର ହେବାକୁ ଯାଉଛି। ଏହା ସହିତ ଜିଲ୍ଲାରେ ତୀବ୍ର ଶିଳ୍ପୀକରଣ ଚାଲିଛି। ଏହି ଜିଲ୍ଲାରେ ଶିଳ୍ପୀକରଣ ଦ୍ରୁତ ଗତିରେ ହେଉଛି। ସରକାରଙ୍କ ମୁଖ୍ୟ ପ୍ରାଥମିକତା ସ୍ୱାସ୍ଥ୍ୟ, ମହିଳା ସଶକ୍ତିକରଣ ଓ କୃଷକ କଲ୍ୟାଣ ବୋଲି ସେ କହିଛନ୍ତି। ମହିଳାଙ୍କ ପାଇଁ ପୁଞ୍ଜି ସହାୟତା କାର୍ଯ୍ୟକ୍ରମ ଫଳରେ ସ୍ୱୟଂସହାୟକ ଗୋଷ୍ଠୀ ଏବଂ ମହିଳାମାନେ ସ୍ୱୟଂରୋଜଗାର ଆରମ୍ଭ କରିପାରୁଛନ୍ତି। କୃଷକମାନେ ଗଚ୍ଛ ବ୍ୟତୀତ କୁଇଣ୍ଟାଲ ପ୍ରତି ୮୦୦ ଟଙ୍କା ଇନପୁଟ୍ ସବସିଡି ପାଇଛନ୍ତି। ଏସ୍‌ସିଏସ୍‌ଟି ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଛାତ୍ରବୃତ୍ତି ବ୍ୟବସ୍ଥା କରାଯାଇଛି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ରୂପାୟନରେ ରେଳପଥ ଉନ୍ନୟନ, ୪, ୨୦୦ କୋଟି ଟଙ୍କାର ସେମିକଣ୍ଡକ୍ଟର ପ୍ରକଳ୍ପ ହେବାକୁ ଯାଉଛି। ଯାଜପୁରରେ ଏକ ନୂତନ ଶିଳ୍ପ ସର୍ଭିସ୍ ହବ୍ ଗଠନର ପ୍ରସ୍ତାବ ମଧ୍ୟ ଉଠିଛି। ଟେକ୍ନିକାଲ୍ ଟେକ୍ସଟାଇଲ ପାର୍କ ସହିତ କେତେକ ଶିଳ୍ପ ପାର୍କ ଉପକ୍ରମରେ ଅଧିକାଂଶ ଚାକିରି ସୃଷ୍ଟି ହେବ। ଦକ୍ଷତା ବିକାଶ କେନ୍ଦ୍ର, ଯେପରିକି ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ସହ ଥିବା ମଲ୍ଟି-ସ୍କିଲ୍ କେନ୍ଦ୍ର, ସ୍ଥାନୀୟ ଯୁବମାନଙ୍କୁ ହେଲଥ୍ କେୟାର ହସ୍ପିଟାଲିଟି ଭଳି କ୍ଷେତ୍ରରେ ଚାକିରିପାଇଁ ପ୍ରସ୍ତୁତ କରୁଛି। ଅନେକ ଯୁବକଯୁବତୀ କେବଳ ଓଡ଼ିଶାରେ ନୁହେଁ ବରଂ ଦେଶ ବିଦେଶରେ ମଧ୍ୟ କାମ ପାଇବାରେ ସକ୍ଷମ ହୋଇଛନ୍ତି।



ସରକାରୀ ପ୍ରାଥମିକତା, ଶିଳ୍ପୀକରଣ ଓ କୃଷକ-କଲ୍ୟାଣମୁଖୀ ପଦକ୍ଷେପ ସହିତ ଯାଜପୁର ଏକ ଆଦର୍ଶ ଜିଲ୍ଲାରେ ପରିଣତ କରିବାକୁ ସରକାର ବ୍ୟବସ୍ଥିତ ଯୋଜନାରେ ଅଗ୍ରସର ବୋଲି ପ୍ରମୁଖ ଶାସନ ସଚିବ କହିଥିଲେ। ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା ମହାରାଜା ଯଯାତି କେଶରୀ ମେଡିକାଲ କଲେଜରେ ଓପିଡି ଖୋଲି ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ମହାବିଦ୍ୟାଳୟର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସକାଳେ ପ୍ରମୁଖ ଶାସନ ସଚିବ ଶ୍ରୀ ଦେବ ଖଣ୍ଡରା ଅଙ୍ଗନୱାଡି କେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରି ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟବସ୍ଥା, ମେଡିକାଲରେ ଠିକ୍ ସମୟରେ ଖାଦ୍ୟ ମିଳୁଛି କି ନାହିଁ ପଚାରି ବୁଝିଥିଲେ। ଏହା ପରେ ଆଇସିୟୁ ଏସଏମସିୟୁ ଏବଂ ଅନ୍ୟାନ୍ୟ ୱାର୍ଡ ପରିଦର୍ଶନ କରିଥିଲେ। ନିରାମୟ କେନ୍ଦ୍ର, ପରିଦର୍ଶନ କରିଥିଲେ। ନରସିଂହ ଚୌଧୁରୀ କଲେଜ ପରିଦର୍ଶନ କରି ମହାବିଦ୍ୟାଳୟରେ ଦିଆଯାଉଥିବା ଶିକ୍ଷା ବ୍ୟବସ୍ଥା ଓ ଆଭ୍ୟନ୍ତରୀଣ ଅଭିଯୋଗ କମିଟି କାର୍ଯ୍ୟକାରିତା ସମ୍ପର୍କରେ ପଚାରି ବୁଝିଥିଲେ। ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ବର୍ କୁମାର କର, ଅତିରିକ୍ତ ଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ, ଯୁଧିଷ୍ଠିର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ମେଡିକାଲ କଲେଜ୍‌ର ଡିନ ତଥା ଅଧ୍ୟକ୍ଷ ସୀତାରାମ ମହାପାତ୍ର, ସୁପରିଣ୍ଟେଣ୍ଡେଣ୍ଟ ଡା. ମନୋରମା ସ୍ୱାଇଁ, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା

ଦଶରଥପୁର: ରାଜ୍ୟ ଇଲେକ୍ଟ୍ରୋନିକ୍ସ, ସୂଚନା ଓ ପ୍ରଯୁକ୍ତି ଏବଂ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ ଦେବ ଦଶରଥପୁର ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସଚିବ ଶ୍ରୀ ଦେବ ବ୍ଲକ ଅଧୀନ ଖଣ୍ଡରା ପଞ୍ଚାୟତକୁ ଯାଇ ସରକାରଙ୍କ ବିବିଧ ଯୋଜନା ବିଷୟରେ ସ୍ଥାନୀୟ ଜନସାଧାରଣଙ୍କ ସହ ଆଲୋଚନା କରି ସରକାରଙ୍କ ଯୋଜନାର କିପ୍ରକାର ସୁଫଳ ମିଳୁଛି ନା ନାହିଁ ତାହା ପଚାରି ବୁଝିଥିଲେ। ପରେ ଖଣ୍ଡରା (୧) ଅଙ୍ଗନବାଡି କେନ୍ଦ୍ର ପରିଦର୍ଶନ କରି କେନ୍ଦ୍ରର ଦୈନନ୍ଦିନ କାର୍ଯ୍ୟଶୈଳୀ ଉପରେ ସ୍ଥାନୀୟ ଅଙ୍ଗନବାଡି ଦିଦି ଓ ସହାୟିକାଙ୍କୁ ପଚାରିଥିଲେ। ଶିଶୁମାନଙ୍କୁ ପୋଷଣ ଖାଦ୍ୟ ଉପଲବ୍ଧ କରାଯାଉଛି ନା ନାହିଁ ପଚାରି ବୁଝିଥିଲେ। ଶିଶୁମାନଙ୍କୁ ପୋଷଣଯୁକ୍ତ ଖାଦ୍ୟ ଏବଂ ଶିକ୍ଷାଦାନ ସୁନିଶ୍ଚିତ କରିବାକୁ ଉପସ୍ଥିତ ବିଭାଗୀୟ ଅଧିକାରିଣୀଙ୍କୁ ପରାମର୍ଶ ଦେଇଥିଲେ। ଅଙ୍ଗନବାଡି କେନ୍ଦ୍ରର ପାରିପାର୍ଶ୍ୱିକ ସ୍ୱଚ୍ଛତା ଏବଂ ପରିବେଶକୁ ନେଇ ଖୁସିବ୍ୟକ୍ତ କରିଥିଲେ। ସଚିବଙ୍କ ଗସ୍ତ ସମୟରେ ଜିଲ୍ଲାପାଳ ଅମ୍ବର କୁମାର କର, ଅତିରିକ୍ତ ଜିଲ୍ଲାପାଳ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଦଶରଥପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆକାଶ ପଟ୍ଟନାୟକ, ଶିଶୁ ବିକାଶ ଅଧିକାରିଣୀ ଶାନ୍ତିଲତା ସେଠୀ, କନିଷ୍ଠଯନ୍ତ୍ରୀ ଅମୀୟ କୁମାର ରାଉତ, ସରପଞ୍ଚ କୁଞ୍ଜବିହାରୀ ଦାସଙ୍କ ସମେତ ବିଭିନ୍ନ ବିଭାଗର କ୍ଷେତ୍ରୀୟ ଅଧିକାରୀ ଉପସ୍ଥିତ ଥିଲେ। ବିଡିଓ ଶ୍ରୀ ପଟ୍ଟନାୟକ ସଚିବଙ୍କୁ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମର ରୂପରେଖ ଉପରେ ଆଲୋକପାତ କରିଥିଲେ।



■ ଚଣ୍ଡିଖୋଲ ଏନ୍ଏସି ଘୋଷଣାରୁ ବଞ୍ଚିତ

# ୨୨ ରେ ଧାରଣା ଦେବ ବିଜେଡି



ବଡ଼ଚଣା, ୨୦।୮ (ସମିସ): ରାଜ୍ୟ ସରକାର ୧୨ଟି ଅଞ୍ଚଳକୁ ଏନ୍ଏସି ଘୋଷଣା କରିଛନ୍ତି। ହେଲେ ଏନ୍ଏସି ପାଇଁ ହକଦାର ଥିବା ଚଣ୍ଡିଖୋଲକୁ ଏଥିରୁ ବଞ୍ଚିତ କରାଯାଇଥିବାରୁ ଏହାର ପ୍ରତିବାଦରେ ଆସନ୍ତା ୨୨ ତାରିଖ ଶୁକ୍ରବାର ଚଣ୍ଡିଖୋଲ ଛକ ଠାରେ ବ୍ଲକ ବିଜେଡି ପକ୍ଷରୁ ପ୍ରତିବାଦ ସଭା ସହିତ ଗଣ ଧାରଣା ଦିଆଯିବ ବୋଲି ଆଜି ଚଣ୍ଡିଖୋଲ ସ୍ଥିତ ଦଳୀୟ କାର୍ଯ୍ୟାଳୟଠାରେ ବିଜେଡି ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ବ୍ଲକ ବିଜେଡି ସଭାପତି ତାପସ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଗଣେଶ୍ୱର ବରାଳ, ଧନେଶ୍ୱର ବେହେରା, ନିରଞ୍ଜନ ବିଶ୍ୱାଳ, ଆଶିଷ ରଞ୍ଜନ ଚୌଧୁରୀ, ସୂର୍ଯ୍ୟକାନ୍ତ ପରିଡ଼ା, ପ୍ରଦୀପ୍ତ ମହାନ୍ତି ଓ ରବୀନ୍ଦ୍ରସାମଲଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ଚଣ୍ଡିଖୋଲକୁ ଏନ୍ଏସି ଘୋଷଣା କରା ନଯିବା ପର୍ଯ୍ୟନ୍ତ ବିଜେଡି ପକ୍ଷରୁ ଏହି ଆନ୍ଦୋଳନ ଚାଲୁ ରହିବ। ମୁଖ୍ୟମନ୍ତ୍ରୀଙ୍କୁ ଚଣ୍ଡିଖୋଲ ଦେଇ ତାଙ୍କ ଜନ୍ମ ମାଟି କେନ୍ଦୁଝରକୁ ଛଡ଼ାଯିବ ନାହିଁ ବୋଲି ଚେତାବନୀ ଦେଇଥିଲେ। ତେବେ ଆସନ୍ତା ୨୨ ତାରିଖ ଗଣଧାରଣାରେ ବହୁ ସଂଖ୍ୟାରେ ବିଜେଡି କର୍ମୀ ଯୋଗଦେଇ ସଫଳ କରିବାକୁ ଆହ୍ୱାନ ଦିଆଯାଇଥିଲା।

# ଆଇନ୍ ସଚେତନତା ସଭା



ବିଞ୍ଝାରପୁର, ୨୦।୮ (ସମିସ): ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ବିଞ୍ଝାରପୁର ପଞ୍ଚାୟତ ସମିତି ପ୍ରଶିକ୍ଷଣ ଗୃହରେ ପ୍ରାଧିକରଣ ସଚିବ ଲିପା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଆଲୋଚକ ଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ ଡ. ହିମାଂଶୁ ସାମଲ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ତଥା ସାମାଜିକ କାର୍ଯ୍ୟକର୍ତ୍ତା ଡ. ରୁଦ୍ରନାରାୟଣ ପୃଷ୍ଟି ଅତିଥି ଆଲୋଚକ ଭାବେ ଯୋଗ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ସେକ୍ ଇଦ୍ରିସ୍ ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ପୃଷ୍ଟି ପ୍ରାରମ୍ଭିକ ସୂଚନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଚେତନତା ସଭାରେ ଏସ୍ଏଚ୍‌ଜି ଗ୍ରୁପ୍, ଏମ୍‌ବିକେ, ଅଙ୍ଗନବାଡିର କର୍ମକର୍ତ୍ତା ସଦସ୍ୟା ସହ, ବ୍ଲକ କର୍ମଚାରୀ ଏବଂ ପଞ୍ଚାୟତ ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରାଧିକରଣ ଓ ପଞ୍ଚାୟତ ସମିତି କର୍ମଚାରୀମାନେ ସହଯୋଗ କରିଥିଲେ।

# ନଦୀକୁ ଡେଇଁ ଯୁବକ ନିଖୋଜ



ଯାଜପୁର, ୨୦।୮ (ସମିସ): ଯାଜପୁର ସଦର ଥାନା ଅନ୍ତର୍ଗତ ଖରସ୍ରୋତା ନଦୀ ବ୍ରିଜରୁ ଡେଇଁ ଜଣେ କଲେଜ ଛାତ୍ର ନିଖୋଜ ହୋଇଯାଇଛନ୍ତି। ନିଖୋଜ ଛାତ୍ର ଜଣକ ହେଉଛନ୍ତି ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ବିସିଏ ଦ୍ୱିତୀୟ ବର୍ଷ ଛାତ୍ର ଶୃତି ସ୍ୱୟଂଶେଖର ଜେନା ବୋଲି ଜଣାପଡ଼ିଛି। ନିଖୋଜ ଛାତ୍ରଙ୍କ ଘର ବଡଚଣା ବ୍ଲକ ଆରୁହା ଅଞ୍ଚଳରେ ବୋଲି ଜଣାପଡ଼ିଛି। ସେ ମହାବିଦ୍ୟାଳୟର ହଷ୍ଟେଲରେ ରହୁଥିଲେ। ନଦୀକୁ ଡେଇଁବାର କାରଣ କିଛି ଜଣାପଡ଼ିନଥିବା ବେଳେ ଖବର ପାଇ ଯାଜପୁର ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି।

# ସଫେଇ କର୍ମଚାରୀଙ୍କ ଧାରଣା

ଯାଜପୁର, ୨୦।୮ (ସମିସ): ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଧାରଣା ଦେଇଛନ୍ତି ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟ ଓ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ସଫେଇ କର୍ମଚାରୀ। ଠିକା ସଂସ୍ଥା ଜରିଆରେ କାର୍ଯ୍ୟ କରୁଥିବା ସଫେଇ କର୍ମଚାରୀ ମାନଙ୍କୁ ଠିକ ସମୟରେ ବେତନ ମିଳି ନଥିବା କାରଣରୁ କାର୍ଯ୍ୟବନ୍ଦ କରି ସଫେଇ କର୍ମଚାରୀ ଧାରଣା ଦେଇଛନ୍ତି। ସଫେଇ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ସଫେଇ କରୁଥିବା କର୍ମଚାରୀଙ୍କୁ ଠିକ ସମୟ ରେ ବେତନ ଦେଉ ନଥିବା ସହ ଇପିଏଫ ଟଙ୍କା ଦେଉ ନଥିବା ଅଭିଯୋଗ କରିଛନ୍ତି ସଫେଇ କର୍ମଚାରୀ। ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ ପରେ ମଧ କୌଣସି ସୁଫଳ ନ ମିଳିବାରୁ ଆଜି ସୂଚନା ଓ ପ୍ରଯୁକ୍ତି ଏବଂ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ ଯାଜପୁର ଗସ୍ତରେ ଆସିଥିବା ବେଳେ ତାଙ୍କୁ ଏ ସମ୍ପର୍କରେ ଅବଗତ କରିଥିଲେ। ଏ ନେଇ ପ୍ରମୁଖ ଶାସନ ସଚିବ ଜିଲ୍ଲାପାଳ ଓ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ତଦନ୍ତ କରି ତୁରନ୍ତ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

# ସ୍ମୃତି ହୋଇଯିବ ଡାକ ବାକ୍ସ

କୟାଁଗୋଲା, ୨୦।୮ (ସମିସ)

ଚିଠି କେତେବେଳେ ଟିକି ଚଢ଼େଇ ସାଜି ଦୂର ଦେଶର ମଣିଷ ପାଖରେ ଡେଣା ଝାଡ଼ିଛି। ପୁଣି କେତେ ବେଳେ ଚିଠି ହର୍ଷ, ଉଲ୍ଲାସ, ବିଷାଦର ସୀମାରେଖା ଡେଇଁ ସମୟକୁ ସ୍ଥିର କରିପାରିଛି। ଚିଠି କେବଳ ଇତି ଆଉ ଠିକଣାରେ ବାନ୍ଧିହୋଇ ରହିନି। କବିତା, ଗଜଲ, ଗପଗୀତର ତାଳେତାଳେ ଚିଠି ସଭିଙ୍କର ପସନ୍ଦର ମାଧ୍ୟମ ବି ସାଜିଛି। ଏଇ ଚିଠି, ଡାକବାଲାର ସାଇକଲ ଘଣ୍ଟିର ପ୍ରତିଧ୍ୱନି ଓ ତା'ର କର୍ମମୟ ଜୀବନର ଅକ୍ଷତପୁଞ୍ଜି ଏବଂ ନାଲିବାକ୍ସ ଭିତରେ ହଳଦିଆ କାଗଜର ସ୍ୟାହି ବୋଳା ଅକ୍ଷର ସବୁ ଚିଠିକୁ କରିଥାଏ ଜୀବନ୍ତ। ହେଲେ ସମୟକ୍ରମେ ହଜିଯିବାକୁ ବସିଲାଣି ଏଇ ଚିଠିବାକ୍ସର କାୟାକଳ୍ପ। ଦିନକୁଦିନ ଧରି ଫାଙ୍କା ତ ଆଉ କେଉଁଠି ଲୋପ ପାଇଯିବାକୁ ବସିଲାଣି ଏହାର ଅସ୍ତିତ୍ୱ। ଡିଜିଟାଲ ଯୁଗରେ ରାହା ଖୋଜୁଛି ସେ କାଳର ଚିଠିବାକ୍ସ। ଡାକବାଲା କଥା କହିଲେ ମନକୁ ଆସିଯାଏ ପୋଷ୍ଟମ୍ୟାନ ଓ ତାଙ୍କ ହାତରେ



ଥିବା ଚିଠି କଥା। ଯିଏ ଘରକୁ ଘର ବୁଲି ଚିଠି ବାଣ୍ଟିଥାନ୍ତି। ରାହା ଖୋଜୁଛି ସମ୍ପର୍କର ନୀଡ଼; ଚିଠିଘର ସହ ମାଧ୍ୟମ ବଦଳିଥିଲେ ବି ଚିଠିର ସ୍ମୃତି ଲୋକଙ୍କ ମନରେ ଭିନ୍ନ ଏକ ଛାପ ଛାଡ଼ିଯାଇଛି। ଦୁଇ ଦଶନ୍ଧି ତଳେ ଭାରତରେ ପ୍ରମୁଖ ଓ ଏକମାତ୍ର ଖବର ପଠାଇବାକୁ ଚିଠି ମାଧ୍ୟମ ପାଲଟିଥିଲା। ଚାକିରି ଆବେଦନଠାରୁ ଆରମ୍ଭକରି ନିଯୁକ୍ତିପତ୍ର ଆଦି ଚିଠି ମାଧ୍ୟମରେ ଅଧିକ ଛୁଟି ପାଇଁ ଆବେଦନ, ଏପରିକି ଦୂର ରାଇଜରୁ ପୁଅ କିମ୍ବା ତା ବାପା ମା' ପାଖକୁ ଭଲମନ୍ଦ କଥା ଲେଖି ପୋଷ୍ଟକାର୍ଡ, ଅନ୍ତର୍ଦେଶୀୟ ପତ୍ର ମାଧ୍ୟମରେ ଜଣାଉଥିଲା। କିନ୍ତୁ ସମୟ ସହ ତାଳ ଦେଇ ସ୍ମାର୍ଟଫୋନ୍, ଇଣ୍ଟରନେଟ୍ ଯୁଗରେ ଯୁବପିଢ଼ି ଡାକ ସେବାକୁ ଭୁଲି ଯାଇଛନ୍ତି। ପ୍ରତିଦିନ ଡାକବାକ୍ସ ଖୋଲିଲେ ଶହଶହ ଚିଠି ଡାକ କର୍ମଚାରୀଙ୍କ ହାତରେ ବାଜୁଥିଲା। ଚିଠିକୁ ସଜାଡିବା ପରେ ସାଇକଲରେ ସହର ଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ଘୁରି ବୁଲୁଥିଲା ଡାକବାଲା। ହେଲେ ଏବେ କାଁ ଭାଁ ଦେଖିବାକୁ ମିଳୁଛି ନାଲି ରଙ୍ଗର ଡାକବାକ୍ସର ଚେହେରା। ପୋଷ୍ଟ ଅଫିସକୁଗୁଡିକୁ ଛାଡିଦେଲେ ପ୍ରାୟ ସହରାଞ୍ଚଳର ଛକରେ ଶୋଭା ପାଉନି ଡାକବାକ୍ସ। ଏପରି ସ୍ଥିତିରେ ଡାକବାକ୍ସ ଅଲୋଡା ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନି। ଖବରଠାରୁ ଆରମ୍ଭ କରି ନିଯୁକ୍ତିପତ୍ର ଭଲମନ୍ଦ ଆଦି ଖବର ପାଇବା ପାଇଁ ଏହାରି ମାଧ୍ୟମରେ ଲୋକେ ସୂଚନା ପାଉଥିଲେ। ଧୀରେ ଧୀରେ ଚିଠିର ଚାହିଦା କମିବାରୁ ଡାକବାକ୍ସ ମଧ୍ୟ ପଲ୍ଲୀରୁ ସହର ଯାଏଁ ଆଉ ଦେଖିବାକୁ ମିଳୁନାହିଁ।

ବଢ଼ୁଛି ସ୍କ୍ରବ ଟାଇଫସ ଆକ୍ରାନ୍ତଙ୍କ ସଂଖ୍ୟା

# ଚଳିତ ବର୍ଷ ଚିହ୍ନଟ ହେଲେଣି ୧୨୬

ବାରିପଦା, ୨୦।୯ (ସମିସ): ବଣପାହାଡ ଘେରା ମୟୂରଭଞ୍ଜ ଜିଲ୍ଲାରେ ସ୍କ୍ରବ ଟାଇଫସ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଚଳିତ ବର୍ଷ ଏପର୍ଯ୍ୟନ୍ତ ମୋଟ ୧୨୬ଜଣଙ୍କ ରକ୍ତ ପରୀକ୍ଷାରେ ସ୍କ୍ରବ୍ ଟାଇଫସ ଆକ୍ରାନ୍ତ ବୋଲି ରିପୋର୍ଟ ଆସିଛି। ତନ୍ମଧ୍ୟରୁ କେବଳ ଅଗଷ୍ଟ ମାସର ୨୦ ଦିନ ମଧ୍ୟରେ ୪୦ଜଣ ଚିହ୍ନଟ ହୋଇଛନ୍ତି। ତେବେ କୌଣସି ଆକ୍ରାନ୍ତଙ୍କ ଶରୀରରେ ସ୍କ୍ରବ ଟାଇଫସ୍ କାମୁଡିବା ପରେ ହେବାକୁ ଥିବା ପ୍ରତିକ୍ରିୟା ଲକ୍ଷଣ ଦେଖାଯାଇନାହିଁ। ଗତବର୍ଷ ଜିଲ୍ଲାରେ ଏପରି ଘଟଣାରେ ଏକ ରୋଗୀଙ୍କ ମୃତ୍ୟୁକୁ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଓ ଘରୋଇ ନର୍ସିଂହୋମ ତୁ ତୁ ମେଁ ମେଁ ହୋଇଥିଲେ। ଜିଲ୍ଲାରେ ସ୍କ୍ରବ ଟାଇଫସ ସଂକ୍ରମଣ ରହିଥିବା ନେଇ ଏକ ଘରୋଇ ନର୍ସିଂହୋମ ଦର୍ଶାଇଥିବାବେଳେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏହାକୁ ଦୃଢ ଭାବେ ଖଣ୍ଡନ କରିଥିଲେ।



ସେହି ସମୟରେ ବାରିପଦା ସହର ୬ନମ୍ବର ୱାର୍ଡ ନିବାସୀ ରଜତକାନ୍ତି ସାହୁ (୫୭)ଙ୍କୁ ଦୀର୍ଘ ୭ଦିନ ଧରି ଜ୍ୱର ହେବା ସହିତ ଅଣ୍ଟାରେ ଭୀଷଣ ଯନ୍ତ୍ରଣା ହେଉଥିଲା। ବାରିପଦାର ଏକ ଘରୋଇ ପାଥୋଲ୍ୟାବରେ ସେ ରକ୍ତନମୁନା ପରୀକ୍ଷା କରିବା ପରେ ନମୁନାରେ ସ୍କ୍ରବ୍ ଟାଇଫସ୍ ଥିବା ଚିହ୍ନଟ ହୋଇଥିଲା। ଏହି ରୋଗ ଚିହ୍ନଟ ହେବାପରେ ତାଙ୍କୁ ତୁରନ୍ତ ଭୁବନେଶ୍ୱର ଘରୋଇ ହସପିଟାଲକୁ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏଥିସହିତ ସେତେବେଳେ ଜିଲ୍ଲାରେ ୧୫ରୁ ଅଧିକ ଆକ୍ରାନ୍ତ ହୋଇଥିବା ଜଣାପଡିଥିଲା। ସ୍କ୍ରବ ଟାଇଫସ୍ ଏକ କୀଟ। ଅଜାଣତରେ ଏହି କୀଟ କାମୁଡିଲେ ଜ୍ୱର ହେବା ସହିତ ଶରୀର ବିନ୍ଧାଘୋଳା କରେ। ଉପଯୁକ୍ତ ସମୟରେ ରକ୍ତ ପରୀକ୍ଷା ପୂର୍ବକ ଡାକ୍ତରଙ୍କ ପରାମର୍ଶରେ ଓଔଷଧ ସେବନ କଲେ କୌଣସି ବିପଦ ନ ଥାଏ। ଏହି ରୋଗର ପରୀକ୍ଷା କୌଣସି ଘରୋଇ ପାଥଲ୍ୟାବରେ ନକରି ସରକାରୀ ଡାକ୍ତରଖାନାରେ କରିବା ଉଚିତ ବୋଲି ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ଦାଶ କହିଛନ୍ତି। ଯଦ୍ୱାରା ସଠିକ ନିରୂପଣ ସହିତ ମାଗଣା ଉପଯୁକ୍ତ ଚିକିତ୍ସା କରାଯାଇପାରିବ। ଚଳିତ ବର୍ଷ ମୋଟ ୧୨୬ଜଣଙ୍କ କ୍ଷେତ୍ରରେ ଏହି କୀଟ କାମୁଡିବା ଲକ୍ଷଣ ଚିହ୍ନଟ ହୋଇଥିଲେ ହେଁ, କାହା କ୍ଷେତ୍ରରେ ପ୍ରତିକ୍ରିୟା ଦେଖାଯାଇନି ବୋଲି ସେ କହିଛନ୍ତି।





### ସଂସ୍କୃତ ଦିବସ ସମାରୋହ ଉଦ୍‌ଯାପିତ

## ସଂସ୍କୃତର ଉନ୍ନତିରେ ମଣିଷ ସମାଜର ଉନ୍ନତି

ପୁରୀ,୨୦।୮ (ସମିସ): ଶ୍ରୀଜଗନ୍ନାଥ ବେଦ କର୍ମକାଣ୍ଡ ମହାବିଦ୍ୟାଳୟ ପରିସରରେ ବିଶ୍ୱ ସଂସ୍କୃତ ଦିବସ ସମାରୋହ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ହରିପ୍ରିୟା ଦାଶ ସଭାପତିତ୍ୱ କରି ଅତିଥିମାନଙ୍କୁ ସ୍ୱାଗତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାରେ ରହିଥିବା ଜ୍ଞାନ ଭଣ୍ଡାର ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ବିସ୍ତୃତ ଭାବରେ ବୁଝାଇଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାଧ୍ୟାପକ ପ୍ରଫେସର ସୂର୍ଯ୍ୟମଣି ରଥ ନିଜର ପୂର୍ବ ଅନୁଭୂତିକୁ ସ୍ମରଣ କରି ବର୍ତ୍ତମାନ ମହାବିଦ୍ୟାଳୟର ଉନ୍ନତି ଦିଗରେ ଆଗେଇଛି ବୋଲି କହିଥିଲେ। ବିଶିଷ୍ଟ ଅତିଥି ଭାବରେ ପ୍ରଫେସର ଗୌରପ୍ରିୟା ଦାଶ ସଂସ୍କୃତରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ଦିନେ ସମାଜରେ ଅଳଙ୍କାର ବା ସୌନ୍ଦର୍ଯ୍ୟ ରୂପେ ସ୍ଥାନ ପାଇବେ ବୋଲି କହିଥିଲେ। ସମାଜସେବୀ ଡ. ରାଧେଶ୍ୟାମ ରଥ ସଂସ୍କୃତର ଉନ୍ନତିରେ ମଣିଷ ସମାଜର ଉନ୍ନତି ବୋଲି କହିଥିଲେ। ପ୍ରାରମ୍ଭରେ ପ୍ରାଧ୍ୟାପକ ଡ. ରବିଶଙ୍କର ମିଶ୍ର ବେଦପାଠ କରିବା ସହିତ କାର୍ଯ୍ୟକ୍ରମରେ ହୋଇଥିବା ପ୍ରତିଯୋଗିତାର ବିବରଣୀ ପାଠ କରିଥିଲେ। ପ୍ରାଧ୍ୟାପିକା ଡ. ମୀନାରଣୀ ସାହୁ ଓ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶେଷରେ ଅଧ୍ୟାପକ ଡ. ସୁସ୍ମନ୍ତ ଦ୍ୱିବେଦୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅଭିଜିତ୍ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରାଧ୍ୟାପକ ଚନ୍ଦ୍ରଶେଖର ମହାନ୍ତି, ଅଧ୍ୟାପିକା ଡ. ସସ୍ମିତା ମେକାପ, ଅଧ୍ୟାପିକା ଜ୍ୟୋତିସ୍ନିଗ୍ଧା ସାହୁ, ଅଧ୍ୟାପିକା ବବ୍‌ଲି ମେହେର, ବିସ୍ମିତା ମିଶ୍ର, ଡ. ସଂଘମିତ୍ରା ସ୍ୱାଇଁ, ସୌମିତ୍ରୀ ଦାଶ, ଡ. ଅଭିଜିତ୍ ରାୟ ପ୍ରମୁଖ ସହଯୋଗ କରିଥିଲେ।

## ବିଦ୍ୟୁତ୍ ଆଘାତରେ ଚାଷୀ ମୃତ

ବାଙ୍ଗୁରିଗାଁ,୨୦।୮ (ସମିସ): କାକଟପୁର ବ୍ଲକ୍ ଅନ୍ତର୍ଗତ ବାଙ୍ଗୁରିଗାଁ ଗ୍ରାମ ପଞ୍ଚାୟତ ଛୋଟିପଡ଼ା ଗ୍ରାମର ରମେଶ ମଲ୍ଲ (୪୮)ଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଯାଇଛି। ବର୍ଷା ଅଭାବରୁ ନିଜ ଚାଷ ଜମିରେ ପାଣି ମଡ଼ାଇବା ସମୟରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହୋଇଛି। ସଠିକ୍ ପରିମାଣରେ ବର୍ଷା ନ ହେବା ଫଳରେ ଚାଷୀମାନେ ନିରୁପାୟ ହୋଇ ଘରଠାରୁ ବହୁତ ଦୂରରେ ଥିବା ଜମିକୁ ବିପଦସଂକୁଳ ଅବସ୍ଥାରେ ତାର ଟାଣି ପାଣି ପମ୍ପ୍ ଦ୍ୱାରା ପାଣି ମଡ଼ାଉଛନ୍ତି। ବିଦ୍ୟୁତ୍ ସଂସ୍ପର୍ଶରେ ଆସିବା ଦ୍ୱାରା ନିକଟରେ ବହୁ ଚାଷୀଙ୍କର ଜୀବନ ଅକାଳରେ ଚାଲି ଯାଉଥିବାର ଦେଖାଯାଉଛି। ଏଥିପ୍ରତି ସରକାରଙ୍କ ନିଘା ନାହିଁ। ଜନସଚେତନତାର ଆବଶ୍ୟକ ରହିଥିବାରୁ ସରକାର ତଥା ପ୍ରଶାସନ ସଜାଗ ରହିଲେ ବହୁ ଗରିବ ଚାଷୀଙ୍କର ଜୀବନ ରକ୍ଷା ପାଇପାରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

## ୧୧ ଦିନରେ ଅମଲା ସଂଘର ଆନ୍ଦୋଳନ; କାର୍ଯ୍ୟ ବାଧାପ୍ରାପ୍ତ

ବ୍ରହ୍ମଗିରି,୨୦।୮ (ସମିସ): ଓଡ଼ିଶା ରାଜସ୍ୱ ଅମଲା ସଂଘ ଜିଲ୍ଲାସ୍ତରୀୟ କାର୍ଯ୍ୟ ବନ୍ଦ ଡକରା ଓ ମୂଳ ଦରମା ଲେବୁଲ ୯ ତଥା ପଦବୀ ପୂନର୍ଗଠନ ଦାବି କରି ଗତ ୧୧ ତାରିଖଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସମୂହ ଛୁଟି ନେଇଥିବାରୁ ରାଜ୍ୟବ୍ୟାପୀ ଅନେକ ପ୍ରଭାବ ପଡ଼ିଥିବା ଜଣାପଡ଼ିଛି। ସେହିପରି ପୁରୀ ଜିଲ୍ଲାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅମଲା ସଂଘର କାର୍ଯ୍ୟକର୍ତ୍ତାମାନେ ଦୀର୍ଘ ୧୧ ଦିନ ହେଲା ବସିଛନ୍ତି। ଜିଲ୍ଲାରେ ଥିବ ବିଭିନ୍ନ ବ୍ଲକ୍, ସରକାରୀ କାର୍ଯ୍ୟାଳୟରେ କର୍ମଚାରୀ କାର୍ଯ୍ୟ ନ କରିବାରୁ ସମ୍ପୂର୍ଣ୍ଣ ଅଚଳ ହୋଇ ପଡ଼ିଛି। ସାଧାରଣତଃ ବ୍ରହ୍ମଗିରି ତହସିଲ୍ ମାଧ୍ୟମରେ ୧୧ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ବନ୍ଦ ରହିଛି। ସେଥିପାଇଁ ସାଧାରଣ ଜନତା ଓ ଛାତ୍ରଛାତ୍ରୀଙ୍କର ବିଭିନ୍ନ ଜରୁରୀ ସାର୍ଟିଫିକେଟ୍ ହସ୍ତଗତ ହୋଇପାରୁ ନ ଥିବାରୁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡ଼ିଛି। ତେବେ ସରକାର ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକୁ ସାଧାରଣ ଜନତାଙ୍କୁ କିପରି ସୁବିଧାରେ ଯୋଗାଇଦେଇ ପାରିବେ ସେଥିପ୍ରତି ବିଚାରକୁ ନେଇ ଯଥାଶୀଘ୍ର ସ୍ଥାୟୀ ସମାଧାନ କରିବାକୁ ଦାବି ହେଉଛି।

# ପ୍ରଲମ୍ବାସୁରକୁ ବଧକଲେ ବଡ଼ଠାକୁର



ପୁରୀ,୨୦।୮ (ସମିସ): ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ବ୍ରଜ ମଣ୍ଡଳରେ ଲୀଳା କରୁଥିଲେ। କଂସ ତାଙ୍କୁ ମାରିବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଥିଲେ। କିନ୍ତୁ ବକାସୁର, ଅର୍ଘାସୁର, ଧେନୁକାସୁରଙ୍କୁ କୃଷ୍ଣ ଓ ବଳରାମ ବଧ କରିଥିଲେ। ତେଣୁ କୃଷ୍ଣ ବଳରାମଙ୍କୁ ମାରିବା ପାଇଁ କଂସ

**ଆଜି କୃଷ୍ଣ-ବଳରାମ ବେଶ**

ମହାରାଜ ମାୟାବି ପ୍ରଲମ୍ବାସୁରକୁ ପ୍ରେରଣ କରିଥିଲେ। ପ୍ରଲମ୍ବା ଗୋପାଳ ବାଳକ ବେଶରେ ଗୋପପୁରକୁ ଆସି ବାଳୁତ ଶ୍ରୀକୃଷ୍ଣ, ବାଳରାମଙ୍କ ସହିତ କ୍ରୀଡ଼ା କରିଥିଲେ। କ୍ରୀଡ଼ାରେ ସର୍ତ୍ତ ରହିଥିଲା ଯିଏ ହାରିବ ସିଏ ବିଜେତାଙ୍କୁ ତା' କାନ୍ଧରେ ବସାଇ ଗାଁ ଶେଷରେ ଥିବା ଭାଣ୍ଡିରବଟ (ବରଗଛ) ପର୍ଯ୍ୟନ୍ତ ବୁଲାଇବ। ଆରମ୍ଭ ହେଲା ବଳରାମ ଓ ବାଳକ ପ୍ରଲମ୍ବାଙ୍କ ମଧ୍ୟରେ ବଳ କଷାକଷି। କିନ୍ତୁ ମାୟାବି ପ୍ରଲମ୍ବା ଜାଣିଶୁଣି ବଳରାମଙ୍କଠାରୁ ହାରିଯାଇଥିଲା। ସର୍ତ୍ତ ଅନୁଯାୟୀ, ବିଜେତା ବଳରାମ ପ୍ରଲମ୍ବା କାନ୍ଧରେ ବସି ଗାଁ ବୁଲିଥିଲେ। ଏହି ସମୟରେ ପ୍ରଲମ୍ବା ବାଳକ ବେଶ ପରିତ୍ୟାଗ କରି ଅସୁର ବେଶରେ ଆକାଶମାର୍ଗକୁ ଗତି କରିଥିଲା। ବଳରାମ ପ୍ରଲମ୍ବାର ମାୟା ଜାଣିପାରି ମୁଷ୍ଟି ପ୍ରହାର କରି ଆକାଶ ମାର୍ଗରୁ ପ୍ରଲମ୍ବାକୁ ଖସାଇ ଦେଇଥିଲେ। ଭୂଇଁରେ ପଡ଼ି ପ୍ରଲମ୍ବାର ମୃତ୍ୟୁ ହୋଇଥିଲା। ଏହି ସ୍ମୃତିକୁ ବହନ କରି ଶ୍ରୀମନ୍ଦିର ରତ୍ନବେଦୀରେ ବିଜେ ଠାକୁରଙ୍କ ପ୍ରଲମ୍ବାସୁର ବଧ ବେଶ ଅନୁଷ୍ଠିତ ହେଉଛି।

ବୁଧବାର ଭାଦ୍ରବ କୃଷ୍ଣ ଦ୍ୱାଦଶୀ ତିଥିରେ ଶ୍ରୀମନ୍ଦିରରେ ଏହି ନୀତି ଅନୁଷ୍ଠିତ ହୋଇଛି। ମଧ୍ୟାହ୍ନଧୂପ ପରେ ବଡ଼ବାଡ଼ରେ ପ୍ରଲମ୍ବାସୁର ବଧ ବେଶ ହୋଇଥିଲା। ପ୍ରଲମ୍ବାସୁର କାନ୍ଧରେ ଶ୍ରୀବଳଭଦ୍ର ଦୁଇଗୋଡ଼ ସ୍ଥାପନ କରି ବସିଥିଲେ। ଗୋଟିଏ ଭୂଜ ପ୍ରଲମ୍ବା କାନ୍ଧ ଉପରେ ଏବଂ ଅନ୍ୟଟି ବାହୁ ଉପରେ ରହିଥିଲା। ବାମ ହସ୍ତରେ ବଡ଼ଠାକୁର ଶୋଲରେ ନିର୍ମିତ ପଦ୍ମ ଏବଂ ଦକ୍ଷିଣ ହସ୍ତରେ ଅମୃତଲଡ୍ଡୁ ଧାରଣ କରିଥା'ନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଦଣ୍ଡାୟମାନ ଅବସ୍ଥାରେ ରହିଥା'ନ୍ତି। ତାଙ୍କ ବାମହାତରେ ଅମୃତ ଲଡ୍ଡୁ ଏବଂ ଦକ୍ଷିଣ ହସ୍ତରେ ସୁବର୍ଣ୍ଣ ପଦ୍ମ ଧାରଣ କରିଥା'ନ୍ତି। ମଙ୍ଗଳବାର ମହାପ୍ରଭୁଙ୍କ କୃଷ୍ଣ-ବଳରାମ ବେଶ ଅନୁଷ୍ଠିତ ହେବ।

### ପ୍ରଲମ୍ବାସୁର ବଧ ଲୀଳା

ସନ୍ଧ୍ୟାଧୂପ ପରେ ରାମକୃଷ୍ଣ ଦକ୍ଷିଣୀଘରୁ ମହାଜନଙ୍କ ହାତରେ ରତ୍ନବେଦୀକୁ ବିଜେ ହୋଇଥିଲେ। ପୂର୍ବରୁ ଠାକୁରଙ୍କୁ ଲାଗି ହୋଇଥିବା ଆଜ୍ଞାମାଳ ଚଳନ୍ତି ପ୍ରତିମା ରାମକୃଷ୍ଣଙ୍କୁ ଲାଗି କରାଇ ଜଗମୋହନରେ ପଡ଼ିଥିବା ଖଟ ଉପରେ ବିଜେ କରାଯାଇଥିଲା। ପରମ୍ପରା ଅନୁଯାୟୀ, ଦୋଳମଣ୍ଡପ ସାହିରୁ ବାହାରିଥିବା ପ୍ରଲମ୍ବାସୁର ଜଗମୋହନକୁ ଯାଇଥିଲେ। ସେଠାରେ ସାଥୀରେ ଆସିଥିବା ରାମକୃଷ୍ଣ ବେଶଧାରୀ ଦୁଇ ବାଳକ ପ୍ରଲମ୍ବାସୁର ସହିତ ଯୁଦ୍ଧ କରିଥିଲେ। ସେଠାରେ ପ୍ରଲମ୍ବାସୁର ବଧ ଲୀଳା ସମ୍ପନ୍ନ ହୋଇଥିଲା।



## ବଡ଼ଦାଣ୍ଡରେ ଇସ୍କନ ଭକ୍ତଙ୍କ ପୁସ୍ତକ ବିକ୍ରିକୁ ନେଇ ଉଦ୍‌ବେଗ



ପୁରୀ,୨୦।୮ (ସମିସ): ବଡ଼ଦାଣ୍ଡରୁ ଉଠା ବ୍ୟବସାୟୀଙ୍କୁ ହଟାଇ ଦିଆଯାଇଛି। ଭକ୍ତଙ୍କ ସୁବିଧା ଏବଂ ଯାତାୟାତଙ୍କୁ ସୁଗମ କରିବା ଲକ୍ଷ୍ୟରେ ମେଡିକାଲ ଛକଠାରୁ ସିଂହଦ୍ୱାର ପର୍ଯ୍ୟନ୍ତ କୌଣସି ଉଠା ଦୋକାନୀଙ୍କୁ ବସାଯାଉ ନାହିଁ। ଅନ୍ୟପକ୍ଷରେ ଏହାକୁ ବିରୋଧ କରି ବଡ଼ଦାଣ୍ଡ ଉଠା ବ୍ୟବସାୟୀମାନେ ବର୍ଷେରୁ ଅଧିକ ହେବ ଧାରଣାରେ ବସିଛନ୍ତି। ସେମାନଙ୍କ କଥା ଶୁଣାଯାଉ ନ ଥିବାବେଳେ ଏବେ ବିଚିତ୍ର ଦୃଶ୍ୟ ସାମ୍ନାକୁ ଆସିଛି। ମଙ୍ଗଳବାର ସନ୍ଧ୍ୟାରେ ବଡ଼ଦାଣ୍ଡରେ ବହି ବିକ୍ରି ପସରା ମେଲିଥିଲେ ଇସ୍କନ ଭକ୍ତ। ଏହାକୁ ନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଯୁବ ସ୍ୱେଚ୍ଛାସେବୀ ସ୍ୱାଧୀନ କୁମାର ପଣ୍ଡା। ସେ କହିଛନ୍ତି, ସରକାର ବଡ଼ଦାଣ୍ଡରୁ ଉଠାଦୋକାନୀଙ୍କୁ ଉଚ୍ଛେଦ କଲେ। ସେମାନେ ତାଙ୍କ ହକ୍ ପାଇଁ ଆନ୍ଦୋଳନ ଚଳାଇଛନ୍ତି। ତାଙ୍କ ଦୁଃଖ ପ୍ରଶାସନ ଶୁଣୁ ନ ଥିବାବେଳେ ସେମାନେ ପରିବାର ପ୍ରତିପୋଷଣ ପାଇଁ ହଇରାଣ ହେଉଛନ୍ତି। କିନ୍ତୁ ବଡ଼ଦାଣ୍ଡରେ ଏବେ ବେପାର ପସରା ମେଲାଇଲେଣି ଇସ୍କନ ଭକ୍ତ। ବିଶେଷକରି ବିଦେଶୀ ଭକ୍ତଙ୍କୁ ଆଗକୁ ଛାଡ଼ି ଇସ୍କନ ବଡ଼ଦାଣ୍ଡରେ ତା'ର ଉପସ୍ଥିତ ଜାହିର କରୁଛି ବୋଲି ସ୍ୱାଧୀନ କହିଛନ୍ତି। ସରକାରଙ୍କ ଏଭଳି ଆଭିମୁଖ୍ୟକୁ ନେଇ ସେ କ୍ଷୋଭ ପ୍ରକାଶ କରିବା ସହ ଏହା ବିରୋଧରେ ଅନ୍ୟମାନେ ସ୍ୱର ଉଠାଇବା ଲାଗି କହିଛନ୍ତି।

# ଶବର ସମାଜ ଓ ସଂସ୍କୃତିର ବିକାଶ ଦାବି




ପୁରୀ,୨୦।୮ (ସମିସ): ସ୍ଥାନୀୟ ପୌର ସଦନଠାରେ ରାଜ୍ୟସ୍ତରୀୟ ଶବର ସମାଜ ଚିନ୍ତନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ୩୦ ଜିଲ୍ଲାର ଶବର ଯୋଗଦେଇଥିଲେ। ସଭା ପୂର୍ବରୁ ଶବର ସମ୍ପ୍ରଦାୟର ଲୋକେ ଶୋଭାଯାତ୍ରା କରିଥିଲେ। ସେମାନେ ଶୋଭାଯାତ୍ରାରେ ଆସି ଟାଉନ୍ ହଲ୍ ପରିସରରେ ପହଞ୍ଚିଥିଲେ। ଆୟୋଜିତ ଚିନ୍ତନ ଶିବିରରେ ଯୋଗଦେଇଥିବା ଅତିଥିମାନେ କହିଥିଲେ, ପ୍ରାଚୀନ ଜନଜାତି ଶବରମାନେ ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ସଂସ୍କୃତିର ବାର୍ତ୍ତାବହ ତଥା ଦାୟାଦ। ଶ୍ରୀଜଗନ୍ନାଥ ଆଦିବାସୀ ଶବରମାନଙ୍କ ଦେବତା। ଶ୍ରୀଜଗନ୍ନାଥ ସଂସ୍କୃତି ଶବର ସଂସ୍କୃତି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଶବର ସମାଜ ଓ ଶବର ସଂସ୍କୃତିର ସୁରକ୍ଷା ଓ ବିକାଶ ପାଇଁ ରାଜ୍ୟରେ ସ୍ୱତନ୍ତ୍ର ବ୍ୟବସ୍ଥା ହେବା ଦରକାର। ରାଜ୍ୟରେ ଶବର ଉନ୍ନୟନ ପରିଷଦ ଗଠନ, ପ୍ରତି ବ୍ଲକ୍‌ସ୍ତରରେ ଶବର ସାଂସ୍କୃତିକ ଗୃହ ନିର୍ମାଣ ଓ ପୁରୀରେ ଶବର ସମାଜ ପାଇଁ ନୀଳମାଧବ ଓ ବିଶ୍ୱାବସୁଙ୍କ ନାମରେ ଧର୍ମଶାଳା ନିର୍ମାଣ ପାଇଁ ସଭାରେ ଦାବି ଉଠିଥିଲା।

ନିକଟରେ ରାଜ୍ୟ ସରକାର ଶବର ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଦେଇଛନ୍ତି। କିନ୍ତୁ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ପ୍ରତିଷ୍ଠା ଓ ନିଯୁକ୍ତି କ୍ଷେତ୍ରରେ ଶବରମାନେ ଏବେ ବି ଅବହେଳିତ। ବିଶେଷକରି ଓଡ଼ିଶାର ପୁରୀ, ଖୋର୍ଦ୍ଧା, କଟକ ଓ ନୟାଗଡ଼ ଜିଲ୍ଲାରେ ଶବରମାନେ ନିଶ୍ଚିହ୍ନ ହେବାକୁ ବସିଲେଣି। ହିନ୍ଦୁ ଉତ୍ତରାଧିକାରୀ ସ୍ୱତ୍ୱ ନିୟମ ୫ ଧାରାରେ ଉତ୍ତରାଧିକାରୀ ସ୍ୱତ୍ୱରେ ନିର୍ଭରଯୋଗ୍ୟ ଝିଅମାନଙ୍କର ସମ୍ପତ୍ତି ଉପରେ ହକ୍ ଦାବିର ପୂର୍ବ ଅଧିନିୟାମକ ପୁନଃସ୍ଥାପନ, ସୌରା ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ମାନ୍ୟତା, ପୁରୀ ମଧ୍ୟଭାଗରେ ଅବସ୍ଥିତ ଛକକୁ ବିଶ୍ୱାବସୁଙ୍କ ନାମରେ ନାମିତ କରାଯିବା ସହ ପ୍ରତିମୂର୍ତ୍ତି ସ୍ଥାପନ ଆଦି ୭ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ରାଷ୍ଟ୍ରପତି, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ପ୍ରାଚୀନ ମହାକାବ୍ୟ ରାମାୟଣ, ମହାଭାରତ ଓ ପୁରାଣ ପ୍ରଭୃତିରେ ଶବର ଜନଜାତିର ଐତିହ୍ୟ, ଗୌରବ ଓ ପରମ୍ପରାର ବର୍ଣ୍ଣନା ରହିଛି। ସରକାରୀ ପ୍ରୋତ୍ସାହନ ଓ ଇଚ୍ଛାଶକ୍ତିର ଅଭାବ କାରଣରୁ ଏହି ପ୍ରାଚୀନ ଜନଜାତି ଶବର ସମାଜର ଭାଷା, ଧର୍ମ, ସଂସ୍କୃତି, ଐତିହ୍ୟ, ପରମ୍ପରା, ରୀତିନୀତି ଓ ଚଳଣି ଲୋପ୍ ପାଇବାକୁ ବସିଥିବାରୁ ସମସ୍ତେ ଶିବିରରେ ସଂକଳ୍ପ ନେଇଥିଲେ। ଶବର ସମାଜକୁ ଏକତ୍ରିତ କରିବା ସହ ସେମାନଙ୍କ ମନୋବଳ ବୃଦ୍ଧି ପାଇଁ ପ୍ରାଚୀନ ଜନଜାତି ଶବର ସମ୍ପ୍ରଦାୟର ଯୁବତୀମାନେ ପାରମ୍ପରିକ ପୋଷାକ ପରିଧାନ କରି ନୃତ୍ୟ ପରିବେଷଣ କରିଥିଲେ। ବିଶେଷକରି ପଶ୍ଚିମ ଓଡ଼ିଶାରୁ ଆସିଥିବା ଏହି ଶବର ଯୁବତୀଙ୍କ ନୃତ୍ୟ ବେଶ୍ ମନଲୋଭା ହୋଇଥିଲା। ରାଜ୍ୟ ଶବର ସମାଜ ଅଧ୍ୟକ୍ଷ ବିଦ୍ୟାଧର ଦେହୁରୀ, ସଂଯୋଜକ ସତ୍ୟନାରାୟଣ ଭୋଇ, ପୁରୀ ଜିଲ୍ଲା ଶବର ସମାଜ ନେ। ପ୍ରତାପ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ଶିବିର ବେଶ୍ ସଫଳତାର ସହ ସମ୍ପନ୍ନ ହୋଇଥିଲା।

**ଚାରିନଳା ଗଣେଶ ପୂଜା**

# ଗାଁର ଛୋଟ ପିଲା ଗଢୁଛନ୍ତି ବଡ଼ ମୂର୍ତ୍ତି

ପୁରୀ,୨୦।୮ (ସମିସ): ଆସୁଛି ଗଣେଶ ପୂଜା। ବିଘ୍ନ ବିନାଶକଙ୍କୁ ଆରାଧନା ପାଇଁ ସବୁଆଡ଼େ ଆରମ୍ଭ ହୋଇଗଲାଣି ପ୍ରସ୍ତୁତି। ପୁରପଲ୍ଲୀରେ ପୂଜା ପାଇବେ ଅଗ୍ରପୂଜ୍ୟ। ପୁଣି କ୍ଲବ୍‌ଠାରୁ ଆରମ୍ଭ କରି ଶିକ୍ଷାନୁଷ୍ଠାନରେ ମଧ୍ୟ ହେବ ଗଣେଶ ପୂଜା। କେହି କେହି ମୂର୍ତ୍ତି କିଣିଆଣିବାକୁ ଯୋଜନା କରିଥିବାବେଳେ ଆଉ କେତେକ ସ୍ଥାନରେ ନିଜେ ମୂର୍ତ୍ତି ତିଆରି କରୁଛନ୍ତି। ବିଶେଷକରି କ୍ଲବ୍ ଏବଂ ସାହିରେ ଅନୁଷ୍ଠିତ ହେବାକୁ ଥିବା ପୂଜା ପାଇଁ ସେମାନେ ନିଜେ ହିଁ ମୂର୍ତ୍ତି ଗଢ଼ିଥା'ନ୍ତି। ବିଭିନ୍ନ ସ୍ଥାନରେ କାରିଗରକୁ ଡାକି ମୂର୍ତ୍ତି ଗଢ଼ାଯାଉଥିବା ବେଳେ ପୁରୀ ସଦର ବ୍ଲକ୍ ଚାରିନଳାରେ କିନ୍ତୁ ପୂଜା ଅତ୍ୟନ୍ତ ନିଆରା। ଏଠାରେ ଗାଁର ଛୋଟ ପିଲାମାନେ ମିଶି ପ୍ରତିବର୍ଷ ବିରାଟ ଗଣେଶ ମୂର୍ତ୍ତି ତିଆରି କରିଥା'ନ୍ତି। ଏବର୍ଷ ମଧ୍ୟ ମୂର୍ତ୍ତି ନିର୍ମାଣ ଜୋର୍‌ସୋରରେ ଆଗେଇ ଚାଲିଛି।

ଆସନ୍ତା ୨୭ ତାରିଖରେ ପବିତ୍ର ଗଣେଶ ପୂଜା। ବିଭିନ୍ନ ପୂଜା କମିଟି ସହ ସଂଘ, ଅନୁଷ୍ଠାନ ପକ୍ଷରୁ ପୂଜା ପାଇଁ ପ୍ରସ୍ତୁତି ଚାଲିଛି। ପୁରୀ ସଦର ବ୍ଲକ୍ କାଶୀହରିପୁର ପଞ୍ଚାୟତ ଅନ୍ତର୍ଗତ ଚାରିନଳା ଅଞ୍ଚଳର ଛୋଟ ପିଲାମାନେ ମିଶି ଏକ ବିରାଟ ଗଣେଶ ମୂର୍ତ୍ତି ପ୍ରସ୍ତୁତିରେ ଲାଗିପଡ଼ିଛନ୍ତି। ଏହି ଗାଁର ଗଣେଶ ପୂଜା ଅତ୍ୟନ୍ତ ନିଆରା। ବିନା କୌଣସି ପ୍ରଶିକ୍ଷଣରେ ଗାଁର ପିଲାମାନେ ମିଶି ପ୍ରତିବର୍ଷ ନିଜେ ବଡ଼ ଗଣେଶ ମୂର୍ତ୍ତି ତିଆରି କରିଥା'ନ୍ତି। ଚାରିନଳା ବାସିନ୍ଦା ବସନ୍ତ କୁମାର ପଣ୍ଡା କୁହନ୍ତି, ଗାଁର ଶିବୁନା ସ୍ୱାଇଁ ନିଜ ଗୁରୁଙ୍କ ସହ ଆସାମ ଯାଇଥିବାବେଳେ ସେଠାରୁ ଫାଇବର ଗଗେଶ ମୂର୍ତ୍ତି ଡିଜାଇନ୍ ଶିଖି ଆସିଥିଲେ। ଅଠରନଳାରେ ମୂର୍ତ୍ତି ନିର୍ମାଣର କୌଶଳ ଶିଖିଥିଲେ। ବିନା କୌଣସି ପାରିଶ୍ରମିକ କିମ୍ବା ପ୍ରଶିକ୍ଷଣରେ ଶିବୁନା ଗାଁର ଅନ୍ୟ ଛୋଟ ଛୋଟ ପିଲାଙ୍କ ସହ ମିଶି ୫ ବର୍ଷ ହେବ ଏଭଳି ବିରାଟ ଗଣେଶ ମୂର୍ତ୍ତି ନିର୍ମାଣ କରିଆସୁଛନ୍ତି। ଗାଁରେ ଥିବା ମା' ବସନ୍ତେଇ କ୍ଲବ୍‌ର ସଦସ୍ୟ ପୂଜା ଆୟୋଜନରେ ସହଯୋଗ କରିଥା'ନ୍ତି। କ୍ଲବ୍‌ରେ ୮୦ ଜଣ ସଦସ୍ୟ ରହିଥିବାବେଳେ ପୁରୁଖା ସଦସ୍ୟମାନେ ମୂର୍ତ୍ତି ନିର୍ମାଣଠାରୁ ଆରମ୍ଭ କରି ସପ୍ତାହବ୍ୟାପୀ ହେଉଥିବା ଗଣେଶ ପୂଜା ଆୟୋଜନରେ ସମସ୍ତ ପ୍ରକାର ସହଯୋଗ ରଖିଥା'ନ୍ତି। ଛୋଟ ପିଲାମାନେ ଏକତ୍ର ମିଶି ଏଭଳି ଗଣେଶ ପୂଜା କରି ଗାଁରେ ଭାଇଚାରା ସୃଷ୍ଟି ସହ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ପାଇଁ ଉଦ୍ୟମ କରି ଆସୁଛନ୍ତି। ସେମାନଙ୍କ ଏଭଳି ଉଦ୍ୟମକୁ ସାଧାରଣରେ ପ୍ରଶଂସା କରାଯାଇଛି।



**ଜିୟର ସ୍ୱାମୀ ମଠରେ ଅମୃତ କଥା ପ୍ରବଚନ**

# 'ଆତ୍ମାର ଜ୍ଞାନ ତପସ୍ୟା ଦ୍ୱାରା ପ୍ରାପ୍ତ ହୁଏ ନାହିଁ'




**ଈଶ୍ୱରଙ୍କୁ ପାଇବା ପାଇଁ ଚିନ୍ତା ଛାଡ଼ି ଚିନ୍ତନ କର**

ପୁରୀ,୨୦।୮ (ସମିସ): ଜିୟର ସ୍ୱାମୀ ମଠରେ ଅନୁଷ୍ଠିତ ହୋଇଛି ଅମୃତ କଥା ପ୍ରବଚନ। ଏଥିରେ କଥା ବ୍ୟାସ ଅନନ୍ତ ବିଭୂଷିତ ଜଗଦ୍‌ଗୁରୁ ଶ୍ରୀ ଶ୍ରୀ ୧୦୦୮ ସ୍ୱାମୀ ଶ୍ରୀ ରଙ୍ଗନାଥାଚାର୍ଯ୍ୟ ମହାରାଜ ପୀଠାଧିପତି ଶ୍ରୀ ରାମାନୁଜ କୋଟ ଉଜ୍ଜୟିନୀ, ଶ୍ରୀମଦ୍ ଭାଗବତ ଜ୍ଞାନଯଜ୍ଞ ସପ୍ତାହ ପାଠ କରିବା ସମୟରେ କହିଥିଲେ, ଯଦି ତୁମେ ଈଶ୍ୱରଙ୍କୁ ପ୍ରାପ୍ତ କରିବାକୁ ଚାହୁଁଛ ତେବେ ତୁମର ଚିନ୍ତା ଛାଡ଼ି ଭାବନା କର। କେବେବି କୌଣସି ସନ୍ଥଙ୍କ ପାଖକୁ ଯାଅ ନାହିଁ ଏବଂ ଗୃହସ୍ଥ ଜୀବନ ବିଷୟରେ ଆଲୋଚନା କରନାହିଁ। ଆତ୍ମାର ଜ୍ଞାନ କେବେ ତପସ୍ୟା ଦ୍ୱାରା ପ୍ରାପ୍ତ ହୁଏ ନାହିଁ। ଆତ୍ମା କେବଳ ଚିନ୍ତନର ବିଷୟ। ଯଦି କେହି ଥରେ ଗୋବିନ୍ଦଙ୍କ ନାମ ଜପ କରନ୍ତି, ସେ ସ୍ୱପ୍ନରେ ମଧ୍ୟ ଯମରାଜ ପୁରୀକୁ ଦେଖନ୍ତି ନାହିଁ। ପ୍ରତ୍ୟେକ ପରିସ୍ଥିତିରେ ପ୍ରଭୁଙ୍କୁ ସ୍ମରଣ କରାଯିବା ଉଚିତ୍। ଗାଈ ହେଉଛନ୍ତି ଜଗତର ମାତା। ଯଦି ଗୋଟିଏ ଗାଈର ସେବା କର ତେବେ ୩୩ କୋଟି ଦେବତାଙ୍କ ସେବା କରିବାର ପୁଣ୍ୟ ମିଳିବ। କିନ୍ତୁ ଦୁର୍ଭାଗ୍ୟର ବିଷୟ ଆମ ନିଜ ଦେଶରେ ଗାଈକୁ ସୁରକ୍ଷା ମିଳିପାରୁ ନାହିଁ।

ଏହି ଭାଗବତ ଜ୍ଞାନଯଜ୍ଞ ଅବସରରେ ବେଦ ପାଠଶାଳାର ଶିକ୍ଷକ ଏବଂ ଛାତ୍ରମାନଙ୍କୁ ଦେବୋତ୍ତର ବିଭାଗର କମିଶନର ଲଲାଟେନ୍ଦୁ ଜେନା ମଠର ଯୁବରାଜ ସୁଦର୍ଶନ ରାମାନୁଜ ଦାସଙ୍କ ନେତୃତ୍ୱରେ ଅଙ୍ଗବସ୍ତ୍ର ଏବଂ ମାଳା ପ୍ରଦାନ କରି ସମ୍ମାନିତ କରିଥିଲେ। ମଠର ଶିକ୍ଷକମାନେ ଲଲାଟେନ୍ଦୁ ଜେନାଙ୍କୁ ବୈଦିକ ମନ୍ତ୍ର ମଧ୍ୟରେ ଅଙ୍ଗବସ୍ତ୍ର ଏବଂ ମାଳା ପ୍ରଦାନ କରି ସମ୍ମାନିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟଭାବେ ଶ୍ରୀ ଶ୍ରୀ ୧୦୦୮ ସ୍ୱାମୀ ଇନ୍ଦିରା ରମଣାଚାର୍ଯ୍ୟ ପୀଠାଧୀଶ୍ୱର ଶ୍ରୀଜିୟର ସ୍ୱାମୀ ମଠ ପୁରୀ ଏବଂ ପୀଠାଧୀଶ୍ୱର ନୈମିଷ ନାଥ ଭଗବାନ ରାମାନୁଜ କୋଟ, ଅଷ୍ଟମ ଭୂ-ବୈକୁଣ୍ଠ ନୈମିଷରଣ୍ୟ ପରମପୂଜ୍ୟ ଜଗଦ୍‌ଗୁରୁ ୧୦୦୮ ସ୍ୱାମୀ ଶ୍ରୀ ନାରାୟଣାଚାର୍ଯ୍ୟ ଅଯୋଧ୍ୟା ଧାମ, ସ୍ୱାମୀ ମାଧବ ପ୍ରପନ୍ନାଚାର୍ଯ୍ୟ ଯୁବରାଜ ରାମାନୁଜ କୋଟ ଅବନ୍ତିକା ପୀଠ, ଡ. ବିଜୟ ନାରାୟଣ ମହନ୍ତ କଟକୀ ମଠ, ସ୍ୱାମୀ ନାରାୟଣାଚାର୍ଯ୍ୟ ରାମାନୁଜ ଦାସ ଉତ୍ତରପାର୍ଶ୍ୱ ମଠ, ସ୍ୱାମୀ ରାମପୁକାର ରାମାନୁଜ ଦାସ ଗୟା, ରାମକୃଷ୍ଣ ଭବନ ପୁରୋହିତ ଶ୍ରୀ ଜୀ ସ୍ୱାମୀ ପୁରୀ, ସ୍ୱାମୀ ରାମ ପ୍ରପନ୍ନାଚାର୍ଯ୍ୟ ମୁଖ୍ୟ ପୂଜାରୀ ନୈମିଷନାଥ ଭଗବାନ ରାମ ନାରାୟଣ ଶାସ୍ତ୍ରୀ ରାମାନୁଜ ଦାସ, ସମ୍ପାଦକ ରାମାନୁଜ, ବୃନ୍ଦାବନ ରାମ ଆଧାର ଗୌତମ ରାମାନୁଜ ଦାସ କଟନୀ ସୁଦର୍ଶନ ଶାସ୍ତ୍ରୀ, ଶ୍ରବଣ ଗନ୍ଧର୍ବ କମଳ ଜୀ ରାଓ, ସୁରେଶ ଜୀ ରାଓ, ଆଶିଷ ବୈଦିକ, ଚିତ୍ତରଞ୍ଜନ ଶୁକ୍ଲା, ପୁନିତ ତିୱାରୀ, କିଶୋରୀ ରାମାନୁଜ ଦାସ ଜୀ ନାରାୟଣୀ ରାମାନୁଜ ଦାସୀ, ସନ୍ଧ୍ୟା ରାମାନୁଜ ଦାସୀ, ଶ୍ରଦ୍ଧା ରାମାନୁଜ ଦାସୀ, ଧର୍ମାଚାର୍ଯ୍ୟ ଓମ୍ ପ୍ରକାଶ ପାଣ୍ଡେଙ୍କ ସମେତ ବହୁ ସଂଖ୍ୟାରେ ଭକ୍ତ ଉପସ୍ଥିତ ଥିଲେ।

# ଓଆର୍‌ଭି ଆକ୍ଟ କାର୍ଯ୍ୟକାରୀ ଦାବି କଲା କଂଗ୍ରେସ

## ପଦକ୍ଷେପ ନ ନେଲେ ଆଇନ ଅମାନ୍ୟ ଆନ୍ଦୋଳନ ଚେତାବନୀ



ପୁରୀ,୨୦।୮ (ସମିସ): ଓଡ଼ିଶାରେ ଓଆର୍‌ଭି ଆକ୍ଟ ଅର୍ଥାତ୍ ଓଡ଼ିଶା ପଦବୀ ଏବଂ ସେବାରେ ଖାଲି ପଦବୀ ସଂରକ୍ଷଣ (ଅନୁସୂଚିତ ଜାତି ଓ ଜନଜାତି ପାଇଁ) ଆଇନ ୧୯୭୫ ସଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ। ଏହି ନିୟମର ରୁଲ୍ ୩ ଅନୁଯାୟୀ ରାଜ୍ୟର ଥିବା ବିଭିନ୍ନ ବିଭାଗରେ ପ୍ରତିବର୍ଷ ରୋଷ୍ଟର ବାହାରିବା କଥା। ଏହି ରୋଷ୍ଟର ଅନୁଯାୟୀ କେଉଁ ବିଭାଗରେ କେତେ ପଦବୀ ଅଛି, ସେହି ପଦବୀ ମଧ୍ୟରୁ ଅନୁସୂଚିତ ଜାତି ଓ ଜନଜାତି ପାଇଁ କେତୋଟି ପଦବୀ ରହିଛି ତାହା ସ୍ପଷ୍ଟ କରାଯିବା କଥା। କିନ୍ତୁ ତାହା ହେଉନାହିଁ। ସୂଚନା ଅଧିକାର ଆଇନ ଅନୁଯାୟୀ ମିଳିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଥିବା କହିଛନ୍ତି ପ୍ରଦେଶ କଂଗ୍ରେସ କମିଟିର ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଅଧ୍ୟକ୍ଷ ମାନସ କୁମାର ମଲ୍ଲିକ। ବୁଧବାର ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଇନ୍ଦିରା ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମଲ୍ଲିକ କହିଥିଲେ ଯେ କେବଳ ଏତିକି ନୁହେଁ ଓଆର୍‌ଭି ଆଇ ଧାରା ୧୫ ଅନୁଯାୟୀ ଓଡ଼ିଶା ବିଧାନସଭାର ଯେଉଁ ତଦାରଖ କମିଟି ହେବା କଥା ତାହା ମଧ୍ୟ ଦୀର୍ଘ ବର୍ଷ ହେଲା ହୋଇନାହିଁ। ସେହିପରି ୯୩ତମ ସମ୍ବିଧାନ ସଂଶୋଧନକୁ ରାଜ୍ୟ ସରକାର ଆଇନରେ ପରିଣତ କଲେ ଦୁର୍ବଳ ବର୍ଗର ଲକ୍ଷାଧିକ ଛାତ୍ରଛାତ୍ରୀ ବେସରକାରୀ ଶିକ୍ଷାନୁଷ୍ଠାନମାନଙ୍କରେ ସଂରକ୍ଷଣ ପାଇ ଶିକ୍ଷାଲାଭ ସୁଯୋଗ ପାଇପାରନ୍ତେ। କିନ୍ତୁ ଓଡ଼ିଶା ସରକାର ଦୁର୍ବଳ ବର୍ଗ ଯଥା- ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁ ଛାତ୍ରଛାତ୍ରୀମାନଙ୍କର ତଥା କଂଗ୍ରେସ ଦଳର ଦୀର୍ଘ ଦିନର ଦାବିକୁ କର୍ଣ୍ଣପାତ କରୁନାହାନ୍ତି। ଯଦି ସରକାର ଖୁବ୍‌ଶୀଘ୍ର ଏ ଦିଗରେ ସବିଶେଷ ପଦକ୍ଷେପ ଗ୍ରହଣ ନ କରନ୍ତି ରାଜ୍ୟ କଂଗ୍ରେସ ଆଇନ ଅମାନ୍ୟ ଆନ୍ଦୋଳନ ତଥା ରାଜ୍ୟବ୍ୟାପୀ ବିରୋଧ ପ୍ରଦର୍ଶନ କରିବ ବୋଲି ଶ୍ରୀ ମଲ୍ଲିକ କହିଥିଲେ।

ଅନ୍ୟପକ୍ଷରେ ଏହି ଅବସରରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଭାରତରତ୍ନ ରାଜୀବ ଗାନ୍ଧୀଙ୍କ ୮୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ପିସିସି ଅନୁସୂଚିତ ଜାତି ପ୍ରକୋଷ୍ଠର ଅଧ୍ୟକ୍ଷ ଶ୍ରୀ ମଲ୍ଲିକ ରାଜୀବ ଗାନ୍ଧୀଙ୍କ ବ୍ୟକ୍ତିଗତ ଜୀବନଠାରୁ ଆରମ୍ଭ କରି ରାଜନୈତିକ ନିଷ୍ପତ୍ତି ଯଥା- ଗ୍ରାମାଞ୍ଚଳ ଉନ୍ନତି ପାଇଁ ଭାରତରେ ପଞ୍ଚାୟତିରାଜ ବ୍ୟବସ୍ଥା କିପରି ସେ ପ୍ରଚଳନ କରିଥିଲେ ତାହା ଉପରେ ଅବତାରଣା ରଖିଥିଲେ। ସେହିପରି ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତରେ ବୈପ୍ଳବିକ ପରିବର୍ତ୍ତନ ଆଣିବାରେ ରାଜୀବ ଗାନ୍ଧୀ ସମର୍ଥ ହୋଇଥିଲେ ବୋଲି ସେ କହିବା ସହ ରାଜୀବ ଗାନ୍ଧୀଙ୍କ ଜୀବନ ବେଶ୍ ଲମ୍ବା ନ ଥିଲା। କିନ୍ତୁ ସେ ଆଜି ସମସ୍ତଙ୍କ ପାଖରେ ଚିରସ୍ମରଣୀୟ ହୋଇ ରହିଛନ୍ତି। ଜୀବନ ଲମ୍ବା ନୁହେଁ, ମହାନ ହେବା ଉଚିତ୍ ଏହା ରାଜୀବ ଗାନ୍ଧୀଙ୍କ ଜୀବନ ଶିକ୍ଷା ଦେଇଛି ବୋଲି ଶ୍ରୀ ମଲ୍ଲିକ କହିଥିଲେ। ଅନ୍ୟ ବକ୍ତାମାନେ ରାଜୀବ ଗାନ୍ଧୀଙ୍କ ଜୀବନାଦର୍ଶ ଉପରେ ଉଲ୍ଲେଖନୀୟ ଟିପ୍ପଣୀ ପ୍ରଦାନ କରିଥିଲେ। ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ. ରାଜେଶ କୁମାର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଉତ୍ତମ ଆଚାର୍ଯ୍ୟ, ପୁଷ୍କର ମହାପାତ୍ର, ସୁଜିତ ମହାପାତ୍ର, ପ୍ରେମାନନ୍ଦ ମହାନ୍ତି, ସରସ୍ୱତୀ ପାତ୍ର, ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ଉମାକାନ୍ତ ବରାଳ, ବିଶ୍ୱନାଥ ଦାଶ, ସୀତାକାନ୍ତ ମହାନ୍ତି, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, ସୁକାନ୍ତ ପ୍ରଧାନ, କାଳୀପ୍ରସାଦ ନାୟକ, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ ପଣ୍ଡା, ଜିବେଶ ଚନ୍ଦ୍ର ରଥ, ଅମିୟ ମହାପାତ୍ର, ମିଟୁ ସାମନ୍ତରାୟ, ଉମାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।





## କମୁଛି ପୋଷ୍ଟ ବକ୍ସର ଚାହିଦା

# ୧୯୬ରୁ ଏବେ ମାତ୍ର ୪୦ ସକ୍ରିୟ

ଭୁବନେଶ୍ୱର, ୨୦।୮ (ସମିସ): ଡାକ ବିଭାଗ ପକ୍ଷରୁ ସାଧାରଣ ଲୋକଙ୍କ ପାଇଁ ଥିବା ବିଭିନ୍ନ ସେବା ମଧ୍ୟରୁ ବ୍ୟକ୍ତିଗତ ପୋଷ୍ଟ ବକ୍ସ ଅନ୍ୟତମ। କିଛି ବର୍ଷ ପୂର୍ବେ ଡାକ ବିଭାଗର ଏହି ବ୍ୟକ୍ତିଗତ ପୋଷ୍ଟ ବକ୍ସର ସେବା ଲୋକାଦୃତ ହେବା ସହ ଏଥିରେ ଯୋଡ଼ି ହେବା ପାଇଁ ଲୋକଙ୍କ ସଂଖ୍ୟା ମଧ୍ୟ ବଢ଼ୁଥିଲା। ହେଲେ ସମୟର ପରିବର୍ତ୍ତନ ସହ ଧୀରେ ଧୀରେ ଲୋକ ଏଥିପ୍ରତି ଆଗ୍ରହୀ ହେଲେ ନାହିଁ। ବର୍ଷ ଅତିକ୍ରମ କରିବା ସହ ଲୋକଙ୍କ ପୋଷ୍ଟ ବକ୍ସ ସଂଖ୍ୟା କମିବାରେ ଲାଗିଛି।



ହୁଏତ ସମସ୍ତେ ଏହି ବ୍ୟବସ୍ଥା ବା ସୁବିଧା ବିଷୟରେ ଅବଗତ ନଥିବେ। ଏହି ସେବା ଅଧୀନରେ ଯେକୌଣସି ଲୋକ, ସଂସ୍ଥା ବା ଅନୁଷ୍ଠାନ ନିଜର ଏକ ପୋଷ୍ଟ ବକ୍ସ ନିକଟସ୍ଥ ଡାକରେ ଖୋଲି ପାରିବେ। ସେଠାରେ ତାଙ୍କର ନାମରେ ଆସୁଥିବା ପ୍ରତ୍ୟେକ ଚିଠି ଏବଂ ପାର୍ସଲ ଜମା ହୋଇ ରହିବ। ସେ ଯେତେବେଳେ ଚାହିଁବେ ନିଜ ପୋଷ୍ଟ ବକ୍ସରୁ ଯାଇ ଚିଠି ଗୁଡିକ ସଂଗ୍ରହ କରି ପାରିବେ। ଏହି ପୋଷ୍ଟ ବକ୍ସ ଲୋକଙ୍କୁ ବ୍ୟକ୍ତିଗତ ଚିଠି ବାକ୍ସର ସୁବିଧା ଦେଇଥାଏ। ଯେଉଁମାନଙ୍କର ନିର୍ଦ୍ଦିଷ୍ଟ ବା ସ୍ଥାୟୀ ଠିକଣା ନଥାଏ ସେମାନେ ୧୫୦ ଟଙ୍କା ଦେଇ ଡାକ ବିଭାଗରେ ନିଜର ଏକ ଚିଠି ବାକ୍ସ ରଖିପାରିବେ। ଏଥିପାଇଁ ପ୍ରଥମେ ୬ ମାସ କିମ୍ବା ୧ ବର୍ଷ ପାଇଁ ମୂଲ୍ୟ ପୈଠ କରିବାକୁ ହୁଏ। ୬ ମାସ ପାଇଁ ୧୫୦ ଟଙ୍କା ଥିବା ବେଳେ ୧ ବର୍ଷ ପାଇଁ ୩ ଶହ ଟଙ୍କା ଦେବାକୁ ପଡେ। ଯାହାର ଚାବି ଲୋକ ନିଜ ପାଖରେ ରଖିବେ ଏବଂ ଯାହା ବି ଚିଠି ଆସେ ଡାକ ବିଭାଗ ସେଥିରେ ରଖିଦେଇଥାଏ। ସେ ଯେ କୌଣସି ସମୟରେ ଆସି ନିଜ ଚିଠି ନେଇ ପାରିବେ। ଏହି ସେବା ଗୋଟେ ବର୍ଷ ପାଇଁ ଉପଲବ୍ଧ ଥାଏ। ପୁଣି ଗୋଟେ ବର୍ଷ ପରେ ଏହାକୁ ନବୀକରଣ କରିବାକୁ ପଡ଼ିଥାଏ।

ଏନେଇ ଡାକ ବିଭାଗର ଜଣେ କର୍ମଚାରୀ କୁହନ୍ତି, ବର୍ତ୍ତମାନ ଡାକ ବିଭାଗରେ ଏହି ବକ୍ସର ସଂଖ୍ୟା ୧୯୬ ରହିଛି। ହେଲେ ପାଖାପାଖି ୪୦ଟି ଚିଠି ବାକ୍ସ କାର୍ଯ୍ୟ କରୁଛି ଅର୍ଥାତ ଚାଲୁଛି। ଏହାର ସଂଖ୍ୟା ଆଗ ଅପେକ୍ଷା କମିକମି ଯାଉଥିବାର ପରିଲକ୍ଷିତ ହେଉଛି। ପୂର୍ବରୁ ଲୋକ ଏଥିପ୍ରତି ଆଗ୍ରହୀ ହେଉଥିଲେ। କାରଣ ସହରରେ ନିଜର ସ୍ଥାୟୀ ଠିକଣା ନଥିଲେ ବି ଏଠାରେ ସ୍ଥାୟୀ ଠିକଣା ଭାବେ ତାଙ୍କର ସମସ୍ତ ଚିଠି ସୁରକ୍ଷିତ ଭାବରେ ଜମା ହୋଇ ରୁହେ। ସେମାନଙ୍କ ସୁବିଧା ହିସାବରେ ଆସି ନେଇଯାନ୍ତି। ହେଲେ ବିଗତ କିଛି ବର୍ଷ ହେବ ଏଥିରେ ଅନିୟମିତତା ପରିଲକ୍ଷିତ ହେଉଛି। ଗୋଟେ ବର୍ଷ କଲା ପରେ ପରବର୍ତ୍ତୀ ସମୟରେ ଲୋକ ତାକୁ ଆଉ ଚାଲୁ ରଖୁନାହାନ୍ତି ବା ଇଚ୍ଛୁକ ହେଉ ନାହାନ୍ତି। ତେଣୁ ଅନିୟମିତତା ଦୃଷ୍ଟିରୁ କିଛିଟା ବକ୍ସକୁ ବାଧ ହୋଇ ବିଭାଗ ନିଜ ତରଫରୁ ବନ୍ଦ କରୁଛି ବୋଲି ସେ କହିଥିଲେ।

## ଓଡ଼ିଶା ବାହାରକୁ ହେଉଛି ଗଞ୍ଜେଇ ଚାଲାଣ

ଭୁବନେଶ୍ୱର, ୨୦।୮ (ସମିସ): ଓଡ଼ିଶାର କନ୍ଧମାଳ ଏବଂ କୋରାପୁଟ ଅଞ୍ଚଳ ଗଞ୍ଜେଇ ରାଜ୍ୟ ବାହାରେ ବେଶ ଚାହିଦା ରହିଥିବା ଜଣାପଡ଼ିଛି। ଗତକିଛିଦିନ ତଳେ ଜୟପୁରରୁ ଏକ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇଥିଲା। ଗଞ୍ଜେଇ ଉତ୍ତର ପ୍ରଦେଶ ଚାଲାଣ ହେଉଥିବା ବେଳେ ବୁଧବାର ଆଉଏକ ଘଟଣା ସାମ୍ନାକୁ ଆସିଛି। କୋରାପୁଟରୁ ଦିଲ୍ଲୀ ଓ ପଞ୍ଜାବ ଚାଲାଣ ହେଉଥିବା ଗଞ୍ଜେଇ ଧରାପଡ଼ିଛି ଏବଂ ଏହି ଘଟଣାରେ ଜୟପୁରରୁ ଜଣେ ଯୁବକ ପୁଲିସ ହାତରେ ଧରାପଡ଼ିଛି। ଟ୍ରେନରେ ଲୁଧିଆନା ଗଞ୍ଜେଇ ନେଉଥିବା ବେଳେ ଜିଆରପି ପୁଲିସ ହାତରେ ଧରାପଡ଼ିଛି ଯୁବକ। ଜିଆରପି ପୁଲିସ ଜୟପୁର ଷ୍ଟେସନରେ ତନଖି ବେଳେ ଜଣେ ଯୁବକଙ୍କୁ ସନ୍ଦେହ ଜନକ ଅବସ୍ଥାରେ ବୁଲୁଥିବା ଦେଖି ଜେରା କରାଯାଇଥିଲା।

ଖବର ନେବାରୁ ଜଣାପଡ଼ିଛି ଯେ, ଜୟପୁର ଷ୍ଟେସନରେ ପଞ୍ଜାବର ଲୁଧିଆନା ଅଞ୍ଚଳର ଅସମାନ(୨୫) ନାମକ ଯୁବକ ଏକ ବସ୍ତାରେ ୧୦ କେଜି ଗଞ୍ଜେଇ ନେଇ ସମଲେଶ୍ୱରୀ ଟ୍ରେନକୁ ଅପେକ୍ଷା କରି ଥିଲେ। ସେ ଏହି ଟ୍ରେନରେ ରାୟଗଡ଼ା ଯାଇ ସେଠାରୁ ପୁଣି ଟ୍ରେନ ପରିବର୍ତ୍ତନ କରି ଦିଲ୍ଲୀ ଯାଇଥାନ୍ତେ। ଜିଆରପି ପୁଲିସ ଚଢ଼ଉ କରି ଯୁବକଙ୍କୁ କାବୁ କରିବା ସହ ୧୦ କେଜି ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛନ୍ତି। କୋରାପୁଟ ଷ୍ଟେସନରେ ଜିଆରପି ପୁଲିସ ପକ୍ଷରୁ ଗତ ୨୦୨୪ରେ ୧୭ ଟି ଗଞ୍ଜେଇ ମାମଲା ରୁଜୁ ହେବା ସହ ପ୍ରାୟ ୨୫୦ କେଜି ଗଞ୍ଜେଇ ଜବତ କରାଯାଇଛି। ଚଳିତ ବର୍ଷ ଏହି ୭ ମାସ ମଧ୍ୟରେ ୧୭ଟି ଗଞ୍ଜେଇ ମାମଲାରେ ଧରପଗଡ଼ କରାଯାଇ ପ୍ରାୟ ୩୦୦ କେଜି ଗଞ୍ଜେଇ ଜବତ କରାଯାଇଥିବାର ସୂଚନା ମିଳିଛି। କୋରାପୁଟ, ଜୟପୁର, ପାଢୁଆ, ଦାମନଜୋଡି, କାକିରିଗୁମ୍ମା ଆଦି ରେଳ ଷ୍ଟେସନ ଗଞ୍ଜେଇ ଚୋରାଚାଲାଣର ହଟସ୍ପଟ ପାଲଟିଥିବା ଚର୍ଚ୍ଚା ହେଉଛି। ପୁଲିସର କହିବାନୁଯାୟୀ କୋରାପୁଟ ଏବଂ କନ୍ଧମାଳରୁ ଗଞ୍ଜେଇ ପୂର୍ବରୁ ରାଜ୍ୟ ବାହାର ଯଥା ମୁମ୍ବାଇ, ନୂଆଦିଲ୍ଲୀଠାରୁ ଆରମ୍ଭ କରି ଉତ୍ତରପ୍ରଦେଶ ଏବଂ ପଞ୍ଜାମ ଆଦି ଅଞ୍ଚଳକୁ ଚାଲାଣ ହେଉଥିଲା। କିନ୍ତୁ ଗତକିଛିଦିନ ଧରି କନ୍ଧମାଳ ଅଞ୍ଚଳରୁ ଗଞ୍ଜେଇ ଚାଲାଣ ନେଇ କଟକଣା ଲଗାଯିବା ପରେ ଏବେ କୋରାପୁଟକୁ ଟାର୍ଗେଟ କରିଛନ୍ତି ମାଫିଆ। ମାଫିଆମାନେ ଟ୍ରେନ୍ ଓ ଲାଇନ୍ ଟ୍ରକ୍ ଯୋଗେ ଦୈନିକ ଟନ୍ ଟନ୍ ଗଞ୍ଜେଇ ରାଜ୍ୟ ବାହାରକୁ ଚାଲାଣ କରୁଛନ୍ତି। ବିଶେଷକରି ଯୁବଗୋଷ୍ଠୀଙ୍କ ମାଧ୍ୟମରେ ଏବଂ କଲେଜ ପିଲାମାନଙ୍କ ମାଧ୍ୟମରେ ଏହି ଗଞ୍ଜେଇ ଚାଲାଣ କରାଯାଉଛି। ମୂଳ ଚାଷୀମାନେ ଗଞ୍ଜେଇ ଚାଷ ବାବଦରେ ଯେତିକି ଟଙ୍କା ପାଉନାହାନ୍ତି ଚାଲାଣକାରୀମାନେ ତା'ଠାରୁ ଅଧିକ ଟଙ୍କା ନେଉଛନ୍ତି। ଆର୍ଥିକ ଦୁର୍ବଳ ଶ୍ରେଣୀର ବେକାର ଯୁବଗୋଷ୍ଠୀ ଏହି ଗଞ୍ଜେଇ ଚାଲାଣରେ ନିୟୋଜତ କରାଯାଉଛି। ବିଶେଷକରି କୋରାପୁଟ ଏବଂ କନ୍ଧମାଳ ଜିଲ୍ଲାରେ ପର୍ଯ୍ୟଟନସ୍ଥଳୀ ଥିବାରୁ ପର୍ଯ୍ୟଟନସ୍ଥଳ ବୁଲିବା ବାହାନାରେ ବାହାରୁ ଆସୁଥିବା ଲୋକେ ଏଠାରୁ କ୍ୱିଣ୍ଟାଲ କ୍ୱିଣ୍ଟାଲ ଗଞ୍ଜେଇ ନେବାରେ ସକ୍ଷମ ହେଉଛନ୍ତି।

## ବାଲିଅନ୍ତାରେ ସଦ୍‌ଭାବନା ଦିବସ

ବାଲିଅନ୍ତା, ୨୦।୮ (ସମିସ): ବାଲିଅନ୍ତା ବ୍ଲକ ଅଧୀନସ୍ଥ ନିର୍ମାଣ କଲେଜ ପରିସରରେ ଭାରତ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅନ୍ତର୍ଗତ ମେରା ଯୁବ ଭାରତ, ଖୋର୍ଦ୍ଧା ତରଫରୁ ଭାରତ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ସମ୍ପର୍କରେ ଦିନିକିଆ କାର୍ଯ୍ୟକ୍ରମ ଓ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ଜନ୍ମଦିନକୁ ସଦଭାବନା ଦିବସ ପାଳିତ ହୋଇଯାଇଛି। ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଧୁ ଭୂଷଣ ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ଲକ୍ଷ୍ମୀଧର ପ୍ରଧାନ, ନିର୍ମାଣ କଲେଜ ର ଅଧକ୍ଷ ସିଦ୍ଧେଶ୍ୱର ମହାନ୍ତି, ନାରାୟଣ ବେହେରା, ମେରା ଯୁବ ଭାରତ ଖୋର୍ଦ୍ଧାର ନିଖି କୋକୁଆ, ପ୍ରକୃତି ବନ୍ଧୁ ଦୀନବନ୍ଧୁ ଭୋଇ, ବ୍ୟାଙ୍କ ଅଫ ବରୋଦାର ସିନିଅର ମ୍ୟାନେଜର ଯୋତ୍ରିମୟୀ ଶତପଥୀ, ସହ ପରିଚାଳକ ଅଂଶୁମାନ ଦାଶ, ଯୁବ ସମାଜସେବୀ ପ୍ରଦୀପ୍ତ କୁମାର ମହାନ୍ତି, ଯୁବ ସମାଜସେବୀ ସତ୍ୟନାରାୟଣ ଶ୍ରୀଚନ୍ଦନ, ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଆୟୁଷ ଡାକ୍ତର ମାନବ ମଧୁଜିତ୍, କମିସନରେଟ୍ ପୋଲିସ ର ସିପାହୀ କାହ୍ନୁ ଚରଣ ନାୟକ ପ୍ରମୁଖ ଯୋଗ ଦେବା ସହ ଅଭିଭାଷଣ ପ୍ରଦାନ କରିଥିଲେ।

## ମା ସୁଭଦ୍ରାଙ୍କ ଜନ୍ମୋତ୍ସବ

ଭୁବନେଶ୍ୱର, ୨୦।୮ (ସମିସ): ମା ଆଦିଶକ୍ତି ଟ୍ରଷ୍ଟ ଇଣ୍ଡିଆ ସଂଯୋଜନାରେ ସେବକ ଡ. ନାରାୟଣ ମହାପାତ୍ର, ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ ଭଗବାନ ଦାଶ, ସୁରେଶ ମିଶ୍ର, ଦିଲ୍ଲୀପ ମିଶ୍ର, ଭାରତୀ ଭୂଷଣ ପଟ୍ଟନାୟକ, ଅନୁପମା ମିଶ୍ର ଓ ସମସ୍ତ ଜଗନ୍ନାଥ ଭକ୍ତଙ୍କ ଉପସ୍ଥିତରେ ସହିଦନଗରସ୍ଥିତ ମା ଆଦିଶକ୍ତି ଟ୍ରଷ୍ଟ ପ୍ରେକ୍ଷାଳୟରେ ମା ସୁଭଦ୍ରାଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। ମା ସୁଭଦ୍ରାଙ୍କ ଜନ୍ମଦିନ ପାଳନ ଅବସରରେ ଧରାପୃଷ୍ଠରେ ମା ଯୋଗମାୟାଙ୍କୁ ସମସ୍ତେ ଆରତୀ ଗାଇ ସ୍ୱାଗତ କରିଥିଲେ।

## ଅଡିଟ୍ ଓ ଆକାଉଣ୍ଟସ୍ ପେନସନ୍‌ର ଆସୋସିଏସନ୍‌ର ସାଧାରଣ ପରିଷଦ ବୈଠକ



ଭୁବନେଶ୍ୱର, ୨୦।୮ (ସମିସ): ଓଡ଼ିଶା ଅଡିଟ୍ ଓ ଆକାଉଣ୍ଟସ୍ ପେନସନର ଆସୋସିଏସନର ବାର୍ଷିକ ସାଧାରଣ ପରିଷଦ ବୈଠକ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଂଜିନିୟର୍ସ' ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନର ସଭାପତି ଘନଶ୍ୟାମ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ସାଧାରଣ ପରିଷଦ ବୈଠକରେ ଅନୁଷ୍ଠାନର ସାଧାରଣ ସମ୍ପାଦକ ପ୍ରଭାତ କୁମାର ସାହୁ, ଉପ-ସଭାପତି ବିରଞ୍ଚି ନାରାୟଣ ସାହୁ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସଭାପତି ଶ୍ରୀ ପାଣିଗ୍ରାହୀ ଓଡ଼ିଶାର ପେନସନରମାନଙ୍କ ବିଭିନ୍ନ ସୁବିଧା ଓ ଅସୁବିଧା ସମ୍ପର୍କରେ ଆଲୋକପାତ କରିଥିଲେ। ବୈଠକରେ ପୂର୍ବତନ ସାଧାରଣ ସମ୍ପାଦକ ଗୋକୁଳି ବାବୁ, ମାୟାଧର ନନ୍ଦ, ପ୍ରଭାକର ମୁନି, ଉତ୍ତମ ଚରଣ ସାହୁ, ଦିଲ୍ଲୀପ କୁମାର ରାଉତ, ସୁଦର୍ଶନ ପଟ୍ଟନାୟକ ପେନସନରମାନଙ୍କ ବିଭିନ୍ନ ସୁବିଧା ଓ ଅସୁବିଧାର ସମାଧାନ ନିମନ୍ତେ ଦୃଷ୍ଟି ଆକର୍ଷଣ କରିଥିଲେ। କେନ୍ଦ୍ର ସରକାରଙ୍କ ଦ୍ୱାରା ପାରିତ ସିଭିଲ ପେନସନ ଆଇନ ପେନସନରଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରିବା ସହ ସେମାନଙ୍କ ମଧ୍ୟରେ ଅସମାନତା ସୃଷ୍ଟି କରିବ। କେନ୍ଦ୍ର ସରକାର ଏହି ଆଇନକୁ ପ୍ରତ୍ୟାହାର କରିବାକୁ ସବୁ ଆସୋସିଏସନ ସରକାରଙ୍କ ଠାରେ ଦାବି କରିବ ବୈଠକରେ ଆଲୋଚନା ହୋଇଥିଲା। ଉପ ସଭାପତି ବିରଞ୍ଚି ନାରାୟଣ ସାହୁ ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ବିଜୟ ଖଟୁଆ ଜୟଦେବଙ୍କ ଗୀତଗୋବିନ୍ଦ ପାଠ କରିଥିଲେ। ବୈଠକକୁ ସଂଘର କୋଷାଧ୍ୟକ୍ଷ ପ୍ରିୟ ନାଥ ସାମଲ, କାର୍ଯ୍ୟକାରୀ କମିଟି ସଦସ୍ୟ ଶ୍ରୀବସ୍ତ ମହାପାତ୍ର, ବିଜୟ ଖଟୁଆ, ସୁରେନ୍ଦ୍ର ନାଥ ନାୟକ, ପଞ୍ଚାନନ ପଣ୍ଡା, ପୁରୁଷୋତ୍ତମ ବଳ ପରିଚାଳନା କରିଥିଲେ।

## ଆଇସିଏଆଇ ଦ୍ୱାରା ଅର୍ଥନୈତିକ ସମ୍ବନ୍ଧୀୟ ଶିବିର



ଭୁବନେଶ୍ୱର, ୨୦।୮ (ସମିସ): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟଠାରେ ଭିତ୍ତିଜ୍ଞାନ ମେଳା ସପ୍ତାହ ରବିବାର ଠାରୁ ଶନିବାର ପର୍ଯ୍ୟନ୍ତ ଇନ୍‌ଷ୍ଟିଚ୍ୟୁଟ ଅଫ ଚାର୍ଟାର୍ଡ ଆକାଉଣ୍ଟାଣ୍ଟସ ଅଫ ଇଣ୍ଡିଆ ପକ୍ଷରୁ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଆର୍ଥିକ ଓ କର ସମ୍ବନ୍ଧୀୟ ତଥ୍ୟ ସାକ୍ଷରତା ନିର୍ଦ୍ଦେଶାଳୟ ଅଧୀନରେ, ଆଇସିଏଆଇ ଭୁବନେଶ୍ୱର ଶାଖା ଉପରୋକ୍ତ କଲେଜର ବାଣିଜ୍ୟ ବିଭାଗରେ ଏହି ଶିବିର ଆୟୋଜନ କରିଥିଲା। ଏଥିରେ ଭୁବନେଶ୍ୱର ଶାଖାର ସିଏ ମହେନ୍ଦ୍ର କୁମାର ସାହୁ, ଅଧ୍ୟକ୍ଷ, ଓ ସିଏ ସୌମ୍ୟ ସୁନିଲ ସାହୁ, କୋଷାଧକ୍ଷ ଏବଂ ଛାତ୍ର ସଂଗଠନର ଅଧ୍ୟକ୍ଷ, ଅର୍ଥନୈତିକ ପରିବେଶରେ ଆର୍ଥିକ ଓ କର ସମ୍ବନ୍ଧୀୟ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଉଲ୍ଲେଖ କରିଥିଲେ। ମୁଖ୍ୟ ଅଧିବେଶନରେ ସିଏ ଏସ୍‌କେ ଆବୁ ସାକିବ 'ଆର୍ଥିକ କୁଟିଳତା ସଚେତନତା ଓ ଏହାର ପ୍ରତିରୋଧ' ବିଷୟରେ ଉପସ୍ଥାପନା କରି ଛାତ୍ରଛାତ୍ରୀଙ୍କୁ ସାଧାରଣ ପ୍ରକ୍ରିୟାମାନ ଓ ଏହାର ପ୍ରତିରକ୍ଷା ବ୍ୟବସ୍ଥା ସମ୍ପର୍କରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଣିଜ୍ୟ ବିଭାଗର ଅଧ୍ୟକ୍ଷ ଡ. ସବତ କୁମାର ଡିଗାଲ, ତତ୍ ସହିତ ଅନ୍ୟାନ୍ୟ ଅଧ୍ୟାପକମାନେ ଏବଂ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ମଧ୍ୟ ଯୋଗଦେଇଥିଲେ। ଡ଼ା. ଡିଗାଲ ଆଇସିଏଆଇ ପକ୍ଷରୁ ଯୁବମାନଙ୍କୁ ଆର୍ଥିକ ଶୃଙ୍ଖଳା ଓ ଦାୟିତ୍ୱପୂର୍ଣ୍ଣ କର ସଚେତନତା ବିଷୟରେ ସଜାଗ କରାଇବା ପ୍ରୟାସକୁ ସ୍ୱାଗତ କରିଥିଲେ। ଏହି ପ୍ରୟାସର ଲକ୍ଷ୍ୟ ହେଉଛି ଯୁବମାନଙ୍କୁ ଆର୍ଥିକ ପରିଚାଳନା, କର ସଚେତନତା ସମ୍ପର୍କରେ ସଜାଗ କରିବା, ଯାହା ଆଇସିଏଆଇଙ୍କ ଦେଶବ୍ୟାପୀ ଆର୍ଥିକ ସାକ୍ଷରତା ସୁଦୃଢ଼ କରିବାର ପ୍ରତିଶ୍ରୁତି ସଦୃଢ଼ କରୁଛି।

## 'ଡ. ସୁବାସ ପାଣିଙ୍କ କୃତି, କୀର୍ତ୍ତି ଓ ସ୍ମୃତି' ଶୀର୍ଷକ ଆଲୋଚନାଚକ୍ର

ଭୁବନେଶ୍ୱର, ୨୦।୮ (ସମିସ): ବୁଧବାର 'ଓଡ଼ିଶା ଲେଖକ ସମବାୟ ସମିତି'ର ମାସିକ ଆଲୋଚନାଚକ୍ରରେ ସମିତିର ସଭାପତି ପୀତବାସ ରାଉତରାୟଙ୍କ ଅଧ୍ୟକ୍ଷତାରେ 'ଡ. ସୁବାସ ପାଣିଙ୍କ କୃତି, କିର୍ତ୍ତୀ ଓ ସ୍ମୃତି' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଭାରେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର, ପ୍ରଶାସକ ରାଜେନ୍ଦ୍ର କୁମାର ମହାନ୍ତି, ସୁକାନ୍ତ କୁମାର ପ୍ରଧାନ, ସିଦ୍ଧାର୍ଥ କାନୁନ୍‌ଗୋ, ଗବେଷକ ଅସିତ ମହାନ୍ତି ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଉପ ସଭାପତି ଡ. ପ୍ରେମଲତା ଦେବୀ ସୁବାସ ପାଣିଙ୍କ ସାହିତ୍ୟକ ବିଭବ ସମ୍ପର୍କରେ ଆଲୋକପାତ କରିଥିଲେ। ସଦସ୍ୟ ବିରଜା ପ୍ରସାଦ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ପରିଚାଳକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଥମରୁ ତାଙ୍କ ବିୟୋଗରେ ଦୁଇମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା।

## ନୂତନ ସହର ରୂପରେଖ ନେଇ ଆଲୋଚନା

ଭୁବନେଶ୍ୱର, ୨୦।୮ (ସମିସ): ସିଙ୍ଗାପୁର ସ୍ଥିତ ଅନ୍ତର୍ଜାତୀୟ ପରାମର୍ଶଦାତା ସଂସ୍ଥା ସୁରବନ ଜୁରଙ୍ଗର ଦକ୍ଷିଣ ଏସିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅବିନାଶ ମିଶ୍ରା ଏବଂ ଆଞ୍ଚଳିକ ନିର୍ଦ୍ଦେଶକ ଅଭିଷେକ ମାଲହୋତ୍ରା ବୁଧବାର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହର ପ୍ରକଳ୍ପ ଉପରେ ବିଶେଷ ଗୁରୁତ୍ୱ ଦେଇ ସହରାଞ୍ଚଳ ଭିତ୍ତିଭୂମି ଏବଂ ପରିଚାଳିତ ସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶା ସରକାର ପ୍ରସ୍ତାବିତ ନୂତନ ସହର ପାଇଁ ପ୍ରାୟ ୩୩୮.୪୩୬ ହେକ୍ଟର ଜମି ଚିହ୍ନଟ କରିଛନ୍ତି। ଏହାକୁ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ଏହି ପ୍ରକଳ୍ପ ଏକ ମଡେଲ ସହର କଳ୍ପନା କରିବା ସହିତ ଏଥିରେ ଜମି ମୂଲ୍ୟକୁ ଉନ୍ନତ କରିବା ଏବଂ ଅନ୍ତର୍ଜାତୀୟ ବ୍ରାଣ୍ଡିଂ ହାସଲ କରିବା ପାଇଁ ଡିଜାଇନ୍ କରାଯାଇଛି। ବିଡିଏ ମାଷ୍ଟରପ୍ଲାନ୍ ଏବଂ ବିକାଶ ପାଇଁ ଜେଏଲଏଲ ନାମକ ସଂସ୍ଥାକୁ ନିଯୁକ୍ତ କରିଛି। ଏ ସମ୍ପର୍କରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ସମୟରେ ବିଡିଏ ଏବଂ ଜେଏଲଏଲ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

## କିଟ୍ ପଲିଟେକ୍ନିକ୍‌ର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୨୦।୮ (ସମିସ): କିଟ୍ ପଲିଟେକ୍ନିକ୍‌ର ୩୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ମଧ୍ୟରେ ଅତିରିକ୍ତ ନିର୍ଦ୍ଦେଶକ ଡ. ହୃଷୀକେଶ ମହାନ୍ତି, ଆଇଏସ୍ଟିଇର କାର୍ଯ୍ୟକାରୀ ସମ୍ପାଦକ ଡ. ଏସ୍ ଏମ୍ ଅଲ୍ଲୀ, କିସ୍ ସମ୍ପାଦକ ଆର ଏନ୍ ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଜ୍ଞାନରଞ୍ଜନ ମହାନ୍ତି, କିଟ୍ ପଲିଟେକ୍ନିକ ଅଧ୍ୟକ୍ଷ ପ୍ରଫେସର ତନ୍ମୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ କିଟ୍ ପଲିଟେକ୍ନିକ୍ ବାର୍ଷିକ ମୁଖପତ୍ର 'କର୍ମକାର' ଉନ୍ମୋଚନ ହୋଇଥିଲା।

# 'ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ' ପ୍ରଦାନ



ଭୁବନେଶ୍ୱର, ୨୦।୮ (ସମିସ): ଓଡ଼ିଶା ରାଜୀବ ଗାନ୍ଧୀ ଛାତ୍ର ଫୋରମ୍, ରାଜୀବ ଗାନ୍ଧୀ ଷ୍ଟଡି ସର୍କଲ ଓ ୟାଦି ମିଳିତ ଆନୁକୂଲ୍ୟରେ 'ରାଜୀବ ଗାନ୍ଧୀଙ୍କ ୮୧ ତମ ଜୟନ୍ତୀ' ଓ 'ରାଜ୍ୟସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ ଉତ୍ସବ-୨୦୨୫' ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଜୟଦେବ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଯୋଗଦେଇ ସୂଚନା ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଭାରତବର୍ଷକୁ ସର୍ବଶ୍ରେଷ୍ଠ ଓ ବିକଶିତ ରାଷ୍ଟ୍ରରେ ପରିଣତ କରିବା ଲାଗି ରାଜୀବ ଗାନ୍ଧୀଙ୍କ ଉଦ୍ୟମ ଚିର ପ୍ରଶଂସନୀୟ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ରାଜୀବ ଗାନ୍ଧୀ ତାଙ୍କ ପ୍ରଧାନମନ୍ତ୍ରିତ୍ୱ କାଳରେ ଭାରତ ବର୍ଷ ବିଜ୍ଞାନ ଓ ବୈଷୟିକ ଉନ୍ନତି ପାଇଁ ଯେଉଁ କାର୍ଯ୍ୟ କରିଥିଲେ ତାହା ଆଜି ଭାରତ ବର୍ଷର ଜନସାଧାରଣ ଯୁବକ ଆଜି ଉପଭୋଗ କରୁଛନ୍ତି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ୧୮ ବର୍ଷର ଭୋଟ ଦାନ ଅଧିକାର ଥିଲା ତାଙ୍କର ଐତିହାସିକ ନିଷ୍ପତ୍ତି ଉଲ୍ଲେଖ କରିବା ସହ ସର୍ବଧର୍ମ ସମଭାବପନ୍ନ ବିଶ୍ୱାସ କରିବା, ପଞ୍ଚାୟତ ରାଜ ବ୍ୟବସ୍ଥାରେ ମହିଳାଙ୍କୁ ସୁଯୋଗ ଦେବା ଓ କେବିକେକୁ ସ୍ୱତନ୍ତ୍ର ଧ୍ୟାନ ଦେବା ତାଙ୍କର ଅବଦାନ ଚିରସ୍ମରଣୀୟ ବୋଲି ମତବ୍ୟକ୍ତ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ, ଭାରତୀୟ ବାୟୁସେନାର ପ୍ରାକ୍ତନ ଏୟାର ଭାଇସ୍ ମାର୍ଶଲ ମହାରାଜା ମହନ୍ତ, ଦୈନିକ ଖବର କାଗଜ ପର୍ଯ୍ୟବେକ୍ଷକ ତଥା କଳିଙ୍ଗ କ୍ଲୋନିକିଲ୍‌ର ମୁଖ୍ୟ ସମ୍ପାଦକ ଡ. ପବିତ୍ର ମୋହନ ସାମନ୍ତରାୟ, ଚିତ୍ରକୁଣ୍ଡା ବିଧାୟକ ମଙ୍ଗୁ ଖିଲ, ରାଷ୍ଟ୍ରୀୟ ଛାତ୍ର କଂଗ୍ରେସର ଓଡ଼ିଶା ପ୍ରଭାରୀ କରନ୍ ତାମ୍‌ସେଦ୍ୱାର ପ୍ରମୁଖ ରାଜୀବ ଗାନ୍ଧୀଙ୍କ ବହୁମୁଖି ପ୍ରତିଭା ବିଷୟରେ ବର୍ଣ୍ଣନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ୬୦ ଜଣଙ୍କୁ ରାଜ୍ୟ ସ୍ତରୀୟ ରାଜୀବ ଗାନ୍ଧୀ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଉତ୍ତର ଓଡ଼ିଶା ସଂଯୋଜକ ଦେବେନ୍ଦ୍ର ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରିୟବ୍ରତ ନାୟକ, ଅନୀଲ ଛୁଆଳସିଂ, ଦେବେନ୍ଦ୍ର ଦାସ ପ୍ରମୁଖ ପରିଚାଳନା କରିଥିଲେ ଏବଂ ସଂଗଠନର ସମ୍ପାଦକ ସାଗର ରଞ୍ଜନ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

## ପିସିସି ପକ୍ଷରୁ ରାଜୀବ ଜୟନ୍ତୀ

ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ଜୟନ୍ତୀ ଉତ୍ସବ ବୁଧବାର କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ରାଜୀବଭବନ ପରିସରରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଂଗ୍ରେସର ସଦସ୍ୟ ରାମଚନ୍ଦ୍ର କାଡାମ, ପ୍ରସାଦ ହରିଚନ୍ଦନ, ନଗେନ୍ଦ୍ର ପ୍ରଧାନ, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ଶରତ ରାଉତ,



ସୁରେଶ କୁମାର ରାଉତରାୟ, ସମୀର କୁମାର ରାଉତରାୟ, ଶୁଭେନ୍ଦୁ ମହାନ୍ତି, ଅମିୟ ପଟ୍ଟନାୟକ, ବିଶ୍ୱଜିତ ଦାଶ, ସୁଦର୍ଶନ ଦାସ, ମାନସ ମଲ୍ଲିକ, ପ୍ରଶାନ୍ତ ଚମ୍ପତି, ପ୍ରଣତି ମିଶ୍ର, ମାନସ ରଞ୍ଜନ ଆଚାର୍ଯ୍ୟ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ରହିଥିଲେ।

## କଳିଙ୍ଗ ସେନାର ସାଂଗଠନିକ ନିର୍ବାଚନ

ଭୁବନେଶ୍ୱର, ୨୦।୮ (ସମିସ): କଳିଙ୍ଗ ସେନାର ସାଂଗଠନିକ ନିର୍ବାଚନରେ ସଭାପତି ଭାବେ ହେମନ୍ତ ରଥ ଆଜି ନିର୍ବାଚିତ ହୋଇଛନ୍ତି। ଏଥି ସହିତ ଉପ ସଭାପତି ଭାବେ ଅଧିବକ୍ତା ସବ୍ୟସାଚୀ ମହାପାତ୍ର, ଅବ୍‌ଦୁଲ କୟୁମ୍ ଖାନ, ଉମାକାନ୍ତ ଜେନା, ହିମାଂଶୁ ନାୟକ, ହେମନ୍ତ ସିଂ, ଅଧିବକ୍ତା-ତୁଳସୀ ନାରାୟଣ ଦାସ, ଗୌରାଙ୍ଗ ପ୍ରଧାନ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ରାଜ୍, ଇଂ ମନୋଜ କୁମାର ନାୟକ, ଇଂ ସ୍ୱାତିଶ ରଞ୍ଜନ ସାହୁ, ଅମୂଲ୍ୟ ନାୟକ, ବରୋଦା କାନ୍ତ ମହାନ୍ତି, ଇଂ ରାଧାମୋହନ ପଟ୍ଟନାୟକ, ବିଶ୍ୱଜିତ ପାତ୍ର ଓ ସମ୍ପାଦକ ଭାବେ ସଞ୍ଜୟ କୁମାର ପ୍ରଧାନ, ମୋନାଲିଶା ବିଶ୍ୱାଳ, ରଞ୍ଜିତ ସାମଲ, ମଧୁସୁଦନ ସାହୁ, ଅଶୋକ ସାହୁ, ସରୋଜ ଆଚାର୍ଯ୍ୟ, ସମୀର ପ୍ରଧାନ ଏବଂ ରାଜ୍ୟ କମିଟିକୁ ବିଭୁତି ପରିଡ଼ା, ମନୋଜ ମିଶ୍ର, ବିକ୍ରମ ପ୍ରଧାନ, ଦିଲ୍ଲିପ ନାଥ, ସୁଧାକର ବେହେରା, ପ୍ରମୋଦ ନାୟକ, ପାର୍ଥସାରଥି ତ୍ରିପାଠୀ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଦଳୀୟ କର୍ମକର୍ତ୍ତାମାନେ ଶ୍ରୀ ରଥଙ୍କୁ ଆସନ୍ତା ତିନିବର୍ଷ ପାଇଁ ଦଳର ଦାୟିତ୍ୱ ପ୍ରଦାନ କରିଛନ୍ତି। ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ନିର୍ବାଚନ ଅଧିକାରୀ ଭାବେ ଉପସ୍ଥିତ ରହି ସାଙ୍ଗଠନିକ ନିର୍ବାଚନ ପରିଚାଳନା କରିଥିଲେ।

## 'ପ୍ରୀତିମଗ୍ନା' ଲୋକାର୍ପିତ

ଭୁବନେଶ୍ୱର, ୨୦।୮ (ସମିସ): ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ 'ଅନୁସ୍ୱାର' ୱେବସାଇଟ୍ ଓ 'ପ୍ରୀତିମଗ୍ନା' ପୁସ୍ତକ ବୁଦ୍ଧ ମନ୍ଦିର ପ୍ରେକ୍ଷାଳୟରେ ଲୋକାର୍ପିତ ହୋଇଛି। ଡ. କୈଳାଶ ଚନ୍ଦ୍ର ଟିକାୟତରାୟ ସଭାପତିତ୍ୱ କରିଥିବାବେଳେ ପ୍ରକାଶକୀୟ ଅଭିବ୍ୟକ୍ତି ସରୋଜ ଶତପଥୀ ରଖିଥିଲେ। ପରେ ପରେ ଡ. ପ୍ରତିମାରାଣୀ ମିଶ୍ର ଷଡ଼ଙ୍ଗୀ ନିଜ ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦାଶ ବେନହୂର, ମୁଖ୍ୟବକ୍ତା ଭାବେ ଡ. ଦେବାଶିଷ ମହାପାତ୍ର ଏବଂ ବିଶିଷ୍ଟ ଅତିଥି ଭାବେ ଗୀତିକବି ବସନ୍ତ ଦାସ ଯୋଗ ଦେଇଥିଲେ। ସ୍ରଷ୍ଟା ସମାଜକୁ ସାହିତ୍ୟ ଶୃଙ୍ଖଳିତ କରେ ବୋଲି ମତ ପ୍ରକାଶ ପାଇଥିଲା। 'ପ୍ରୀତିମଗ୍ନା' ପୁସ୍ତକ ନିଶ୍ଚୟ ପାଠକମାନଙ୍କୁ ବିଭୋର କରିବ ବୋଲି ଡ. ପ୍ରତିମାରାଣୀ ମିଶ୍ର କହିଛନ୍ତି। ଶେଷରେ ଶୁଭ୍ରା ନନ୍ଦ ଧନ୍ୟବାଦ ଦେଇଥିଲେ।

# ଅସହାୟ ଅବଶିଷ୍ଟ! ଭରସା ଘରୋଇ ସହାୟିକା

ଭୁବନେଶ୍ୱର, ୨୦।୮ (ସମିସ): ବର୍ତ୍ତମାନ ସମୟରେ ପିଲାମାନଙ୍କ ପାଇଁ ବୋଝ ପାଲଟିଯାଇଛନ୍ତି ବୃଦ୍ଧା ପିତାମାତା। ଜୀବନସାରା ପରିଶ୍ରମ କରି ଅର୍ଜନ କରିଥିବା ଧନସମ୍ପତ୍ତି ପିଲାମାନଙ୍କ ପାଠପଢ଼ାରେ ଖର୍ଚ୍ଚ କରି ଶେଷରେ ଆର୍ଥିକ ଯନ୍ତ୍ରଣାରେ କିଏ ଛଟପଟ ହେଉଛି ତ ଆଉ କେହା ଜୀବନର ଶେଷ ମୁହୂର୍ତ୍ତ ଜରାଶ୍ରମରେ କଟୁଛି। ଯେଉଁ ବୟସରେ ପୁଅ-ବୋହୂ, ନାତି-ନାତୁଣୀଙ୍କ ସହ ହସଖୁସିର ଜୀବନ ବିତାଇବା କଥା ସେହି ସମୟକୁ ଏକାକୀ କଟାଇବାକୁ ବାଧ ହେଉଛନ୍ତି ସେମାନେ। ଆଉ କେହି ବୃତ୍ତିଗତ ହେଉ ଅବା ଅନ୍ୟ କାରଣରୁ ବୃଦ୍ଧା ବାପା ମା'ଙ୍କ ସେବା କରିବାକୁ ଆଗ୍ରହ ପ୍ରକାଶ କରୁନଥିବାରୁ ଘରୋଇ ସହାୟିକାଙ୍କ ଦାୟିତ୍ୱରେ ଟେକି ଦେଉଥିବା ମଧ୍ୟ ନଜୀର ରହିଛି। ତେବେ ରାଜଧାନୀରେ ଅଧିକାଂଶ ସନ୍ତାନମାନେ ଘର ଠାରୁ ଦୂରରେ ରହୁଥିବା ବେଳେ ସେମାନଙ୍କ ପିତାମାତା ମାନଙ୍କ ଦାୟିତ୍ୱ ତୁଲାଇଛନ୍ତି ସହାୟିକା।




ପ୍ରତ୍ୟେକ ପରିବାରରେ କେହି ନା କେହି ବୟସ୍କ ବ୍ୟକ୍ତିମାନେ ରୋଗାଗ୍ରନ୍ତ ହୋଇ ଅନ୍ୟମାନଙ୍କ ଉପରେ ନିର୍ଭର କରନ୍ତି। ପୂର୍ବରୁ ଯୌଥ ପରିବାରର ପରମ୍ପରା ଦେଖିବାକୁ ମିଳିଥିଲା। ଗୋଟିଏ ପରିବାରର ଜଣେ ସଦସ୍ୟ ରୋଗାକ୍ରାନ୍ତ ହୋଇଥିଲେ ତାଙ୍କୁ ପରିବାର ଲୋକେ ହିଁ ଦେଖାଶୁଣା କରୁଥିଲେ। କିନ୍ତୁ ବର୍ତ୍ତମାନ ସମୟ ବଦଳିବା ସହ ଲୋକଙ୍କ ଜୀବନଶୈଳୀରେ ମଧ୍ୟ ଅନେକ ପରିବର୍ତ୍ତନ ଘଟିଛି। ଉଭୟ ମହିଳା ଓ ପୁରୁଷ କର୍ମଜୀବୀ ହୋଇଥିବାରୁ ବୃଦ୍ଧାବସ୍ଥାରେ ବାପା ମା' କିମ୍ବା ଅନ୍ୟ ବରିଷ୍ଠ ସଦସ୍ୟଙ୍କ ଦେଖାଶୁଣା ପାଇଁ ସେମାନଙ୍କ ପାଖରେ ସମୟ ନଥିବା ଦର୍ଶାଇ ବିଭିନ୍ନ ସଂସ୍ଥା ତରଫରୁ ଆବଶ୍ୟକୀୟ ମୁତାବକ ଘରୋଇ ସହାୟକ କିମ୍ବା ସହାୟିକାଙ୍କୁ ନିଜ ଘରେ ରଖୁଛନ୍ତି। ଏଥିପାଇଁ ମାସିକ ମୋଟା ଅଙ୍କର ଦରମା ମଧ୍ୟ ଦେଉଛନ୍ତି। ସେହିପରି ଆଉ କେହି ବିଭିନ୍ନ ଓଲଡଏଜ୍ କେୟାର ସେଣ୍ଟରରେ ମଧ୍ୟ ସେମାନଙ୍କୁ ଛାଡ଼ି ଦେଉଛନ୍ତି। ସୂଚନା ଅନୁସାରେ, ପୂର୍ବରୁ ଏଭଳି ସେବା ମେଟ୍ରୋସିଟିଗୁଡ଼ିକରେ ବଡ଼ବଡ଼ିଆଙ୍କ କ୍ଷେତ୍ରରେ ଦେଖିବାକୁ ମିଳୁଥିଲା। ବିଶେଷ କରି ପରିବାରର ଜଣେ ସଦସ୍ୟଙ୍କ ରୋଜଗାର ଉପରେ ସମସ୍ତେ ନିର୍ଭର କରୁଥିବାରୁ ସହାୟିକାଙ୍କୁ ଦରମା ଦେବା ସମସ୍ତଙ୍କ ପକ୍ଷେ ସମ୍ଭବ ହେଉନଥିଲା। କିନ୍ତୁ ବର୍ତ୍ତମାନ ସହରର ୬୦ ପ୍ରତିଶତ ଲୋକେ ଏହି ପନ୍ଥାକୁ ଆପଣାଉଥିବା ବେଳେ ରାଜଧାନୀରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ସଂସ୍ଥାଗୁଡ଼ିକ ଏହି ସେବା ଯୋଗାଉଛନ୍ତି। ବୃଦ୍ଧା ବୟସରେ ବାପା ମା' ହୁଅନ୍ତୁ ଅବା ସମ୍ପର୍କୀୟଙ୍କ ଦେଖାଶୁଣା କରିବାକୁ ଉଭୟ ଅଲାଇନ୍ ଏବଂ ଅଫଲାଇନ୍‌ରେ ଏଥିପାଇଁ ରେଜିଷ୍ଟ୍ରେସନ୍ କରାଯାଉଥିବା ସୂଚନା ରହିଛି।

**ଅବକାରୀ ବିଭାଗର ପୃଥକ ଚଢ଼ଉ**

# ବିପୁଳ ମହୁଲି ମଦ ସହ ବାଇକ୍ ଜବତ; ୬ ଗିରଫ

ଆନନ୍ଦପୁର/ଯୋଡ଼ା, ୨୦।୮(ସମିସ): ପୃଥକ ଘଟଣାରେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଓ ଅବକାରୀ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ଦେଶୀ ମଦ ଜବତ କରାଯିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଆନନ୍ଦପୁର ଅବକାରୀ ପୁଲିସ ପକ୍ଷରୁ ଚଢ଼ଉରେ ରେକୁଟିଆ କଲେଜ ଛକ ନିକଟରୁ ୪ ଜଣ ଚୋରା ମହୁଲି ବେପାରୀଙ୍କ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ ୭୫ ଲିଟରରୁ ଅଧିକ ଦେଶୀ ମହୁଲି ମଦ ଜବତ କରାଯାଇଛି। ଘଟଣାରେ ୪ଟି ବାଇକ୍ ଜବତ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ଘସିପୁରା ଥାନା ସୁଆପୁର ଗ୍ରାମର ରାମଚନ୍ଦ୍ର ମାରାଣ୍ଡି, ରଘୁନାଥପୁର ଗ୍ରାମର ଚନ୍ଦ୍ରମଣି ମାରାଣ୍ଡି, ହରିଚନ୍ଦନପୁର ଥାନା ଶଗଡପଟା ଗ୍ରାମର ଦାଶରଥୀ ମାଝୀ ଓ ନୂଆଗାଁର ବିନୋଦ ମାଝୀ। ଅବକାରୀ ଥାନାଧିକାରୀ ପ୍ରିୟମ୍ବଦା ଓଝା, ଇନସ୍ପେକ୍ଟର ଅଭିରାମ ବେହେରା ସମେତ ଅବକାରୀ ପୁଲିସ ସ୍କ୍ୱାଡ୍ ଚଢ଼ଉ ଦଳରେ ସାମିଲ ହୋଇଥିଲେ। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଅନ୍ୟ ଏକ ଘଟଣାରେ ଯୋଡା ଅବକାରୀ ବିଭାଗ କୋମାର ଯୋଡ଼ା ଏବଂ ବାଂଶପାଣି ଅଞ୍ଚଳରେ ଯାଞ୍ଚ କରୁଥିବା ସମୟରେ ୧୦୧ ଲିଟର ଦେଶୀ ମଦ ଜବତ କରି ୨ ଜଣଙ୍କୁ ଗିରଫ କରାଯାଇଛି। ଭାରପ୍ରାପ୍ତ ଅବକାରୀ ଅଧିକାରୀ ପ୍ରଶାନ୍ତ ପରିଡାଙ୍କ ନେତୃତ୍ୱରେ ଏହି ଯାଞ୍ଚ ବେଳେ ଗୋଟିଏ ସ୍କୁଟି (ଓଡି୦୯ପି୯୦୩୯)ରେ ଦେଶୀ ମଦ ଲୁଚା ଛପା ଭାବେ ନିଆଯାଉଥିଲା। ସ୍କୁଟିରୁ ୬୬ ଲିଟର ଦେଶୀ ମଦ ଜବତ ହୋଇଥିଲା ବେଳେ ବାଂଶପାଣି ନିକଟରେ ଦେଶୀ ମଦ ବୋହିକି ନେଉଥିବା ବେଳେ ୩୫ ଲିଟର ଜବତ କରାଯାଇଛି। ଏଥିରେ ଗିରଫ ଅଭିଯୁକ୍ତଦ୍ୱୟ ହେଲେ ଯୋଡ଼ା କୋମାର ଯୋଡ଼ା ଅଞ୍ଚଳର ରାଜେଶ ଗୋପ (୩୯) ଏବଂ ଦୀପକ କାରୁଆ (୩୫)।

# କାମଚଳା ଚାଲିଛି ଉପଖଣ୍ଡ ଡାକ୍ତରଖାନା

ଆନନ୍ଦପୁର, ୨୦।୮ (ସମିସ)



**ରୋଗୀ ଆସି ହେଉଛନ୍ତି ରେଫର୍**

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ୪୯ ପଦରେ ମାତ୍ର ୧୩ ଜଣ ଡାକ୍ତର ଥିବାରୁ ରୋଗୀସେବା କାମଚଳା ନୀତିରେ ଚାଲିଛି। ଡାକ୍ତର ଅଭାବରୁ ସାଧାରଣ ରୋଗୀଙ୍କୁ ଚିକିତ୍ସା ମିଳୁ ନଥିବାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଉଥିବା ଏବଂ ଅନେକ ମୃତ୍ୟୁମୁଖରେ ପଡୁଥିବାରୁ ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ ଜିଲ୍ଲା ପ୍ରଶାସନଠାରୁ ସରକାରଙ୍କ ପର୍ଯ୍ୟନ୍ତ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସେହିପରି ଟ୍ରମାକେୟାର ସେଣ୍ଟର ଖୋଲାଯିବା ପାଇଁ ବିଭିନ୍ନ ମହଲରେ ଦାବି ହେବାପରେ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଏକ ପ୍ରତିନିଧି ଦଳ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନା ପରିଦର୍ଶନ କରି ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଇତିମଧ୍ୟରେ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରିନାହିଁ। ଡାକ୍ତରଖାନାରେ ଅଲଟ୍ରାସାଉଣ୍ଡ ମେସିନ ଥିଲେ ମଧ୍ୟ ସମସ୍ତ ରୋଗୀମାନେ ଏହାର ସୁବିଧା ପାଉନାହାନ୍ତି। ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଥିବା ଅଲଟ୍ରାସାଉଣ୍ଡ ମେସିନରୁ କେବଳ ପ୍ରସୂତିମାନଙ୍କୁ ସେବା ଯୋଗାଇ ଦିଆଯାଉଛି। ସୀମିତ ସଂଖ୍ୟକ ପ୍ରସୂତିଙ୍କୁ ସେବା ମିଳୁଥିବାରୁ ଅଧିକାଂଶ ମହିଳା ଘରୋଇ କ୍ଲିନିକରେ ୭୦୦ଟଙ୍କା ଦେଇ ଅଲଟ୍ରାସାଉଣ୍ଡ କରୁଥିବା ଜଣାଯାଇଛି। ଏ ସମ୍ପର୍କରେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ରୋଗୀ କିପରି ସୁବିଧାରେ ଅଲଟ୍ରାସାଉଣ୍ଡ କରିପାରିବେ ସେଥିପାଇଁ ସିଡିଏମ୍ଓ ଏବଂ ସ୍ୱାସ୍ଥ୍ୟ ବିଭାଗର ଉଚ୍ଚକର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା କରିବେ ବୋଲି ଶ୍ରୀ ସେଠୀ ପ୍ରକାଶ କରିଛନ୍ତି।

## ଅବକାରୀ କର୍ମଚାରୀଙ୍କୁ ଆକ୍ରମଣ: ଅଭିଯୁକ୍ତ ଗିରଫ

ତୁରୁମୁଙ୍ଗା, ୨୦।୮(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଅବକାରୀ ଥାନା ପକ୍ଷରୁ କୋଡଖମଣ ଗ୍ରାମରେ ବେଆଇନ ମହୁଲି ମଦ ରାସ୍ତାକଡ଼ରେ ବିକ୍ରି କରୁଥିବା ଖବର ପାଇ ଚଢ଼ଉ କରୁଥିବା ସମୟରେ ଅବକାରୀ କର୍ମଚାରୀଙ୍କୁ ମଦ ବ୍ୟବସାୟୀ ଆକ୍ରମଣ କରିଥିବା ନେଇ ପାଟଣା ଅବକାରୀ ଥାନାର ଓଆଇସି ଗିରିଜାନନ୍ଦନ ଜେନା ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଅଧିକାରୀ ଶ୍ରୀ ଜେନାଙ୍କ ସହ ଅନ୍ୟ ୩ କାର୍ମଚାରୀ ଚୋରା ମହୁଲି ମଦ କାରବାରକୁ ନେଇ ଚଢ଼ଉ କରି ଦୁଇ ଜଣଙ୍କୁ ଗିରଫ କରି ଉଠାଇ ଆଣିବା ସମୟରେ ମଦ ବେପାରୀମାନେ ସେମାନଙ୍କୁ ଆକ୍ରମଣ କରିଥିଲେ। ଚଢ଼ଉରେ ମହୁଲ ସମେତ ମହୁଲି ମଦ ଜବତ ହୋଇଥିବା ବେଳେ ଅଭିଯୋଗ ପରେ ତୁରୁମୁଙ୍ଗା ପୁଲିସ ଜଣକୁ ଅଟକ ରଖି ତଦନ୍ତ କରୁଛି। ଏହି ଘଟଣାରେ ଅବକାରୀ ବିଭାଗ ମହୁଲ ସମେତ ମଦ ଜବତ କରିବା ସହ ଅଭିଯୋଗ ଆଧାରରେ ଏକ ମାମଲା ରୁଜୁକରି ତୁରୁମୁଙ୍ଗା ପୁଲିସ ଯୁବକ ମଙ୍ଗଲ ମୁଣ୍ଡାକୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି।

## ଭାଇର ଟାଙ୍ଗିଆ ଚୋଟରେ ବଡ଼ ମୃତ

ଚମ୍ପୁଆ, ୨୦।୮(ସମିସ): ଚମ୍ପୁଆ ଥାନା ରିମୁଳି କଲୋନୀ ସାହିରେ ଦୁଇ ଭାଇ ମଧ୍ୟରେ ଗଣ୍ଡଗୋଳ ହୋଇ ହତ୍ୟାକାଣ୍ଡ ଘଟିଛି। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାତଟା ବେଳେଚ ମଦ ନିଶାରେ ଏହି ଗଣ୍ଡଗୋଳ ହୋଇଥିବା ଜଣାପଡ଼ିଛି। ଅଭିଯୁକ୍ତ ସାନ ଭାଇ ହେଉଛି ଜଣେ ୧୭ ବର୍ଷର ନାବାଳକ। ସେ ବଡ଼ଭାଇ ରାହୁଲ ନାଏକଙ୍କୁ ଏକ ଟାଙ୍ଗିଆରେ ଆକ୍ରମଣ କରିଥିଲା। ରାହୁଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା ବେଳେ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହ ନାବାଳକକୁ ବାଲ୍ ସୁଧାର ଗୃହ ପଠାଇ ଦିଆଯାଇଥିବା ପୁଲିସ ସୂଚନା ଦେଇଛି। ଏହାସହ ପୁଲିସ ଏ ସଂକ୍ରାନ୍ତରେ ୨୪୯/୨୦୨୫ରେ ୧୦୩(୧)୧୦୯ (୧)୧୧୮ (୧) ଓ୧୧୭(୨) ଅନୁଯାୟୀ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି।

## ଅଲତି ୟୁପି ସ୍କୁଲ ସହକାରୀ ଶିକ୍ଷୟିତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାମଚନ୍ଦ୍ରପୁର, ୨୦।୮(ସମିସ): ଘଷିପୁରା ବ୍ଲକ ଅନ୍ତର୍ଗତ ଅଲତି ୟୁପି ସ୍କୁଲର ସହକାରୀ ଶିକ୍ଷୟିତ୍ରୀ କିରଣବାଳା କରଙ୍କୁ ବିଦ୍ୟାଳୟ ତଥା ଗ୍ରାମବାସୀଙ୍କ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନଶିକ୍ଷକ ସଂଜିବ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ବସନ୍ତ ମଞ୍ଜରୀ ଫାଉଣ୍ଡେସନ ଟ୍ରଷ୍ଟି ଡ. ରତିକାନ୍ତ ବରାଳ, ସମ୍ମାନିତ ଅତିଥି ଭାବେ ଅଲତି ସରପଞ୍ଚ ଇଂ ପ୍ରିୟବ୍ରତ ବରାଳ, ସମିତିସଭ୍ୟା ଖୁଲଣା ସେଠୀ, ବରାଙ୍ଗ ସିଆରସି ବିଶିକେଶନ ଭୂୟାଁ, ଶିକ୍ଷାବିତ ପ୍ରତାପରୁଦ୍ର ଦେଓ, ବିଷ୍ଣୁନାରାୟଣ ସାମଲ, ପ୍ରଭାସମଞ୍ଜରୀ ପୁହାଣ ଏବଂ ମୁଖ୍ୟବକ୍ତା ଭାବେ ପୂର୍ବତନ ଅଲତି ସିଆରସି ପ୍ରଭାତ ଧୀର ଯୋଗ ଦେଇଥିଲେ। ଅବସର ନେଇଥିବା ଶିକ୍ଷୟିତ୍ରୀଙ୍କ ପିତା ସ୍ୱର୍ଗତ ନଟବର କର ଏହି ବିଦ୍ୟାଳୟରେ ଦୀର୍ଘଦିନ ଧରି ଶିକ୍ଷକତା କରିଥିବା ବେଳେ ତାଙ୍କ ପୁଅ ମଧ୍ୟ ୨୩ ବର୍ଷ ଧରି ଶିକ୍ଷକତା କରିଛନ୍ତି। ଶିକ୍ଷାକମିଟି ସଭାପତି ଶ୍ରୀକାନ୍ତ ସାହୁ, ସୀତାନାଥ ବରାଳ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ଅଲତି ଗ୍ରାମବାସୀଙ୍କ ପକ୍ଷରୁ ଶ୍ରୀଚୈତନ୍ୟ ମଣ୍ଡପ ନିକଟରେ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପରେ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଶିକ୍ଷୟିତ୍ରୀଙ୍କ ପୈତୃକ ଗାଁ ଅଙ୍ଗାରୁଆକୁ ପାଛୋଟି ନିଆଯାଇଥିଲା।

## ସାଇଁକୁଳ ଗାଁ ମୁଖ୍ୟରାସ୍ତାରେ ଜମୁଛି ପାଣି



ରାମଚନ୍ଦ୍ରପୁର,୨୦।୮ (ସମିସ): ଘଷିପୁରା ବ୍ଲକ ସାଇଁକୁଳ ଗ୍ରାମର ମୁଖ୍ୟରାସ୍ତାରେ ସାମାନ୍ୟ ବର୍ଷାରେ ମଧ୍ୟ ପାଣି ଜମି ରହୁଛି। ବର୍ତ୍ତମାନ ବିଭିନ୍ନ ଗାଁରେ ଝାଡ଼ାବାନ୍ତି ରୋଗୀ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ରାସ୍ତା ଉପରେ ଅପରିଷ୍କାର ପାଣି ଜମି ରହୁଥିବାରୁ ଅସ୍ୱାସ୍ଥ୍ୟକର ପରିବେଶରେ ଗ୍ରାମବାସୀ ଜୀବନଯାପନ କରୁଛନ୍ତି। ଫଳରେ ଥଣ୍ଡା ଜ୍ୱର ସାଙ୍ଗକୁ ବିଭିନ୍ନ ସଂକ୍ରାମକ ରୋଗ ଭୟ ଗ୍ରାମବାସୀଙ୍କୁ ଘାରିଛି। ରାସ୍ତାରୁ ଜଳ ନିଷ୍କାସନ କରିବା ସହ ତୁରନ୍ତ ରାସ୍ତା ମରାମତି କରିବାକୁ ଗ୍ରାମବାସୀଙ୍କ ତରଫରୁ ବ୍ଲକ ତଥା ଜିଲ୍ଲା ପ୍ରଶାସନ ନିକଟରେ ଦାବି କରାଯାଇଛି।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର | ଜରିପାଲ ତଳେ ମୁରଲୀଙ୍କ ପରିବାର



ବେଲବାହାଲି,୨୦।୮(ସମିସ): ଲଘୁଚାପଜନିତ ବର୍ଷା ଫଳରେ ଅନେକ ଅଞ୍ଚଳ ଜଳମଗ୍ନ ହେବା ସହ ଜନଜୀବନ ଦୁର୍ବିସହ ହୋଇପଡିଛି। କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ହରିଡ଼ାପାଳ ପଞ୍ଚାୟତ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମର ମୁରଲୀ ଦାସ(୫୭)ଙ୍କ ଘର ସମ୍ପୂର୍ଣ୍ଣ ଭାବରେ ଭାଙ୍ଗି ପଡିଛି। ଘରର ଛପର ହୋଇ ନଥିବାରୁ କାନ୍ଥଗୁଡିକ ବିପଦସଂକୁଳ ଅବସ୍ଥାରେ ରହିଥିଲା। ଲଗାଣ ବର୍ଷା ଯୋଗୁଁ ଏହି ଘରଟି ସମ୍ପୂର୍ଣ ଭାଙ୍ଗିଯାଇଛି। ପରିବାରର କିଛି କ୍ଷତି ହୋଇନାହିଁ ବୋଲି ମୁରଲୀ କହିଛନ୍ତି। ଅନ୍ୟପଟେ ମୁରଲୀଙ୍କ କହିବାନୁଯାୟୀ, ଆବାସ ଯୋଜନାରେ ଘର ଖଣ୍ଡିଏ ଆଜି ପର୍ଯ୍ୟନ୍ତ ମିଳିନାହିଁ। ଯାହାଫଳରେ ପତି, ପତ୍ନୀ ଏବଂ ବୃଦ୍ଧା ମା' ଏହି ଭଙ୍ଗା ଘରେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଆସୁଥିଲୁ ବୋଲି ସେ କହିବା ସହ ଅନେକ ସମୟରେ ଘର ଭିତରୁ ସାପ ବାହାରୁଥିବାରୁ ଭୟଭୀତ ଅବସ୍ଥାରେ ରହିବାକୁ ପଡୁଥିବା ସେ କ୍ଷୋଭ ପ୍ରକାଶ କରିଛନ୍ତି। ବ୍ଲକ ପ୍ରଶାସନ ପକ୍ଷରୁ ଅନୁଧ୍ୟାନ କରି ଅଭାବୀ ପରିବାରକୁ ଯଥାଶୀଘ୍ର ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## କନକମଞ୍ଜରୀ କଲେଜ ଅଧ୍ୟାପକ-କର୍ମଚାରୀଙ୍କ ଧାରଣା



ଆନନ୍ଦପୁର, ୨୦।୮ (ସମିସ): ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆହ୍ୱାନକ୍ରମେ ଶାଳପଡ଼ା କନକମଞ୍ଜରୀ ମହିଳା ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀଙ୍କ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ସମାନ କାମ କରି ବେସରକାରୀ ଅଧ୍ୟାପକ ଓ କର୍ମଚାରୀମାନେ ସ୍ୱଳ୍ପ ବେତନ ପାଉଥିବା ବେଳେ ସରକାରଙ୍କ ଅଧୀନରେ ନିଯୁକ୍ତି ପାଇଥିବା କର୍ମଚାରୀ ମୋଟା ଅଙ୍କର ବେତନ ପାଉଛନ୍ତି। ଏହି ତାରତମ୍ୟକୁ ଦୂର କରିବାପାଇଁ ସଂଘର ନିଷ୍ପତ୍ତିକ୍ରମେ ଆନ୍ଦୋଳନ ଜାରି ରହିବ ବୋଲି କୁହାଯାଇଛି। ଅଧ୍ୟାପକ ମଦନ ମୋହନ ସ୍ୱାଇଁ, ସ୍ନିଗ୍ଧାରାଣୀ ସ୍ୱାଇଁ, ମନୀଷାରାଣୀ ବଳ, ଅନିଲ କୁମାର ସାହୁ, ବର୍ଷାରାଣୀ ପଲେଇ, କୁଞ୍ଜଲତା ସାହୁ, ପୁଷ୍ପଲତା ସାହୁ, ତନୟା ପଟ୍ଟନାୟକ, ପଦ୍ମାବତୀ ସିଂହ, ଶିଶିର କୁମାର ଓଝା, ପ୍ରସନ୍ନ କୁମାର ସାହୁ, କାଜଲ ମହାନ୍ତି, ସସ୍ମିତା ବାରିକ, ମନୋରମା ମିଶ୍ର ପ୍ରମୁଖ ଧାରଣାରେ ବସିଛନ୍ତି।

## ଅଧ୍ୟାପକଙ୍କୁ ରାଜୀବଗାନ୍ଧୀ ସେବା ପୁରସ୍କାର



ବେଲବାହାଲି,୨୦।୮(ସମିସ): ଘସିପୁରା ବ୍ଲକ ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ମହେଶ୍ୱର ପାତ୍ର ଯୁବ ରେଡକ୍ରସ୍ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ରାଜ୍ୟସ୍ତରୀୟ "ରାଜୀବ ଗାନ୍ଧୀ ସେବା ସମ୍ମାନ-୨୦୨୫' ଦ୍ୱାରା ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜୀବ ଗାନ୍ଧୀ ଷ୍ଟୁଡେଣ୍ଟ ଫୋରମ୍ ଦ୍ୱାରା ଜୟଦେବ ଭବନରେ ରାଜୀବ ଗାନ୍ଧୀଙ୍କ ୮୧ତମ ଜୟନ୍ତୀ ଅବସରରେ ଆୟୋଜିତ ଏକ ଭବ୍ୟ ସମାରୋହରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଦାସ ଏକ ଟ୍ରଫି, ଉପଢୌକନ ଓ ପ୍ରମାଣପତ୍ର ସହ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ସଞ୍ଜୟ ମିଶ୍ର ଓ ସମସ୍ତ ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ, ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## କଂଗ୍ରେସ ପକ୍ଷରୁ କର୍ମୀ ସମ୍ମିଳନୀ

କେନ୍ଦୁଝର,୨୦।୮(ସମିସ): କେନ୍ଦୁଝର ସଦର ବ୍ଲକ ପଦ୍ମପୁର ତୈଳିକ ସମାଜ କଲ୍ୟାଣୀ ମଣ୍ଡପଠାରେ କଂଗ୍ରେସ ପକ୍ଷରୁ ସଦର ବ୍ଲକ ସଭାପତି ଉତ୍ତମ ସାହୁଙ୍କ ନେତୃତ୍ୱରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଆଦିବାସୀ ସେଲ୍ ରାଜ୍ୟ ସଭାପତି ଯୋଶବନ୍ଦ ସିଂହ ଲାଗୁରି, ସାଧାରଣ ସଂପାଦକ ପିସିସି ସୁବର୍ଣ୍ଣ ନାୟକ, ପୂର୍ବତନ ଜିଲ୍ଲା ସଭାପତି ମୋହନ ପରିଡା, ସଂଗ୍ରାମ ଦାସ, ବିନୋଦ ନାୟକ, ପ୍ରତିଭା ମଞ୍ଜରୀ ନାୟକ, ସୁନୋଶ ଧୀର, ରଘୁନାଥ ପାତ୍ର, ଖିରୋଦ ପାତ୍ର, ଲଳିତ ମୋହନ ନାୟକ, ମନୋରଞ୍ଜନ ରାଉତ ଶୁଭମ ରାଜ, ରତ୍ନାକର ଜେନା, ଆର୍ତ୍ତତ୍ରାଣ ଦାସ, ସୁବଳ ସେଠୀ, ଦିନେଶ ରାଉତ, ଏମଡି ରାଜୁ, ପୂର୍ଣ୍ଣଚନ୍ଦ୍ର ଦାସ, ଲମ୍ବୋଦର ବେହରେ, ଗଣନାଥ ପାତ୍ର, ଡାକ୍ତର ହାଁସଦା, କୁଆଁର ମାଝୀ, ପରମେଶ୍ୱର ପାତ୍ର, ଦିବାକର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମ୍ମିଳନୀରେ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## କଲେଜ ଛାତ୍ରୀଙ୍କ ସୁରକ୍ଷା ସଚେତନତା

କେନ୍ଦୁଝର,୨୦।୮(ସମିସ): କେନ୍ଦୁଝର ସଦର ଥାନା ପୁଲିସ ପକ୍ଷରୁ ପଦ୍ମପୁର ଆଞ୍ଚଳିକ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ଡିଗ୍ରୀ ମହାବିଦ୍ୟାଳୟରେ ମହିଳା ସୁରକ୍ଷା ସଚେତନତା ସମ୍ପର୍କିକ କାର୍ଯ୍ୟକ୍ରମ ସଦର ଥାନା ଭାରପ୍ରାପ୍ତ ଅଧିକାରୀ ଅମିତ୍ ଭୂୟାଁଙ୍କ ନେତୃତ୍ୱରେ ଆୟୋଜନ ହୋଇଛି। କାର୍ଯ୍ୟକ୍ରମରେ ମହିଳା ସୁରକ୍ଷା ସମ୍ବନ୍ଧୀୟ ସରକାରଙ୍କ ବିଭିନ୍ନ ବ୍ୟବସ୍ଥା ତଥା ଆଇନ ବିଷୟରେ ଆଲୋଚନା ହୋଇଥିଲା।ଅ ଏସଆଇ ସୂର୍ଯ୍ୟନାରାୟଣ ରାଉତରାୟ, ମହିଳା ଏସ୍ଆଇ ସୁସ୍ମିତା ହୋର ପ୍ରମୁଖ ଛାତ୍ରୀଙ୍କୁ ଅନେକ ଉପାଦେୟ ତଥ୍ୟ ଉପସ୍ଥାପନା କରିଥିଲେ। ଅଧ୍ୟକ୍ଷ ହୃଷୀକେଶ ସାହୁଙ୍କ ସମେତ କର୍ମଚାରୀଗଣ ସହଯୋଗ କରିଥିଲେ।

## ବଡ଼ପାଟଣା ସରପଞ୍ଚଙ୍କୁ ବିପୁଳ ସମ୍ବର୍ଦ୍ଧନା




ତୁରୁମୁଙ୍ଗା, ୨୦।୮(ସମିସ): ବଡ଼ପାଟଣା ସରପଞ୍ଚ ବିନତି ବାନାରା ସ୍ୱାଧୀନତା ଦିବସରେ ଦିଲ୍ଲୀ ଲାଲକିଲ୍ଲାଠାରେ ପରେଡରେ ସ୍ୱତନ୍ତ୍ର ଅତିଥି ଭାବରେ ଯୋଗଦେଇ ଫେରିବା ପରେ ତାଙ୍କୁ ବୁଧବାର ପଞ୍ଚାୟତବାସୀଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରିବା ସହ ସମ୍ବର୍ଦ୍ଧନା ଦିଆଯାଇଛି। ବ୍ଲକ ଛକଠାରୁ ତାଙ୍କୁ ବିରାଟ ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟକୁ ନିଆଯିବା ପରେ ଗୋପବନ୍ଧୁ ଏବଂ ମହାତ୍ମାଗାନ୍ଧୀଙ୍କଙ୍କ ପ୍ରତିମୂର୍ତ୍ତିରେ ଶ୍ରୀମତୀ ବାନାରା ପୁଷ୍ପମାଲ୍ୟ ଅର୍ପଣ କରଥିଲେ। ବଡପାଟଣା ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟର ସଫଳ ରୂପାୟନକୁ ନେଇ ସ୍ୱତନ୍ତ୍ର ଅତିଥି ଭାବରେ ନିମନ୍ତ୍ରିତ କାରାଯାଇଥିବାରୁ ସରପଞ୍ଚ ବିନତି ବାନାରା ରାଜ୍ୟ ଓ କେନ୍ଦ୍ର ସରକାର ଏବଂ ପ୍ରତିରକ୍ଷା ମନ୍ତ୍ରାଳୟକୁ ଧବ୍ୟବାଦ ଦେଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ସାମାଜିକ କର୍ମୀ ଅଜୟ ଦାଶ, ଅବସରପ୍ରାପ୍ତ ଶିକ୍ଷକ ସନାତନ ଦାଶ, ବିରେନ୍ଦ୍ର ଦାଶ, ଯୁବନେତା ବିଜୟରତ୍ନ ପତି, ବଡପାଟଣା ସମିତିସଭ୍ୟ ମୋହନ ସୁନ୍ଦର ମହାନ୍ତ, ନାଏବ ସରପଞ୍ଚ ଗୌତମ ସେଠୀ, ସାମାଜିକ କର୍ମୀ ପ୍ରଶାନ୍ତ ଭଞ୍ଜ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ପାର୍ଥ ସାରଥୀ ବେଜ୍ ମଞ୍ଚ ପରିଚାଳନା କରିଥିଲେ। ସୁମିତ ପତି, ସନ୍ତୋଷ ତ୍ରିପାଠୀ, ପ୍ରୀତମ ପଣ୍ଡା, ବିର ମହାନ୍ତ, ମଧୁ ମହାନ୍ତ, ଭରତ ମହାନ୍ତ ସହଯୋଗ କରିଥିଲେ।

## ଶାଳପଡ଼ା ପ୍ରିନ୍ସ କ୍ଲବ୍‌ର ବାର୍ଷିକ ଉତ୍ସବ



ଆନନ୍ଦପୁର, ୨୦।୮ (ସମିସ): ଶାଳପଡା ପଡିଆରେ ଯାତ୍ରା ସୁନ୍ଦରୀ ରାଜନନ୍ଦିନୀ ଦର୍ଶକ ନିକଟରେ ନିଜର ନାଟକ ପରିବେଷଣ କରି ଦର୍ଶକ ଦରବାରଙ୍କ ନିକଟରେ ପ୍ରିୟଭାଜନ ହେଇପାରିଛି। ପ୍ରିନ୍ସ କ୍ଲବ୍‌ର ବାର୍ଷିକ ଏହି ଉତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ରୂପେ ପୁରେନ୍ଦର ମିଶ୍ର, ପ୍ରଫୁଲ୍ଲ ପତି, ହେମନ୍ତ ପତି ଅଭିନେତ୍ରୀ ଆଲବୁମ କୁଇନ ଦେବାଙ୍ଗୀ ସେନାପତି ଯୋଗ ଦେଇଥିଲେ। ପରେ ନୃତ୍ୟଗୁରୁ ଜିତୁ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲା ବେଳେ ଯାତ୍ରାର ପ୍ରଯୋଜକ ଇଂ ସ୍ମୃତିରଞ୍ଜନ ପଲେଇ, ପରିଚାଳନା ମୁଖ୍ୟ ଅଧିକାରୀ ଭାନୁ ମିଶ୍ରଙ୍କୁ କ୍ଲବ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ଲବର ସଦସ୍ୟ ମୁଖ୍ୟ ସଦସ୍ୟ ସନାତନ ପତି, ଚିରଞ୍ଜୀବ ଦାଶ, ରଞ୍ଜନ ପତି, ଶକ୍ତି ଦାଶ, ଲିଟିଲି ମିଶ୍ର, ସାରଦା ଦାଶ, ଯଦୁନାଥ ଦାଶ, ରାଜକିଶୋର ମିଶ୍ର, ଫେବୁ ଦାଶଙ୍କୁ ଯାତ୍ରା ପରିଚାଳକ ସମ୍ବର୍ଦ୍ଧିତ କରିଥିଲେ। ଆଲବମ କୁଇନ ଦେବଙ୍ଗୀ ସେନାପତିଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଯାତ୍ରା ୨୨ ତାରିଖ ଉଦ୍‌ଯାପିତ ହେବ।

## ହାତୀପଲଙ୍କ ଉପଦ୍ରବ, ଜଳକ୍ରୀଡ଼ା

ତୁରୁମୁଙ୍ଗା, ୨୦।୮(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜରେ ୩୦ ଟିକିଆ ହାତୀପଲଙ୍କ ଉପଦ୍ରବ ଜାରି ରହିଛି। ମଙ୍ଗଳବାର ବିଳମ୍ବିତ ରାତିରେ ହାତୀପଲ ଆତଙ୍କ ଖେଳାଇବା ସହ ଆଙ୍କୁଡି, ବଳା ଏବଂ ବର୍ଦ୍ଧନା ଗ୍ରାମରେ ୧୨ରୁ ଅଧିକ ଘର ଭାଙ୍ଗି ଧାନ ଚାଉଳ ଖାଇ ନଷ୍ଟ କରିଛନ୍ତି। ଏକର ଏକର ଧାନ ଚାଷକୁ ପାଦରେ ମାଡ଼ି ଦଳି ନଷ୍ଟ କରି ଦେଇଛନ୍ତି। ବୁଧବାର ଅପରାହ୍ନରେ ହାତୀପଲ କୁସୁମନାଳି ଜଙ୍ଗଲ ନିକଟରେ ଥିବା ଏକ ପୋଖରୀରେ ଦୀର୍ଘ ସମୟ ଧରି ଜଳକ୍ରୀଡ଼ା କରିଥିଲେ। ଏହା ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିବା ବେଳେ ହାତୀପଲଙ୍କ ଉପଦ୍ରବରେ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ହାତୀପଲଙ୍କ ଉପରେ ନଜର ରଖିଛି। ହାତୀପଲକୁ ବିରକ୍ତ ନକରିବାକୁ ଲୋକଙ୍କୁ ସଚେତନ କରାଉଛି।



# କେନ୍ଦୁପତ୍ର ତୋଳାଳି ଓ ବନ୍ଧାଇ ଶ୍ରମିକଙ୍କ ସ୍ୱାସ୍ଥ୍ୟ ଶିବିର

ତେଲକୋଇ, ୨୦।୮ (ସମିସ)




କେନ୍ଦୁଝର ବନଖଣ୍ଡ (କେନ୍ଦୁପତ୍ର) ଓ ତେଲକୋଇ (କେନ୍ଦୁପତ୍ର) ବନାଞ୍ଚଳ ପକ୍ଷରୁ କେନ୍ଦୁପତ୍ର ତୋଳାଳି ଓ ବନ୍ଧାଇ ଶ୍ରମିକଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ମାଗଣା ସ୍ୱାସ୍ଥ୍ୟ ଶିବିର ତେଲକୋଇ ବ୍ଲକ ଖୁଣ୍ଟାପଡ଼ା ପଞ୍ଚାୟତର ବେଣା ପତ୍ରଫଡ଼ିଠାରେ ଆୟୋଜିତ ହୋଇଯାଇଛି। ଜଙ୍ଗଲ ପରିବେଶ ଓ ପରିବର୍ତ୍ତନ ବିଭାଗ ଓଡିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଏହି ଶିବିରକୁ ମୁଖ୍ୟଅତିଥି ଭାବେ କେନ୍ଦୁଝର ବନଖଣ୍ଡ (କେନ୍ଦୁପତ୍ର)ର ଉପଖଣ୍ଡ ଅଧିକାରୀ ସ୍ୱାଗତିକା ସାହୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ୱାର୍ଡସଭ୍ୟ ସୁକାନ୍ତି ନାଏକ, ତେଲକୋଇ କେନ୍ଦୁପତ୍ରର ବନାଞ୍ଚଳ ଅଧିକାରୀ ମନରଂଜନ ସେନାପତି, ଆକୁଳ କେନ୍ଦୁପତ୍ରର ବନାଞ୍ଚଳ ଅଧିକାରୀ ତିଲେଶ୍ୱର ନାୟକ, ରାମଚନ୍ଦ୍ର ବେହେରା ପ୍ରମୁଖ ସାମିଲ ରହିଥିଲେ ବିଭିନ୍ନ ଗ୍ରାମରୁ ୧୩୫ଜଣ ପରୀକ୍ଷା କରାଇ ମାଗଣାରେ ଔଷଧ ନେଇଥିଲେ। ଡ. ବିଶ୍ୱରଂଜନ ସାମଲ ଓ ଫାର୍ମାସିଷ୍ଟ ସନ୍ତୋଷ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ସ୍ୱାସ୍ଥ୍ୟ ପରୀକ୍ଷା ଓ ପରିଚାଳନାରେ ସହଯୋଗ କରିଥିଲେ।

## କଲ୍ୟାଣୀ ହାଇସ୍କୁଲ ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାମଚନ୍ଦ୍ରପୁର, ୨୦।୮(ସମିସ): ଘଷିପୁରା ବ୍ଲକ ଗଡବାନ୍ଧଗୋଡା କଲ୍ୟାଣୀ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ ପ୍ରଧାନଙ୍କୁ ବିଦ୍ୟାଳୟ ତଥା ଗ୍ରାମବାସୀଙ୍କ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସରୋଜିନୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଇଓ ଗୋପାଳଚନ୍ଦ୍ର ପତି, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭ୍ୟ ସଂଜୟ ମଲ୍ଲିକ, ସ୍ଥାନୀୟ ସରପଞ୍ଚ ଶଶିକାନ୍ତ ଜେନା, ପଞ୍ଚସଖା ସେତୁର ଅଧ୍ୟକ୍ଷ ଭୀମସେନ ବିଶ୍ୱାଳ, ସମାଜସେବୀ ବିମଳ ନାୟକ, ଶିକ୍ଷାବିତ ବେଲାଳସେନ ପତି, ପ୍ରମୋଦ ଦେଓ, ରମାକାନ୍ତ ଜେନା, ଘସିପୁରା ବ୍ଲକ ବିଜ୍ଞାନ ଶିକ୍ଷକ ସଂଘର ସଭାପତି ଜୟଦେବ ସାହୁ ଏବଂ ମୁଖ୍ୟବକ୍ତା ଭାବେ ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ଶରତ ରାଉତ ଯୋଗ ଦେଇଥିଲେ। ଶ୍ରୀ ପ୍ରଧାନ ଏହି ହାଇସ୍କୁଲରେ ଦୀର୍ଘ ୫ ବର୍ଷ ଧରି ନିରବଚ୍ଛିନ୍ନ ସେବା ଯୋଗାଇ ଦେଇଆସିଥିଲେ। ଏହି ଅବସରରେ ପୁରାତନ ଛାତ୍ର ଶରତ ସ୍ୱାଇଁଙ୍କ ପ୍ରଚେଷ୍ଟାରେ ବିଦ୍ୟାଳୟ ଗେଟ ସମ୍ମୁଖରେ ଦୁଇଟି ଆମ୍ବ ଚାରା ରୋପଣ କରାଯାଇଥିଲା। ସହକାରୀ ଶିକ୍ଷକ ଅତିଶୟ ବଳ, ନାରାୟଣ ସାହୁ, ଅକ୍ଷୟ ରାଉତ, ଦୁର୍ଯ୍ୟୋଧନ ବେହେରା, ଜମୁନା ମୁର୍ମୁ, ମଧୁସ୍ମିତା ମହାପାତ୍ର, ସ୍ମୃତାରେଖା ଜେନା ସହକର୍ମୀ ସେକ ଫୁରକାନ, ଜୁଳ ଜେନା ସମେତ ଗ୍ରାମବାସୀ ଏବଂ ଛାତ୍ରଛାତ୍ରୀ ଉତ୍ସବରେ ସାମିଲ ହୋଇଥିଲେ।

## ଶଙ୍କରପୁର କ୍ଲଷ୍ଟର ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା

ଢେଙ୍କାନାଳ,୨୦।୮(ସମିସ): ସ୍ଥାନୀୟ ଶଙ୍କରପୁର ଆଞ୍ଚଳିକ ସାଧନ କେନ୍ଦ୍ରରେ କ୍ଲଷ୍ଟର ଅଧୀନ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପକ୍ଷରୁ ଶଙ୍କରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସ୍ୱର୍ଣ୍ଣଲତା ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କ୍ଲଷ୍ଟରର ବରିଷ୍ଠ ଶିକ୍ଷକ ପ୍ରଦୀପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ସଦର ବିଇଓ ଦିବ୍ୟପ୍ରକାଶ ପ୍ରଧାନ, ମୁଖ୍ୟବକ୍ତା ଭାବେ ବିଆର୍‌ସିସି ଦେବବ୍ରତ ନାଥ ଯୋଗଦେଇ ଶିକ୍ଷା କ୍ଷେତ୍ରରେ ବିଦାୟୀ ଶିକ୍ଷୟିତ୍ରୀ ମିଶ୍ରଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଭଗବାନ ବେହେରା ଓ କମିଟି ସଭାପତି ସୁଶାନ୍ତ କୁମାର ସାହୁ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ତରଫରୁ ଶିକ୍ଷୟିତ୍ରୀ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ କଳା ଶିକ୍ଷକ ସୁଶାନ୍ତ କୁମାର ସେନାପତିଙ୍କ ନିର୍ଦ୍ଦେଶନାରେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସିଆରସିସି କାମଦେବ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ପ୍ରଭାତୀ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ରଜନୀକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ସଞ୍ଚାଳନ କରିଥିଲେ।

## ପଛରୁ ଧକ୍କାଦେଲା କାର୍, ସ୍କୁଟି ଆରୋହୀ ମୃତ

ଛେଣ୍ଡିପଦା,୨୦।୮(ସମିସ): କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ଜରପଡ଼ା ଥାନା କତଡ଼ାଠାରେ ସ୍କୁଟିକୁ ପଛରୁ ଏକ ଇନୋଭା କାର୍ ଧକ୍କା ଦେବାରୁ ସ୍କୁଟି ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ କତଡ଼ା ଗାଁର ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀ ଶ୍ରୀନିବାସ ପ୍ରଧାନ। ଶ୍ରୀନିବାସ ପ୍ରଧାନ ଗାଡ଼ିରେ ତେଲ ପକାଇ ଜାତୀୟ ରାଜପଥରେ ଘରକୁ ଫେରୁଥିବା ବେଳେ ସମ୍ବଲପୁରରୁ ଅନୁଗୋଳ ଆସୁଥିବା ଇନୋଭା କାର ତାଙ୍କୁ ପଛରୁ ଧକ୍କା ଦେଇଥିଲା। ଫଳରେ ଶ୍ରୀନିବାସ ଗୁରୁତର ଆହତ ହୋଇ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପୁଲିସ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ଉଭୟ ଗାଡ଼ି ଜବତ କରିବା ସହ ଇନୋଭା ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ମନୋଜ ପ୍ରଧାନ ସୂଚନା ଦେଇଛନ୍ତି।

## ତେଜରାତି ଦୋକାନରୁ ନାଗସାପ ଉଦ୍ଧାର



କଣିହାଁ,୨୦।୮(ସମିସ): କଣିହାଁ ଥାନା ସମ୍ମୁଖ ଏକ ତେଜରାତି ଦୋକାନରୁ ମଙ୍ଗଳବାର ରାତିରେ ୫ଫୁଟ ଲମ୍ବ ନାଗସାପ ଉଦ୍ଧାର କରାଯାଇଛି। ସର୍ପମିତ୍ର ସୌରଭ ପ୍ରଧାନ ସାପକୁ ଉଦ୍ଧାର କରି କଣିହାଁ ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ପରେ ବନ ବିଭାଗ ସାପକୁ ସ୍ଥାନୀୟ ଜଙ୍ଗଲରେ ଛାଡ଼ିଛି। ସୂଚନାଯୋଗ୍ୟ ସର୍ପମିତ୍ର ସୌରଭ କଣିହାଁ ବ୍ଲକ ସମେତ ବିଭିନ୍ନ ଅଞ୍ଚଳରୁ ଏକ ହଜାରରୁ ଊର୍ଦ୍ଧ୍ୱ ସାପ ଉଦ୍ଧାର କରିସାରିଲେଣି।

## ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ପବିତ୍ରନଗର,୨୦।୮(ସମିସ): କଣିହାଁ ବ୍ଲକ ବୁରୁକୁନା ପଞ୍ଚାୟତ ଶରଧାପୁର ଗ୍ରାମ ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରଭାକର ମହାନ୍ତି ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ଢେଙ୍କାନାଳ ସାଂସଦ ମହେଶ ସାହୁ, ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ପୂର୍ବତନ ବିଧାୟକ ମୁକେଶ ପାଲ, ପବିତ୍ରନଗର ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ବନୋଜ ପ୍ରଧାନ, ଶରଧାପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜନ କୁମାର ସେଠୀ, ଅବସରପ୍ରାପ୍ତ ଶିକ୍ଷକ ବୀରବର ସାହୁ, ଗଣେଶ୍ୱର ମହାପାତ୍ର, ଶିକ୍ଷକ ସଂଘ ଜିଲ୍ଲା ସଭାପତି ଲଳିତ କୁମାର ଧିର, ପୂର୍ବତନ ସରପଞ୍ଚ ନିତ୍ୟାନନ୍ଦ ମହାନ୍ତି, ବୁରୁକୁନା ସମିତି ସଭ୍ୟ ଯୁଗଳ କିଶୋର ସାହୁ, କଣିହାଁ ବ୍ଲକ ଶିକ୍ଷକ ସଂଘ ସଭାପତି କିଶୋର ଚନ୍ଦ୍ର ସାହୁ, ସିଆରସିସି କିଶୋର ଚନ୍ଦ୍ର ବାଜିଗର, ଶରତ ଚନ୍ଦ୍ର ଗଡ଼ନାୟକ, ପୂର୍ବତନ ସିଆରସିସି ସୁମନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇଥିଲେ। ଏକ ଭାବବିହ୍ୱଳ ପରିବେଶରେ ଅତିଥିମାନେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ସୁରେଶ ଚନ୍ଦ୍ର ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ ଛାତ୍ରମାନେ ସହଯୋଗ କରିଥିଲେ। ଶେଷରେ ଅବସରପ୍ରାପ୍ତ ଶିକ୍ଷକ ମହାନ୍ତିଙ୍କୁ ସମସ୍ତ ଛାତ୍ରଛାତ୍ରୀ, ପୂର୍ବତନ ଛାତ୍ରଛାତ୍ରୀ, ଗ୍ରାମବାସୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଅଞ୍ଚଳର ବୁଦ୍ଧିଜୀବୀ ପଟୁଆରରେ ଗ୍ରାମ ପରିକ୍ରମା କରାଇଥିଲେ।

# ମା' ହିଙ୍ଗୁଳା ଓ ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ

କଣିହାଁ,୨୦।୮(ସମିସ)




କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନୀ ନିକଟ ଆଖଣ୍ଡଳମଣି ଓ ମା' ସନ୍ତୋଷୀ ମନ୍ଦିର ପରିସରରେ ପୂଜିତ ମା' ହିଙ୍ଗୁଳା ଓ ମା' ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। ପ୍ରତ୍ୟୁଷରୁ ମନ୍ଦିରରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା। ଗତ ୯ ତାରିଖ ଶନିବାର ସନ୍ତୋଷୀ ମା'ଙ୍କ ୩୬ତମ ଜନ୍ମ ଉତ୍ସବ ଅବସରରେ ବାପଘର ବାବାମଣି ମନ୍ଦିରକୁ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଓ ପ୍ରକଳ୍ପସ୍ଥିତ ମା' ବାଟମଙ୍ଗଳାଙ୍କୁ ମନ୍ଦିରର ମୁଖ୍ୟ ଉପଦେଷ୍ଟା ସେବକ ଆକୁଳ ପଣ୍ଡାଙ୍କ ପକ୍ଷରୁ ଆମନ୍ତ୍ରଣ କରି ଅଣାଯାଇଥିଲା। ବୁଧବାର ଅପରାହ୍ନରେ ଲେଉଟାଣି ଉତ୍ସବ ଅବସରରେ ମନ୍ଦିର ମୁଖ୍ୟ ଉପଦେଷ୍ଟା ସେବକ ପଣ୍ଡାଙ୍କ ପୌରୋହିତ୍ୟରେ ନାମ ସଂକୀର୍ତ୍ତନ ସହ ଦୁଇ ଦେବୀଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଯାଇ ମନ୍ଦିର ବାହାରକୁ ଅଣାଯାଇଥିଲା। ସେଠାରେ ବାପଘରୁ ଝିଅବିଦା ସମୟରେ ଯେପରି ପିଠାପଣା, ଶାଢ଼ି, ଶଙ୍ଖା, ଭାର ଥୋର ସହ ପ୍ରସାଧନ ସାମଗ୍ରୀ ଦେଇ ଝିଅକୁ ବିଦା କରାଯାଇଥାଏ ସେହିପରି ସମସ୍ତ ସାମଗ୍ରୀ ଉପହାର ସ୍ୱରୂପ ଦେଇ ଦୁଇ ଦେବୀଙ୍କୁ ମହିଳା ଭକ୍ତମାନେ ବନ୍ଦାପନା କରି ବିଦାୟ ଦେଇଥିଲେ। ମନ୍ଦିରଠାରୁ ଘଣ୍ଟଘଣ୍ଟା, ବାଜାବାଣ, ନାମସଂକୀର୍ତ୍ତନ ସହ ଏକ ଶୋଭାଯାତ୍ରାରେ ଭକ୍ତମାନେ ବାହାରି ପ୍ରଥମେ ରେଙ୍ଗାଳି ପ୍ରକଳ୍ପସ୍ଥିତ କପିଳେଶ୍ୱର ମନ୍ଦିର ସମ୍ମୁଖରେ ଥିବା ମା' ବାଟମଙ୍ଗଳାଙ୍କୁ ନିଜ ଆସ୍ଥାନରେ ଛାଡ଼ିବା ପରେ ମା' ହିଙ୍ଗୁଳାଙ୍କୁ ନେଇ ତାଳଚେର ଗୋପାଳପ୍ରସାଦ ଅଭିମୁଖେ ଗସ୍ତ କରିଥିଲେ। ସେଠାରେ ମା'ଙ୍କୁ ବିଦାୟ ଦେଇ ଭକ୍ତଦଳ ରାତିରେ ରେଙ୍ଗାଳି ଫେରିଥିଲେ।

## ଜୁନିୟର ରେଡକ୍ରସ, କ୍ରୀଡ଼ା ଓ ସ୍କାଉଟ୍‌ସ ଗାଇଡସର କାର୍ଯ୍ୟକାରିଣୀ କମିଟି ବୈଠକ



ଢେଙ୍କାନାଳ,୨୦।୮(ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲା ଶିକ୍ଷା ଅଧିକାରୀ ବିନୀତା ସେନାପତିଙ୍କ ସଭାପତିତ୍ୱରେ ଜିଲ୍ଲାର ଜୁନିୟର ରେଡକ୍ରସ, କ୍ରୀଡ଼ା ଓ ସ୍କାଉଟ୍ସ ଗାଇଡ୍‌ସ କାର୍ଯ୍ୟକାରିଣୀ କମିଟି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲ୍ଲାର ସମସ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ସଦର, କାମାକ୍ଷାନଗର ଓ ପରଜଙ୍ଗ ବିଇଓ, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ଜିଲ୍ଲା ଅଗ୍ନିଶମ ଅଧିକାରୀ, ଜୁନିୟର ରେଡ୍‌କ୍ରସ୍‌ର ୮ ବ୍ଲକ୍‌ର ସଂଯୋଜକ ଓ କ୍ରୀଡ଼ା ସମ୍ପାଦକ, ଭାରତ ସ୍କାଉଟ ଓ ଗାଇଡ୍‌ସର କମିଶନର, ତାଲିମ ମିଶନର ସଂଗଠକ କମିଶନର, ସ୍କାଉଟ୍ସ ଓ ଗାଇଡ୍‌ସର ୨ ଜିଲ୍ଲା ପ୍ରତିନିଧି ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ପ୍ରକାଶ ଚନ୍ଦ୍ର ବେହେରା ବାର୍ଷିକ ବିବରଣୀ ଓ ବାର୍ଷିକ ଆୟବ୍ୟୟ ଅଟକଳ ଉପସ୍ଥାପନ କରିଥିଲେ। ଜୁନିୟର ରେଡକ୍ରସ ଅଧିକାରୀ ସୁବ୍ରତ କୁମାର ମିଶ୍ର ମଞ୍ଚ ପରିଚାଳନା କରିଥିବାବେଳେ ସଦର ବ୍ଲକ୍‌ର କ୍ରୀଡ଼ା ସମ୍ପାଦକ ସୁଶୀଲ କୁମାର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## କାଦୁଆ ନାଏବ ସରପଞ୍ଚ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଢେଙ୍କାନାଳ/କାମାକ୍ଷାନଗର,୨୦।୮(ସମିସ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପଞ୍ଚାୟତ ସମିତି ଅନ୍ତର୍ଗତ କାଦୁଆ ପଞ୍ଚାୟତର ସରପଞ୍ଚ ଅନାସ୍ଥାରେ ପଦଚ୍ୟୁତ ହୋଇଥିବା ବେଳେ ନାଏବ ସରପଞ୍ଚ ଦାୟିତ୍ୱ ତୁଲାଉଥିଲେ। ଏବେ ନାଏବ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଆଗତ ହେବାରୁ ସେ ମଧ ପଦଚ୍ୟୁତ ହୋଇଥିଲେ। ବୁଧବାର ପୂର୍ବାହ୍ନ ୧୦ଟାରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନାଏବ ସରପଞ୍ଚ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ଏକମାତ୍ର ପ୍ରାର୍ଥୀ ଭାବେ ଅରବିନ୍ଦ ମହାକୁଡ଼ ନାମାଙ୍କନ କରିଥିଲେ। ଅନ୍ୟ କୌଣସି ପ୍ରାର୍ଥୀ ନାମାଙ୍କନ ଦାଖଲ ନ କରିବାରୁ ନିର୍ବାଚନ ଅଧିକାରୀ ତଥା କାମାକ୍ଷାନଗର ଉପଜିଲ୍ଲାପାଳ ଦୀନମଣି ନାୟକ ଅରବିନ୍ଦଙ୍କୁ ନାଏବ ସରପଞ୍ଚ ଭାବେ ଘୋଷଣା କରିଛନ୍ତି।



## ମାଲ୍ୟଗିରି ମହାବିଦ୍ୟାଳୟରେ ଅଭିଭାବକ-ଶିକ୍ଷକ ସମ୍ମିଳନୀ

ପାଲଲହଡ଼ା,୨୦।୮(ସମିସ): ମାଲ୍ୟଗିରି ମହାବିଦ୍ୟାଳୟରେ ବୁଧବାର ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ଓ ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଅଭିଭାବକମାନେ ଯୋଗଦେଇ ଶିକ୍ଷାଦାନକୁ କିପରି ସୁଦୃଢ଼ କରାଯାଇ ପାରିବ ସେ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷା ସନ୍ଧ୍ୟାରାଣୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ତଥା ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପଟେଲ ଯୋଗଦେଇ ତାଙ୍କ ବକ୍ତ୍ୟବରେ ଶିକ୍ଷକ, ଅଭିଭାବକ ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ କିପରି ସମନ୍ୱୟ ରକ୍ଷା କରାଯାଇ ପାରିବ ସେ ଉପରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗ ଅଧ୍ୟାପକ ହରେକୃଷ୍ଣ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।



## ଅଧ୍ୟାପକ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

ଭୁବନ,୨୦।୮(ସମିସ): ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଆହ୍ୱାନ କ୍ରମେ ମହାବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କ ପକ୍ଷରୁ ଭୁବନ ମହିଳା ମହାବିଦ୍ୟାଳୟ ଫାଟକ ନିକଟରେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ୨୦୦୮ ଜୁନ୍ ୧ରୁ ୨୦୧୮ ଜୁନ୍ ୧ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀଙ୍କୁ ସରକାରୀ ଅନୁଦାନ ଅନ୍ତର୍ଭୁକ୍ତ କରିବାକୁ ଦାବି କରାଯାଇଛି। ସଂଘର ଅଭିଯୋଗ ମୁତାବକ ସାରା ରାଜ୍ୟରେ ପ୍ରାୟ ୫ ହଜାରରୁ ଅଧିକ ଅଧ୍ୟାପକ ଓ କର୍ମଚାରୀ ସ୍ୱଳ୍ପ ଦରମାରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରିଆସୁଛନ୍ତି। ଏହି ଦାବି ନେଇ ଭୁବନେଶ୍ୱରସ୍ଥିତ ଲୋୟର ପିଏମ୍‌ଜି ଛକରେ ଅହୋରାତ୍ର ଧାରଣା, ଦସ୍ତଖତ ଅଭିଯାନ, ପଥପ୍ରାନ୍ତ ସଭା, ସମସ୍ତ ସାଂସଦ, ବିଧାୟକ ଏପରିକି ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲେ ବି କୌଣସି ପଦକ୍ଷେପ ଗ୍ରହଣ କରାଯାଉନି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ୧୬ ତାରିଖରୁ ଆରମ୍ଭ ହୋଇଥିବା କାର୍ଯ୍ୟବନ୍ଦ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।



## ଦାନ୍ତର ଯତ୍ନ ନିମନ୍ତେ ବ୍ରହ୍ମାକୁମାରୀ ସଂସ୍ଥାର ସଚେତନତା

ଢେଙ୍କାନାଳ,୨୦।୮(ସମିସ): ଢେଙ୍କାନାଳ ସଭାଗୃହରେ ପ୍ରଜାପିତା ବ୍ରାହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଦାନ୍ତର ଯତ୍ନ ଓ ଚିକିତ୍ସା ସମ୍ପର୍କରେ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ପ୍ରସିଦ୍ଧ ଦନ୍ତ ଚିକିତ୍ସକ ଓ ବିଶେଷଜ୍ଞ ଡା. ଆର୍‌କେ ମିଶ୍ର ଅଡିଓ ଭିଜୁଆଲ ମାଧ୍ୟମରେ ଦାନ୍ତର ଯତ୍ନ ଅଭାବରୁ ଅବକ୍ଷୟ, ଚିକିତ୍ସା, ଦାନ୍ତ କିଭଳି ବ୍ରସ କରାଯାଏ ଓ ରୋଗ ବିଷୟରେ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ସୁଦ୍ଧା ଡା. ମିଶ୍ର ୨୧୦ରୁ ଅଧିକ ସଚେତନତା ଶିବିର ସ୍ୱେଚ୍ଛାକୃତ ଭାବେ ବିଭିନ୍ନ ଗ୍ରାମ ଓ ଅନୁଷ୍ଠାନରେ ଟିମ ସହଯୋଗରେ ଆୟୋଜନ କରିଛନ୍ତି। ପ୍ରାରମ୍ଭରେ ବ୍ରହ୍ମାକୁମାରୀ ସଂସ୍ଥାର ସଂଯୋଜିକା ବ୍ରହ୍ମାକୁମାରୀ ଉଷା କାର୍ଯ୍ୟକ୍ରମ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଡା. ମିଶ୍ରଙ୍କୁ ସଂସ୍ଥା ତରଫରୁ ସମ୍ମାନିତ କରାଯାଇଥିଲା। ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି)ର ସହକାରୀ ପ୍ରଫେସର ଡ. ବିରଞ୍ଚି ନାରାୟଣ ସେଠ ଅତିଥି ପରିଚୟ ପ୍ରଦାନ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



## 'ଆସ ଆମେ ସ୍କୁଲ୍ ଯିବା' ଅଭିଯାନ ପଦଯାତ୍ରା

ଛେଣ୍ଡିପଦା,୨୦।୮(ସମିସ): ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ବ୍ଲକ ଟାଙ୍ଗିରି ପଞ୍ଚାୟତରେ 'ଆସ ଆମେ ସ୍କୁଲ୍ ଯିବା' ଅଭିଯାନ ପଦଯାତ୍ରା ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଟକମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରର ଦିଲୀପ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଅଭିଯାନରେ ଟାଙ୍ଗିରି ପଞ୍ଚାୟତର ସମସ୍ତ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସମିଲ ହୋଇଥିଲେ। ଅଧାର ସ୍କୁଲ ଛାଡ଼ିଥିବା ଓ କେବେ ସ୍କୁଲ ଯାଇ ନ ଥିବା ପିଲାମାନଙ୍କୁ ସ୍କୁଲକୁ ଆଣି ସେମାନଙ୍କ ଶିକ୍ଷା ଅଧିକାରକୁ ନିଶ୍ଚିତ କରାଇବା ପାଇଁ ସଚେତନ କରାଇଥିଲେ। ଛାତ୍ରଛାତ୍ରୀମାନେ ଗ୍ରାମ ପରିକ୍ରମା କରିବା ସହିତ ଆସ ଆମେ ସ୍କୁଲ ଯିବା, ପାଠ ପଢ଼ିବା ଆମେ ସମସ୍ତେ, ଆମ ଭବିଷ୍ୟତ ଆମେ ଗଢ଼ିବା, ସ୍କୁଲ ଯାଇ ଆମେ ପାଠ ପଢ଼ିବା ଆଦି ସ୍ଲୋଗାନ ଦେଇଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ହୃଦୟ ରଞ୍ଜନ ଗଡ଼ନାୟକ, ସଞ୍ଜୟ କୁମାର ସାହୁ, ତ୍ରିପୁରା ପ୍ରଧାନ, ପ୍ରଦୀପ ଦେହୁରୀ, ମାନସ ରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ଖମାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ ଅନୁରୂପ ଭାବେ ଆସ ଆମେ ସ୍କୁଲ୍ ଯିବା ଅଭିଯାନ ପଦଯାତ୍ରା ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।



# ତାଳଚେରରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି ନିର୍ମାଣ କେବେ?

ତାଳଚେର,୨୦।୮(ସମିସ)

ବରପୁତ୍ରଙ୍କୁ ଭୁଲି ନ ଯାଇ ଉଚିତ ସମ୍ମାନ ଦେବାସହ ସେମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣକୁ ପ୍ରାଧାନ୍ୟ ଦେଇଛି ଓଡ଼ିଆ ଭାଷା ଓ ସଂସ୍କୃତି ବିଭାଗ। ୨୦୨୫-୨୬ରେ ବିଭାଗ ମୋଟ ୩୦ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ପ୍ରାୟ ୫କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ତେବେ ତାଳଚେର ଭଳି ଏକ ଶିଳ୍ପାଞ୍ଚଳରେ ଦେଶମାତୃକାର ସେବାକରି ସ୍ୱାଧୀନତା ସଂଗ୍ରାମୀମାନେ ପ୍ରାଣବଳି ଦେଇଥିବା ବେଳେ ବିଭାଗ ସେମାନଙ୍କ କଥାକୁ ଭୁଲିଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ତାଳଚେରରେ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତି କେବେ ନିର୍ମାଣ ହେବ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି।

ତାଳଚେର ଏକ ଗଡ଼ଜାତ ଅଞ୍ଚଳ ହୋଇଥିବା ବେଳେ ଏଠାରେ ବ୍ରିଟିଶ ସରକାର ପକ୍ଷରୁ ଆକାଶରୁ ଗୋଳାବର୍ଷଣ ସହ ସ୍ଥଳଭାଗରେ ପୁଲିସର ଲାଠି ଚାଲଣରେ ଲହୁଲୁହାଣ ହୋଇ କେତେକ ପ୍ରାଣବଳି ଦେଇଥିଲେ। ଆଉ କେତେକ ରକ୍ତାକ୍ତ ହୋଇ ଜୀବନ ସହ ସଂଗ୍ରାମ କରିଥିଲେ। ସେହି ଅଞ୍ଚଳଟି ରକ୍ତରଞ୍ଜିତ ହୋଇପଡ଼ିଥିଲା। ସେଥିମଧ୍ୟରୁ ତାଳଚେର ଅଞ୍ଚଳର ଅର୍ଜୁନ ରଥ, ମହେଶ୍ୱର ରଥ, ଗଙ୍ଗାଧର ରଥ, ପାଣ୍ଡବ ପ୍ରଧାନ, ରଘୁନାଥ ନନ୍ଦ, ବୃନ୍ଦାବନ ମହାପାତ୍ର, ଅନନ୍ତ ପ୍ରଧାନ, ବୈକୁଣ୍ଠ ସାହୁ, ଦୁଃଖବନ୍ଧୁ ସାହୁ, କୁଶ ସାମଲ, କୃତୀବାସ ରଥ, ମଧୁମୋହନ ପ୍ରଧାନ, ମାଧବଚନ୍ଦ୍ର ପ୍ରଧାନ, ନୀଳମଣି ପ୍ରଧାନ, ନାଥ ପ୍ରଧାନ, ସାମୁ ସାହୁ, ସୁଦର୍ଶନ ପ୍ରଧାନ, ଠାକୁର ପ୍ରସାଦ ରଥ, ଯୋଗୀ ସାହୁ, ରେଣୁ ସାହୁ, ରତ୍ନାକର ପ୍ରଧାନ ଓ ଆକୁଳ ସାହୁ ପ୍ରମୁଖ ତାଳଚେର ମାଟିର ସ୍ୱାଧୀନତା ସଂଗ୍ରାମୀମାନେ ଏବେ ଆମ ଗହଣରେ ନ ଥିଲେ ମଧ୍ୟ ତାଙ୍କ ବଳିଦାନକୁ ମନେ ପକାଇବା ପାଇଁ ତାଳଚେର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସ୍ମୃତିସ୍ତମ୍ଭ କରି ରଖାଯାଇଛି। ତେବେ ଇଏ କି ପ୍ରକାର ସମ୍ମାନ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ତାଳଚେରର ବରପୁତ୍ର ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ପବିତ୍ର ମୋହନ ପ୍ରଧାନ ଓ ସ୍ୱର୍ଗତ ଦୁଃଖବନ୍ଧୁ ସାହୁ ତାଳଚେର ବ୍ଲକ ଅଧ୍ୟକ୍ଷ ଥିବା ସମୟରେ ଏହି ସ୍ମୃତିସ୍ତମ୍ଭ ସ୍ଥାପନ କରାଯାଇଥିଲା। ମାତ୍ର ପରିତାପର ବିଷୟ ଏହି ସ୍ତମ୍ଭକୁ ନା ପ୍ରଶାସନ ନା ରାଜନେତା ଆଡ଼ ଆଖିରେ ବି ଚାହିଁନାହାନ୍ତି। ଏହି ସ୍ତମ୍ଭ ଥିବା ସ୍ଥାନ ଚାରିପାଖ ଖୋଲାମେଲା ପଡ଼ିବା ସହ ୪ଟି ଖମ୍ବ ବିଶିଷ୍ଟ ଖଣ୍ଡିଏ ଛାତ ମଧ୍ୟରେ ସୀମିତ ହୋଇ ରହିଛି। ଏହା ପରିସର ଘାସଲଟାରେ ପରିପୂର୍ଣ୍ଣ ହୋଇପଡ଼ିଛି। ଅକ୍ଷରଗୁଡ଼ିକ ଲିଭିବାକୁ ମଧ ବସିଲାଣି। ତେଣୁ ତୁରନ୍ତ ସରକାର ଏହି ମହାନ ସଂଗ୍ରାମୀମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି।

## ଘଡ଼ିଆଳ ପାଇଁ ପ୍ରସ୍ତୁତ ଚାଲିଛି କୃତ୍ରିମ ଥଣ୍ଟ

ଅନୁଗୋଳ,୨୦।୮(ସମିସ): ମହାନଦୀର ସାତକୋଶିଆ ଗଣ୍ଡରେ ଗତ ଜୁନ ମାସରେ ମଗର ସହ ଏକ ଅଣ୍ଡିରା ଘଡ଼ିଆଳର ଭୀଷଣ ଲଢ଼େଇ ହୋଇଥିଲା। ନିଜର ଅଞ୍ଚଳ ଦଖଲ ପାଇଁ ନଦୀରେ ହୋଇଥିବା ଏହି ଲଢ଼େଇରେ ମଗର ଆକ୍ରମଣ ଯୋଗୁଁ ଘଡ଼ିଆଳ କୁମ୍ଭୀରର ଥଣ୍ଟ ଛିଣ୍ଡିଯାଇଥିଲା। କ୍ଷତାକ୍ତ ହୋଇ ଘଡ଼ିଆଳ ନଦୀରେ ବୁଲୁଥିବା ବେଳେ ବନବିଭାଗର ଅକ୍ଳାନ୍ତ ପରିଶ୍ରମ ପରେ ତାକୁ ଉଦ୍ଧାର କରାଯାଇଥିଲା। ସେହିଦିନଠାରୁ ଘଡ଼ିଆଳକୁ ଟିକରପଡ଼ାସ୍ଥିତ ଘଡ଼ିଆଳ ଗବେଷଣା କେନ୍ଦ୍ରରେ ରଖାଯାଇ ତାହାର ନିୟମିତ ଚିକିତ୍ସା ଜାରି ରହିଛି। ସାତକୋଶିଆ ପ୍ରାଣୀ ଚିକିତ୍ସକ ଡା. କିଶୋର ସାହୁ ଏହା ଉପରେ ୨୪ ଘଣ୍ଟିଆ ନଜର ରଖିଥିବା ବେଳେ କୁମ୍ଭୀର ଧୀରେ ଧୀରେ ସୁସ୍ଥ ହେଉଥିବା ଜଣାପଡ଼ିଛି। ତା' ଥଣ୍ଟରେ ହୋଇଥିବା କ୍ଷତ ଭଲ ହୋଇଯାଇଥିବା ବେଳେ କୁମ୍ଭୀରଟି ଏବେ ନିଜେ ମାଛ ଖାଇପାରୁଛି। କିନ୍ତୁ ଉପର ପାଖର ଥଣ୍ଟ ଛିଣ୍ଡି ଯାଇଥିବାରୁ ଖାଇବାରେ ଅସୁବିଧା ହେଉଛି। ଏହି ସମସ୍ୟାକୁ ଦୃଷ୍ଟିରେ ରଖି ସାତକୋଶିଆ ବନବିଭାଗ ଏକ ଏକ କୃତ୍ରିମ ଥଣ୍ଟ ଲଗାଇବାକୁ ଯୋଜନା କରୁଛି। ଡା. ସାହୁଙ୍କ ଯୋଜନା ମୁତାବକ ଏକ ଥଣ୍ଟ ଏବେ ନିର୍ମାଣ କରାଯାଉଛି। ଯାହା ଆଗାମୀ ଦିନରେ କୁମ୍ଭୀର ମୁହଁରେ ଖଞ୍ଜାଯିବ। ଏ ନେଇ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଗଦାଧର ପାତ୍ରଙ୍କୁ ପଚାରିବାରୁ ସେ କହିଲେ ଯେ କୁମ୍ଭୀର ସୁସ୍ଥ ଅଛି। ଡାକ୍ତର ଏହାର ଥଣ୍ଟ ଲଗାଇବା ପାଇଁ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

**ମଗର ସହ ଲଢ଼େଇରେ ଛିଣ୍ଡିଯାଇଥିଲା**

● ଏଫ୍‌ଏମ୍ ଛାତ୍ରୀ ଆତ୍ମଦାହ ଘଟଣା

# ସରିଲା ତିନିଦିନିଆ ରିମାଣ୍ଡ, ଜେଲ୍‌କୁ ଫେରିଲେ ସମୀର

ବାଲେଶ୍ୱର,୨୦।୮ (ସମିସ): ଫକୀରମୋହନ ମହାବିଦ୍ୟାଳୟର ବିଏଡି ବିଭାଗର ଛାତ୍ରୀ ସୌମ୍ୟାଶ୍ରୀ ବିଭାଗୀୟ



ଏଚଓଡ଼ି ସମୀର ସାହୁଙ୍କ ଦ୍ୱାରା ନିର୍ଯାତନାର ଶିକାର ହୋଇ ଶେଷରେ ଗତ ଜୁଲାଇ ମାସ ୧୨ତାରିଖରେ ଅଧକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରେ ଭୁବନେଶ୍ୱର ସ୍ଥିତ ଏମସରେ ଚିକିତ୍ସିତ ହେଉଥିବା ବେଳେ୧୪ତାରିଖରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସମୀର ସାହୁ ଗିରଫ ହୋଇ ୧୪ଦିନିଆ ଜେଲ୍ ହାଜତକୁ ଯାଇଥିଲେ। ଏହି ଘଟଣାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ମୁଖ୍ୟ ଅଭିଯୁକ୍ତ ସମୀର ସାହୁଙ୍କଠାରୁ ଅଧିକ ତଥ୍ୟ ହାସଲ ପାଇଁ ୧୮ ତାରିଖରେ କୋର୍ଟରେ ତିନିଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲା। ଏଥିରେ କୋର୍ଟ ଅନୁମତି ପ୍ରଦାନ କରିଥିଲେ। ତେବେ କ୍ରାଇମବ୍ରାଂଚ ତାଙ୍କୁ ୧୮ ତାରିଖରୁ ଜେଲରୁ ନେଇ କ୍ରାଇମବ୍ରାଂଚ ମୁଖ୍ୟାଳୟରେ ରଖି ଅଧିକ ପଚରାଉଚରା କରିଥିଲେ। ମୃତ ଛାତ୍ରୀଙ୍କ କଲ ରେକର୍ଡ, ସାଥୀଙ୍କ ବୟାନ ଓ ଫୋରେନସିକ ପ୍ରମାଣ କ୍ରାଇମବ୍ରାଂଚ ହାତରେ ଲାଗିବା ପରେ ତଦନ୍ତ ଆଗକୁ ବଢ଼ାଇବା ପାଇଁ ତାଙ୍କୁ ରିମାଣ୍ଡରେ ନେଇଥିଲା। ଆଜି୨୦ତାରିଖ ତାଙ୍କର ରିମାଣ୍ଡ ଆବେଦନର ଶେଷ ହେବା ପରେ କ୍ରାଇମବ୍ରାଂଚ ତାଙ୍କୁ ବାଲେଶ୍ୱର ଜେଲରେ ଛାଡିଛି। ଅନ୍ୟପଟେ ରିମାଣ୍ଡ ଦିନ ସମୀର ଖାଲି ହାତରେ ଜେଲରୁ ଯାଇଥିବା ବେଳେ ଜେଲକୁ ଫେରିବା ସମୟରେ ହାତରେ ମୁଢ଼ି ବ୍ୟାଗ୍ ଧରି ଯାଇଥିବା ଦେଖିବାକୁ ମିଳିଛି। ଏଠାରେ ସୂଚନା ଯୋଗ୍ୟ ଯେ,ଗତ ୧୮ ତାରିଖରେ ଜିଲ୍ଲା ଦୌରାଜଜଙ୍କ କୋର୍ଟରେ ତାଙ୍କର ବେଲ ଆବେଦନ ଶୁଣାଣୀ ଥିଲା ଏବଂ ସେଠାରେ ତାଙ୍କର ବେଲଆବେଦନ ଖାରଜ ହୋଇଯାଇଥିଲା।

# ଜିଲ୍ଲାରେ ପଛେଇଛି ମୃତ୍ତିକା ପରୀକ୍ଷଣ

ବାଲେଶ୍ୱର,୨୦।୮ (ସମିସ)





ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ଚାଷୀମାନଙ୍କୁ ସାର ଠାରୁ ଆରମ୍ଭ କରି ବିହନ ଏବଂ ସେମାନଙ୍କର ମୃତ୍ତିକା ପରୀକ୍ଷଣ କରାଯିବା ପାଇଁ ମଧ୍ୟ ଲ୍ୟାବର ବ୍ୟବସ୍ଥା କରାଯାଇଛି। ସେମାନଙ୍କ ମାଟିକୁ ପରୀକ୍ଷଣ କରି ସେମାନଙ୍କ ଚାଷ ଜମିକୁ କିପରି ଭାବେ ଉର୍ବର କରାଯିବା ସହ ଅଧିକ ଫସଲ ଅମଳ କରାଯାଇ ପାରିବ ସେନେଇ ଏହି ମୃତ୍ତିକା ପରୀକ୍ଷଣ କରାଯିବାର ବ୍ୟବସ୍ଥା ରହିଛି। ହେଲେ ଚଳିତ ବର୍ଷ ଜିଲ୍ଲାରେ ଚାଷୀମାନଙ୍କ ମୃତ୍ତିକା ପରୀକ୍ଷଣ କରିବା ପାଇଁ ବିଭାଗ ପଛୁଆ ରହିଥିବା ବେଳେ ସେମାନଙ୍କୁ ଆଗାମୀ ଦିନରେ କିପରି ଭାବେ ଚାଷୀ କାର୍ଡ ଯୋଗାଇ ଦିଆଯିବ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୦୨୫-୨୬ ଆର୍ଥିକ ବର୍ଷରେ ବାଲେଶ୍ୱର ଜିଲ୍ଲାର ୧୨ଟି ବ୍ଲକରେ୨୬ହଜାର ଚାଷୀଙ୍କର ମୃତ୍ତିକା ପରୀକ୍ଷଣ କରିବା ପାଇଁ ଟାର୍ଗେଟ ପ୍ରଦାନ କରାଯାଇଛି। ହେଲେ ଏହି ସମସ୍ତ ବ୍ଲକରୁ ବର୍ତ୍ତମାନ ସୁଦ୍ଧା ୧୪ ହଜାରରୁ ଅଧିକ ମୃତ୍ତିକା ପରୀକ୍ଷଣ ପାଇଁ ସାମ୍ପୁଲ ଆସିଥିବା ବେଳେ ସେଥିମଧ୍ୟରୁ ମାତ୍ର ୩ହଜାରରୁ ଅଧିକ ପରୀକ୍ଷଣ କରାଯାଇଛି ଯାହାକି ସମୁଦ୍ରକୁ ଶଂଖେ ବୋଲି ବିବେଚନା କରାଯାଉଛି। ବିଶେଷ କରି ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଚାଷୀମାନଙ୍କର ମୃତ୍ତିକା ସଂରକ୍ଷଣ କରି ମାଟିର ଗୁଣାବତା,ଖାଦ୍ୟ ସାର, ଅଣୁସାର, ମୁଖ୍ୟ ସାର, ଜିଙ୍କ, ପିଏଚ, ମାଟିର ଅମ୍ଳୀୟ, କ୍ଷାରୀୟ, ମ୍ୟାଗନେସିୟମ, କ୍ୟାଲସିୟମ ଆଦି ୯ ପ୍ରକାରର ଟେଷ୍ଟ କରାଯାଇଥାଏ। ଏହାକୁ କୃଷକସାଥିମାନେ ଚାଷୀଙ୍କର ଚାଷଜମିର ମାଟି ଆଣି ଲ୍ୟାବରେ ପହଁଚାଇବା ପରେ ଏହି ସବୁ ପରୀକ୍ଷଣ ହୋଇଥାଏ। ସେଥିରେ କୌଣସି ପ୍ରକାର ବି କମ ରହିଥିଲେ ତାହାକୁ କିପରି ଉନ୍ନତମାନର କରାଯିବ ତାର ମଧ୍ୟ ପ୍ରଣାଳୀ ଚାଷୀମାନଙ୍କୁ କୁହାଯାଇଥାଏ ଏବଂ ପରେ ସେମାନଙ୍କୁ ଚାଷୀ କାର୍ଡ ମଧ୍ୟ ପ୍ରଦାନ କରାଯାଇଥାଏ। ତେବେ ଜିଲ୍ଲାରେ ୪ଟି ସ୍ଥାନ ଅର୍ଥାତ ବାଲେଶ୍ୱର ଜିଲ୍ଲା ମୁଖ୍ୟାଳୟରେ ରହିଥିବା ଲ୍ୟାବରେ ୧୦ହଜାର, ଦୁଇଟି ମୋବାଇଲ ୟୁନିଟ ପାଇଁ ୧୦ହଜାର ସାଙ୍ଗକୁ ଜଳେଶ୍ୱର ଲ୍ୟାବରେ ୩ହଜାର ଏବଂ ଖଇରା ଲ୍ୟାବରେ ୩ହଜାର ମୃତ୍ତିକା ପରୀକ୍ଷଣ ପାଇଁ ବ୍ୟବସ୍ଥା ରହିଛି ଅର୍ଥାତ ଏହି ସମସ୍ତ ଲ୍ୟାବକୁ ମିଶାଇଲେ ମୋଟ ୨୬ହଜାର ମୃତ୍ତିକା ପରୀକ୍ଷଣ କରାଯିବାର ବ୍ୟବସ୍ଥା ରହିଛି। ବିଶେଷ କରି ବାଲେଶ୍ୱର ସଦର ବ୍ଲକରେ୨୨ଶହ ଟାର୍ଗେଟ ରହିଥିବା ବେଳେ ୯୬୬ଟି ସମ୍ପୁଲ କଲେକସନ କରାଯାଇଥିବା ବେଳେ ସେଥିମଧ୍ୟରୁ ୧୫୦ଟି ଟେଷ୍ଟ କରାଯାଇଛି। ସେହିପରି ଜଳେଶ୍ୱର ବ୍ଲକରେ ୩ହଜାର ଥିବା ବେଳେ ସେଥିମଧ୍ୟରୁ ମାତ୍ର ୧୬୫୦ଟି ସାମ୍ପୁଲ କଲେକସନ ହୋଇଥିବା ବେଳେ ୬୫ଟିରେ ପରୀକ୍ଷଣ କରାଯାଇଛି। ସେହିପରି ବାଲିଆପାଳ ବ୍ଲକରେ ୨୩ଶହ ଟାର୍ଗେଟ ଥିବା ବେଳେ ମାତ୍ର ୯୬୫ଟି ସାମ୍ପୁଲ କଲେକସନ କରାଯାଇଥିବା ବେଳେ ଗୋଟିଏ ବି ପରୀକ୍ଷଣ କରାଯାଇ ନାହିଁ। ସେହିପରି ନୀଳଗିରି ବ୍ଲକରେ ୧୭ଶହ ଟାର୍ଗେଟ ରହିଥିବା ବେଳେ ସମସ୍ତ ସାମ୍ପୁଲ କଲେକସନ କରାଯାଇଥିବା ବେଳେ ଗୋଟିଏରେ ବି ପରୀକ୍ଷଣ କରାଯାଇ ନାହିଁ। ବସ୍ତା ବ୍ଲକରେ ୨୧ଶହ ଟାର୍ଗେଟ ଥିବା ବେଳେ ୧୭୦୫ଟି ସାମ୍ପୁଲ କଲେକସନ ହୋଇଥିବା ବେଳେ ୫୧୦ଟିର ପରୀକ୍ଷଣ କରାଯାଇଛି ବୋଲି ରିପୋର୍ଟରୁ ମିଳିଛି। ସେହିପରି ଭୋଗରାଇ ବ୍ଲକରେ୨୨ଶହ ଟାର୍ଗେଟ ଥିବା ବେଳେ ବର୍ତ୍ତମାନ ପର୍ଯ୍ୟନ୍ତ ଗୋଟିଏ ହେଲେ ସମ୍ପୁଲ ସଂଗ୍ରହ କରାଯାଇ ନାହିଁ। ଏହାଛଡା ସିମୁଳିଆ ବ୍ଲକରେ୧୬ଶହ ଟାର୍ଗେଟ ଥିବା ବେଳେ ମାତ୍ର ୭ଶହ କଲେକସନ ହୋଇଥିବା ବେଳେ ଗୋଟିଏରେ ବି ପରୀକ୍ଷଣ କରାଯାଇ ନଥିବା ବେଳେ ରେମୁଣା ବ୍ଲକରେ ୨୪ଶହ ଟାର୍ଗେଟ ଥିବା ବେଳେ ୧୭୭୪ଟି ସମ୍ପୁଲ କଲେକସନ ହୋଇଥିବା ବେଳେ ୧୧୩୦ଟିରେ ପରୀକ୍ଷଣ କରାଯାଇଛି। ସେହିପରି ଔପଦା ବ୍ଲକରେ୧୫ଶହ ଟାର୍ଗେଟ ରହିଥିବା ବେଳେ୧୨ଶହ କଲେକସନ ହୋଇଛି ହେଲେ ଗୋଟିଏରେ ବି ପରୀକ୍ଷଣ ହୋଇ ନାହିଁ। ଏହାବ୍ୟତିତ ବାହାନଗା ବ୍ଲକରେ୨୧ଶହ ଟାର୍ଗେଟ ରହିଥିବା ବେଳେ ସମସ୍ତ ସାମ୍ପୁଲ କଲେକସନ ହୋଇଥିବା ବେଳେ ୭୩୦ଟିରେ ପରୀକ୍ଷଣ କରାଯାଇଛି। ସେହିପରି ଖଇରା ବ୍ଲକରେ ୩ ହଜାର ଟାର୍ଗେଟ ରହିଥିବାବେଳେ ୧୩୫୨ଟି ସାମ୍ପୁ କଲେକସନ ହୋଇଥିବା ବେଳେ ଗୋଟିଏରେ ବି ପରୀକ୍ଷଣ ହୋଇ ନାହିଁ। ଏହାଛଡା ସୋର ବ୍ଲକରେ୨୧ଶହ ଟାର୍ଗେଟ ରହିଥିବା ବେଳେ ମାତ୍ର ୭୨୧ଟିର ସାମ୍ପୁଲ କଲେକସନ କରାଯାଇ ପରୀକ୍ଷଣ କରାଯାଇଛି। ତେବେ ମୋଟ ଉପରେ ବର୍ତ୍ତମାନ ସୁଦ୍ଧା ୧୪୮୩୩ଟି ସାମ୍ପୁଲ କଲେକସନ କରାଯାଇଥିବା ବେଳେ ୩୩୦୬ଟିରେ ପରୀକ୍ଷଣ କରାଯାଇ ୨୨୬୧ଟି କାର୍ଡ ପ୍ରସ୍ତୁତ ହେବା ପାଇଁ ଯାଇଛି ବୋଲି ଜଣାଯାଇଛି। ଏ ନେଇ ମୃତ୍ତିକା ସଂରକ୍ଷଣ ଅଧିକାରୀ ତୁଷାରକାନ୍ତୀ ତୁଙ୍ଗ କହିଛନ୍ତି ଯେ ଜିଲ୍ଲାକୁ ଚଳିତ ବର୍ଷ୨୬ହଜାର ଟାର୍ଗେଟ ଆସିଛି। ସେଥିରୁ କିଛି ମୃତ୍ତିକା ସଂରକ୍ଷଣ କରାଯାଇ ପରୀକ୍ଷଣ କରାଯାଉଛି। ବାକି ଯେଉଁ ବ୍ଲକମାନଙ୍କୁ ଦିଆଯାଇଥିବା ଟାର୍ଗେଟ ଅନୁସାରେ ମୃତ୍ତିକା ସଂରକ୍ଷଣ ହୋଇପାରି ନାହିଁ ତାହା ତୁରନ୍ତ କରାଯିବ ଏବଂ ଆସନ୍ତା ଅକ୍ଟୋବର ମାସ ଠାରୁ ଚାଷୀମାନଙ୍କୁ ସେମାନଙ୍କର କାର୍ଡ ମଧ୍ୟ ପ୍ରଦାନ କରାଯିବ। ଏହାଛଡା ୪ଟି ଲ୍ୟାବରେ ଗୋଟିଏ ଦିନରେ ୧୯୦ଟି ମୃତ୍ତିକା ପରୀକ୍ଷଣ ହେଉଥିବା ବେଳେ ହାରାହାରି ୬ମାସ ଏହି ପରୀକ୍ଷଣ ପାଇଁ ସମୟ ଲାଗିବ। ପରେ ଏହି ଚାଷୀମାନଙ୍କୁ ପ୍ରଦାନ କରାଯିବାକୁ ଥିବା କାର୍ଡ ତାହା ଆସନ୍ତା ତିନି ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ କରିବ ବୋଲି କହିଛନ୍ତି।

● ପଞ୍ଜୀକରଣ ପାଇଁ ନୟାନ୍ତ

# ରାତି ଅଧ ଯାଏଁ ସୋସାଇଟିରେ ଚାଷୀ

ବାଲେଶ୍ୱର,୨୦।୮ (ସମିସ): ସଦର ବ୍ଲକ ସାରଙ୍ଗା ସୋସାଇଟରେ ଧାନକିଣା ପଞ୍ଜୀକରଣ ପାଇଁ ସହଜ ସରଳ କରିବା ପାଇଁ ଅନଲାଇନ ବ୍ୟବସ୍ଥା ଏବେ ଚାଷୀ ପାଇଁ ଅସୁବିଧାର କାରଣ ପାଲଟିଛି।



ସର୍ଭର ଡାଉନ ଚାଷୀ ପାଇଁ ପାଲଟିଛି ବଡ଼ ଚ୍ୟାଲେଞ୍ଜ। ଗୋଟିଏ ଦିନ କାମକୁ ନଗଲେ କୁଟୁମ୍ବ ଉପାସ , ଦୁଇତିନଧରି ଶତାଧିକ ଚାଷୀ ନିଇତି ରାତି ଅଧପର୍ଯ୍ୟନ୍ତ ଅଧିଆ ପଡିବାକୁ ପଡୁଛି। ଫର୍ମ ସଂଗ୍ରହ କରିଛନ୍ତି ହଜାରେରୁ ଅଧିକ ଚାଷୀ, ନବାଗତଙ୍କ ପାଇଁ ଏବେ ଫର୍ମ ବି ମିଳୁନାହିଁ। ଏମିତି ଯଦି ସର୍ଭର ଡାଉନ ରହେ କେବେ ହେବ ପଞ୍ଜୀକରଣ। ବସନ୍ତପୁରର ଚାଷୀ ଫକୀର ସେଠୀ କୁହନ୍ତି ତିନିଦିନ କମେଇ ଆଜିବି ସକାଳୁ ଆସି ବସିଛି ସନ୍ଧ୍ୟା ହେଲାଣି। ଯଦି ସାଧାରଣ ଭାବରେ ପଞ୍ଜିକୃତ ହେଉଥାନ୍ତା କେବେଠୁ ଘରେ ପହଁଚି ସାରନ୍ତେଣି। ଆଗାମୀଦିନରେ ଏ ପ୍ରକାର ଯେମିତି ଅସୁବିଧା ନ ହୁଏ, ସାଧାରଣ ଚାଷୀ ଯେପରି ଅସୁବିଧାରେ ନପଡେ, ବିଭାଗୀୟ ଅଧିକାରୀଙ୍କୁ ମାନବାଧିକାରକର୍ମୀ ସୁଧାକର ସେଠୀ ନିବେଦନ ରଖିଛନ୍ତି।

# ମାତୃପିତୃ ପୂଜନ ଦିବସ ପାଳିତ




ବାଲେଶ୍ୱର,୨୦।୮ (ସମିସ): ଅରଡ ବଜାରସ୍ଥିତ ଡ୍ରିମ୍ସ ଆଇଡିଆଲ୍ ସ୍କୁଲ ପରିସରରେ ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ପ୍ରାବନ୍ଧିକ ସୃଷ୍ଟିଧର ପରିଡ଼ା ଓ ବିଶିଷ୍ଟ କବି ,ଲେଖିକା ତଥା ସାଗରିକା ପତ୍ରିକା ଏବଂ ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା ସୈରିନ୍ଦ୍ରୀ ସାହୁ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ମୁଖ୍ୟ ବକ୍ତା ଭାବେ କବି କାଳିପଦ ପଣ୍ଡା ଯୋଗ ଦେଇ ଗଳ୍ପ ମାଧ୍ୟମରେ ବହୁ ଉପାଦେୟ ତଥ୍ୟ ପିତାମାତା ଙ୍କ ପାଇଁ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ବିଦ୍ୟାପୀଠ ର ପ୍ରତିଷ୍ଠାତା ଗଙ୍ଗାଧର ଦାସ। ଅଧକ୍ଷା ଶ୍ରୀମତୀ ପୁଷ୍ପିତା ମହାନ୍ତି ଧନ୍ୟବାଦ ଦେଇଥିଲେ। ପିଲାମାନେ ମାତା ପିତାଙ୍କ ପୂଜାର୍ଚ୍ଚନା କରି ସେମାନଙ୍କର ଆଶୀର୍ବାଦ ଲାଭ କରିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ରେହାନା ବେଗମ୍, ସରିତା ବାରିକ, ଆରତୀବାଳା ଦାସ, ଆଞ୍ଚଲପ୍ରିୟା ବେହେରା, ଅନୀତା ରାଣୀ ଦାସ, ଅନନ୍ୟା ବାଗ୍, ମାମୁନି ମହାପାତ୍ର, ପ୍ରଭାତୀ ମହାପାତ୍ର, ଶାନ୍ତିଲତା ମାଝୀ, ନମିତା ବାଗ୍, ଜୟସ୍ମିତା ପଣ୍ଡା, ମୌସୁମୀ ଚାଟାର୍ଜୀ, ମୋନାଲି ପରିଡ଼ା, ଶରିଫୁଦ୍ଦିନ୍ ମହମ୍ମଦ, ମନିଷା ଦାଶ, ସଞ୍ଜୁଲତା ସ୍ୱାଇଁ, ଭଗବାନ ବେହେରା ପ୍ରମୁଖ ପରିଚାଳନା କରିଥିଲେ।

# ଆନ୍ତର୍ଜାତିକ ସ୍ତରରେ ଓଡ଼ିଆ ସୋସାଇଟିର ଭୂମିକା ପ୍ରଶଂସନୀୟ



ବାଲେଶ୍ୱର, ୨୦।୮ (ସମିସ): ଜର୍ଜିଆ ପ୍ରଦେଶର ସାଉଥ୍ ଏରିନା ଠାରେ ଭାରତ ଆମେରିକା ସାଂସ୍କୃତିକ ସଂଘ ଆନୁକୂଲ୍ୟରେ ଜାମ୍ମୁ କାଶ୍ମୀରଠାରୁ କେରଳ ଓ ଆସାମଠାରୁ ମହାରାଷ୍ଟ୍ର ସମସ୍ତ ପ୍ରଦେଶର ସାଂସ୍କୃତିକ ବିବିଧତାସୂଚକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଏଥିରେ ଓଡିଆ ସୋସାଇଟି ଅଫ୍ ଆମେରିକା (ଓସା) ଓ ଜର୍ଜିଆ ଓଡିଆ ସୋସାଇଟି (ଜି. ଓ.ଏସ୍ / ଗସ୍ ) ବିଭିନ୍ନ ଓଡିଆ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ନୃତ୍ୟ ଗୁରୁ ଅଭିପ୍ସା ବେହେରାଙ୍କ ସଂଯୋଜନାରେ ମନସ୍ୱିନୀ ସାବତ୍, ଲୋପାମୁଦ୍ରା ରାଉତରାୟ, ମଧୁସ୍ମିତା ପଣ୍ଡାଙ୍କ ଦ୍ୱାରା ନାରୀ ସଶକ୍ତିକରଣ ଉପରେ ଆଧାରିତ 'ଶକ୍ତି-ସାହସିକତାର ପାଖୁଡା' ଶୀର୍ଷକ ସଂଯୁକ୍ତ ନୃତ୍ୟ ଦର୍ଶକଙ୍କ ହୃଦୟ ସ୍ପର୍ଶ କରି ସମକାଳୀନ ନୃତ୍ୟ ବିଭାଗରେ ତୃତୀୟ ପୁରସ୍କାର ପାଇ ଗସ୍ ର ସଭାପତି ଚିନ୍ମୟ ଦାସମହାପାତ୍ରଙ୍କ ପ୍ରଶଂସାର ପାତ୍ର ହୋଇଥିଲେ। 'ଓସା' ତରଫରୁ ଯୁବ ନୃତ୍ୟ ଗୁରୁ ଅନନ୍ୟା ବକ୍ସିଙ୍କ ପରିଚାଳନାରେ 'ସମ୍ବଲପୁରୀ ବିଟ୍ସ' ଶୀର୍ଷକ ଅନ୍ୟ ଏକ ପାରମ୍ପରିକ ନୃତ୍ୟ ପରିବେଷଣ କରିଥିଲେ ଅଭିପ୍ସା ବେହେରା, ଇପ୍ସିତା ପ୍ରିୟଦର୍ଶିନୀ, ପଲ୍ଲବୀ ମହାନ୍ତି। ଏଥିରେ ଓଡ଼ିଆଙ୍କ ମଧ୍ୟରେ ବାଲେଶ୍ୱରରୁ ମଧ୍ୟ ସାମିଲ ରହିଛନ୍ତି। ବିଦେଶରେ ନିଜ ଜନ୍ମ ମାଟିର ବାସ୍ନା ପ୍ରସାରିତ କରିବାରେ ଓସା ର ଅବଦାନ ପ୍ରଶଂସିତ ହୋଇଥିଲା। ଶିଶୁ କଳାକାର ତଥା କିଛି କାର୍ଯ୍ୟରତ ଯୁବ ପ୍ରତିଭାଙ୍କୁ ନେଇ ଜୀବନ୍ କାନନ୍ଗୋ ଓ ସୁଶାନ୍ତ ମହାରଣାଙ୍କ ଦ୍ୱାରା ୨୦୨୨ରେ ସ୍ଥାପିତ 'ଦି ରିଦ୍ମିକ୍ ବ୍ଲିସ୍' ନାମକ ଗସ୍ ର ବ୍ୟାଣ୍ଡ ଦଳ ଭାରତୀୟ ସଂଗୀତ ପରମ୍ପରାର ଝଲକ୍ ପ୍ରଦାନ କରିଥିଲେ।

# ନିଶା ନିବାରଣ ଓ ନାରୀ ସୁରକ୍ଷା ଦାବିରେ ଏସ୍‌ପିଙ୍କୁ ଦାବିପତ୍ର

ବାଲେଶ୍ୱର,୨୦।୮ (ସମିସ): ସୁନହଟ ତଥା ଏହାର ଆଖପାଖ ସଂଲଗ୍ନ ଗ୍ରାମ ଗୁଡ଼ିକରେ ନିଶା ନିବାରଣ, ଶାନ୍ତି ଶୃଙ୍ଖଳା ରକ୍ଷା, ଯୁବଶକ୍ତିର ସୁବିନିଯୋଗ ଏବଂ 'ନାରୀ ସୁରକ୍ଷା' ଆଦିର ବିପର୍ଯ୍ୟସ୍ତ ସ୍ଥିତିକୁ ନେଇ ସୁନହଟ ଆଂଚଳିକ ସୁରକ୍ଷା ମଞ୍ଚ ପକ୍ଷରୁ ଏକ ଦାବିପତ୍ର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦଙ୍କୁ ପ୍ରଦାନ କରାଯାଇଛି। ମହୁଲପଡ଼ିଆ ଡିଗିରହଣିଆ ରାସ୍ତାର କିଛି ନିଛାଟିଆ ସ୍ଥାନରେ ପ୍ରବଳ ନିଶାସେବନ କାର୍ଯ୍ୟ ବୃଦ୍ଧି ପାଇଛି। ଏହାଛଡା ସେଠାରେ ସେମାନେ ବହୁତ ଜୋର ଶବ୍ଦ କରି ମୋଟର ସାଇକେଲ ଚଳାଉଥିବା ବେଳେ ଲୋକେ ଅଶାନ୍ତି ପ୍ରକାଶ କରୁଛନ୍ତି। ଏ ନେଇ ପୂର୍ବରୁ ବହୁବାର ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି କୁହାଯାଇଛି। ଏଥିରେ ଆଂଚଳିକ କମିଟିର ସନତ ଦାସ, ଗୌତମ ଦାସ, ଶ୍ରୀପତ ମାଝୀ, ଦୟା ମାଝୀ, କାଉନସିଲର ରୋଜାଲିନ ପାଣି, ଜୀବନ ପାଣି, ରାଜେନ୍ଦ୍ର ଦାସ, ଶ୍ରୀମନ୍ତ ମହାନ୍ତି, ଜିତେନ୍ଦ୍ର ସ୍ୱାଇଁ, ଭଜ ସ୍ୱାଇଁ, ଜଗବନ୍ଧୁ ଆଚାର୍ଯ୍ୟ, ସତେନ୍ଦ୍ର ଦାସ, ଅନିରୁଦ୍ଧ କବି, ଜିତେନ୍ଦ୍ର ଦାସ, ବିଜୟନନ୍ଦ, ପ୍ରକାଶ ନାୟକ, ବୁବୁ ଦାସ, ବିଦ୍ୟାଧର ମାଝୀ, ସଞ୍ଜୟ ମାଝୀଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ସ୍ୱାସ୍ଥ୍ୟସେବା ଦାବିରେ ଧାରଣା ତୃତୀୟ ଦିନରେ




ବାଲେଶ୍ୱର,୨୦।୮ (ସମିସ): ମେଡ଼ିକାଲ କଲେଜ ଓ ହସପିଟାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥବା ତୃତୀୟ ଦିନର ଗଣଧାରଣାରେ ବହୁ ସାମାଜିକ ସଙ୍ଗଠନ ଓ ଗଣ ସଙ୍ଗଠନର କର୍ମକର୍ତ୍ତା ଯୋଗ ଦେଇଥିଲେ। ଗଣଧାରଣା ସ୍ଥଳରୁ ପୂର୍ବତନ ସେନା କର୍ମଚାରୀ ସଂଘ,ବାଲେଶ୍ୱର ସାମ୍ବାଦିକ ସଂଘ ଓ ଅବସରପ୍ରାପ୍ତ ରେଳ କର୍ମଚାରୀ ସଂଘ ପକ୍ଷରୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ସାକ୍ଷାତ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟସେବା ସମ୍ପର୍କିତ ୧୮ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଜିଲ୍ଲାବାସୀଙ୍କ ସାମଗ୍ରୀକ ସରକାରୀ ସ୍ୱାସ୍ଥ୍ୟସେବାରେ ସୁଧାର ଆଣିବା ପାଇଁ ସେମାନେ ଜିଲ୍ଲାପାଳଙ୍କୁ ଅନୁରୋଧ କରିଛନ୍ତି। ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ଓ ଉପସଭାପତି ନିରଞ୍ଜନ ରାଉତ ଧାରଣା ସ୍ଥଳରେ ସଭା କାର୍ଯ୍ୟ ପରିଚାଳନା କରିଥିଲେ। କ୍ରିୟାନୁଷ୍ଠାନ କମିଟି ସମେତ ବିଭିନ୍ନ ସଙ୍ଗଠନ ପକ୍ଷରୁ ବିପ୍ଳବ କୁମାର ମହାନ୍ତି, ମହେଶ୍ୱର ବେହେରା, କଲ୍ୟାଣୀ ନନ୍ଦ, ଅର୍ଚ୍ଚନା ନନ୍ଦୀ, ଗୋପୀନାଥ ଶତପଥୀ, ଶରତ କୁମାର ମହାପାତ୍ର, ମାୟାଧର ନାୟକ, ଡ କେଶବ ପଣ୍ଡା, ପୂର୍ବତନ ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଭାସ୍କର ଚନ୍ଦ୍ର ପଣ୍ଡା, ନିରାକାର ପାଣ୍ଡବ, ପୂର୍ବତନ ସରପଂଚ ଷ୍ଟାଲିନ ମିଶ୍ର, ଅନିଲ ପଟ୍ଟନାୟକ, ପ୍ରଭାକର ବେହେରା, ବସନ୍ତ ଲତା ପଟ୍ଟନାୟକ, ମହମ୍ମଦ ଇସଲାମ, ସପନ ବିଶ୍ୱାଳ, ଯଶୋଦାନନ୍ଦନ ଆଶ, ଦୁଷ୍ମନ୍ତ ଦାସ, ପଦ୍ମଲୋଚନ ଦତ୍ତ, ସୂର୍ଯ୍ୟକାନ୍ତ ପଣ୍ଡା, ପ୍ରଫୁଲ୍ଲ ଦାସ, କୁମୁଦ ରଞ୍ଜନ ଗିରି ଓ ତରୁଣ ଦାସ ପ୍ରମୁଖ ଯୋଗଦେଇ ବାଲେଶ୍ୱର ଜିଲ୍ଲାରେ ଥିବା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଦୃଢ଼ଦାବି କରିଥିଲେ। ଶେଷରେ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଭାରତମାତା ପୂଜନ ଓ ଅଖଣ୍ଡ ଭାରତ ସଙ୍କଳ୍ପ ଦିବସ




ବାଲେଶ୍ୱର,୨୦।୮ (ସମିସ): ଜାତୀୟ ଏକତା, ସ୍ୱାଭିମାନ ଓ ଦେଶପ୍ରେମର ପବିତ୍ର ବାର୍ତ୍ତା ନେଇ ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ସଂସ୍କୃତି ପ୍ରଚାର ସମିତିର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ ଭାରତମାତା ପୂଜନ ଓ ଅଖଣ୍ଡ ଭାରତ ସଂକଳ୍ପ ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅଖିଳ ଭାରତୀୟ ସଦଭାବନା ପ୍ରମୁଖ ଡକ୍ଟର ଗୋପାଳ ପ୍ରସାଦ ମହାପାତ୍ର ଯୋଗଦେଇ ଭାରତର ଅନାଲୋଚିତ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବାଲେଶ୍ୱର ବିଭାଗର ମୁଖ୍ୟ ପ୍ରଚାରକ ବିଷ୍ଣୁ ଚରଣ ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ମତବ୍ୟକ୍ତ କରି ଦେଶକୁ ଜାଣିବା ଓ ମାନିବା, ଦେଶ ପାଇଁ ନିଜକୁ ପ୍ରସ୍ତୁତ କରିବା ସହ ଦେଶ ଗଠନରେ ନିଜର ମୂଲ୍ୟବାନ ଯୋଗଦାନର ମହତ୍ତ୍ୱକୁ ବୁଝାଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା କହିଥିଲେ ଯେ, ଭାରତମାତାଙ୍କ ପୂଜନ କେବଳ ପରମ୍ପରା ନୁହେଁ ଏହା ଆମର ଅଭିନ୍ନ ସମର୍ପଣର ପ୍ରତୀକ। କାର୍ଯ୍ୟକ୍ରମକୁ ସଂସ୍କୃତ ବିଭାଗର ଛାତ୍ରୀ ଅଭିପ୍ସା ଆଚାର୍ଯ୍ୟ ସଂଚାଳନ କରିଥିବା ବେଳେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଜିଲ୍ଲା ମହାବିଦ୍ୟାଳୟ ପ୍ରମୁଖ ହରିଚନ୍ଦନ ଦାସ ଧନ୍ୟବାଦ ଦେଇଥିଲେ।

ଆସୁଛନ୍ତି ଗଜାନନ

# ସୋଫାରେ ବିରାଜିବେ ଶ୍ରୀଗଣେଶ

ବାଲେଶ୍ୱର, ୨୦।୮ (ସମିସ): ଆସୁଛନ୍ତି ପ୍ରଭୁ ଗଜାନନ। ଏଥିପାଇଁ ଆରମ୍ଭ ହୋଇଗଲାଣି ବିଭିନ୍ନ କ୍ଲବ ପକ୍ଷରୁ ପ୍ରସ୍ତୁତି। ସହରରେ ଗଣେଶ ପୂଜା କହିଲେ ବିଶେଷ କରି କନଭେଣ୍ଟ ସ୍କୁଲ ରୋଡ୍ ଅନ୍ୟତମ। କାରଣ ଏଠାରେ ମାତ୍ର ୬୦୦ ମିଟର ବ୍ୟବଧାନ ମଧ୍ୟରେ ୪୫ରୁ ଅଧିକ ଭିନ୍ନ ଭିନ୍ନ ନିଆରା ଗଣେଶଙ୍କ ମୂର୍ତ୍ତି ପୂଜା ପାଆନ୍ତି। ସେଥିମଧ୍ୟରୁ ଦ ସାଇନିଂ ପର୍ଲ୍ସ କ୍ଲବ୍ ଅନ୍ୟତମ। ସୂଚନାଯୋଗ୍ୟ, ଦ ସାଇନିଂ ପର୍ଲ୍ସ କ୍ଲବ ପକ୍ଷରୁ ୨୦୦୭ ମସିହାରୁ ପୂଜା ଆରମ୍ଭ ହୋଇଥିଲା। ଚଳିତ ବର୍ଷ ଉନବିଂଶ ତମ ବର୍ଷରେ ପଦାର୍ପଣ କରିଛି ପୂଜା। ତେବେ ପୂଜା ପାଇଁ ଚଳିତବର୍ଷ ବଜେଟ୍, ତୋରଣ, ଆଲୋକମାଳା ଏବଂ ମୂର୍ତ୍ତି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି ବୋଲି କ୍ଲବ୍ ପକ୍ଷରୁ ସୂଚନା ମିଳିଛି। ଚଳିତବର୍ଷ କ୍ଲବର ମୂର୍ତ୍ତି ଉଚ୍ଚତା ୧୩ ଫୁଟ୍ ରହିଥିବା ବେଳେ ଏଥିରେ ରାଜାଧିରାଜ ଅବତାରରେ ଆରାମଦାୟକ ସୋଫା ଉପରେ ବିରାଜମାନ ଗଣେଶଙ୍କ ମୂର୍ତ୍ତି



ସାଇନିଂ ପର୍ଲ୍ସ କ୍ଲବ୍

ଏକ ଭିନ୍ନଶୈଳୀରେ ପ୍ରସ୍ତୁତ ହେଉଛି ବୋଲି କ୍ଲବ ସମ୍ପାଦକ ଜ୍ୟୋତି ପ୍ରକାଶ ଦାସ କହିଛନ୍ତି। ଏହି ମୂର୍ତ୍ତିଟି ଶିଳ୍ପକାର ଗୋପୀନାଥ ଦତ୍ତ (ଚନ୍ଦ୍ରା ଦା)ଙ୍କ ନିର୍ଦ୍ଦେଶକ୍ରମେ ୪ଜଣ କାରିଗରଙ୍କ ସହାୟତାରେ ନିର୍ମିତ ହେଉଛି। ଚଳିତବର୍ଷ ପୂଜାର ବିଶେଷ ଆକର୍ଷଣ ହେଉଛି ସାଜସଜ୍ଜା, ଆଲୋକମାଳ ଓ ପୂଜା ଦିନ ସନ୍ଧ୍ୟାରେ ୧୦୮ ସନ୍ଧ୍ୟା ଆଳତି। କ୍ଲବର ୭୦ରୁ ଅଧିକ ସଦସ୍ୟ ଥିବା ବେଳେ ସେମାନଙ୍କ ସହଯୋଗରେ ପ୍ରତିବର୍ଷ ପୂଜା ଆୟୋଜିତ ହୁଏ। ପୂଜାର ସମସ୍ତ ଦାୟିତ୍ୱ ଓ କାମ ସଦସ୍ୟମାନେ ତୁଲାଇବା ସହ କ୍ଲବ୍ ପକ୍ଷରୁ ଶାନ୍ତିଶୃଙ୍ଖଳାର ସହ ପ୍ରତିବର୍ଷ ପୂଜା ଓ ବିସର୍ଜନ କରାଯାଇଥାଏ। ତେବେ ଆସନ୍ତା ବର୍ଷ କ୍ଲବ ର ୨୦ ବର୍ଷ ପୂର୍ଣ୍ଣ ହେଉଥିବାରୁ ଏକ ବିଶେଷ ଆକର୍ଷଣ ସହିତ ବାଲେଶ୍ୱରବାସୀଙ୍କୁ ଏକ ନୂତନ ଅନୁଭୂତି ପ୍ରଦାନ କରିବା ପାଇଁ ଚେଷ୍ଟା ରହିବ ବୋଲି ସଭାପତି ସୂଚନା ଦେଇଛନ୍ତି।

# ଯୁବନେତାଙ୍କ ସ୍ମୃତିସଭା

ବାଲେଶ୍ୱର,୨୦।୮ (ସମିସ): ସ୍ଥାନୀୟ ଓଟି ରୋଡ ଠାରେ ବାଲେଶ୍ୱରର ଯୁବ ନେତା ତଥା ସାମାଜିକ କର୍ମୀମାନେ ଏକତ୍ରିତ ହୋଇ ପୂର୍ବତନ ରାଜ୍ୟ ଯୁବ କଂଗ୍ରେସ ସଭାପତି ତଥା ଦିବଂଗତ ସଂଗ୍ରାମ ଜେନାଙ୍କ ଚତୁର୍ଥ ଶ୍ରାଦ୍ଧ ବାର୍ଷିକୀ ପାଳନ କରିଛନ୍ତି। ଉକ୍ତ ଶ୍ରଦ୍ଧାଞ୍ଜଳି ସଭାରେ ଯୁବ ନେତା ତୁଷାରକାନ୍ତି ତପସ୍ୱୀ, ଦେବଦତ ଦାସ, ଭାରତ ଭୂଷଣ ଦାସ, ସତ୍ୟେନ୍ଦ୍ର ଦାସ, ଅର୍ଦ୍ଧେନ୍ଦୁ ଶେଖର ଦାସ, ରତିକାନ୍ତ ଦାସ, ବିରେନ୍ଦ୍ର ପଣ୍ଡା, ସର୍ବେଶ୍ୱର ବାରିକ, ବିଶ୍ୱଜିତ ମହାପାତ୍ର, ସୁଜୟ କୁମାର ଦାସ, ତାପସ ଦାସ, କୈଳାଶ ତରାଇ, ନିତିଶ କୁମର ବାରିକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଶ୍ରୀ ଜେନାଙ୍କ ସ୍ମୃତିଚାରଣ କରିଥିଲେ।



## କାଗଜ କଲମରେ ସୀମିତ କିଚେନ ଗାର୍ଡେନ ଯୋଜନା

# ୯୦ ଭାଗ ବିଦ୍ୟାଳୟରେ ଫାଙ୍କା ପଡ଼ିଛି ବଗିଚା

ବନ୍ତ/ଆଗରପଡ଼ା,୨୦।୮ (ସମିସ)



ଗତ ୨୦୨୦ ମସିହାରେ ବଜାରର ଦରକୁ ଆଖି ଆଗରେ ରଖି ମଧ୍ୟାହ୍ନ ଭୋଜନରେ ସ୍ୱଚ୍ଛତା ଆଣିବା ରାଜ୍ୟ ସରକାର ବିଦ୍ୟାଳୟରେ କିଚେନ ଗାର୍ଡେନ ଯୋଜନାର ଶୁଭାରମ୍ଭ ହୋଇଥିଲା। ଏହି ଯୋଜନା ମାଧ୍ୟମରେ ସରକାର ପ୍ରତି ସ୍କୁଲକୁ ୫୦୦୦ ଟଙ୍କା ପ୍ରଦାନ କରିଥିଲେ। ଉକ୍ତ ଅର୍ଥରେ ବିଦ୍ୟାଳୟରେ ଉଦ୍ଦିଷ୍ଟ ଥିବା ବଗିଚାରେ ତାର ବାଡ଼ ଘେରାଇବା ଏବଂ ତା ମଧ୍ୟରେ କଦଳୀ, ଲଙ୍କା, ଶାଗ, ବାଇଗଣ, କଖାରୁ, ବିଲାତି, ସଜନା ଓ ଅମୃତଭଣ୍ଡା ଗଛ ଲଗାଇବା ସହ ଋତୁ ଅନୁସାରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଯୋଜନାକୁ ଇତିମଧ୍ୟରେ ୫ବର୍ଷ ପୂରିଯାଇଥିବା ବେଳେ ବିଭିନ୍ନ ଆକଳନକୁ ନଜିରକୁ ନେଲେ ଭଦ୍ରକ ଜିଲ୍ଲା ବନ୍ତ ବ୍ଲକରେ ଉକ୍ତ ଯୋଜନା ସମ୍ପୂର୍ଣ୍ଣ ରୂପେ ଫେଲ ମାରିବା ସହ କେବଳ କାଗଜ କଲମରେ ସୀମିତ ରହିଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ବନ୍ତ ବ୍ଲକରେ ପାଖାପାଖି ୭୦ଟି ପ୍ରାଥମିକ ବିଦ୍ୟାଳୟ, ୫୯ଟି ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ୧୧ଟି ୟୁଜିଏମଇ ବିଦ୍ୟାଳୟ, ୯ଟି ୟୁପିଏମଇ ବିଦ୍ୟାଳୟ, ୪ଟି ଏମଇ ବିଦ୍ୟାଳୟ, ୧୨ଟି ପିୟୁପିଏସ ବିଦ୍ୟାଳୟ ଓ ୩୮ଟି ଏନୟୁପିଏସ ଏହିପରି ଭାବରେ ପ୍ରାୟ ୨୦୩ଟି ସରକାରୀ ପ୍ରାଥମିକ ବିଦ୍ୟାଳୟ ରହିଅଛି। ତନ୍ମଧ୍ୟରୁ ସରକାରଙ୍କ ନୂତନ ନିୟମ ଅନୁସାରେ କିଛି ବିଦ୍ୟାଳୟ ଅନ୍ୟ ବିଦ୍ୟାଳୟ ସହ ମିଶି ଯାଇଥିବାରୁ ବର୍ତ୍ତମାନ ପାଖାପାଖି ୧୯୫ଟି ବିଦ୍ୟାଳୟରେ ଶିକ୍ଷାଦାନ .ଲୁଛି। ବିଭିନ୍ନ ଆକଳନକୁ ନଜିରକୁ ନେଲେ ପାଖାପାଖି ୯୦ଭାଗ ବିଦ୍ୟାଳୟରେ ଫାଙ୍କା ପଡ଼ିଛି ବଗିଚା। କେତେକ ବିଦ୍ୟାଳୟରେ କେବଳ କଦଳୀ ଗଛ କିଚେନ ଗାର୍ଡେନର ଶୋଭା ବର୍ଦ୍ଧନ କରୁଛି। ଗତ ୨୦୨୦ରେ ସରକାର ଯୋଜନା ପ୍ରଣୟନ କରିଦେଲେ; କିନ୍ତୁ ଉକ୍ତ ଯୋଜନାର ସଫଳ ରୂପାୟନ ପାଇଁ ବିଭାଗୀୟ ଅଧିକାରୀ କେହି ବି ଦୃଷ୍ଟି ନଦେବା ବିଦ୍ୟାଳୟରେ ଥିବା ବଗିଚାକୁ ଦେଖିଲେ ସ୍ୱଷ୍ଟ ବାରି ହୋଇ ପଡୁଛି। ବହୁ ବିଦ୍ୟାଳୟରେ ତାରବାଡ ମଧ୍ୟ ନାହିଁ। ଯଦିବି ତାର ବାଡ଼ ଅଛି ତା ମଧ୍ୟରେ କୌଣସି ଚାଷ ହୋଇନାହିଁ। କେବଳ କଦଳୀ ଗଛ ଓ ବିଭିନ୍ନ ଅନାବନା ଗଛ ଉକ୍ତ ବଗିଚାରେ ଶୋଭା ପାଉଛି। ବିଭାଗୀୟ ଅଧିକାରୀଙ୍କ ତଦାରଖର ଅଭାବ ଯୋଗୁଁ ଉକ୍ତ ଯୋଜନା କେବଳ କାଗଜ କଲମରେ ସୀମିତ ରହିଯାଇଛି। ସରକାର ମଧ୍ୟାହ୍ନ ଭୋଜନରେ ସ୍ୱଚ୍ଛତା ଆଣିବା ଓ ପିଲାମାନଙ୍କୁ ପୃଷ୍ଟିକର ଖାଦ୍ୟ ଯୋଗାଇ ଦେବାକୁ ବିଭିନ୍ନ ଯୋଜନା ପ୍ରଣୟନ କରୁଥିଲେ ସୁଦ୍ଧା ଏହାର ତଦାରଖ ଦାଇତ୍ୱ ବିଭାଗୀୟ ଅଧିକାରୀମାନେ ଠିକ୍ ଭାବେ ନିର୍ବାହ କରୁନଥିବାରୁ ଯୋଜନା ସବୁ ଫେଲ ମାରୁଛି। ତେଣୁ ସରକାରଙ୍କ ପ୍ରଦତ୍ତଅର୍ଥର ଠିକ ବିନିଯୋଗ ହୋଇନାହିଁ। ଯଦି ହୋଇନି ଏହାର କାରଣ ଖୋଜିବା ସହ ଉକ୍ତ ଯୋଜନାକୁ କାଗଜ କଲମରେ ସୀମିତ ନରଖି ଏହାର ସଫଳ ରୂପାୟନ ପାଇଁ ବିଭାଗୀୟ ଅଧିକାରୀ ଚେଷ୍ଟିତ ହେବାକୁ ଶିକ୍ଷାବିତ୍‌ଙ୍କ ସମେତ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ଶିକ୍ଷକଙ୍କ ଘରୁ ନାଗସାପ ଉଦ୍ଧାର



ଭଣ୍ଡାରିପୋଖରୀ,୨୦।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ମୁଦ୍ରାପଦା ଗ୍ରାମର ଶିକ୍ଷକ ପ୍ରମୋଦ କୁମାର ନାୟକଙ୍କ ବାସଭବନରୁ ଏକ ନାଗସାପ ବୁଧବାର ଉଦ୍ଧାର ହୋଇଛି। ଶ୍ରୀ ନାୟକଙ୍କ ପୁତ୍ର ସକାଳେ ଏକ ନାଗସାପ ଘର ଭିତରକୁ ପ୍ରବେଶ କରୁଥିବା ଦେଖି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ପକ୍ଷର ନାଗକୁ ବାହାରକୁ ଅଡେବାକୁ ଉଦ୍ୟମ ବିଫଳ ହୋଇଥିଲା। ସୂଚନା ପାଇ ଯାଜପୁରରୁ ସ୍ନେକ ହେଲପଲାଇନ ଜାହାଙ୍ଗୀର ଖାଁ ୫ଫୁଟ ଲମ୍ବର ନାଗସାପ ଉଦ୍ଧାର କରି ନିକଟସ୍ଥ ଜଙ୍ଗଲରେ ଛାଡିଥିବା ଜଣାଯାଇଛି।

## ଶିଶୁ ସୁରକ୍ଷା ସମ୍ବନ୍ଧୀୟ ସଚେତନତା ଆଲୋଚନାଚକ୍ର




ଭଦ୍ରକ,୨୦।୮ (ସମିସ): ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟ ରେ ଉଚ୍ଚଶିକ୍ଷାବିଭାଗ ନିର୍ଦ୍ଦେଶ କ୍ରମେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭଦ୍ରକ ଆଡିସନାଲ ଏସପି ଅଂଶୁମାନ ଦ୍ୱିବେଦୀ, ପୁରୁଣାବଜାର ଥାନା ଆଇଆଇସି ସୁଶାନ୍ତ ସାହୁ, ସେକେଣ୍ଡ ଅଫିସର ଦୀପ୍ତିରେଖା ସ୍ୱାଇଁ, ଡିପିଓ ବନ୍ଦନା ଦେବୀ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ନିଶାମୁକ୍ତ ଭାରତ ଆତ୍ମହତ୍ୟା ନିରୋଧ ଓ ଶିଶୁ ସୁରକ୍ଷା ବିଷୟ ରେ ସଚେତନ କରାଇଥିଲେ। ଉକ୍ତ ସଭାକୁ କଲେଜ ଅଧ୍ୟକ୍ଷା ରାଜଶ୍ରୀ ନାୟକ ସଂଯୋଜନା କରିଥିଲେ। ଉକ୍ତ ସଭାରେ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

## ସୁଭଦ୍ରା ହିତାଧିକାରୀ ହତାଶ

ବାରିକପୁର,୨୦।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକରେ ପ୍ରାୟ ୩୨ ହଜାର ମା' ଭଉଣୀ ସୁଭଦ୍ରା ପ୍ରୋତ୍ସାହନ ରାଶି ପାଉଛନ୍ତି। ଏହି ପରିପ୍ରେକ୍ଷୀରେ ଚଳିତ ମାସ ୯ ତାରିଖରେ କିଛି ହିତାଧିକାରୀଙ୍କ ଖାତାକୁ ପ୍ରୋତ୍ସାହନ ରାଶି ଆସିଥିବା ବେଳେ ଆହୁରି କେତେକଙ୍କୁ ଏଯାଏଁ ଅର୍ଥ ମିଳିନାହିଁ। ତେଣୁ ପାଖାପାଖି ୧୫ ଦିନ ହେବ ସୁଭଦ୍ରା ତୃତୀୟ କିସ୍ତି ଅର୍ଥ ନପାଇ ଅନେକ ହତାଶ ହେଉଛନ୍ତି। ଏହାଛଡା କେତେକ ହିତାଧିକାରୀ ମଧ୍ୟ ବାରମ୍ବାର ବ୍ୟାଙ୍କକୁ ଯାଇ ଖାତା ତନଖି କରୁଛନ୍ତି। ଏପଟେ ସୁଭଦ୍ରା ପୋର୍ଟାଲ ସାଇଟ ବନ୍ଦ ଥିବା ଯୋଗୁଁ କେଉଁ କାରଣରୁ ଖାତାକୁ ପ୍ରୋତ୍ସାହନ ରାଶି ଆସୁନାହିଁ ତାହା ମଧ୍ୟ ହିତାଧିକାରୀ ଜାଣି ପାରୁ ନାହାଁନ୍ତି। ଯେଉଁମାନେ ସୁଭଦ୍ରାକୁ ଭରସା କରି ଛୋଟ ମୋଟ ବ୍ୟବସାୟ କରିଥିଲେ ସେମାନେ ଏବେ ଚିନ୍ତିତ। ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

## 'ମା' ପାଇଁ ଗଛଟିଏ' କାର୍ଯ୍ୟକ୍ରମ ଉଦ୍‌ଘାଟିତ

ଭଣ୍ଡାରିପୋଖରୀ/ବାରିକପୁ.୨୦।୮ (ସମିସ): ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବିଷ୍ଣୁପୁର ପଞ୍ଚାୟତ ଚିଙ୍ଗୁଡିଶୁଣୀ ରାସ୍ତା ପାଶ୍ୱର୍ରେ ଭାରତୀୟ ମଜଦୁର ସଂଘର ପୂର୍ବତନ ସର୍ବଭାରତୀୟ ସଙ୍ଗଠକ ସ୍ୱର୍ଗତ ପ୍ରତାପ ପଣ୍ଡା ସ୍ମୃତିରେ ବୁଧବାର ବୃକ୍ଷରୋପଣ କରାଯାଇଛି। ସ୍ୱର୍ଗତ ପଣ୍ଡାଙ୍କ ୧୪ତମ ଶ୍ରାଦ୍ଧବାର୍ଷିକୀ ପାଳନ ଅବ୍ୟବହିତ ପୂର୍ବରୁ ପ୍ରତାପ ପଣ୍ଡା ସ୍ମୃତି ସଂସଦ ଆନୁକୂଲ୍ୟରେ ଅନୁଷ୍ଠିତ 'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମକୁ ବନଅଧିକାରିଣୀ ସ୍ମୃତି ଦାସ ଉଦଘାଟନ କରିଥିଲେ। ଏଥିରେ ସ୍ମୃତିସଂସଦ ସଭାପତି ପୂର୍ଣ୍ଣଚନ୍ଦ୍ର ଖିଲାର, ସମ୍ପାଦକ ଡା. ରବି ପଣ୍ଡା, କୋଷାଧ୍ୟକ୍ଷ ବିଜୟ କୁମାର ମିଶ୍ର, ଭାଜପା ପୂର୍ବତନ ଜିଲ୍ଲା ସଭାପତି ଅକ୍ଷୟ ସାହୁ, ସ୍ଥାନୀୟ ସରପଂଚ ଅମୂଲ୍ୟ କୁମାର ନାୟକ, ମଜଦୁର ସଂଘ ନେତା ଶାନ୍ତନୁ ମହାପାତ୍ର, ମନୋଜ ବସନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ହରିଡା, ବାହାଡା, ନିମ୍ବ, ତେନ୍ତୁଳି ଆଦି ୫୦ଟି ଚାରା ରୋପଣ କରିବା ସହ ସୁରକ୍ଷା ବାଡ ବ୍ୟବସ୍ଥା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମଚନ୍ଦ୍ର ରାଉତ, ତପନ ପାତ୍ର, ବିଦ୍ୟାଧର ସେଠୀ, ଭ୍ରମର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।




## ପୂର୍ବ ପୁରୁଷଙ୍କ ପାଇଁ ବଢୁଛି ଚାଷୀଙ୍କ ପଞ୍ଜୀକରଣ ଅଡୁଆ

ଅସୁରାଳି,୨୦।୮ (ସମିସ): ଗୋବିନ୍ଦପୁର ବରଗଡା ସେବା ସମବାୟ ସମିତି ଦ୍ୱାରା ଖରିଫ ଫସଲ ପଞ୍ଜୀକରଣ ନିମନ୍ତେ ଅନଲାଇନ ଆବେଦନ ଆରମ୍ଭ ହୋଇଛି। ମାତ୍ର ବାପା-ଜେଜେଙ୍କ ନାମ ଯୋଗୁଁ ବହୁଚାଷୀ ପଞ୍ଜୀକରଣରୁ ବଞ୍ଚିତ ହେଉଛନ୍ତି। ଏହି ଅବସରରେ ଖରିଫ ଚାଷୀ ପଞ୍ଜୀକରଣ ବ୍ୟବସ୍ଥାରେ ଚାଷୀମାନେ ଅନେକ ଅସୁବିଧା ସମ୍ମୁଖୀନ ହେଉଛନ୍ତି ବୋଲି ମଧ୍ୟ ଉଲ୍ଲେଖ ହୋଇଛି। କେବଳ ସେହି ଗୋଟିଏ ସମବାୟ ସମିତି ନୁହଁ, ବମକୁରା, ଧୁଷୁରି, ପାଳସାହି ଆଦି ବହୁ ସ୍ଥାନରେ ଚାଷୀ ହେଉଛନ୍ତି କଲବଲ। ସମିତି ସଦସ୍ୟ ଙ୍କ ମତ ରେ ଏବେ ଖରିଫ ଋତୁ ଆରମ୍ଭ ହେବାକୁ ଯାଉଛି; କିନ୍ତୁ ଚାଷୀ ପଞ୍ଜିକରଣ ପ୍ରକ୍ରିୟାରେ ଅନେକ ଜଟିଳତା ଦେଖାଯାଉଛି। ଅନଲାଇନ ରେ ଅନୁପଯୁକ୍ତ ତଥ୍ୟ, ଅପୂର୍ଣ୍ଣ ଆଧାର ତଥା ଅସ୍ୱଷ୍ଟ ଦିଗଦର୍ଶନ ଦ୍ୱାରା ଗ୍ରାମ ଚାଷୀମାନେ ଅନିଶ୍ଚିତତା ଓ ଅସୁବିଧା ଭୋଗୁଛନ୍ତି। ସମିତି ଏହି ଅସୁବିଧା ଦୂର କରିବା ପାଇଁ ଏକ ସ୍ଥାନୀୟ ସହାୟତା କେନ୍ଦ୍ର ଖୋଲିବା ପ୍ରସ୍ତାବ ରଖିଛି, ଯେଉଁଠି ଚାଷୀମାନେ ନିଜ ତଥ୍ୟ ଯାଞ୍ଚ କରିପାରିବେ, ଓ ନିର୍ଦ୍ଦେଶନା ଅନୁସାରେ ନିଜ ପଞ୍ଜିକରଣ ସଂପୂର୍ଣ୍ଣ କରିପାରିବେ। ମାତ୍ର ଏହାର କିଛି ବ୍ୟତିକ୍ରମ ଦେଖାଯାଉଛି ଯେଉଁ କାରଣ ରୁ ଚାଷୀକୁଳ ଖରିଫ ପଞ୍ଜିକରଣ ସମୟରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ସମସ୍ୟାର ସ୍ଥାୟୀ ସମାଧାନ ନ ହେଲେ ଚାଷୀକୁଳ ତଥା ଭାଗିରଥି ଦାସ, ସସ୍ମିତା ଦାସ, ଉପେନ୍ଦ୍ର ନାୟକ, ରୋହିତ ନାୟକ, ରାଜ କିଶୋର ବେହେରା, ବିଦ୍ୟାଧର ଦାସ, ବିମଳା ନାଥ ଅଞ୍ଜନା ମହାକୁଡ, ସଚ୍ଚିଦାନନ୍ଦ ପତି ଓ ଶଶଧର ଦାସ ପ୍ରମୁଖ ଜିଲ୍ଲାପାଳ ଅଫିସ ଘେରଉ କରାଯିବ ବୋଲି ଚେତାବନୀ ଦେଇଛନ୍ତି।




## ସରକାରଙ୍କ ପ୍ରତିଶ୍ରୁତି ପାଣିରଗାର
# ଶତପ୍ରତିଶତ ଭିନ୍ନକ୍ଷମଙ୍କୁ ମିଳୁନି ଭତ୍ତା

ତିହିଡି,୨୦।୮ (ସମିସ): ଭିନ୍ନକ୍ଷମ, ବିକଳାଙ୍ଗ, ଅସହାୟ ଲୋକଙ୍କ ପାଇଁ ସରକାରଙ୍କ କାହିଁ କେତେ ଯୋଜନା ବର୍ଷକୁ କୋଟି କୋଟି ଟଙ୍କା କେନ୍ଦ୍ର ସରକାରଙ୍କଠୁ ରାଜ୍ୟ ସରକାର ବିଭିନ୍ନ ଯୋଜନାରେ ପାଣି ପରି ଟଙ୍କା ଖର୍ଚ୍ଚ କରୁଛନ୍ତି; କିନ୍ତୁ ତିହିଡି ବ୍ଲକରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି । ପୂର୍ବ ସରକାର ସମୟରେ ଭିନ୍ନକ୍ଷମ, ବିକଳାଙ୍ଗ, ବୃଦ୍ଧଙ୍କୁ ୧୨ଶହ ଟଙ୍କା ମିଳୁଥିଲା । ଏବେବି ସେହି ରାଶି ମିଳୁଛି । ସାଧାରଣ ନିର୍ବାଚନ ବର୍ଷରୁ ଅଧିକ ସମୟ ବିତିଲାଣି। ସେତେବେଳେ ନିର୍ବାଚନ ସମୟରେ ଘଷଣା କରିଥିଲେ ଯଦି ଆମେ ସରକାର କରୁ ସମସ୍ତଙ୍କୁ ଭତ୍ତା ୩୫୦୦ ଟଙ୍କା କରିବୁ; କିନ୍ତୁ ବିଜେପି ସରକାର ଗଢିବା ପରେ ସବୁ ବଦଳିଗଲା। ତିହିଡି ବ୍ଲକରେ ପାଖା ପାଖି ୧୪୦୦ରୁ ଅଧିକ ୮୦ ବର୍ଷରୁ ଅଧିକ ହିତାଧିକାରୀ ପାଇସାରିଲେଣି। ନବେ ପ୍ରତିଶତ ଭିନ୍ନକ୍ଷମ, ବିକଳାଙ୍ଗଙ୍କୁ ମିଳୁନି ଟଙ୍କା। ସେହିପରି ନୂଆନନ୍ଦ ପଞ୍ଚାୟତର ସୁଭଦ୍ରା ଦାସ, ମହରମପୁର ପଞ୍ଚାୟତର କୁନା ଜେନା ପ୍ରଶାସନର ଅଜବ ନୀତି ପାଇଁ ବାଦ ପଡିଛନ୍ତି। ଶହେ ପ୍ରତିଶତ ଭିନ୍ନକ୍ଷମ ଥାଇ ବି ସେମାନଙ୍କୁ ମିଳୁନି ଭତ୍ତା। ବ୍ଲକ ଅଫିସ ଠୁ ପଂଚାୟତଠାରୁ ଦଉଡି ଦଉଡି ଥକି ପଡିଲେଣି । ଆଜିକାଲି କହି ଦିନ ଗଡ଼ାଉଛି ପ୍ରଶାସନ। ବିଡ଼ିଓ ନିରଞ୍ଜନ ବାରିକଙ୍କୁ ପଚାରିବାରୁ କହିଛନ୍ତି ତିହିଡି ବ୍ଲକର ୧୪୦୦ ହିତାଧିକାରୀ ପାଇସାରିଲେଣି। ଆଉ ଶହେ ହିତାଧିକାରୀ ଖୁବ ଶୀଘ୍ର ପାଇବେ ବୋଲି କହିଛନ୍ତି।

## ଧାନ ପଞ୍ଜୀକରଣ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



ବାରିକପୁର,୨୦।୮ (ସମିସ): ଚଳିତ ବର୍ଷ ଖରିଫ ଧାନ ପଞ୍ଜୀକରଣ ନେଇ ବହୁ ସମସ୍ୟା ଦେଖାଦେଇଛି। ନିର୍ଦ୍ଦିଷ୍ଟ ତାରିଖ ଠାରୁ ଅର୍ଦ୍ଧାଧିକ ସମୟ ଅତିବାହିତ ହୋଇଥିଲେ ସୁଦ୍ଧା ଏଯାଏଁ ୫୦ ଭାଗ ଚାଷୀ ପଞ୍ଜୀକରଣ କରିନାହାନ୍ତି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ୧୬ ଟି ମଣ୍ଡିରେ ଧାନ ପଞ୍ଜିକରଣ କାର୍ଯ୍ୟ ଅତି ମନ୍ଥର ଗତିରେ ଚାଲିଛି। ଗତ ସପ୍ତାହରେ ଯୋଗାଣ ବିଭାଗ ସ୍ୱତନ୍ତ୍ର ସଚିବଙ୍କ ସମେତ ଜିଲ୍ଲାର ଉଚ୍ଚ ପଦସ୍ଥ ଅଧିକାରୀ କ୍ଷେତ୍ର ପରିଦର୍ଶନ କରିଥିଲେ ସୁଦ୍ଧା ଏଯାଏଁ ପଞ୍ଜୀକରଣ ତ୍ୱରାନ୍ୱିତ ହୋଇନାହିଁ। ତେଣୁ ଏନେଇ ପ୍ରଶାସନ ପକ୍ଷରୁ ରାଜସ୍ୱ ଓ କୃଷି ବିଭାଗ ପକ୍ଷରୁ ମିଳିତ ଭାବେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଥିବା ବୈଠକରେ ତହସିଲଦାର ରୋଜାଲିନ ବେହେରା, ଅତିରିକ୍ତ ତହସିଲଦାର ଵିକ୍ରମ କୁମାର ମଲ୍ଲିକ, କୃଷି ଅଧିକାରୀଣି ସୁଦିପ୍ତା ପଣ୍ଡା, ସହକାରୀ କୃଷି ଅଧିକାରୀ ସଞ୍ଜୀବ କୁମାର ମଲ୍ଲିକ ପ୍ରମୁଖ ଯୋଗ ଦେଇ ପଞ୍ଜିକରଣ ବ୍ୟବସ୍ଥାରେ ଦେଖା ଦେଇଥିବା ଅସୁବିଧା ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିରେ ସମସ୍ତ ରାଜସ୍ୱ ନୀରିକ୍ଷକ ଓ ଗ୍ରାମ୍ୟ କୃଷି କର୍ମଚାରୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପଞ୍ଜୀକରଣକୁ ତ୍ୱରାନ୍ୱିତ କରିବା ପାଇଁ କର୍ମଚାରୀଙ୍କୁ ଅଧିକାରୀମାନେ ନିର୍ଦ୍ଦେଶ ଦେଇଥିଲେ।

## ନିୟମିତ ଚଢଉ କରୁନି ଡ୍ରଗ୍ସ ବିଭାଗ
# ବେଧଡ଼କ ବିକ୍ରି ଚାଲିଛି କଫ୍ ସିରପ୍

ବନ୍ତ/ଆଗରପଡ଼ା,୨୦।୮ (ସମିସ): ସହର ସମେତ ଗ୍ରାମାଞ୍ଚଳରେ ବେଆଇନ କଫ୍‌ସିରପ ବେଧଡ଼କ ଭାବେ ବିକ୍ରି ହେଉଛି; ଯାହା ଏବେ ମଦ ଭଳି ନିଶା ସାମଗ୍ରୀର ବିକଳ୍ପ ସାଜିଛି। ବିଭିନ୍ନ କମ୍ପାନୀର କଫସିରପ ଶସ୍ତାରେ ନିଶା ହେଉଥିବାରୁ ବହୁ ଯୁବପିଢି ଏହାକୁ ବହୁଳ ଭାବେ ସେବନ କରୁଛନ୍ତି। ନିୟମ ନ ଥିଲେ ସୁଦ୍ଧା ଏହି କଫ୍‌ସିରପ ଔଷଧ ଦୋକାନରେ ମଧ୍ୟ ଅତି ସହଜରେ ମିଳିଯାଉଛି। ଡ୍ରଗ୍ସ ବିଭାଗ ପକ୍ଷରୁ ନିୟମିତ ବ୍ୟବଧାନରେ ଚଢଉ ନ ହେବାରୁ ଏହି କାରବାର ବୃଦ୍ଧି ପାଇଥିବା ନେଇ ଅଭିଯୋଗ ଉଠିଛି। ବହୁ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଯୁବକ ଯୁବତୀ ଏବେ ନିଶାକୁ ଆପଣାଉଛନ୍ତି। ନିଶା ମାଫିଆ ଏହାର ସୁଯୋଗ ଉଠାଇ କାରବାର ଚଳାଇଛନ୍ତି। ମାଫିଆମାନେ ବିଶେଷକରି ଶିକ୍ଷାନୁଷ୍ଠାନ ଅଞ୍ଚଳକୁ ଟାର୍ଗେଟ କରୁଛନ୍ତି। ପାଉଡ଼ର, ଗଞ୍ଜେଇ ସିଗାରେଟ ସହ ଏବେ କଫ୍‌ସିରପ ବହୁ ପରିମାଣରେ ବିକ୍ରି ହେଉଛି। ନିଶା ହେଉଥିବା ଉକ୍ତ କଫସିରପ ୧୦୦ରୁ ୧୩୦ ଟଙ୍କାରେ ମିଳିଯାଉଛି। ଏହାକୁ ସେବନ କଲେ କୌଣସି ଦୁର୍ଗନ୍ଧ ନ ହେବାରୁ ପୁଲିସର ବ୍ରେଥ୍ ଆନାଲାଇଜର ଯାଞ୍ଚ ବେଳେ ଧରାପଡୁନାହାନ୍ତି ନିଶା ସେବନକାରୀ। ଗ୍ରାମାଞ୍ଚଳରେ ମଧ୍ୟ ଏହି ସିରପ ବେଧଡ଼କ ଭାବେ ବିକ୍ରି ଚାଲିଛି। କିଛି ନିଶା ବେପାରୀ ଘରେ ବିକ୍ରି କରୁଛନ୍ତି। ବନ୍ତ ଓ ଆଖପାଖ ଅଞ୍ଚଳରେ ଏହି କାରବାର ବଢୁଥିବା ଅଭିଯୋଗ ପାଇବା ପରେ ପୁଲିସ ଚଢଉ କରିଥିଲେ ମଧ୍ୟ କୋ÷ଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରୁନାହିଁ। ଏଥିପ୍ରତି ଡ୍ରଗ୍ସ ବିଭାଗ ଗୁରୁତ୍ୱ ନ ଦେବାରୁ କଫ୍‌ସିରପ ଏବେ ପ୍ରମୁଖ ନିଶା ସାମଗ୍ରୀରେ ପରିଣତ ହୋଇଛି। ଅନ୍ୟପକ୍ଷେ କାଶ ପାଇଁ ପ୍ରଯୁଜ୍ୟ କୋଡ଼ିନ ଫସ୍‌ଫରସ୍ ଯୁକ୍ତ କଫ୍‌ସିରପ ନିଶା ନିମନ୍ତେ ଯୁବପିଢି ବ୍ୟବହାର କରୁଥିବା ଜଣାପଡ଼ିବା ପରେ ୨୦୧୪ ମସିହା ଅଗଷ୍ଟ ମାସରେ ଔଷଧ ନିୟନ୍ତ୍ରଣ ପ୍ରଶାସନ ନିର୍ଦ୍ଦେଶାଳୟ (ଡିଡିସିଏ) ଏହାର ବିକ୍ରି ଉପରେ କଟକଣା ଲାଗାଇଥିଲା। ବିନା ଡ଼ାକ୍ତରୀ ଚିଠାରେ ସର୍ବସାଧାରଣଙ୍କୁ କଫ୍‌ସିରପ ବିକ୍ରି ହେବନାହିଁ। ଔଷଧ ଦୋକାନୀମାନେ ମଧ୍ୟ ଆବଶ୍ୟକତାର ଅଧିକ ଗଚ୍ଛିତ ରଖି ପାରିବେନି ବୋଲି ନିୟମ ରହିଛି; କିନ୍ତୁ ଏହି ନିୟମକୁ ଉଲ୍ଲଙ୍ଘନ କରାଯାଉଛି। ଡ୍ରଗ୍ସ ବିଭାଗର ଅବହେଳା ଯୋଗୁଁ କାରବାର ବଢିଚାଲିଛି। ଡ୍ରଗ୍ସ ଓ ଅବକାରୀ ବିଭାଗ ଏହି ବେଆଇନ କାରବାର ରୋକିବା ନିମନ୍ତେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।

## ଆଦାନୀ ଫାଉଣ୍ଡେସନ ପକ୍ଷରୁ ଶ୍ରେଣୀ ଗୃହ ନବୀକରଣ




ଭଦ୍ରକ,୨୦।୮ (ସମିସ): ଗ୍ରାମୀଣ ଶିକ୍ଷା ଭିତ୍ତିଭୂମି ସୁଦୃଢ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଧାମରା ପୋର୍ଟ କମ୍ପାନୀ ଲିମିଟେଡର ସିଏସ୍‌ଆର୍ ବିଭାଗ, ଆଦାନୀ ଫାଉଣ୍ଡେସନ ପକ୍ଷରୁ ବାଲିସାହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁଇଟି ଶ୍ରେଣୀଗୃହକୁ ନବୀକରଣ କରାଯାଇଛି। ପୂର୍ବରୁ ଏହି ଶ୍ରେଣୀଗୃହଗୁଡ଼ିକରେ ବର୍ଷାଦିନରେ ଛାତରୁ ପାଣି ଗଳୁଥିଲା। କ୍ଷତିଗ୍ରସ୍ତ ଛାତ ଏବଂ କାନ୍ଥଗୁଡ଼ିକ ଛାତ୍ରଛାତ୍ରୀଙ୍କ ପାଇଁ ଅସୁରକ୍ଷିତ ଥିବାରୁ ପ୍ରଧାନ ଶିକ୍ଷକ ଉପେନ୍ଦ୍ର ନାୟକ ଗୃହଗୁଡିକୁ ବନ୍ଦ କରିଥିଲେ। ସମସ୍ତ ୮ଟି ଶ୍ରେଣୀ ପାଇଁ କେବଳ ୩ଟି ଶ୍ରେଣୀଗୃହ କାର୍ଯ୍ୟକ୍ଷମ ହେବା ସହିତ ବିଦ୍ୟାଳୟ ପରିଚାଳନା କରାଯାଉଥିଲା। ଫଳରେ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହେଉଥିଲେ। ନବୀକରଣ ପରେ ଏହି ଶ୍ରେଣୀଗୃହକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ଅନ୍ୟ ଶିକ୍ଷକ, ବିଦ୍ୟାଳୟ କର୍ମଚାରୀଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା। ଉଦ୍‌ଘାଟନ ସମୟରେ ପୋର୍ଟର ସିଏସ୍‌ଆର୍ ବିଭାଗର ଟିମ୍ ମଧ୍ୟ ଉପସ୍ଥିତ ଥିଲେ। ଶ୍ରେଣୀଗୃହ ନବୀକରଣ ଅବସରରେ ୪୮ଟି ନୂତନ ଡେସ୍କ-ବେଞ୍ଚ ପ୍ରଦାନ କରାଯାଇଛି। କ୍ଷତିଗ୍ରସ୍ତ ଶ୍ରେଣୀଗୃହଗୁଡ଼ିକୁ ଏବେ ନିରାପଦ ଏବଂ ବ୍ୟବହାରଯୋଗ୍ୟ ଅବସ୍ଥାରେ ପୁନଃସ୍ଥାପିତ କରାଯାଇଛି; ଯାହା ବାଲିସାହି ପିଲାଙ୍କ ପାଇଁ ଏକ ଉତ୍ତମ ଶିକ୍ଷା ପରିବେଶ ପ୍ରଦାନ କରିଛି। ଆଦାନୀ ଫାଉଣ୍ଡେସନର ସମୟୋଚିତ ପଦକ୍ଷେପ ପାଇଁ ପ୍ରଧାନ ଶିକ୍ଷକ ଏବଂ ବିଦ୍ୟାଳୟ କର୍ତ୍ତୃପକ୍ଷ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଏହି ପଦକ୍ଷେପ ଆଦାନୀ ଫାଉଣ୍ଡେସନର ବିଦ୍ୟାଳୟ ଭିତ୍ତିଭୂମିର ଉନ୍ନତି ଏବଂ ଏହାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ପିଲାମାନଙ୍କ ସାମଗ୍ରିକ ବିକାଶକୁ ସମର୍ଥନ କରିବା ପ୍ରତି ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ରୋଟାରୀ କ୍ଲବ୍ ମିଡ୍‌ଟାଉନର ଅଧିଷ୍ଠାନ ଦିବସ

ଭଦ୍ରକ,୨୦।୮ (ସମିସ)



ରୋଟାରୀ କ୍ଲବ ମିଡଟାଉନ ଭଦ୍ରକ ପକ୍ଷରୁ ୨୧ତମ ଅଧିଷ୍ଠାନ ଦିବସ ହୋଟେଲ ଆଦ୍ୟାଶାରେ ରୋଟାରିଆନ୍ ଗୌରବ ଅଗ୍ରୱାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ରୋ. ଚୈତାଳୀ ଖିଲାର ଅଧ୍ୟକ୍ଷତା କରିଥିଲେ। ଅନୁଷ୍ଠିତ ସଭାକୁ ୨୦୨୭-୨୮ ପାଇଁ ରୋଟାରୀ ଗଭର୍ଣ୍ଣର ଇନ୍ଦ୍ରଜିତ୍ ସାହୁ ମୁଖ୍ୟ ଅତିଥି ଭାବେ ନିମନ୍ତ୍ରିତ ହୋଇ କ୍ଲବର ଆଭିମୁଖ୍ୟ ସମ୍ବନ୍ଧରେ ସୂଚନା ଦେବା ସହ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ଉକ୍ତ କ୍ଲବକୁ ପୂର୍ଣ୍ଣ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ନିମନ୍ତ୍ରିତ ଅତିଥି ଯିଏ କି ଧାମରା ବନ୍ଦରର ଏଚ.ସି.ଏ ଆଶିଷ ଦାସ କ୍ଲବର କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଉକ୍ତ କ୍ଲବର ସଦସ୍ୟତା ଗ୍ରହଣ କରିଥିଲେ। ପୂର୍ବତନ ସଭାପତି ଗୌରବ ଅଗ୍ରୱାଲ ଓ ସମ୍ପାଦକ ନିରଞ୍ଜନ ମଲ୍ଲିକ ଚଳିତ ବର୍ଷର ସଭାପତି ଭାବେ ସନ୍ଧ୍ୟା ଗୁପ୍ତାଙ୍କୁ ଓ ସମ୍ପାଦକ ଭାବେ ସିଲୁ ଲଖାନୀଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ନୂତନ ସଭାପତି ସନ୍ଧ୍ୟା ଗୁପ୍ତା ଚଳିତ ବର୍ଷର କ୍ଲବ ଦାୟିତ୍ୱ ସୁଚାରୁରୂପେ ନିର୍ବାହ କରିବାର ପ୍ରତିଶ୍ରୁତି ଦେବା ସହ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜିଲ୍ଲା ୩୨୬୨ର ପ୍ରାକ୍ତନ ସମ୍ପାଦକ, ସମାଜସେବୀ ରୋଟାରିଆନ ଡଃ. ଶିଶିର ମିଶ୍ର, ସମାଜର ସବୁ ବର୍ଗର ଲୋକଙ୍କୁ କ୍ଲବ କିପରି ସେବା ଯୋଗାଉଛି ସେ ସମ୍ବନ୍ଧରେ ନିଜର ସବିଶେଷ ବକ୍ତବ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନିଜର କର୍ତ୍ତବ୍ୟ ସୁଚାରୁରୂପେ ନିର୍ବାହ କରିବା ସହ ସାଧାରଣ ଜନତାଙ୍କୁ ସେବା ଯୋଗାଇବା କ୍ଷେତ୍ରରେ ଏସ୍.ପି.ସି. ହୋମଗାର୍ଡ, ଦଳଗୋବିନ୍ଦ ମହାପାତ୍ର, ସହକାରୀ ଅଗ୍ନି ନିର୍ବାହ ଅଧିକାରୀ ପୋରନ ସୋରେନ, ଟ୍ରାଫିକ ହାବିଲଦାର ଅଜୟ କୁମାର ନାୟକଙ୍କୁ ପୁଷ୍ପଗୁଚ୍ଛ ସହ ଉତରୀୟ ଓ ଫଳକ ପ୍ରଦାନ କରାଯାଇଥିଲା। ସେହିପରି ଚଳିତ ମ୍ୟାଟ୍ରିକ ପରୀକ୍ଷାରେ ଜିଲ୍ଲାର ଦ୍ୱିତୀୟ ସର୍ବୋଚ୍ଚ ନମ୍ବର ରଖିଥିବା ପଲ୍ଲୀଶ୍ରୀ ହାଇସ୍କୁଲର ଛାତ୍ରୀ ଶୁଭଲକ୍ଷ୍ମୀ କରଙ୍କୁ କ୍ଲବ ଓ ବାସୁଦେବ ନାୟକ ସ୍ମୃତିରେ ୨ ହଜାର ଟଙ୍କା ସହ ସାର୍ଟିଫିକେଟ୍ ଓ ଫଳକ ପ୍ରଦାନ କରାଯିବା ସହ ରାମଚନ୍ଦ୍ର ବିହାରୀଲାଲ ହାଇସ୍କୁଲର ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଅଂଶୁମାନ ଚୌଧୁରୀଙ୍କୁ ସାର୍ଟିଫିକେଟ ଓ ଫଳକ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ରୋଟାରିଆନ୍ ଅତିସ ବେହେରା ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୫ଟି ରୋଟାରୀ କ୍ଲବ, ୨ଟି ଲାୟସ୍ କ୍ଲବ, ମାରୱାଡି ଯୁବ ମୋର୍ଚ୍ଚା, ବରିଷ୍ଠ ନାଗରିକ ସଂଘର ସଭ୍ୟମାନେ ଯୋଗଦେଇଥିଲେ ଓ କ୍ଲବ ତରଫରୁ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ସଫଳ ପରିଚାଳନାରେ ରୋ. ବେଦ ପ୍ରକାଶ ଗୁପ୍ତା, ପ୍ରମୋଦ ଲଖାନୀ, ଅଶୋକ ଲଖାନୀ, ରତନ ଲାଲ ଗୁପ୍ତା, ସନାତନ ଜେନା, ଅଶୋକ ବିଶ୍ୱାଳ, ମନୋଜ ଅଗ୍ରୱାଲ୍, ଜିତେନ୍ଦ୍ର ଅଗ୍ରୱାଲ୍, ସମୀତା ମିଶ୍ର, ଅନୀଲ ଦେ, ସଂଗୀତା ଦେ, ପବିତ୍ର ମୋହନ ଖିଲାର, ପ୍ରୀତି ଅଗ୍ରୱାଲ, ଶଶୀ ଲଖାନୀ, ପ୍ରଣିତା ଖିଲାର, ଇନ୍ଦ୍ରଜିତ ସିଂ ଆଦି ରୋଟାରିଆନ ସହଯୋଗ କରିଥିଲେ। ଶେଷରେ ରୋ. ମହେଶ ନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।